# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୧୮/୨୦୨୧ (୧୨ ପୃଷ୍ଠା) | Bhubaneswar, Friday, June 18/2021 | ★★★★★★

୪୭ଶ ଭାଗ ୨୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP Quality Since 1965
MADHUBAN
Safal TM
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ୱା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୧୮/୨୦୨୧ | Bhubaneswar, Friday, June 18/2021 | ପୃଷ୍ଠା-୧




## ‘ପୃଥ୍ୱୀରାଜ’କୁ ବିରୋଧ

ଅକ୍ଷୟ କୁମାର ଅଭିନୀତ ଚଳଚ୍ଚିତ୍ର ‘ପୃଥ୍ୱୀରାଜ’ ବିରୋଧର ସମ୍ମୁଖୀନ ହୋଇଛି। ଯଶ୍ ରାଜ ଫିଲ୍ମସ୍‌ର ଏହି ସିନେମା ବିରୋଧରେ ଚଣ୍ଡିଗଡ଼ରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

୦୮

୦୯

## ଅଲିମ୍ପିକ୍ସ ଦଳରେ ଓଡ଼ିଶାର ଦୀପ୍ ଗ୍ରେସ୍

ଟୋକିଓ ଅଲିମ୍ପିକ୍ସ ପାଇଁ ଗୁରୁବାର ଘୋଷିତ ଭାରତୀୟ ମହିଳା ହକି ଦଳରେ ଓଡ଼ିଶାର ଦୀପ୍ ଗ୍ରେସ୍ ଏକ୍କା ସ୍ଥାନ ପାଇଛନ୍ତି।




## ସତ୍ୟ ନାଡେଲା ମାଇକ୍ରୋସଫ୍ଟ ଅଧ୍ୟକ୍ଷ



ନୂଆଦିଲ୍ଲୀ,୧୭।୬: ମାଇକ୍ରୋସଫ୍ଟ ଏହାର ନୂଆ ଅଧ୍ୟକ୍ଷ ଭାବେ ଭାରତୀୟ ବଂଶୋଦ୍ଭବ ସତ୍ୟ ନାଡେଲାଙ୍କୁ ନିଯୁକ୍ତି ନେଇ ଘୋଷଣା କରିଛି। ସେ ବର୍ତ୍ତମାନ ଏହି କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପଦବୀରେ ଅବସ୍ଥାପିତ ଅଛନ୍ତି। ଜନ୍ ଥମ୍ପସନ୍‌ଙ୍କ ପରେ ନାଡେଲା ମାଇକ୍ରୋସଫ୍ଟର ତୃତୀୟ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ। ୨୦୧୪ରେ ଷ୍ଟିଭ୍ ବାଲ୍‌ମରଙ୍କ କାର୍ଯ୍ୟକାଳ ଶେଷହେବା ପରେ ମାଇକ୍ରୋସଫ୍ଟ ନାଡେଲାଙ୍କୁ ସିଇଓ ନିଯୁକ୍ତ କରିଥିଲା। ମାଇକ୍ରୋସଫ୍ଟର ବିଜ୍‌ନେସ୍ ବୃଦ୍ଧି କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାଙ୍କ ସମୟରେ ଲିଙ୍କ୍‌ଡ୍‌ଇନ୍, ନୁଆନ୍ସ କମ୍ୟୁନିକେଶନ ଏବଂ ଜେନିମାକ୍ସ ଭଳି ପ୍ରମୁଖ କମ୍ପାନୀଗୁଡ଼ିକୁ ମାଇକ୍ରୋସଫ୍ଟ ଅଧିଗ୍ରହଣ କରିଛି। ଉଲ୍ଲେଖଯୋଗ୍ୟ, କମ୍ପାନୀର ସହପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କ ପରେ ଥମ୍ପସନ୍ ୨୦୧୪ରେ ଅଧ୍ୟକ୍ଷ ଭାର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ଏକ ତ୍ରୁଟିପୂର୍ଣ୍ଣ ଅନ୍ୱେଷଣ

# ମୂଲ୍ୟାୟନ ସୂତ୍ର ୩୦:୩୦:୪୦

## ଜୁଲାଇ ୩୧ ସୁଦ୍ଧା ଦ୍ୱାଦଶ ଫଳ

### ସିବିଏସ୍ଇ, ସିଆଇଏସ୍‌ସିଇ ମୂଲ୍ୟାୟନ ଯୋଜନାକୁ ସୁପ୍ରିମକୋର୍ଟଙ୍କ ଅନୁମୋଦନ



**୬ ବର୍ଷର ପ୍ରଦର୍ଶନକୁ ନେଇ ସିଆଇଏସ୍‌ସିଇ ଫଳ ଆସିବ**

ନୂଆଦିଲ୍ଲୀ, ୧୭।୬(ପି.ଟି.)

କରୋନା ମହାମାରୀ ଯୋଗୁ ଦେଶରେ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ବାତିଲ ହୋଇଥିବାବେଳେ ଛାତ୍ରୀଛାତ୍ରଙ୍କ ଫଳାଫଳ ପ୍ରକାଶ ପାଇଁ ସିବିଏସ୍ଇ ଏବଂ ସିଆଇଏସ୍‌ସିଇ ଦାଖଲ କରିଥିବା ମୂଲ୍ୟାୟନ ଯୋଜନାକୁ ସୁପ୍ରିମକୋର୍ଟ ଗୁରୁବାର ଅନୁମୋଦନ କରିଛନ୍ତି। ପିଲାମାନଙ୍କର ମୂଲ୍ୟାୟନ କରିବାକୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ଦଶମ, ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ଫଳାଫଳର ଯଥାକ୍ରମେ ୩୦, ୩୦ ଓ ୪୦ ପ୍ରତିଶତ ନେଇ ଆକଳନ କରିବାକୁ ଯୋଜନା ପ୍ରସ୍ତୁତ କରିଛି। ଅନ୍ୟପକ୍ଷରେ କାଉନସିଲ୍ ଫର ଦି ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ଏକ୍ସାମିନେଶନ (ସିଆଇଏସ୍‌ସିଇ) ପିଲାମାନଙ୍କ ଗତ ୬ ବର୍ଷର ପ୍ରଦର୍ଶନକୁ ବିଚାରକୁ ନେଇ ବୋର୍ଡ ଫଳାଫଳ ଚୂଡ଼ାନ୍ତ କରିବାକୁ ନିଷ୍ପତ୍ତି ନେଇଛି। ଉଭୟ ବୋର୍ଡ ଜୁଲାଇ ୩୧ କିମ୍ବା ଏହା ପୂର୍ବରୁ ଫଳ ପ୍ରକାଶ କରିବାକୁ ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଛନ୍ତି।

ଦ୍ୱାଦଶ ଫଳାଫଳ ଆକଳନ ପାଇଁ ଛାତ୍ରୀଛାତ୍ରଙ୍କ ଦଶମ ଓ ଏକାଦଶ ପରୀକ୍ଷାର ପ୍ରଦର୍ଶନକୁ ବିଚାରକୁ ନିଆଯିବ ବୋଲି ସିବିଏସ୍ଇ ଏକ ସତ୍ୟପାଠ ଜରିଆରେ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲ୍‌କର ଏବଂ ଜଷ୍ଟିସ ଦିନେଶ ମାହେଶ୍ୱରୀଙ୍କ ଖଣ୍ଡପୀଠଙ୍କୁ ଜଣାଇଥିଲା। ଏହାର ମୂଲ୍ୟାୟନ ସୂତ୍ର ଅନୁଯାୟୀ ଦ୍ୱାଦଶ ଶ୍ରେଣୀ ପିଲାମାନଙ୍କ ୟୁନିଟ୍ ଟେଷ୍ଟ/ମଧ୍ୟବର୍ତ୍ତୀ ପରୀକ୍ଷା କିମ୍ବା ପ୍ରି-ବୋର୍ଡ ପରୀକ୍ଷା ଫଳାଫଳକୁ ୪୦ ପ୍ରତିଶତ ଗୁରୁତ୍ୱ ଦିଆଯିବ। ସେହିପରି ଏକାଦଶ ଚୂଡ଼ାନ୍ତ ପରୀକ୍ଷା ଫଳାଫଳକୁ ୩୦ ପ୍ରତିଶତ ଏବଂ ଦଶମ ଶ୍ରେଣୀର ୫ଟି ମୁଖ୍ୟ ବିଷୟ ମଧ୍ୟରୁ ସବୁଠୁ ଭଲ ହୋଇଥିବା ୩ଟି ବିଷୟର ମାର୍କକୁ ୩୦ ପ୍ରତିଶତ ଗୁରୁତ୍ୱ ଦିଆଯାଇ ଦ୍ୱାଦଶ ବୋର୍ଡର ଚୂଡ଼ାନ୍ତ ଫଳାଫଳ ନିର୍ଦ୍ଧାରଣ କରାଯିବ ବୋଲି ବୋର୍ଡ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆଟର୍ଣ୍ଣି ଜେନେରାଲ କେ.କେ. ବେଣୁଗୋପାଳ ଖଣ୍ଡପୀଠଙ୍କୁ ଜଣାଇଥିଲେ। ୭,୭୩୪ ସ୍କୁଲ୍‌କୁ ନେଇ ଗଠିତ ୨୨୯ ସହୋଦୟ ସ୍କୁଲ କମ୍ପ୍ଲେକ୍ସ ଏବଂ ୧୩ ଜଣିଆ ବିଶେଷଜ୍ଞ କମିଟିର ମତାମତକୁ ନେଇ ସିବିଏସ୍ଇ ଏହି ସୂତ୍ର ଚୂଡ଼ାନ୍ତ କରିଛି। ଚୂଡ଼ାନ୍ତ ଫଳାଫଳ ସ୍ଥିର କରିବା ସମୟରେ ସ୍କୁଲଗୁଡ଼ିକ ସିବିଏସ୍ଇ ପୋର୍ଟାଲରେ ଅପ୍‌ଲୋଡ କରିଥିବା ଦ୍ୱାଦଶ ପିଲାଙ୍କ ପ୍ରାକ୍ଟିକାଲ ଏବଂ ଇଣ୍ଟରନାଲ୍ ମାର୍କକୁ ମଧ୍ୟ ବିଚାରକୁ ନିଆଯିବ ବୋଲି କୁହାଯାଇଛି।

ଅନ୍ୟପକ୍ଷରେ ଦ୍ୱାଦଶ ବୋର୍ଡ ପରୀକ୍ଷା ବାତିଲ ନିଷ୍ପତ୍ତିର ପୁନର୍ବିଚାର ପାଇଁ ବରିଷ୍ଠ ଆଇନଜୀବୀ ବିକାଶ ସିଂ ଦାଖଲ କରିଥିବା ଆବେଦନକୁ ଅବକାଶକାଳୀନ ସ୍ୱତନ୍ତ୍ର ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ତେବେ ଯେଉଁ ☞ପୃଷ୍ଠା-୨




# ଆର୍ଥିକ ଦୁର୍ବଳ ବର୍ଗଙ୍କୁ ୧୬୯୦ କୋଟି

## କୋଭିଡ୍ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୭।୬(ବ୍ୟୁରୋ)

କୋଭିଡ୍ ପ୍ରଭାବିତ ଓଡ଼ିଶାର ଆର୍ଥିକ ଓ ସାମାଜିକସ୍ତରରେ ଦୁର୍ବଳ ବର୍ଗଙ୍କ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ୧୬୯୦ କୋଟି ୪୬ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ସହାୟତା ଘୋଷଣା କରିଛନ୍ତି। ଏହାଦ୍ୱାରା ଭୂମିହୀନ ଚାଷୀ, ନିର୍ମାଣ ଶ୍ରମିକ, ସହରାଞ୍ଚଳର ଗରିବ ପରିବାର, ଆଦିମ ଜନଜାତି, ଖାଦ୍ୟ ସୁରକ୍ଷା ହିତାଧିକାରୀ, ଏମ୍‌ଜିଏନ୍‌ଆରଇଜିଏସ୍ ଶ୍ରମିକ, ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଉପକୃତ ହେବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାମାରୀର ପ୍ରଥମ ଲହରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ସହାୟତା ବିଭିନ୍ନ ବର୍ଗର ଲୋକଙ୍କୁ ବହୁ ପରିମାଣରେ ଆଶ୍ୱସ୍ତି ଦେଇଥିଲା। ଦ୍ୱିତୀୟ ଲହର ଯୋଗୁ ରାଜ୍ୟରେ ପାଖାପାଖି ୨ମାସ ହେଲା ଲକ୍‌ଡାଉନ ଜାରି ରହିଛି, ଯାହା ଗରିବ ଓ ଶ୍ରମିକ ଶ୍ରେଣୀର ଲୋକଙ୍କ ଆର୍ଥିକ ସ୍ଥିତିକୁ ☞ପୃଷ୍ଠା-୨


DSPL-52

ଓଡ଼ିଶା ସରକାର

## ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ନିମନ୍ତେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ

**ଶିଳାନ୍ୟାସ**

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଝାରସୁଗୁଡା**

- ଲିକୁଇଡ୍ ମେଡିକାଲ ଅକ୍ସିଜେନ (6 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା।
- ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (833 LPM)ର ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା।
- ରାଜପୁର ଠାରେ ଅବସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ ସମୂହ।

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଭଦ୍ରକ**

- ଲିକୁଇଡ୍ ମେଡିକାଲ ଅକ୍ସିଜେନ (6 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା।
- ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (833 LPM)ର ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା।
- ଭଣ୍ଡାରିପୋଖରୀ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ।
- ଧାମନଗର ବ୍ଲକ ଅନ୍ତର୍ଗତ ସୋହଡା ଉପକେନ୍ଦ୍ର ଏବଂ ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଆରଡି ଉପକେନ୍ଦ୍ର।
- ଧୁଷୁରୀରେ ଅବସ୍ଥିତ ପ୍ରସୂତି କକ୍ଷ ଏବଂ ମତୋ ଠାରେ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କେନ୍ଦ୍ର ସଂପ୍ରସାରଣ।

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜଗତସିଂହପୁର**

- ଲିକୁଇଡ୍ ମେଡିକାଲ ଅକ୍ସିଜେନ (6 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା।
- ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (100 LPM)ର ଉତ୍ପାଦନ ଏବଂ ବଣ୍ଟନ ବ୍ୟବସ୍ଥା।
- ପାରାଦୀପସ୍ଥିତ କୋଭିଡ୍ ଚିକିତ୍ସାଳୟ ପାଇଁ ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନର ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା।

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପୁରୀ**

- ଲିକୁଇଡ୍ ମେଡିକାଲ ଅକ୍ସିଜେନ (6 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା।
- ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଲିକୁଇଡ୍ ମେଡିକାଲ ଅକ୍ସିଜେନ (13 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା।
- ଆଇ.ଡି.ଏଚ୍. କୋଭିଡ୍ ଚିକିତ୍ସାଳୟ, ପୁରୀ ଠାରେ ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (600 LPM)ର ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା।

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସୋନପୁର**

- ଲିକୁଇଡ୍ ମେଡିକାଲ ଅକ୍ସିଜେନ (6 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା।
- ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (833 LPM)ର ଉତ୍ପାଦନ ଏବଂ ବଣ୍ଟନ ବ୍ୟବସ୍ଥା।

**ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ, ବାରିପଦା**

- ଲିକୁଇଡ୍ ମେଡିକାଲ ଅକ୍ସିଜେନ (13 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା।
- ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (1000 LPM)ର ଉତ୍ପାଦନ ଏବଂ ବଣ୍ଟନ ବ୍ୟବସ୍ଥା।

**ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟ, ଚାନ୍ଦପୁର, ନୟାଗଡ**

**ଶିଳାନ୍ୟାସ**

- ଲିକୁଇଡ୍ ମେଡିକାଲ ଅକ୍ସିଜେନ (6KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା।
- ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (400 LPM)ର ଉତ୍ପାଦନ ଏବଂ ବଣ୍ଟନ ବ୍ୟବସ୍ଥା।

**ଉଦ୍‌ଘାଟନ**

- ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନୟାଗଡ ଠାରେ ଛଅ(୬) ଶଯ୍ୟା ବିଶିଷ୍ଟ ଆଇ.ସି.ୟୁ. ବ୍ୟବସ୍ଥା।



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା
**ଶୁଭ ଉଦ୍‌ଘାଟନ ଏବଂ ଶିଳାନ୍ୟାସ**
୧୮ ଜୁନ ୨୦୨୧

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସୁନ୍ଦରଗଡ**

**ଶିଳାନ୍ୟାସ**

- ଲିକୁଇଡ୍ ମେଡିକାଲ ଅକ୍ସିଜେନ (6KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା।
- ଆର୍.ଜି.ଏଚ୍., ରାଉରକେଲା ପରିସରରେ ଲିକୁଇଡ୍ ମେଡିକାଲ ଅକ୍ସିଜେନ (6 KL)ର ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା।
- ଆର୍.ଜି.ଏଚ୍., ରାଉରକେଲା ପରିସରରେ ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (833 LPM)ର ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା।
- ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସୁନ୍ଦରଗଡ ଠାରେ ମଡ୍ୟୁଲାର ଚକ୍ଷୁ ବହିର୍ବିଭାଗ।

**ଉଦ୍‌ଘାଟନ**

- ବଣାଇ, ରାଜଗାଙ୍ଗପୁର ଏବଂ ଏନ୍.ଟି.ପି.ସି. କୋଭିଡ୍ ଚିକିତ୍ସାଳୟ, ସୁନ୍ଦରଗଡ ଠାରେ ଟ୍ରୁନାଟ୍ ପରୀକ୍ଷାଗାର।
- ଜିଲ୍ଲା ପଣ୍ୟାଗାରର ପ୍ରଥମ ମହଲାର ସଂପ୍ରସାରଣ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

OIPR-10112/13/0028/2122

## ୨୪ଘଣ୍ଟାରେ ୩୯ଜଣଙ୍କ ମୃତ୍ୟୁ
## ରାଜ୍ୟରେ ୩୬୩୧ ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୧୭।୬ (ବ୍ୟୁରୋ): ସମଗ୍ର ରାଜ୍ୟରେ କରୋନାର ଦ୍ୱିତୀୟ ଲହରୀ ଜାରି ରହିଥିବାବେଳେ ସଂକ୍ରମଣ ହାର ଧୀରେଧୀରେ ନିୟନ୍ତ୍ରଣକୁ ଆସୁଛି। ତେବେ ଦୈନିକ ମୃତ୍ୟୁରେ ନିୟନ୍ତ୍ରଣକୁ ଆସିପାରୁନାହିଁ। ଗତ ୨୪ ଘଣ୍ଟାରେ ରାଜ୍ୟରୁ ପୁଣି ୩୯ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୬ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏହାକୁ ମିଶାଇ କରୋନା ଜନିତ ମୃତକଙ୍କ ସଂଖ୍ୟା ୩ହଜାର ୪୭୧କୁ ବୃଦ୍ଧି ପାଇଛି। ସେହିପରି ୩୬୩୧ଜଣ ନୂତନ ସଂକ୍ରମିତଙ୍କ ଚିହ୍ନଟ ହୋଇଛନ୍ତି। ସେଥି ମଧ୍ୟରୁ ୨ହଜାର ୬୯ଜଣ କ୍ୱାରେଣ୍ଟାଇନ୍‌ରୁ ହୋଇଥିବାବେଳେ ୧୩ଶହ ୬୨ଜଣ ସ୍ଥାନୀୟ ସଂକ୍ରମିତ ବୋଲି ଜଣାପଡିଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ପରୀ
ପରିବାରବର୍ଗ


ଶ୍ୟାମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୭ ଜିଲାରେ ଆରମ୍ଭ ହେବ ଡିଏଲ୍ ଟେଷ୍ଟ

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

କରୋନା ସଂକ୍ରମଣ ହାର କମିଥିବାରୁ ରାଜ୍ୟ ସରକାର ୧୭ ଜିଲାରେ ଲକ୍‌ଡାଉନ୍ କଟକଣା କୋହଳ କରିଛନ୍ତି। ତେଣୁ ଏହିସବୁ ଜିଲାରେ ଥିବା ଆର୍‌ଟିଓ ପକ୍ଷରୁ ଡ୍ରାଇଭିଂ ଓ ଲର୍ନିଂ ଲାଇସେନ୍ସ ଟେଷ୍ଟ ଆରମ୍ଭ କରିବାକୁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ଅନୁମତି ଦେଇଛି। ଆସନ୍ତା ୨୧ ତାରିଖ ସକାଳ ୧୧ଟା ପରଠାରୁ ଏଥିପାଇଁ ସ୍ଲଟ୍ ବୁକିଂ ଓ ୨୨ରୁ ଟେଷ୍ଟ ଆରମ୍ଭ କରାଯିବ। ପ୍ରତିଦିନ ସକାଳ ୭ଟାରୁ ରାତି ୧୦ଟା ଯାଏ ସ୍ଲଟ୍ ବୁକିଂ ହେବ। ପୂର୍ବରୁ ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରିଥିବା ଆବେଦନକାରୀ ହିଁ କେବଳ ଟେଷ୍ଟ ପାଇଁ ସ୍ଲଟ୍ ବୁକିଂ କରିପାରିବେ। ଏଥିସହିତ ଡିଏଲ୍ ନବୀକରଣ ପାଇଁ ମଧ୍ୟ ଅନୁମତି ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଭାଗ୍ୟସ୍ଥାନକୁ ରବି ଓ ଶୁକ୍ର ଦେଖୁଥିବାରୁ ପ୍ରତ୍ୟେକ ସ୍ଥିତିକୁ କୌଶଳରେ ସଜାଡ଼ି ନେବେ। କୌଣସି ବନ୍ଧୁଙ୍କୁ ଟଙ୍କା ଦେଇ ଫେରି ପାଇବାର କମ୍ ସମ୍ଭାବନାକୁ ଦେଖି ମାନସିକ ଚିନ୍ତା ବଢ଼ିଯିବ। ଉଚ୍ଚକର୍ତ୍ତୃପକ୍ଷଙ୍କଠାରୁ ଆଶାନୁଯାୟୀ ସାହାଯ୍ୟ ପାଇପାରିବେ। କ୍ରମଶଃ ଦୂରେଇ ଯାଉଥିବା କୌଣସି ଆତ୍ମୀୟଙ୍କ ପାଇଁ ମନ ଛଟପଟ ହୋଇପାରେ।

**ବୃଷ**
ବହୁ ଦିନ ହେଲା ଯାହା ପାଇ ନ ଥିଲେ ଆଜି ସାମାନ୍ୟ ଚେଷ୍ଟାରେ ତାହା ପାଇଯିବେ। ଇଚ୍ଛା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ଦାୟିତ୍ୱ ହାତକୁ ନେବାକୁ ବାଧ୍ୟ ହେବେ। ରୋହିଣୀ ନକ୍ଷତ୍ର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନରେ ଉନ୍ନତ ଫଳ ପାଇବେ। ପୁରାତନ ରୋଗ ପ୍ରାଦୁର୍ଭାବ ବଢ଼ିବା କାରଣରୁ ମାନସିକ ଦୁର୍ବଳତା ଅନୁଭବ କରିପାରନ୍ତି।

**ମିଥୁନ**
ପ୍ରତ୍ୟେକ କାମରେ ବିଫଳତା ଯୋଗୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ସମ୍ପର୍କୀୟଙ୍କ ସହ ମିତ୍ରତା ପ୍ରୟାସ ସଫଳ ହୋଇପାରେ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବ୍ୟସ୍ତ ରହିପାରନ୍ତି। କର୍ମକ୍ଷେତ୍ରରେ ପରିଚାଳନାଗତ ତ୍ରୁଟି ସୁଧାରିବାକୁ ପ୍ରସ୍ତୁତି ଆରମ୍ଭ କରିବେ। ପରିବାରରେ ସାଧାରଣ କଥାକୁ ନେଇ ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ଗତି କରିବେ।

**କର୍କଟ**
ଆଜି ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା ଲାଭ କରି କାର୍ଯ୍ୟ ହାସଲ କରିପାରିବେ। ଅଭାବ ନ ଥିଲେ ମଧ୍ୟ ଖୋଲା ମନନେଇ ଖର୍ଚ୍ଚରୁ ଦୂରେଇ ରହିବା ପାଇଁ ଚେଷ୍ଟିତ ହୋଇପାରନ୍ତି। କେତେକ ପରିସ୍ଥିତିରେ ନିଜ ଲୋକଙ୍କୁ ସନ୍ଦେହ କରିବା ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଶୁଭ ଫଳ ପ୍ରାପ୍ତି ମନକୁ ଖୁସି କରାଇବ।

**ସିଂହ**
ଆଜି କାମ ହାସଲ ସକାଶେ ବନ୍ଧୁଙ୍କ ସାହାଯ୍ୟ ନେବାକୁ ପଡ଼ିପାରେ। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ପାଇବେ। ସନ୍ତାନମାନଙ୍କର କିଛି ସମସ୍ୟାର ସମାଧାନ ସକାଶେ ବ୍ୟସ୍ତତା ବଢ଼ିପାରେ। ପୂର୍ବାଫାଲଗୁନୀ ନକ୍ଷତ୍ରର ଆର୍ଥିକ ଅନଟନ ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ।

**କନ୍ୟା**
କୌଣସି କାମ ଆରମ୍ଭ କରିବାକୁ ଚାହୁଁଥିଲେ ଶୀଘ୍ର କରିବା ଭଲ। ପରିସ୍ଥିତିର ସାମ୍ନା କରିବାକୁ ଯାଇ ଅର୍ଥ ସଂଗ୍ରହରେ ତତ୍ପର ହେବେ। ପରିବାରରେ ପିଲାଙ୍କ ପାଇଁ ଜଞ୍ଜାଳ କ୍ରମଶଃ ବୃଦ୍ଧି ପାଇବା ହେତୁ ସାମୟିକ ଦୁଶ୍ଚିନ୍ତାଗ୍ରସ୍ତ ହେବେ। ନିଜର ଫାଇଦା ହାସଲ ପାଇଁ ସମ୍ପର୍କୀୟମାନେ ଅପଚେଷ୍ଟା କରିବା ଲାଗି ମନ ବଳାଇ ପାରନ୍ତି।

**ତୁଳା**
ଚିତ୍ରା ନକ୍ଷତ୍ର ସାମୟିକ ଶାରୀରିକ ଅସୁସ୍ଥତା ହେତୁ ମନ ବିଚଳିତ ରହିପାରେ। ବ୍ୟବସାୟ କ୍ଷେତ୍ରରେ କିଛି ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି। କଚେରି ମାମଲାରେ ସମସ୍ୟା କ୍ରମଶଃ ବୃଦ୍ଧି ପାଇବାକୁ ନେଇ ଚିନ୍ତିତ ରହିପାରନ୍ତି। ଶତ୍ରୁତା ହଠାତ୍ ପ୍ରଶମିତ ହେବନି କିନ୍ତୁ କିଛି ସମୟ ପାଇଁ ମଳିନ ରହିବ।

**ବିଛା**
ବିଭିନ୍ନ ପ୍ରକାରର କାର୍ଯ୍ୟବ୍ୟସ୍ତତା ହେତୁ ମାନସିକ ସ୍ଥିତି ଭଲ ରହି ନ ପାରେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆତ୍ମୀୟ ମାନେ କ୍ରମଶଃ ଦୂରେଇ ଯିବେ। ବିଶାଖା ନକ୍ଷତ୍ର ବହୁତ କାମ ଅସମ୍ପୂର୍ଣ୍ଣ ରହିବା କାରଣରୁ ବିଚଳିତ ବୋଧ କରିପାରନ୍ତି। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ପଡ଼ୋଶୀଙ୍କ ସହ ଆଲୋଚନା କଲେ ଉପକୃତ ହେବେ।

**ଧନୁ**
ଉତରାଷାଢ଼ା ନକ୍ଷତ୍ର କୌଣସି ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ। ସନ୍ତାନଙ୍କ ଦୁର୍ବଳସ୍ୱାସ୍ଥ୍ୟ ଓ ଅମନୋଯୋଗୀ ସ୍ୱଭାବର ପରିବର୍ତ୍ତନ ପାଇଁ ଯଥାସାଧ୍ୟ ଚେଷ୍ଟାକରିପାରନ୍ତି। ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତି ଅନୁଭବ କରିବେ। ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ।

**ମକର**
ଧନିଷ୍ଠା ନୂତନ କର୍ମାରମ୍ଭ ବିନା ବାଧାବିଘ୍ନରେ ସମାପନ ହେବା କଷ୍ଟକର ହୋଇପାରେ। କର୍ମକ୍ଷେତ୍ରରେ କିଛି ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବାର ଆଶଙ୍କା ରହିଛି। ବ୍ୟବସାୟ କ୍ଷେତ୍ରରେ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ଅନ୍ୟର ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଜନହିତକର କାର୍ଯ୍ୟରେ ଲାଗିପାରନ୍ତି।

**କୁମ୍ଭ**
ପାରିବାରିକ କ୍ଷେତ୍ରରେ କୌଣସି କଥାକୁ ବାରମ୍ବାର ଚିନ୍ତା କରି ଅଶାନ୍ତ ରହିପାରନ୍ତି। ବନ୍ଧୁଙ୍କ ନିକଟରୁ କିଛି ଖରାପ ଖବର ପାଇ ବିବ୍ରତ ହେବାକୁ ପଡ଼ିପାରେ। ରୋଗୀଣା ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ କିଛିଟା ଆଶ୍ୱସ୍ତି ଅନୁଭବ କରିବେ। ପୂର୍ବଭାଦ୍ରବ ନକ୍ଷତ୍ର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ରହି ପାରନ୍ତି।

**ମୀନ**
ଆଜି ଉତ୍ତରଭାଦ୍ରବ ନକ୍ଷତ୍ର କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଖୁସି ରହିବେ। ବିବାଦୀୟ କ୍ଷେତ୍ର କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ସରକାରୀ ସ୍ତରରୁ ଋଣ ଆଣିବା ସକାଶେ ମନ ବଳାଇପାରନ୍ତି। ସଭାସମିତରେ, ପ୍ରଶାସନିକ ସ୍ତରରେ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସଫଳତା ଅବଶ୍ୟ ପାଇପାରିବେ।

ଆଜି ଜ୍ୟେଷ୍ଠ ଶୁକ୍ଳ ଅଷ୍ଟମୀ ଶୁକ୍ରବାର, ଜୁନ୍ ୧୮ ତାରିଖ, ଅନ୍ତର୍ଜାତୀୟ ବଣଭୋଜି ଦିବସ, ରାଶି ନକ୍ଷତ୍ର-ଉତ୍ତରାଫାଲଗୁନୀ/କନ୍ୟା, ବୃଷରାଶିର ଘାତଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୨.୧୪ମି. ଗତେ ଘ.୦୨.୫୨ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୬.୦୪ମି. ଗତେ ଘ.୦୬.୫୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୦.୦୮ମି. ଗତେ ଘ.୧୧.୦୪୭ମି. ମଧ୍ୟେ ରାହୁକାଳ।

# ଗାଡ଼ି ଫିଟ୍‌ନେସ୍, ଡିଏଲ୍ ବୈଧତା ଅବଧି ବୃଦ୍ଧି

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

କରୋନା କଟକଣା ଯୋଗୁ ଆର୍‌ଟିଓଗୁଡ଼ିକ ବନ୍ଦ ରହୁଥିବାରୁ ବିଭିନ୍ନ ସେବା ବାଧାପ୍ରାପ୍ତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) ଗୁରୁବାର ଡ୍ରାଇଭିଂ, ଲର୍ନିଂ ଲାଇସେନ୍ସ, ଗାଡ଼ି ଫିଟ୍‌ନେସ୍, ଆର୍‌ସି, ପରମିଟ୍, ଫ୍ୟାନ୍ସି ନମ୍ବର ବୁକିଂ ଆଦିର ଅବଧିକୁ ବୃଦ୍ଧି କରିଛନ୍ତି। ଏ ସମସ୍ତ ସେବା ସେପ୍ଟେମ୍ବର ୩୦ ଯାଏ ବୈଧ ରହିବ। ସଡ଼କ ପରିବହନ ରାଜପଥ ମନ୍ତ୍ରଣାଳୟର ପରାମର୍ଶକ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଯେଉଁ ଡ୍ରାଇଭିଂ ଲାଇସେନ୍ସର ଅବଧି ୧ ଫେବୃୟାରୀ ୨୦୨୦ରୁ ଶେଷ ହୋଇଛି କିମ୍ବା ସେପ୍ଟେମ୍ବର ୨୦୨୧ରେ ଶେଷ ହେବ, ତାହା ୩୦ ସେପ୍ଟେମ୍ବର ୨୦୨୧ ପର୍ଯ୍ୟନ୍ତ ବୈଧ ଧରାଯିବ। ଯେଉଁ ଲର୍ନିଂ ଲାଇସେନ୍ସ ଅବଧି ୨୦୨୦ ମାର୍ଚ୍ଚ ୧୮ରୁ ଶେଷ ହୋଇଛି କିମ୍ବା ୨୦୨୧ ସେପ୍ଟେମ୍ବର ୩୦ ମଧ୍ୟରେ ଶେଷ ହୋଇଯିବ, ତାହା ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବୈଧ ରହିବ। ତେବେ ସିଏମ୍‌ଭି ନିୟମ ୧୯୮୯ର ଚାପ୍ଟର ୪ ଅନୁସାରେ ବାର୍ଷିକ କମ୍ପୋଜିଟ୍ ଟ୍ୟାକ୍ସ ଦେୟ ସହିତ ଜଡିତ ଥିବାରୁ ମାଲ ପରିବହନ ଓ ପର୍ଯ୍ୟଟନ ଗାଡ଼ିଗୁଡ଼ିକ ବୈଧତା ଅବଧି ବୃଦ୍ଧି କରାଯାଇନାହିଁ।

# ‘ସ୍ୱାସ୍ଥ୍ୟ ଭିତ୍ତିଭୂମିର ଦୟନୀୟ ଚିତ୍ର ଲୁଚାଇବାକୁ ପ୍ରୟାସ’

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୮୫୦୦ କୋଟି ଟଙ୍କା ଘୋଷଣା କରିଛନ୍ତି। ଏହି ବିପୁଳ ଅର୍ଥ ଅତୀତର, ବର୍ତ୍ତମାନର ନା ଭବିଷ୍ୟତରେ ଖର୍ଚ୍ଚ ହେବ ତାହାର ସମ୍ପୂର୍ଣ୍ଣ ତଥ୍ୟ ରାଜ୍ୟବାସୀଙ୍କ ସମ୍ମୁଖରେ ଉପସ୍ଥାପିତ ହେବା ନିହାତି ଆବଶ୍ୟକ। ମୁଖ୍ୟମନ୍ତ୍ରୀ ନିଜ ସ୍ୱପ୍ନରେ ଏଭଳି ଦେଖିଥିବେ, ମାତ୍ର ବାସ୍ତବରେ ଏଭଳି କୌଣସି ଚିତ୍ର ଦେଖିବାକୁ ମିଳୁନାହିଁ ବୋଲି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କଟାକ୍ଷ କରି କହିଛନ୍ତି।

ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଓଡ଼ିଶାର ସ୍ୱାସ୍ଥ୍ୟ ଭିତ୍ତିଭୂମି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଏଭଳି ଘୋଷଣା କରି ସରକାର ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। କୋଭିଡ୍ ସଂକ୍ରମଣର ୧ମ ଓ ୨ୟ ଲହର ପରିଚାଳନାରେ ଏହା ସ୍ପଷ୍ଟ ପ୍ରମାଣିତ ହୋଇଛି। ଡାକ୍ତର ଅଭାବ, କୋଭିଡ୍ ପରିଚାଳନାରେ ବିଫଳତା, କୋଭିଡ୍ ପୀଡିତ ଏବଂ ମୃତ୍ୟୁ ସଂଖ୍ୟା ଲୁଚାଇବା ପାଇଁ ରାଜ୍ୟ ସରକାରଙ୍କ ଏହା ଏକ ଧୂଆଁବାଣ। ରାଜ୍ୟରେ କୋଭିଡ୍ ପରିଚାଳନା ସମ୍ପୂର୍ଣ୍ଣ ଭାବେ ବେସରକାରୀ ଡାକ୍ତରଖାନା ଏବଂ ବିଭିନ୍ନ ରାଷ୍ଟ୍ରାୟତ୍ତ କମ୍ପାନୀମାନଙ୍କ ସହଯୋଗରେ ପରିଚାଳିତ ହେଉଛି। ଏଥିରେ ରାଜ୍ୟ ସରକାରଙ୍କ ଭୂମିକା କ’ଣ ରହିଛି ବୋଲି ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି।

ରାଜ୍ୟ ସରକାରଙ୍କ ଡାକ୍ତରଖାନାରେ ଶଯ୍ୟା, ଅକ୍ସିଜେନ, ଭେଣ୍ଟିଲେଟର, ଡାକ୍ତର, ନର୍ସ, ଔଷଧ ଆଦିର ବ୍ୟାପକ ଅଭାବ ରହିଛି। ଦୁର୍ବଳ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଲୁଚାଇବା ପାଇଁ କୋଭିଡ୍ ମୃତ୍ୟୁ ସଂଖ୍ୟା କମ୍ ଦର୍ଶାଯାଉଛି। ରାଜ୍ୟ ସରକାରଙ୍କ କୌଣସି ମେଡିକାଲ କଲେଜ କିମ୍ବା ଡାକ୍ତରଖାନାରେ ନିଜସ୍ୱ ଅକ୍ସିଜେନ ପ୍ଲାଣ୍ଟ ନାହିଁ। ନିଜ ରାଜ୍ୟରେ ଅକ୍ସିଜେନ ଅଭାବ କାରଣରୁ କୋଭିଡ୍ ରୋଗୀ ମୃତ୍ୟୁବରଣ କରୁଛନ୍ତି। ରାଜ୍ୟରେ ବ୍ୟାପକ ମାତ୍ରାରେ ନକଲି ଔଷଧ କାରବାର ବେଧଡ଼କରେ ଚାଲିଛି। ହସ୍ପିଟାଲ ନିର୍ମାଣ, ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ, ଭେଣ୍ଟିଲେଟର କ୍ରୟ, ଡାକ୍ତର, ନର୍ସ, ଟେକ୍ନିକାଲ ଷ୍ଟାଫ୍ ନିଯୁକ୍ତି ଆଦି କେଉଁ ଭିତ୍ତିଭୂମି ପାଇଁ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ତାହାର ଜବାବ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଦେବା ଆବଶ୍ୟକ ବୋଲି ଲେଖାଶ୍ରୀ ଦାବି କରିଛନ୍ତି।

## ‘ସରକାରଙ୍କ ସଫଳ ପରିଚାଳନାରେ ଭାଜପା ଈର୍ଷାନ୍ୱିତ’

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

କୋଭିଡ୍ ମହାମାରୀ ସମୟରେ ସମଗ୍ର ଦେଶକୁ ଜୀବନ ରକ୍ଷାକାରୀ ଅକ୍ସିଜେନ ଯୋଗାଣ ସହିତ ସଫଳ କୋଭିଡ୍ ପରିଚାଳନା ପାଇଁ ଦେଶ ବିଦେଶରୁ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରାଯାଉଥିବା ବେଳେ ଭାଜପା ଏଥିରେ ଈର୍ଷାନ୍ୱିତ ହୋଇପଡ଼ିଥିବା ବିଜେଡି ମୁଖପାତ୍ର ଇପ୍‌ସିତା ସାହୁ କହିଛନ୍ତି। ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ଅଭିଯୋଗର ଜବାବ ଦେଇ ସାହୁ କହିଛନ୍ତି ଯେ ଭାଜପା ନେତ୍ରୀ ଅଭ୍ୟାସଗତ ଭାବରେ ପୁଣିଥରେ ଓଡ଼ିଶାବାସୀଙ୍କୁ ମିଛ ଗପ ଶୁଣାଇ ଭଣ୍ଡେଇବାକୁ ଅପଚେଷ୍ଟା କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ସେବା ପାଇଁ ସରକାରଙ୍କ ୮୫୦୦ କୋଟି ଟଙ୍କାର ଘୋଷଣାକୁ ସେ ହଜମ କରିପାରି ନାହାନ୍ତି।

ପୁଣିଥରେ ସର୍ବସାଧାରଣରେ ଶସ୍ତା ମନ୍ତବ୍ୟ ରଖି ସେ ଲୋକହସା ହୋଇଛନ୍ତି। ବାଲେଶ୍ୱର ଓ ପିପିଲି ଉପ ନିର୍ବାଚନରେ ଟିକେଟ ନ ପାଇବାର କଷ୍ଟ ମଧ୍ୟ ତାଙ୍କ ମନରୁ ଯାଇନାହିଁ। ଭୋକ ବିକଳରେ ତଟିଆ କାମୁଡ଼ିଲା ଭଳି ସେ ହତାଶ ହୋଇ ଓଡ଼ିଶାବାସୀଙ୍କୁ ବାରମ୍ବାର ଏଭଳି ଗପ ଶୁଣାଇବାରେ ଲାଗିଛନ୍ତି। ନିଜର ରାଜନୈତିକ ଅଭିସନ୍ଧି ପୂରଣ ପାଇଁ ସରକାରଙ୍କ ସଫଳ କାର୍ଯ୍ୟକୁ ବିରୋଧ କରି ଭାଜପାର ଏଭଳି ମନଗଢ଼ା ପ୍ରଚାରକୁ ଓଡ଼ିଶାବାସୀ କେବେ ବି ଗ୍ରହଣ କରିବେ ନାହିଁ ବୋଲି ସାହୁ ଚେତାଇ ଦେଇଛନ୍ତି।

# ଟିକା ପାର୍ଶ୍ୱ ପ୍ରତିକ୍ରିୟା ଅନୁଧ୍ୟାନ କରିବ ବୈଷୟିକ ଟିମ୍

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

କୋଭିଡ୍ ଟିକାର ଦୁଇଟି ଡୋଜ୍ ନେଇଥିବା କେତେଜଣ ବ୍ୟକ୍ତି ସଂକ୍ରମିତ ହେଉଥିବା ଅଭିଯୋଗ ହେଉଛି। ସେମାନଙ୍କଠାରେ କି ପ୍ରକାର ପାର୍ଶ୍ୱ ପ୍ରତିକ୍ରିୟା ରହୁଛି, ସେ ବିଷୟରେ ଅନୁଧ୍ୟାନ କରିବା ସହ ତୃତୀୟ ଲହର ପାଇଁ ପ୍ରସ୍ତୁତି ନିମନ୍ତେ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ନେଇ ଏକ ୮ ଜଣିଆ ବୈଷୟିକ କମିଟି ଗଠନ କରିଛନ୍ତି। ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସ ନିର୍ଦ୍ଦେଶକ ଅଜୟ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ମେମ୍ବର କନ୍‌ଭେନର ଥିବାବେଳେ ଆରଏମ୍‌ଆରସି ନିର୍ଦ୍ଦେଶକ ସଂଘମିତ୍ରା ପତି, ପୁରୀ ଏସ୍‌ଜେଏମ୍‌ସିଏଚ୍ ସୁପରିଣ୍ଟେଣ୍ଡେଣ୍ଟ କୌଶିକ ମିଶ୍ର, ଏସ୍‌ସିବି ମେଡିକାଲ କଲେଜର ମାଇକ୍ରୋବାୟୋଲୋଜି ଏଚ୍‌ଓଡି ନିରୁପମା ଚଇନି, ପ୍ରଫେସର ଏମ୍. ଆର. ପଟ୍ଟନାୟକ, ପ୍ରଫେସର ଜେ.କେ. ପଣ୍ଡା ଏବଂ ପ୍ରଫେସର ପ୍ରଦୀପ୍ତ ଶେଖର ପାତ୍ର ସଦସ୍ୟ ରହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଓଏମ୍‌ସି ଦେଲା ୫୦୦ କୋଟି

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ୫୦୦ କୋଟି ଟଙ୍କା ଦାନ କରିଛି। ଏଥିସହିତ ଓଡ଼ିଶା କୃଷି ଶିଳ୍ପ ନିଗମ ଏବଂ ଓଡ଼ିଶା କାଜୁ ଉନ୍ନୟନ ନିଗମ ୩.୭୬ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ ୩ଟି ସଂସ୍ଥାକୁ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶା କୃଷି ଶିଳ୍ପ ନିଗମ ପକ୍ଷରୁ ଅଧ୍ୟକ୍ଷ ଦେବାଶିଷ ମହାନ୍ତି ଏବଂ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ମହାନ୍ତି ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଉକ୍ତ ଅର୍ଥରାଶିର ଚେକ୍ ପ୍ରଦାନ କରିଛନ୍ତି। ଓଏମ୍‌ସି ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ୫୦୦ କୋଟି ଟଙ୍କାର ଚେକ୍ ମୁଖ୍ୟ ଶାସନ ସଚିବଙ୍କୁ ଦେଇଛନ୍ତି। ସେ କହିଛନ୍ତି, ମହାମାରୀ ସତ୍ତ୍ୱେ ଓଏମ୍‌ସି ଗତ ଆର୍ଥିକ ବର୍ଷରେ ୫.୪୨% ଅଭିବୃଦ୍ଧି କରିଛି। ଏହି ସମୟ ମଧ୍ୟରେ ନିଗମ ୧୭.୧୨ ନିୟୁତ ଟନ୍ ଖଣିଜ ପଦାର୍ଥ ଉତ୍ତୋଳନ କରିଛି।

# ବଳାତ୍କାର ପରେ ଶିଶୁକନ୍ୟାଙ୍କୁ ହତ୍ୟା

**ନୟାଗଡ଼ ଅଫିସ,୧୭।୬**

■ ଦଉଡ଼ିରେ ଗଳା ଚିପି ହତ୍ୟା କରିଥିଲେ ଅଭିଯୁକ୍ତ
■ ଜେଲ ଗଲେ ହତ୍ୟାକାରୀ

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ବାଣିଗୋଛା ଥାନା ନୂଆଗାଁ ପଞ୍ଚାୟତ ଧୁନ୍ଦୁଗାଡିଆ ଗ୍ରାମର ନିଖୋଜ ୫ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ଏନେଇ ଏସ୍‌ପି ସିଦ୍ଧାର୍ଥ କଟାରିଆ ଗୁରୁବାର ସନ୍ଧ୍ୟାରେ ନୟାଗଡ଼ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ବଳାତ୍କାର ପରେ ଶିଶୁକନ୍ୟା ଅଚେତ ହୋଇ ପଡ଼ିଥିଲେ। ଚେତା ଫେରିଲେ ସେ କାଳେ ବଳାତ୍କାର ସମ୍ପର୍କରେ ଘର ଲୋକଙ୍କୁ କହିଦେବ, ସେହି ଚିନ୍ତା ସାଗରଙ୍କୁ ଘାରିଥିଲା। ଏହାପରେ ସାଗର ଘରୁ ଏକ ଦଉଡ଼ି ଆଣି ତାଙ୍କ ବେକକୁ ଭିଡ଼ି ହତ୍ୟା କରିଥିଲେ। ତେବେ ଦଉଡ଼ିରେ ନା ଅନ୍ୟ କୌଣସି କାରଣରୁ ତାଙ୍କ ମୁଣ୍ଡ ଗଣ୍ଡି ଅଲଗା ହୋଇଥିଲା ତାହା ତଦନ୍ତସାପେକ୍ଷ। ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ରିପୋର୍ଟ ମିଳିବା ପରେ ହତ୍ୟାକାଣ୍ଡର ଗୁମର ଫିଟିବ ବୋଲି ଏସ୍‌ପି କହିଛନ୍ତି। ହତ୍ୟାକାରୀ ଗାଁର ଝିଅମାନଙ୍କୁ ଅଶ୍ଳୀଳ ଭିଡିଓ ଦେଖାଉଥିଲେ। ଏପରିକି ଶିଶୁକନ୍ୟାଙ୍କୁ ଅଶ୍ଳୀଳ ଭିଡିଓ ଦେଖାଇଛନ୍ତି। ଏଣୁ ହତ୍ୟାକାରୀଙ୍କ ମୋବାଇଲ ଫୋନ୍ ଜବତ ହୋଇଥିବା ଏସ୍‌ପି କହିଛନ୍ତି। ଅନ୍ୟପକ୍ଷେ ଗୁରୁବାର ସାଗର ଦଳେଇଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦଶପଲ୍ଲା ଜେଲକୁ ପଠାଇ ଦିଆଯାଇଛି। ଦରକାର ପଡିଲେ ହତ୍ୟାକାରୀଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି। ଏସ୍‌ପି ଶିଶୁକନ୍ୟାଙ୍କ ନିଖୋଜ ପ୍ରସଙ୍ଗରେ କହିଛନ୍ତି, ସେହି ଶିଶୁକନ୍ୟା ଗାଁ ଦାଣ୍ଡରେ ଖେଳୁଥିବାବେଳେ ଗତ ୧୨ ତାରିଖରେ ନିଖୋଜ ହୋଇ ଯାଇଥିଲେ। ଏନେଇ ୧୩ ତାରିଖରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ସାଗରଙ୍କୁ ସନ୍ଦେହ କରି ପୋଲିସ ଥାନାକୁ ଆଣି ପଚରାଉଚୁରା କରିବା ପରେ ସତ ପଦାକୁ ଆସିଥିଲା। ପଚରାଉଚୁରା ପରେ ସାଗର ବଳାତ୍କାର, ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ଏସ୍‌ପି କହିଛନ୍ତି।

# କଣ୍ଠଶିଳ୍ପୀ ତପୁ ମିଶ୍ର ଗୁରୁତର



**ଭୁବନେଶ୍ୱର, ୧୭।୬ (ବ୍ୟୁରୋ)**

କଣ୍ଠଶିଳ୍ପୀ ତପୁ ମିଶ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ନିକଟରେ ସେ କରୋନାରୁ ସୁସ୍ଥ ହୋଇଥିଲେ। ହେଲେ କୋଭିଡ୍ ପରବର୍ତ୍ତୀ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବାରୁ ତାଙ୍କୁ ପୁଣି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଛି। ଶରୀରରେ ଅକ୍ସିଜେନ୍ ସ୍ତର ହ୍ରାସ ପାଉଥିବାରୁ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ପଡ଼ିଛି। ଅଧିକ ଚିକିତ୍ସା ପାଇଁ ତାଙ୍କୁ କୋଲକାତା କିମ୍ବା ଚେନ୍ନାଇ ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ତପୁଙ୍କ ଚିକିତ୍ସା ପାଇଁ ବିପୁଳ ଅର୍ଥ ଆବଶ୍ୟକ ପଡୁଥିବାରୁ ରାଜ୍ୟ ସରକାରଙ୍କ ସାହାଯ୍ୟ ଲୋଡ଼ିଛନ୍ତି ପରିବାର ଲୋକେ।


## classifieds Everyday
0674-2580101, 2549302




### SALE
One LPK 2518 HIWA REG-OD-23E 5315 for sale. Price- 19,00000/-. Contact: 9861122255, 9861322255. D-69043




3BHK apartment with Two Toilets, Two Balconies at Baishnav Vihar, Bomikhal, Bhubaneswar. 9238574993. D-20902




### SALE
3BHK duplex 58 lakhs near Hanspal Jagannathpur, Bhubaneswar (Bank loan available). 9040033905, 9937807101. D-70852

Bhubaneswar Sum Hospitalରୁ 4 k.m. ଦୂରତାରେ boundary plot ମିଳୁଛି। Owner- 9090963952. D-70849




Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691. D-20835

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ମୂଲ୍ୟାୟନ ସୂତ୍ର...

ପିଲା ନିଜ ମାର୍କ ବଢ଼ାଇବା ପାଇଁ ପରୀକ୍ଷା ଦେବାକୁ ଚାହିଁବେ, ସେମାନଙ୍କୁ ଅନୁମତି ମିଳିବ। ଅନ୍ୟ ଅର୍ଥରେ ପରୀକ୍ଷା ଦେବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ କୌଣସି ପକ୍ଷପାତ କରାଯିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଭିଡିଓ କନ୍‌ଫରେନ୍ସ ଜରିଆରେ ଏହି ଶୁଣାଣି ହୋଇଥିଲା। ମୂଲ୍ୟାୟନ ପାଇଁ ଆକଳନ ଯୋଜନାକୁ ଖଣ୍ଡପୀଠ ଗ୍ରହଣ କରିବା ସହ ବୋର୍ଡ କର୍ତ୍ତୃପକ୍ଷ ଏ ଦିଗରେ ଆଗେଇବାକୁ ଅନୁମତି ଦେଇଥିଲେ। ସିଆଇଏସ୍‌ସିଇ ପକ୍ଷରୁ ବରିଷ୍ଠ ଆଇନଜୀବୀ ଜେ.କେ. ଦାସ ଉପସ୍ଥିତ ଥିଲେ। ଦ୍ୱାଦଶ ଶ୍ରେଣୀ ପିଲାଙ୍କ ଚୂଡ଼ାନ୍ତ ମାର୍କ ଦେଲାବେଳେ ସେମାନଙ୍କ ଗତ ୬ ବର୍ଷର ପ୍ରଦର୍ଶନକୁ ବିଚାରକୁ ନିଆଯିବ ବୋଲି ସେ ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଥିଲେ। ସିବିଏସ୍‌ଇର ବିଚାର ଫଶଇଁ ଅନ୍ୟ କୌଣସି ପ୍ରସ୍ତାବ ରଖାଯାଇପାରିବ କି ନାହିଁ ତାହା ଉପରେ ୨୧ ତାରିଖରେ କୋର୍ଟ ଶୁଣାଣି କରିବେ। ଏଥିସହିତ ଆସାମ, ପଞ୍ଜାବ, ତ୍ରିପୁରା ଏବଂ ଆନ୍ଧ୍ରପ୍ରଦେଶରେ ଦ୍ୱାଦଶ ଶ୍ରେଣୀ ରାଜ୍ୟ ବୋର୍ଡ ପରୀକ୍ଷା ବାତିଲ ପାଇଁ ଦାଖଲ ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ରାଜି ହୋଇଛନ୍ତି।

### ଆର୍ଥିକ ଦୁର୍ବଳ ବର୍ଗଙ୍କୁ...

■ ସହରାଞ୍ଚଳ ଗରିବ ପରିବାରକୁ ୨୬୦ କୋଟି ଟଙ୍କା
■ ‘କାଳିଆ’ରେ ଭୂମିହୀନ ଚାଷୀଙ୍କୁ ଅତିରିକ୍ତ ୧୦୦୦
■ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକଙ୍କୁ ୫୦ ଟଙ୍କା ଅଧିକ ମଜୁରି
■ ସମସ୍ତ ଆଦିମ ଜନଜାତି ପରିବାରକୁ ୫୦୦୦ ଟଙ୍କା
■ ନଭେମ୍ବର ଯାଏ ହିତାଧିକାରୀଙ୍କୁ ମାଗଣା ପିଡିଏସ୍

ପ୍ରଭାବିତ କରିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ପ୍ୟାକେଜ ଘୋଷଣା କରିଛନ୍ତି। ପ୍ୟାକେଜରେ କାଳିଆ ଯୋଜନାର ପ୍ରତ୍ୟେକ ହିତାଧିକାରୀଙ୍କୁ ୧୦୦୦ ଟଙ୍କା ଲେଖାଏ ଅତିରିକ୍ତ ସହାୟତା ଦିଆଯିବ। ଏହାଦ୍ୱାରା ୧୭ ଲକ୍ଷ ୮୩ ହଜାର ଭୂମିହୀନ ଚାଷୀ ପରିବାର ଉପକୃତ ହେବେ। କାଳିଆ ଯୋଜନାରେ ସମସ୍ତ ଭୂମିହୀନ ଚାଷୀ ପରିବାରଙ୍କୁ ୩ କିସ୍ତିରେ ୨୦୭ କୋଟି ଟଙ୍କା ସହାୟତା ଯୋଗାଇ ଦିଆଯିବ। ସହରାଞ୍ଚଳର ଗରିବ ଲୋକଙ୍କୁ ରୋଜଗାର ଯୋଗାଇବା ପାଇଁ ରାଜ୍ୟ ସରକାର ‘ମୁକ୍ତା’ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟର ୧୧୪ ପୌରସଂସ୍ଥାରେ ରହୁଥିବା ଗରିବ ଲୋକଙ୍କୁ ଡିସେମ୍ବର ୨୦୨୧ ପର୍ଯ୍ୟନ୍ତ ରୋଜଗାରକ୍ଷମ କରାଇବା ଲାଗି ୨୬୦ କୋଟି ଟଙ୍କାର କାମ ଯୋଗାଇ ଦିଆଯିବ। ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ କରୁଥିବା ଶ୍ରମିକଙ୍କୁ ସେମାନଙ୍କର ଦୈନିକ ମଜୁରି ବ୍ୟତୀତ ଦୈନିକ ଅଧିକ ୫୦ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ସହାୟତା ଭାବେ ଦିଆଯିବ। ଚଳିତ ବର୍ଷ ଏପ୍ରିଲରୁ ଜୁନ୍ ମଧ୍ୟରେ ଏହି ବର୍ଦ୍ଧିତ ମଜୁରି ବାବଦକୁ ରାଜ୍ୟ ସରକାର ୩୦୦ କୋଟି ଟଙ୍କା ବହନ କରିବେ। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ପ୍ରତି ହିତାଧିକାରୀଙ୍କୁ ଜୁଲାଇରୁ ନଭେମ୍ବର ଯାଏ ୫ କେ.ଜି. ଲେଖାଏ ଚାଉଳ ଯୋଗାଇ ଦିଆଯିବ। ଏଥିପାଇଁ ୯୨.୮୬ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟରେ ୧୩ ଆଦିମ ଜନଜାତିର ୬୬,୨୧୪ ଜଣ ବ୍ୟକ୍ତି ବାସ କରୁଛନ୍ତି। ସେମାନଙ୍କ ଜୀବନଜୀବିକା ସହାୟତା ବାବଦରେ ପ୍ରତି ପରିବାରକୁ ୫୦୦୦ ଟଙ୍କା ଲେଖାଏ ଦିଆଯିବ। ଏଥିରେ ୩୩.୧୦ କୋଟି ଟଙ୍କା ଖର୍ଚ୍ଚ ହେବ। ଉକ୍ତ ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଯିବ। ଏସ୍‌ସିଏସ୍‌ଟି ଛାତ୍ରୀଛାତ୍ରଙ୍କ ଏପ୍ରିଲରୁ ସେପ୍ଟେମ୍ବର ଯାଏ ପ୍ରି-ମାଟ୍ରିକ ଛାତ୍ର ବୃତ୍ତିକୁ ସେମାନଙ୍କ ମାତାପିତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ୨ଟି ପର୍ଯ୍ୟାୟରେ ଜମା କରାଯିବ। ଏ ବାବଦରେ ୨୫୨.୩୫ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିରେ ୫ଲକ୍ଷ ୪୦ ହଜାର ଛାତ୍ରୀଛାତ୍ର ଉପକୃତ ହେବେ। ରାଜ୍ୟରେ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କ ପାଇଁ ୧୫୦୦ ଟଙ୍କା ଲେଖାଏ ସ୍ୱତନ୍ତ୍ର କୋଭିଡ୍ ସହାୟତା ଘୋଷଣା କରାଯାଇଛି। ଏଥିରେ ୩୬୦ କୋଟି ଟଙ୍କା ଖର୍ଚ୍ଚ କରାଯିବ।

ସ୍ୱତନ୍ତ୍ର ବିଦ୍ୟାଳୟରେ ପଢୁ ନ ଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ବାଣୀଶ୍ରୀ ଛାତ୍ରବୃତ୍ତି ଜାରି ରହିବ। ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ସେମାନଙ୍କୁ ୨୦୦ରୁ ୩୫୦ ଟଙ୍କା ପର୍ଯ୍ୟନ୍ତ (ଶ୍ରେଣୀ ଅନୁସାରେ) ଛାତ୍ରବୃତ୍ତି ଯୋଗାଇ ଦିଆଯିବ। ଏହାଦ୍ୱାରା ୨୬,୪୬୫ ଛାତ୍ରୀଛାତ୍ର ଉପକୃତ ହେବେ। ଏ ବାବଦରେ ୩ କୋଟି ୬୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଘରେ ରହି ଅନ୍‌ଲାଇନରେ ପାଠ ପଢୁଥିବା ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଏପ୍ରିଲରୁ ଜୁନ୍ ୨୦୨୧ ପର୍ଯ୍ୟନ୍ତ ଖାଦ୍ୟ ଖର୍ଚ୍ଚ ବାବଦକୁ ପ୍ରତି ମାସରେ ୧୨୪୫ ଟଙ୍କା ଦିଆଯିବ। ଏହାଦ୍ୱାରା ୬,୪୭୧ ପିଲା ଉପକୃତ ହେବେ। ଏ ବାବଦରେ ୨ କୋଟି ୪୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ଏପ୍ରିଲରୁ ଜୁନ୍ ୨୦୨୧ ପର୍ଯ୍ୟନ୍ତ ଅଣ-ଆବାସିକ ଛାତ୍ରୀଛାତ୍ରଙ୍କୁ ମାସିକ ୩୭୦ ଟଙ୍କା ଲେଖାଏ ଦିଆଯିବ। ଏ ବାବଦରେ ୩ କୋଟି ୬୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

### ସତ୍ୟ ନାଡେଲା...

ଗ୍ରହଣ କରିଥିଲେ। ବର୍ତ୍ତମାନ ସେ ପ୍ରମୁଖ ସ୍ୱାଧୀନ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ। ବୋର୍ଡରୁ ବିଲ୍ ଗେଟ୍ସ ଓହରିବା ପରେ କମ୍ପାନୀର ଶୀର୍ଷ ସ୍ତର ନିର୍ବାହୀଙ୍କ ମଧ୍ୟରେ ବିଭିନ୍ନ ପରିବର୍ତ୍ତନ ହୋଇଛି। ବିଲ୍ ଆଣ୍ଡ ମିଲିଣ୍ଡା ଗେଟ୍ସ ଫାଉଣ୍ଡେଶନ ଦ୍ୱାରା ଦାତବ୍ୟ କାର୍ଯ୍ୟରେ ଅଧିକ ମନୋନିବେଶ କରିବା ଲାଗି ବିଲ୍ ଏହି ବୋର୍ଡରୁ ଓହରିଥିବା କହିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୭୯,୯୯,୪୪୫ | ୩୮,୫୨,୨୭୬ | ୧୬,୨୫,୧୬,୫୧୯ |
| ଭାରତ | ୨,୯୭,୪୬,୫୮୪ | ୩,୮୨,୭୮୫ | ୨,୮୫,୫୮,୨୧୪ |
| ଓଡ଼ିଶା | ୮,୬୬,୬୯୨ | ୩୪୭୧(+୫୩) | ୮,୨୩,୫୯୯ |

ଗୁରୁବାର ରାତି ୧୨ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଅଭୟ ପାଠକଙ୍କୁ ଜାମିନ

**ଭୁବନେଶ୍ୱର,୧୭।୬(ବ୍ୟୁରୋ):** ଆଇଏଫ୍‌ଏସ୍ ଅଫିସର ତଥା ନିଲମ୍ବିତ ଅତିରିକ୍ତ ପିସିସିଏଫ୍ ଅଭୟକାନ୍ତ ପାଠକଙ୍କୁ ହାଇକୋର୍ଟରୁ ଜାମିନ ମିଳିଛି। ୨ ଲକ୍ଷ ଟଙ୍କାର ମୁଚାଲିକା ଓ ୨ ଜାମିନଦାରଙ୍କ ବଦଳରେ କୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ପୂର୍ବରୁ ୩ଟି ମାମଲାରେ ଅଭୟ ଜାମିନ ପାଇଥିଲେ। ଟାଟା କମ୍ପାନୀରେ ଚାକିରି ନାଁରେ ଠକେଇ ନେଇ ଗଞ୍ଜାମ ଜିଲା ବୈଦ୍ୟନାଥପୁର ଥାନାରେ ରୁଜୁ ମାମଲାରେ ଗୁରୁବାର ହାଇକୋର୍ଟ ଜାମିନ ଦେଇଛନ୍ତି। ସମସ୍ତ ୪ ମାମଲାରେ ଜାମିନ ମିଳିଥିବାରୁ ଅଭୟକାନ୍ତ ଜେଲରୁ ମୁକୁଳିବା ଏକ ପ୍ରକାର ନିଶ୍ଚିତ ବୋଲି ତାଙ୍କ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।


ଅଭୟକାନ୍ତ ପାଠକ

### ଲଘୁ ଖଣିଜରୁ ୯୬୨ କୋଟି ରାଜସ୍ୱ

**ଭୁବନେଶ୍ୱର, ୧୭।୬(ବ୍ୟୁରୋ):** ରାଜ୍ୟରେ ୨୦୨୦-୨୧ ଆର୍ଥିକ ବର୍ଷରେ ଲଘୁ ଖଣିଜରୁ ୧୦୦୦ କୋଟି ରାଜସ୍ୱ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ୯୬୨ କୋଟି ଟଙ୍କା ଆଦାୟ ହୋଇଛି। ଗତ ଆର୍ଥିକ ବର୍ଷରେ ଏହା ୬୮୦ କୋଟି ଟଙ୍କା ଥିଲା। କରୋନା ଭଳି ମହାମାରୀ ସମୟରେ ମଧ୍ୟ ଏଥିରେ ୪୧.୪୭ ପ୍ରତିଶତ ଅଭିବୃଦ୍ଧି ଘଟିଥିବା ଗୁରୁବାର ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଲଘୁଖଣିଜ ଚୋରା କାରବାର ରୋକିବା ଲାଗି ଚଳିତବର୍ଷ ୩୯ ହଜାର ୬୨୧ଟି ଚଢ଼ାଉ କରାଯାଇ ୩୧ ହଜାର ୭୫୮ ବେଆଇନ ଖଣିଜ ମାମଲା ଠାବ କରାଯିବା ସହିତ ୧୯ ହଜାର ୮୦୬ ଯାନବାହନ ଏବଂ ଅନ୍ୟାନ୍ୟ ସରଞ୍ଜାମ ଜବତ କରାଯାଇଛି। ଏ ବାବଦରେ ୬୮କୋଟି ୫୨ ଲକ୍ଷ ୮୭ ହଜାର ୯୮୭ ଟଙ୍କାର ରୟାଲ୍‌ଟି ଏବଂ ଜରିମାନା ଆଦାୟ କରାଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ୫୦୬ ନୂଆ ଲଘୁ ଖଣିଜ ଉତ୍ସ ଚିହ୍ନଟ ହୋଇଛି। ସେଥିରେ ୫୦ ଏକରରୁ ଉର୍ଦ୍ଧ୍ୱ ୧୨ଟି ବୃହତ୍ ନଦୀ ବାଲି ଶଯ୍ୟା ରହିଛି। ଖଣିଜ ପଦାର୍ଥ ଉତ୍ତୋଳନ ପାଇଁ ଆବଶ୍ୟକ ପରିବେଶ ମଞ୍ଜୁରୀ ଓ ମାଇନିଂ ପ୍ଲାନ୍ ଅନୁମୋଦନ କରାଯାଉଛି। ଚଳିତ ବର୍ଷ ୨ ହଜାର ୭୭୨ ଖଣିଜ ଉତ୍ସ ମଞ୍ଜୁର କରାଯାଇଥିବାବେଳେ ପରିବେଶ ପ୍ରଭାବ ନିର୍ଦ୍ଧାରଣ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୧୦୦୦ଟି ଉତ୍ସର ପରିବେଶ ମଞ୍ଜୁରୀ ମିଳିଛି। ଫଳରେ ଆର୍ଥିକବର୍ଷ ଶେଷରେ ୧ହଜାର ୫୪୬ଟି ଖଣିଜ ଉତ୍ସ ପରିଚାଳନା ଅନ୍ତର୍ଭୁକ୍ତ ହୋଇପାରିଛି। ୨ହଜାର ୬୬୫ ଉତ୍ସର ସୀମା ଚିହ୍ନଟ କରାଯାଇ ଖୁଣ୍ଟ ପୋତାଯାଇଛି। ୧ହଜାର ୧୧୨ ଉତ୍ସର ସର୍ବେକ୍ଷଣ ସରିଛି। ଏହାର ନିୟମିତ ତଦାରଖ କରାଯାଉଥିବାବେଳେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଲଘୁ ଖଣିଜ ଉପବିଭାଗ ଏବଂ ଶାଖା ଦାୟିତ୍ୱରେ ଥିବା ସମସ୍ତ ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ସହକାରୀ ଜିଲାପାଳମାନଙ୍କୁ ନେଇ ହ୍ୱାଟ୍‌ସଆପ୍ ଗ୍ରୁପ୍ ଗଠନ କରାଯାଇଛି।

# ଆଶଙ୍କା ଭିତରେ ଭଲ ଫଳକୁ ଅପେକ୍ଷା

## ସିବିଏସ୍‌ଇ ଦ୍ୱାଦଶ ଫଳ ମୂଲ୍ୟାୟନ ସତ୍ୟପାଠ ପ୍ରସଙ୍ଗ

**ଭୁବନେଶ୍ୱର,୧୭।୬**

ଦେଶରେ କୋଭିଡ୍ ସଂକ୍ରମଣ ଯୋଗୁ ଶିକ୍ଷା ବ୍ୟବସ୍ଥା ବେଶ୍ ପ୍ରଭାବିତ ହୋଇଛି। ୨୦୧୯-୨୧ ଶିକ୍ଷାବର୍ଷର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ଦ୍ୱାଦଶ ଛାତ୍ରୀଛାତ୍ରମାନେ ପାଠପଢ଼ାଠାରୁ ଆରମ୍ଭ କରି ପରୀକ୍ଷାଫଳକୁ ନେଇ ଏବେବି ଚିନ୍ତିତ ରହିଛନ୍ତି। ଏଭଳି ସ୍ଥିତିରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳର ମୂଲ୍ୟାୟନ କିପରି ରହିବ ସେନେଇ ସିବିଏସ୍‌ଇ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି। ୩୦-୩୦-୪୦ ଫର୍ମୁଲାରେ ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନକୁ ଆଧାର କରି ମୂଲ୍ୟାୟନ କରାଯିବ ଏବଂ ଜୁଲାଇ ୩୧ରେ ଫଳ ପ୍ରକାଶ ପାଇବ ବୋଲି ଏକ ୧୩ଜଣିଆ କମିଟି ନିଷ୍ପତ୍ତି ନେଇଥିବା କୁହାଯାଇଛି। ଦଶମ, ଏକାଦଶର ୩୦ପ୍ରତିଶତ ଓ ଦ୍ୱାଦଶ ଶ୍ରେଣୀର ପ୍ରି ବୋର୍ଡ ପରୀକ୍ଷାର ଫଳାଫଳର ୪୦ପ୍ରତିଶତ ମୂଲ୍ୟକୁ ଗ୍ରହଣ କରାଯାଇ ଚୂଡ଼ାନ୍ତ ଫଳ ପ୍ରକାଶ ପାଇବ। ତେବେ ବୋର୍ଡର ଏଭଳି ନିଷ୍ପତ୍ତିକୁ ଅନେକେ ସ୍ୱାଗତ କରିଥିବାବେଳେ କିଛି ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷାବିତ୍‌ଙ୍କ ମନରେ ଅନେକ ପ୍ରଶ୍ନ ଉଠିଛି। ସମସ୍ତେ ଏକ ପ୍ରକାର ଆଶଙ୍କା ଭିତରେ ରହି ଭଲ ଫଳକୁ ଅପେକ୍ଷା କରିଛନ୍ତି।

### ସେମାନଙ୍କ ମତରେ...

#### ଦ୍ୱନ୍ଦ୍ୱ ଦୂର ହୋଇଛି



ଦ୍ୱାଦଶ ପରୀକ୍ଷାଫଳ ହେଉଛି ପିଲାଙ୍କ ଭାଗ୍ୟରେଖା। ଏହି ଫଳାଫଳକୁ ନେଇ ପିଲାମାନଙ୍କ ମନରେ ରହିଥିବା ଦ୍ୱନ୍ଦ୍ୱ ଦୂରହୋଇଛି। ସିବିଏସ୍‌ଇ ବୋର୍ଡ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ବର୍ତ୍ତମାନର ମହାମାରୀ ସମୟରେ ପିଲାମାନେ ପାଠପଢ଼ାକୁ ନେଇ ବେଶ୍ ଚିନ୍ତିତ ଥିଲେ। ଫଳ ପ୍ରକାଶନ ହେଲେ ଆଗାମୀ ଶିକ୍ଷା ସମ୍ପର୍କରେ ଯୋଜନା ପ୍ରସ୍ତୁତ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସହଜ ହେବ। ଫଳ ପ୍ରକାଶ ହେବା ପରେ ପିଲା ନିଜ ଯୋଗତ୍ୟ ଓ କ୍ଷମତା ଅନୁସାରେ ଆଗାମୀ ଶିକ୍ଷାନୁଷ୍ଠାନକୁ ଯାଇପାରିବେ ବୋଲି ସେ କହିଛନ୍ତି।

**–ଅମରେନ୍ଦ୍ର ଦାସ, ବରିଷ୍ଠ ଶିକ୍ଷାବିତ୍ , ଭୁବନେଶ୍ୱର**

#### ସ୍ୱାଗତଯୋଗ୍ୟ ନିଷ୍ପତ୍ତି



ଅପେକ୍ଷାର ଫଳ ମିଠା ହୋଇଥାଏ। ସିବିଏସ୍‌ଇ ପକ୍ଷରୁ ଅବଲମ୍ବନ କରାଯାଇଥିବା ନିୟମାବଳୀ ଓ ପରୀକ୍ଷାଫଳ ମୂଲ୍ୟାୟନ ପଦ୍ଧତି ବେଶ୍ ସ୍ୱାଗତଯୋଗ୍ୟ। ପିଲାଙ୍କ ଭବିଷ୍ୟତକୁ ନେଇ ସମସ୍ତେ ଚିନ୍ତିତ ଅଛନ୍ତି। ପରୀକ୍ଷାଫଳ ପିଲାଙ୍କ ଯୋଗ୍ୟତା ଓ ପୂର୍ବବର୍ଷର ଫଳାଫଳକୁ ନେଇ ଚୂଡ଼ାନ୍ତ ଫଳ ପ୍ରକାଶ କରାଯିବ ବୋଲି ବୋର୍ଡ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି ଶେଷ ହୋଇ ନ ଥିଲେ ମଧ୍ୟ ଯାହା ଖବର ରହିଛି ପିଲାଙ୍କ ଭଲ ପାଇଁ ବୋର୍ଡ ନିଷ୍ପତ୍ତି ନେବ। ଫଳରେ ପିଲା ଆଗାମୀ ଦିନରେ କୌଣସି ସମସ୍ୟାର ସମ୍ମୁଖୀନ ନ ହୋଇ ଆଗାମୀ ଶିକ୍ଷା ପାଇଁ ପ୍ରସ୍ତୁତ ହୋଇପାରିବେ।

– ଡ. ଏସ୍. ମୀନକେତନ, ବରିଷ୍ଠ ଶିକ୍ଷାବିତ୍, ଭୁବନେଶ୍ୱର

#### ଫଳଠାରୁ ମାର୍କ ପ୍ରତିଶତ ବଡ଼



କରୋନା ମହାମାରୀ ଯୋଗୁ ପିଲାମାନେ ଗତ ୨ବର୍ଷ ହେଲା ପାଠ ପଢ଼ିପାରି ନାହାନ୍ତି। ବିଶେଷକରି ୨୦୧୯-୨୧ ଶିକ୍ଷାବର୍ଷର ପିଲାମାନେ ପାଠପଢ଼ା ଓ ପରୀକ୍ଷାକୁ ନେଇ ଚିନ୍ତିତ ଥିଲେ। ସେ ସବୁ ଯାହା ଯେମିତି ହୋଇଗଲା କିନ୍ତୁ ଗତ ୪ ମାସରୁ ଉର୍ଦ୍ଧ୍ୱ ସମୟ ପରେ ଫଳ ପ୍ରକାଶ ପାଇବ। ଦ୍ୱାଦଶ ଫଳ ପ୍ରକାଶ ପାଇଁ ବୋର୍ଡ ଯେଉଁ ପଦ୍ଧତି ଆପଣାଇଛି ତାହା କିଛି ମାତ୍ରାରେ ଭଲ ହେଲେ ମଧ୍ୟ ମେଧାବୀ ପିଲାମାନେ ମାନସିକ ଭାବେ ଭାଙ୍ଗି ପଡୁଛନ୍ତି। ବର୍ତ୍ତମାନ ସମୟରେ ପିଲାଙ୍କ ପାଇଁ ଫଳାଫଳଠାରୁ ମାର୍କ ପ୍ରତିଶତ ବଡ଼ ହୋଇଯାଇଛି।

–ଅକ୍ଷୟ ଦାସ, ଅଭିଭାବକ, ଭୁବନେଶ୍ୱର

#### ବିଳମ୍ବ ହେଲେ ବି ସ୍ୱାଗତଯୋଗ୍ୟ



ମହାମାରୀ ପାଇଁ ପାଠପଢ଼ା କିଛି ମାତ୍ରାରେ ପ୍ରଭାବିତ ହୋଇଥିଲେ ମଧ୍ୟ ବୋର୍ଡ ପରୀକ୍ଷାଫଳକୁ ନେଇ ଆମେ ଚିନ୍ତିତ ଥିଲୁ। ଫଳ ପ୍ରକାଶ ହେଲେ ଆଗାମୀ ଶିକ୍ଷା ସମ୍ପର୍କରେ ଯୋଜନା ପ୍ରସ୍ତୁତ ସହ ନୂତନ ଶିକ୍ଷାରେ ଯୋଗଦାନ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବୁ। ବିଳମ୍ବ ହେଉ ପଛେ ବୋର୍ଡ ପକ୍ଷରୁ ଗ୍ରହଣ କରାଯାଉଥିବା ପଦ୍ଧତି ସ୍ୱାଗତଯୋଗ୍ୟ।

–ବିଦିଶା ଦାଶ, ଦ୍ୱାଦଶ ଛାତ୍ରୀ, ଭୁବନେଶ୍ୱର

#### ପିଲାଙ୍କ ଭବିଷ୍ୟତକୁ ଚିନ୍ତା କରାଯାଉ



ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ପାଠପଢ଼ାଠାରୁ ଆରମ୍ଭକରି ପରୀକ୍ଷାଫଳ ପର୍ଯ୍ୟନ୍ତ ଏକ ପ୍ରକାର ମାନସିକ ଚିନ୍ତାରେ ରହିଥିଲେ। ଗୋଟିଏ ପଟରେ ମହାମାରୀ ଅପରପକ୍ଷରେ ଘରେ ଅଭିଭାବକଙ୍କ ସ୍ୱପ୍ନ ଆମ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ଦଶମର ଫଳ ବହୁତ ଭଲ କରିଥିବାରୁ ଦ୍ୱାଦଶର ଫଳ ଭଲ କରିବା ସହ ଏକ ଭଲ ଶିକ୍ଷାନୁଷ୍ଠାନରେ ନିଜର ଉ ଚ୍ଚ ଶିକ୍ଷା ପାଇଁ ଯେଉଁ ସ୍ୱପ୍ନ ରହିଛି ତାହା ବର୍ତ୍ତମାନର ସମୟ ପାଇଁ ଏକ ପ୍ରଶ୍ନବାଚୀ ହୋଇ ରହିଛି। ଭଲ ପିଲାଙ୍କ ଭବିଷ୍ୟତକୁ ଚିନ୍ତା କରାଯାଉ ବୋଲି ସେ ମତବ୍ୟକ୍ତ କରିଛନ୍ତି।

–ରୁଦ୍ରନାରାୟଣ ଦାଶ,ଦ୍ୱାଦଶ ଛାତ୍ର,ଭୁବନେଶ୍ୱର

#### ଶୀଘ୍ର ଫଳ ପ୍ରକାଶ ପାଉ



ମହାମାରୀ ଯୋଗୁ ସ୍କୁଲ ବନ୍ଦ ଥିବାରୁ ଅନ୍‌ଲାଇନରେ ପାଠପଢ଼ା ହୋଇଥିଲେ ମଧ୍ୟ ଠି କ୍ ଭାବେ ସେସବୁ ପିଲାଙ୍କ ପକ୍ଷରେ ଗ୍ରହଣୀୟ ହୋଇପାରିନାହିଁ। ପାଠପଢ଼ା ଯାହା ବି ହେଉ ବୋର୍ଡ ପରୀକ୍ଷାଫଳକୁ ନେଇ ପିଲାଙ୍କଠାରୁ ଅଭିଭାବକ ପର୍ଯ୍ୟନ୍ତ ଚିନ୍ତିତ ଥିଲେ। ସିବିଏସ୍‌ଇ ଯାହା ବି କରୁ ଯେତେ ଶୀଘ୍ର ଫଳ ପ୍ରକାଶ କଲେ ସେହି ଅନୁସାରେ ଅଭିଭାବକମାନେ ଆଗାମୀ ଶିକ୍ଷା ସମ୍ପର୍କରେ ଯୋଜନା ପ୍ରସ୍ତୁତ କରିବେ।

– ଚାରୁବାଳା ନନ୍ଦ, ଅଭିଭାବକ

#### ଏଣ୍ଟ୍ରାନ୍ସ ପାଇଁ ସମୟ ମିଳିବ



କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତିକୁ ସ୍ୱୀକାର କରିବା ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ। ଏଥିସହ ଇଚ୍ଛୁକ ଛାତ୍ରୀଛାତ୍ର ପରୀକ୍ଷା ଦେଇ ପାରିବେ ବୋଲି କୁହାଯାଇଛି। ତେବେ ଏହି ନିଷ୍ପତ୍ତି ଦ୍ୱାରା ଆଗାମୀ ଦିନରେ ହେବାକୁଥିବା ଅନ୍ୟ ଏଣ୍ଟ୍ରାନ୍ସ ପରୀକ୍ଷା ପାଇଁ ଆମକୁ ଅଧିକ ସମୟ ମିଳିଯିବ।

–ବୈଜୟନ୍ତୀ ପଟ୍ଟନାୟକ, ଛାତ୍ରୀ, କଟକ

#### ନିଷ୍ପତ୍ତିକୁ ଗ୍ରହଣ କରିବାକୁ ପଡ଼ିବ



କରୋନା ମହାମାରୀ ସମୟରେ ଦ୍ୱାଦଶ ଛାତ୍ରୀଛାତ୍ରଙ୍କ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତିକୁ କିଛି ପିଲା ସ୍ୱାଗତ କରିଥିବା ବେଳେ କିଛି ପିଲା ନିରାଶ ହୋଇଛନ୍ତି। ତେବେ ସମସ୍ତଙ୍କୁ ସୁହାଇବା ଭଳି ସିବିଏସ୍‌ଇ ବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ତାହା ସମସ୍ତଙ୍କୁ ଗ୍ରହଣ କରିବାକୁ ପଡିବ।

**–ପ୍ରଭୁଚରଣ ମହାନ୍ତି,ସେଣ୍ଟ ଜାଭିୟର ଗ୍ରୁପ୍, କଟକ**

#### ମାପକାଠି ଠିକ୍ ହୋଇନାହିଁ



ସିବିଏସ୍‌ଇ ସୁପ୍ରିମକୋର୍ଟରେ ଦାଖଲ କରିଥିବା ଦ୍ୱାଦଶ ଶ୍ରେଣୀ ପିଲାଙ୍କ ଉତ୍ତୀର୍ଣ୍ଣ ନେଇ ନିର୍ଦ୍ଧାରଣ ହୋଇଥିବା ମାପକାଠି ଠିକ୍ ହୋଇନାହିଁ। ମାଟ୍ରିକ ପରୀକ୍ଷାର ମାର୍କକୁ ବାଦ୍ ଦେଇ କେବଳ ଯୁକ୍ତଦୁଇର ସମସ୍ତ ପରୀକ୍ଷାର ମାର୍କକୁ ମିଶାଇ ମାପକାଠି ନିର୍ଦ୍ଧାରିତ ହୋଇଥିଲେ ଉଚିତ ହୋଇଥାନ୍ତା। ଏଭଳି ଅନେକ ଛାତ୍ରୀଛାତ୍ର ଅଛନ୍ତି ଯେଉଁମାନେ ପ୍ରିବୋର୍ଡ ପରୀକ୍ଷା ଦେଇ ନାହାନ୍ତି। ସେମାନଙ୍କ ପାଇଁ ଏହି ମାପକାଠି ସମ୍ପୂର୍ଣ୍ଣ ଭୁଲ୍ ହୋଇଯିବ।

**–କୁମାର ରୋଶନ, ଯାଜପୁର ରୋଡ, ଯାଜପୁର**

#### ଭବିଷ୍ୟତକୁ ଦେଖି ନିଷ୍ପତ୍ତି ନିଆଯାଉ



ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାର ଯାହା ନିଷ୍ପତ୍ତି ନେବେ ଆମେ ତାକୁ ସ୍ୱାଗତ କରିବୁ। ମେଧାବୀ ଛାତ୍ରୀଛାତ୍ରୀଙ୍କ କ୍ୟାରିୟର ମାର୍କିରେ ଯେପରି କୌଣସି ଅସୁବିଧା ନ ହୁଏ ସେଥିପାଇଁ ସରକାର ଯତ୍ନବାନ ହେବାର ଆବଶ୍ୟକତା ରହିଛି।

**– ବୈଶବୀ ମହାନ୍ତି, ଯୁକ୍ତ ୨ ଛାତ୍ରୀ, ବାଲେଶ୍ୱର।**

# ପ୍ରସ୍ତାବିତ ସ୍ଥାନ ଦେଖିଲା କେନ୍ଦ୍ରୀୟ ଟିମ୍

- ପୁରୀରେ ହେବ ଆନ୍ତର୍ଜାତିକ ବିମାନ ବନ୍ଦର
- କେନ୍ଦ୍ରକୁ ଚିଠି ଲେଖିଥିଲେ ମୁଖ୍ୟମନ୍ତ୍ରୀ

**ପୁରୀ ଅଫିସ,୧୭।୬**

ପୁରୀରେ ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନବନ୍ଦର ପ୍ରତିଷ୍ଠା ପାଇଁ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ (ଏଏଆଇ)ଙ୍କ ପକ୍ଷରୁ ଏକ କେନ୍ଦ୍ରୀୟ ଟିମ୍ ଗୁରୁବାର ପ୍ରସ୍ତାବିତ ସ୍ଥାନ ବୁଲି ଦେଖିଛି। କେନ୍ଦ୍ରୀୟ ଅଧିକାରୀମାନେ ସିପସରୁବାଲି ଅଞ୍ଚଳ ବୁଲି ଦେଖିବା ସହ ଏ ସଂକ୍ରାନ୍ତ ନକ୍ସା ଓ କାଗଜପତ୍ର ଯାଞ୍ଚ କରିଛନ୍ତି। ଏହି ଟିମ୍‌ରେ ଶାନ୍ତନୁ ଫାଲନିକର, ବି. ବିନୋଦ କୁମାର ପିଲାଇ ଏବଂ ସୁଶୀଲ ବର୍ମା ସାମିଲ ଥିବାବେଳେ ଭୁବନେଶ୍ୱରର ୨ଜଣ ବିଭାଗୀୟ ଅଧିକାରୀ ରହିଥିଲେ। ପୁରୀ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଡିଏଫ୍‌ଓ ପି. ରାମାସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଜିଲାପାଳ ସୂଚନା ଦେଇ କହିଛନ୍ତି, ପୂର୍ବାହ୍ନରେ ଅଧିକାରୀମାନେ ପ୍ରସ୍ତାବିତ ଅଞ୍ଚଳ ଅନୁଧ୍ୟାନ କରିଥିଲେ। ସିପସରୁବାଲି ଅଞ୍ଚଳର ଭୌଗୋଳିକ ଅବସ୍ଥା, ବିମାନ ଉଡ଼ାଣ ଓ ଅବତରଣ ନିମନ୍ତେ ଆବଶ୍ୟକ ସ୍ଥାନ, ଯୋଗାଯୋଗ ବ୍ୟବସ୍ଥା, ଅର୍ଥନୈତିକ ପ୍ରଭାବ, ବାୟୁ ପ୍ରବାହ ଦିଗ ଆଦି ସମ୍ପର୍କରେ ଟିମ୍‌କୁ ସବିଶେଷ ତଥ୍ୟ ପ୍ରଦାନ କରାଯାଇଛି। ପରେ ଅପରାହ୍ନରେ ସର୍କିଟ୍ ହାଉସରେ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ଜିଲା ପ୍ରଶାସନ ଆଲୋଚନା କରିଛି। ଦିଆଯାଇଥିବା ରିପୋର୍ଟକୁ ନେଇ ଉକ୍ତ ଟିମ୍ ଖୁସି ବ୍ୟକ୍ତ କରିଛି। ବିମାନ ବନ୍ଦର ପାଇଁ ସମ୍ପୃକ୍ତ ଅଞ୍ଚଳରେ ପ୍ରାୟ ୧୫ ଶହ ଏକର ଜାଗା ରହିଛି। ଆବଶ୍ୟକ ଅନୁଯାୟୀ ଜମି ଚିହ୍ନଟ କରାଯାଇ ଯୋଗାଇ ଦିଆଯିବ।


ଅଧିକାରୀମାନେ ସିପସରୁବାଲି ଅଞ୍ଚଳରେ ପ୍ରସ୍ତାବିତ ବିମାନବନ୍ଦର ନକ୍ସା ଦେଖୁଛନ୍ତି।

ତେବେ ସରକାରୀ ଜମି ଅଧିଗ୍ରହଣ ହୋଇସାରିଛି। ସୂଚନାଯୋଗ୍ୟ, ପୁରୀକୁ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଆସୁଥିବାରୁ ସହର ନିକଟରେ ଏକ ଆନ୍ତର୍ଜାତିକ ବିମାନବନ୍ଦର ପ୍ରତିଷ୍ଠାର ଆବଶ୍ୟକତା ଥିବା ଦର୍ଶାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବରୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ। ଏହାର ନାମ ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦର ରଖାଯିବା ପାଇଁ ମଧ୍ୟ ସେ ପ୍ରସ୍ତାବ ଦେଇଥିଲେ। ସେହି ଅନୁଯାୟୀ ଏବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାପଡ଼ିଛି।



Authorised Tata Motors Dealers:
BHUBANESWAR Trupti Enterprises: 8448512636
BHUBANESWAR Dion Automotives: 9319452597
NAYAGARH Trupti Enterprises: 9311324875
PARADIP Trupti Enterprises: 9311324877
CUTTACK Gugnani Autocars: 7303658971
Images and illustrations are indicative and for information purpose only. All features/specifications are not available in all variants and may vary for different variants. Accessory may or may not be part of standard fitment. *Segment refers to petrol sedan less than 4 meter with up to 1.2L Engine. **Segment refers to hatchback less than 3.9 meter. ##Safety rating for adult occupant protection. *Starting price for all models are Ex-showroom price Delhi ^EMI has been calculated as per Step-up EMI scheme from HDFC Bank for Loan amount of ₹5.15 Lakh for Tigor and ₹4.45 Lakh for Tiago. This EMI is applicable for first 6 months after which it will increase depending upon the loan tenure. ^^Offer valid till stocks last. Terms and conditions apply.

ଚେତନାକୁ ବ୍ୟାପକ କରିବା ଦ୍ୱାରା ଯଥାର୍ଥ ବିଶ୍ରାମ ମିଳେ। ବିଶ୍ୱ ପରି ବିରାଟ ଓ ବିପୁଳ ହୁଅ। ତୁମେ ସର୍ବଦା ହିଁ ବିଶ୍ରାମରେ ରହିପାରିବ। -ଶ୍ରୀମା



# ଏକ ତ୍ରୁଟିପୂର୍ଣ୍ଣ ଅନ୍ୱେଷଣ



ଜାଚରୀ କାରାବେଲ୍

ନିକଟରେ ଆମେରିକାର ପୋଡ୍‌କାଷ୍ଟର ଜୋଏ ରୋଗନ ଶୀର୍ଷକରେ ପ୍ରକାଶ କରିଛନ୍ତି ଯେ,ସମ୍ପ୍ରତି ଆମେରିକାର ସାଂସ୍କୃତିକ ପଥ ଯାହା ରହିଛି ତାହା ଗୋରା ଲୋକଙ୍କୁ ଅନ୍ତତଃ ବାହାରକୁ ଯିବାକୁ ଅନୁମତି ଦେବ ନାହିଁ। ଅନ୍ୟ ପକ୍ଷରେ ୟୁନିଭର୍ସିଟି ଅଫ୍ ନର୍ଥ କାରୋଲିନା ନ୍ୟୁୟର୍କ ଟାଇମ୍ସର ପୁଲିଜର ପୁରସ୍କାର ବିଜେତା ନିକୋଲି ହନ୍ନା- ଜୋନ୍ସଙ୍କୁ ଆମେରିକାର କ୍ରୀତଦାସ ଇତିହାସ ସମ୍ପର୍କିତ ୧୬୧୯ ପ୍ରୋଜେକ୍ଟ ଉପରେ କାମ କରିବାକୁ ମନାକଲା। ଆଉ ଏକ ଘଟଣାରେ ଐତିହାସିକ ବ୍ଲାକ୍ ହୋଓ୍ୱାର୍ଡ ୟୁନିଭର୍ସିଟି ଏହାର ଶାସ୍ତ୍ରୀୟ ବିଭାଗକୁ ବନ୍ଦ ବା ଶେଷ କରିଦେଲା। ହାର୍ଭାର୍ଡ ଫିଲୋସଫର କର୍ନେଲ ୱେଷ୍ଟ ଏହି ନିଷ୍ପତ୍ତିକୁ ଏକ ଆଧାତ୍ମିକ ମହାପ୍ରଳୟ ଭାବେ ବର୍ଣ୍ଣନା କଲେ। ଏହି ଶୀର୍ଷକଗୁଡ଼ିକରୁ ବୁଝାପଡୁଛି ଯେ, ଆଜିର ସଚେତନ ଯୁଗରେ ତଥାପି ସେମାନେ କିଏ ବୋଲି ଆମେରିକୀୟମାନଙ୍କୁ ମୂଲ୍ୟାଙ୍କନ କରିବାର ଆବଶ୍ୟକତା ରହିଛି। ତ୍ରୁଟିପୂର୍ଣ୍ଣ , ଅଧୁରା ଜାତୀୟ ଇତିହାସକୁ ଦେଶର ସମ୍ପତ୍ତି ଭାବେ ସ୍ୱୀକୃତି ଦେଇ ଜଣଙ୍କର ଅନ୍ୟ ସହ ଥିବା ଏକତରଫା ଭାବକୁ ଦୂର କରିବାର ଯେଉଁ ଅନ୍ୱେଷଣ ଜାରି ରଖିଛି ତାହା କେବେ ବି ସଫଳ ହୋଇପାରିବ ନାହିଁ। ସେ ଯାହା ହେଉ ଏକ ନୈତିକ ବିଶ୍ୱରେ ଜାତି,ବର୍ଣ୍ଣ , ଧର୍ମ ନିର୍ବିଶେଷରେ ଆମେରିକୀୟମାନେ ସେମାନଙ୍କ ଅତୀତର ବିଭିନ୍ନ ବିଷୟକୁ ଆଲୋଚନା କରିବା ସହ ତାହାକୁ ସମ୍ମାନ ଦେବେ। ଅଧିକାଂଶ ଆମେରିକୀୟଙ୍କର ସମସ୍ୟା ହେଉଛି ସମାଜରେ ଥିବା ଜାତିବାଦ ଓ ସମାନତା ଉପରେ ସଚେତନତାକୁ ସ୍ୱୀକାର କରିବା ପାଇଁ ସେମାନଙ୍କୁ ଶ୍ୱେତାଙ୍ଗବାଦ ବିରୋଧରେ ଲଢ଼େଇ କରି ନିୟନ୍ତ୍ରଣ କରିବାକୁ ପଡ଼ିବ; ଯଦିଓ ଅତୀତରେ ଆମେରିକାର ଅନେକ ରାଜ୍ୟ ଜାତିଗତ ଦୃଷ୍ଟିରୁ ଶ୍ୱେତାଙ୍ଗ ବହୁଳ ରହିଆସିଛି। ଆମେରିକୀୟମାନେ ସହଜରେ ତାହାକୁ ଦୂର କରି ପାରିବେ ନାହିଁ କିମ୍ବା ପ୍ରାରମ୍ଭରୁ ରହିଥିବା ଏହି ସମସ୍ୟାକୁ ଆୟତ୍ତ କରିପାରିବେ ନାହିଁ। ଆମେ ଅସମାନତାକୁ ଆଉ ଏକ ଅସମାନତା ସୃଷ୍ଟି କରି ସମାଧାନ କରିପାରିବା ନାହିଁ। ଅନ୍ତତଃ ଆମେରିକାର ଜାତୀୟ ଇତିହାସ ଦୃଷ୍ଟି କୋଣରୁ ଦେଖିଲେ ସେଠାକାର ଦ୍ୱେତ ସଂସ୍କୃତି ଏକ ଆହ୍ୱାନ ହୋଇ ରହିଆସିଛି। ୧୯୫୦ ଦଶକରେ ଲୋକଙ୍କ ସ୍ୱାଧୀନତା, ମଧ୍ୟବିତ୍ତଙ୍କ ସମୃଦ୍ଧିଶୀଳତା, ଲୋକତନ୍ତ୍ର ଏବଂ ନାଗରିକଙ୍କ ପାଇଁ ଗୋଟିଏ ସ୍ୱରର ଉଲ୍ଲେଖନୀୟ ଇତିହାସ ଦେଶକୁ ଭିନ୍ନ ଭାବେ ପ୍ରଦର୍ଶିତ କରିଥିଲା। ନିର୍ଯାତନାରୁ ମୁକ୍ତି ପାଇବା କ୍ରୀତଦାସର ଇତିହାସ ଭିନ୍ନ ଥିଲା, କିନ୍ତୁ ଗୃହଯୁଦ୍ଧ ଏବଂ ମୁକ୍ତି ଉଦ୍‌ଘୋଷଣର ପ୍ରଦର୍ଶନରୁ ଆମେରିକା ବାସ୍ତବରେ ଦୂରେଇ ଯାଇ ଶେଷରେ ନ୍ୟାୟୋଚିତ ପଥକୁ ଫେରି ଆସିଥିଲା। ଗୃହଯୁଦ୍ଧର ପରବର୍ତ୍ତୀ ପୁନର୍ଗଠନ ଏବଂ ତା'ପରେ ସେତେବେଳର ସଂଘୀୟ ରାଜ୍ୟଗୁଡ଼ିକରେ ଆଇନଗତ ଭାବେ ଲାଗୁ କରାଯାଇଥିବା ଜାତିଗତ ବିଭାଜନର ଜିମ୍ କ୍ରେଙ୍କ ଯୁଗର ଇତିହାସକୁ ପ୍ରାୟତଃ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିଲା। ତଥାପି ଏହା ଥିଲା ବିଜୟର କାହାଣୀ ବା ଇତିହାସ ; ଆଉ ଏହି ବିଜୟର ଭୂମିକାରେ ରହିଥିଲେ ସମସ୍ତ ଗୋରା ଲୋକ। ଆମେରିକାର ମୂଳ ବାସିନ୍ଦାମାନେ ଏଥିରେ ମୁଖ୍ୟତଃ ଦେଖାଯାଇଥିଲେ। ସେମାନେ ପ୍ରଥମ ଥ୍ୟାଙ୍କସଗିଭିଙ୍ଗରେ ସଂକ୍ଷିପ୍ତ ଭୂମିକାରେ ଅବତୀର୍ଣ୍ଣ ହୋଇ ପରେ ଗୃହଯୁଦ୍ଧରେ ଶତ୍ରୁ ଭାବେ ରହିଥିଲେ। ଅଳ୍ପ କେତେ ଜଣ ଆଫ୍ରିକୀୟ- ଆମେରିକୀୟ ଯଥା କୃଷି ବିଜ୍ଞାନୀ ତଥା ଉଦ୍ଭାବକ ଜର୍ଜ ଓ୍ୱାଶିଂଟନ କାର୍ଭର ଏବଂ ଶିକ୍ଷାବିତ୍ ତଥା ଲେଖକ ବୁକର୍ ଟି ଓ୍ୱାଶିଂଟନ ଇତିହାସକୁ ସୁଦୃଢ଼ କରିବାକୁ କମ୍ ସମୟ ପାଇଁ ସାମ୍ନାକୁ ଆସିଥିଲେ।

ଷାଠିଏ ଏବଂ ସତୁରି ଦଶକର ଶେଷ ଆଡକୁ ସେହି ଇତିହାସ ପ୍ରାୟତଃ ସମ୍ପୂର୍ଣ୍ଣ ବଦଳିଯାଇଥିଲା । ଯେଉଁମାନେ ନାୟକ ଥିଲେ ସେମାନେ ଖଳ ନାୟକ ପାଲଟିଗଲେ। ଏହି ଇତିହାସ ଦାସତ୍ୱ ପ୍ରଥା ବିରୋଧୀ ଫ୍ରେଡେରିକ୍ ଡୋଗ୍‌ଲାସ୍ ଏବଂ ହାରିଏଟ ଟ୍ୟୁବମ୍ୟାନ ଏବଂ ମହିଳା ରାଇଟ୍ ଆକ୍ଟିଭିଷ୍ଟ ସୁସାନ ବି. ଆନ୍ଥୋନୀଙ୍କ ଭଳି ହିରୋଙ୍କୁ ନୂଆକରି ଆଣିବା ସହ ଅନ୍ଧାର ଘେରରେ ରହିଥିବା ଅନ୍ୟାୟକୁ ସାମ୍ନାକୁ ଆଣିଲା। ଏହା ସହ କଳାଲୋକଙ୍କୁ ବ୍ୟାପକ ହତ୍ୟା ଏବଂ ୧୯୨୧ର 'ଟୁଲ୍‌ସା ରେସ୍ ମାସାକ୍ରେ' ବା ଟୁଲ୍‌ସା ଜାତିଗତ ଗଣହତ୍ୟାକୁ ଲୋକଲୋଚନକୁ ଆଣିଲା। ଆମେରିକା ଲଗାତର ଉଦ୍ଦେଶ୍ୟମୂଳକ ଭାବେ ଉତ୍ପୀଡନର ଇତିହାସର ବାସ୍ତବତାକୁ ବଦଳାଇ ଭିନ୍ନ ଭାବେ ଉପସ୍ଥାପନ କରିଥିଲା କିମ୍ବା ଲୋପ କରିଦେଇଥିଲା ଓ ଏବେ ପୁଣି ତାହା ଦୃଶ୍ୟମାନ ହେଲା। ଯେଉଁଥିପାଇଁ ମ୍ୟାଲ୍‌କମ ଏକ୍ସ ଏକ ଅବିସ୍ମରଣୀୟ କଥା କହିଛନ୍ତି-' ଆମ ପୂର୍ବପୁରୁଷମାନେ ତୀର୍ଥଯାତ୍ରୀ ନ ଥିଲେ। ଆମେ ପ୍ଲାଏମାଉଥ୍ ରକ୍‌ରେ ପହଞ୍ଚି ନ ଥିଲୁ ବରଂ ଏହି ରକ୍ ଆମ ଉପରେ ପଡ଼ିଥିଲା।'

ଏବେ ଆମେରିକା ଇତିହାସକୁ ଲୋପ କରିଦେବା ଏବଂ ଜାତି ବିରୋଧୀ ଉଦ୍ୟମ ଯୋଗୁ ଏକ ରକ୍ଷଣଶୀଳ ପ୍ରତିକ୍ରିୟା ପ୍ରକାଶ ପାଇଛି। ସ୍କୁଲ୍ ପାଠ୍ୟକ୍ରମରୁ 'କ୍ରିଟିକାଲ ରେସ୍ ଥିଓରି' ସମ୍ପର୍କିତ ଶିକ୍ଷାଦାନକୁ ବନ୍ଦ କରିବାକୁ ନେଇ ଷ୍ଟେଟ୍ ଲେଜିସଲେଟିଭ୍‌ଗୁଡ଼ିକରେ ବିଲ୍ ପାସ୍ କରିବାକୁ ରିପବ୍ଲିକାନ୍ ନୀତି ନିର୍ଦ୍ଧାରକମାନେ ଆଗକୁ ବଢୁଥିବା ଯୋଗୁ ଏହା ଦେଖାଦେଇଛି। ଏହା ଏକ ସଙ୍କଟଜନକ ପରିସ୍ଥିତି। ଏଭଳି ସ୍ଥିତି ମାଧ୍ୟମରେ ଶ୍ୱେତାଙ୍ଗମାନେ ଆମେରିକା ଲାଗି ବହୁତ କିଛି କରିଥିଲେ ଓ ଏବେ କରିପାରନ୍ତି ବୋଲି ଜଣାଇ ଦେବାକୁ ଚାହାନ୍ତି। ଅବଶ୍ୟ ଏଭଳି ଭିନ୍ନ ଇତିହାସ ସୃଷ୍ଟି କରିବାର ଅର୍ଥ ଏକ ଅନିୟନ୍ତ୍ରିତ ବା ଅପ୍ରିୟ ଘଟଣାକୁ ଇଙ୍ଗିତ କରୁଛି। ଏଥିପାଇଁ କିଏ ବେଶି ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ କ୍ଷମତା ପ୍ରୟୋଗ କରିଛନ୍ତି, ତାହାକୁ ଦେଖିଲେ ଅନ୍ତତଃ କହିବାକୁ ପଡ଼ିବ ଯେ, ଗୋରା ଲୋକମାନଙ୍କର ଏଥିରେ ଅଧିକ ପ୍ରତିନିଧିତ୍ୱ ରହିଛି।

ମୁଁ ନିକଟରେ ଦୁଇ ଶତାବ୍ଦୀରୁ ଊର୍ଦ୍ଧ୍ୱ ଧରି ଆମେରିକାରେ କାର୍ଯ୍ୟରତ ଏକ ପାରିବାରିକ ଇନ୍‌ଭେଷ୍ଟମେଣ୍ଟ ଫାର୍ମ -ବ୍ରାଉନ ବ୍ରଦର୍ସ ହ୍ୟାରିମ୍ୟାନଙ୍କୁ ଅନୁଧ୍ୟାନ କରି ଏକ ଇତିହାସ ଲେଖିଥିଲି। ଆମେରିକା ଇତିହାସର ବୃହତ୍‌କାୟ ରୂପରେ ଏକ ସୂକ୍ଷ୍ମ ସ୍ୱରୂପକୁ ବିଭିନ୍ନ ପ୍ରକାରରେ ଏହି ଇତିହାସରେ ସ୍ଥାନ ଦେଇଛି ଏବଂ ଦ୍ୱୈତଭାବବାଦରେ କିଭଳି ଆମ ଇତିହାସ ଆଗ ପଛ ହୋଇଛି ତାହା ମଧ୍ୟ ଦର୍ଶାଇଛି। ସେମାନେ ସ୍ଥାୟୀ ପୁଞ୍ଜିବାଦର ପ୍ରତୀକ ହୋଇଛନ୍ତି, କିନ୍ତୁ ସେମାନେ କ୍ରୀତଦାସ ମହିଳା ପୁରୁଷଙ୍କ ଶ୍ରମ ଆଧାରରେ କପା ବ୍ୟବସାୟକୁ ମଜଭୁତ କରିବା ସହ ଏଥିରେ ପ୍ରଚୁର ପାଣ୍ଠି ଲଗାଇବା ଯୋଗୁ ପ୍ରସିଦ୍ଧି ଲାଭ କରିଛନ୍ତି। ସେମାନେ ଲୋକଙ୍କ ସେବା ପାଇଁ ସ୍ୱର ଉଠାଇଛନ୍ତି, ନୈତିକ ଆବଶ୍ୟକତା କଥା କହିଛନ୍ତି, କିନ୍ତୁ ନିକାରାଗୁଆକୁ ଅଧିକାର କରିବାରେ ଆମେରିକାର ଯୋଜନାକୁ ସାହାଯ୍ୟ କରିଛନ୍ତି। ସେହି ଦେଶର ସରକାରଙ୍କଠାରୁ ସେମାନେ ଦେଇଥିବା ଋଣ ପରିଶୋଧ କରିବା ପାଇଁ ଏଭଳି କରିଥିଲେ। ଏହି ଫାର୍ମରେ ଶ୍ୱେତ ପୁରୁଷଙ୍କ ବିଶେଷ ଅଧିକାର ରହିଛି। ଏହା ଅନେକ ଆମେରିକୀୟ ଇତିହାସ ରଚିବା ଆରମ୍ଭ କରିଥିଲା, ଯେଉଁଥିରେ ଆୟର୍ଲାଣ୍ଡର ବ୍ୟବସାୟୀ ଆଲେକ୍‌ଜାଣ୍ଡର ବ୍ରାଉନ୍ ୧୮୦୦ରେ ଜାତିଗତ ଦଙ୍ଗା ଯୋଗୁ ବେଲ୍‌ଫାଷ୍ଟ ଛାଡି ବଲଟିମୋରକୁ ପଳାଇଯାଇଥିଲେ। ସେ ଯେଉଁ କମ୍ପାନୀ ପ୍ରତିଷ୍ଠା କରିଥିଲେ ତାହା ଆମେରିକାର ଅର୍ଥନୀତିର ବିକାଶକୁ ନୂଆ ରୂପ ଦେଇଥିଲା। ସେ କଟନ ବ୍ୟବସାୟକୁ ପାଣ୍ଠି ଯୋଗାଇ ନଥିଲେ ବରଂ ଆମେରିକାର ପ୍ରଥମ ରେଲ୍‌ରୋଡ( ବଲଟିମୋର-ଓହିଓ) ଏବଂ ଟ୍ରାନ୍ସଆଣ୍ଟଲାଟିକ ଷ୍ଟିମ୍ ଲାଇନକୁ ବି ପାଣ୍ଠି ଯୋଗାଇଥିଲେ। କପା ବ୍ୟବସାୟ କରିବା ସତ୍ତ୍ୱେ ବି ପ୍ରତିଷ୍ଠାତା ସଦସ୍ୟ ଭାବେ କ୍ରୀତଦାସ ବିରୋଧୀ ରିପବ୍ଲିକାନ ପାର୍ଟିରେ ସଦସ୍ୟମାନେ ଏଥିରେ ରହିଥିଲେ। ଏହା ଦେଖିବା ପରେ ବ୍ରାଉନ ବ୍ରଦର୍ସ ହ୍ୟାରିମ୍ୟାନ ଦୃଷ୍ଟାନ୍ତ ସୃଷ୍ଟି କରିବା ଲାଗି ଇଷ୍ଟକୋଷ୍ଟ ଡବ୍ଲ୍ୟୁଏଏସପି ପ୍ରତିଷ୍ଠାନ ଗଢି ଏହା ଦ୍ୱାରା ସେମାନେ ଏକ ଅଧିକ ଲାଭପ୍ରଦ ଏବଂ ବିପଦଶୂନ୍ୟ ଭାଗୀଦାରି ପୁଞ୍ଜିବାଦକୁ ପ୍ରୋତ୍ସାହିତ କରିବାକୁ ସାହାଯ୍ୟ କଲେ। କ୍ରମଶଃ ଆଭିଜାତ୍ୟ,ତାରତମ୍ୟ ବିଶ୍ୱର ଦ୍ୱାର ସମସ୍ତଙ୍କ ପାଇଁ ବନ୍ଦ ହୋଇଗଲା ପରେ କିଛି ବିଶେଷାଧିକାର ଷାଠିଏ ସତୁରି ଦଶକ ମଧ୍ୟରେ ବି ସମର୍ଥନ ହରାଇଲା। ଏବେ ଠିକ୍ ବିପରୀତ ଦେଖାଦେଇଛି। ଅଧିକ ସମତାବାଦୀ ଆଭିଜାତ୍ୟ ବର୍ଗ ଯେଉଁମାନେ ଅତୀତରେ ବ୍ୟବସାୟ ଓ ଫାଇନାନ୍ସର ଶକ୍ତିଶାଳୀ ବ୍ୟକ୍ତି ବିଶେଷ ରହିଥିଲେ ସେମାନେ ମଧ୍ୟ ଜନସେବା ବା ହିତରେ ବିଶ୍ୱାସ କଲେ।

ତେବେ ଆମେରିକା ସ୍ୱାଧୀନତା, ଲୋକତନ୍ତ୍ର ଏବଂ ଉଦାରତାର ଏକ ସବୁଠୁ ଭଲ ସ୍ଥାନ ବୋଲି ଯେଉଁ ଅହଂକାରୀ ବିଶ୍ୱାସ ରହିଛି ତା'ଉପରେ ଲଗାତର ଗମ୍ଭୀର ପ୍ରଶ୍ନ ଉଠିବା ସ୍ୱାଭାବିକ। ତଥାପି ଆମେରିକାର ଅପବାଦର ଆଉ ଏକ ରୂପ ରହିଛି। ଆମେରିକା ଏକ ଶ୍ରେଷ୍ଠ ଦେଶ ନୁହେଁ ,ବରଂ ସବୁଠୁ ଖରାପ ରାଷ୍ଟ୍ର ବୋଲି ଆମର ଯେଉଁ ଧାରଣା ରହିଛି ତାହା ମଧ୍ୟ ସମାନ ଭାବେ ବିକୃତ ଏବଂ ବିଷାକ୍ତ ଓ ଅହଂକାରୀ। ଆମର ଜଟିଳ ଇତିହାସକୁ ସାମ୍ନା କରି ଏବଂ ଶେଷରେ ଏକ ଅଧିକ ଲାଭପ୍ରଦ, ସମନ୍ୱିତ ଏବଂ ଉଦାର ସଂସ୍କୃତିକୁ ଆପଣାଇବା ଏହି ସଙ୍କଟଜନକ ପରିସ୍ଥିତିରେ କଠିନ ହୋଇପାରେ। କିନ୍ତୁ ଏହା ମଧ୍ୟ ଆହୁରି ଜରୁରୀ ଯେ, ଆମେ କିଏ ଏବଂ ଆମେ କ'ଣ ହେବାକୁ ସକ୍ଷମ ତାହାକୁ ବୁଝିବାକୁ ପଡ଼ିବ।

ଫାଉଣ୍ଡର, ଦି ପ୍ରୋଗ୍ରେସ ନେଟ୍‌ଓ୍ୱର୍କ

## ମୀମାଂସା ଦର୍ଶନ



ଡା. ଗୋପାଳ ଚନ୍ଦ୍ର ଦାଶ

ଷଟ୍ ଦର୍ଶନ ମଧ୍ୟରେ ମୀମାଂସା ଦର୍ଶନ ବୃହତ୍ତମ। ଏହାର ସୂତ୍ରସଂଖ୍ୟା ୨୬୪୪। ଅନ୍ୟ ପାଞ୍ଚଗୋଟି ଦର୍ଶନରେ ଯେତିକି ସୂତ୍ର ଅଛି, ଏକାକୀ ମୀମାଂସା ଦର୍ଶନରେ ସେତିକି ସୂତ୍ର ଅଛି। ମହର୍ଷି ଜୈମନୀ ଏହି ଦର୍ଶନର ରଚୟିତା। ଏହି ଦର୍ଶନ ପ୍ରାୟ ଦୁଇ ହଜାର ବର୍ଷରୁ ଅଧିକ ପୁରୁଣା। ମୀମାଂସା ଦର୍ଶନକୁ ପୂର୍ବ ମୀମାଂସା କୁହାଯାଏ। ବ୍ୟାସଦେବଙ୍କ ରଚିତ ବ୍ରହ୍ମସୂତ୍ରକୁ ଉତ୍ତର ମୀମାଂସା ଦର୍ଶନ କୁହାଯାଏ। ମୀମାଂସା ଦର୍ଶନ ୧୨ ଗୋଟି ଅଧ୍ୟାୟରେ ବିଭକ୍ତ ଓ ପ୍ରତି ଅଧ୍ୟାୟ କେତେଗୋଟି ପାଦକୁ ନେଇ ଗଠିତ। ଏହି ଦର୍ଶନ ବେଦକୁ ଧର୍ମ ସମ୍ବନ୍ଧରେ ପ୍ରମାଣ ବୋଲି ମାନ୍ୟତା ପ୍ରଦାନ କରିଥାଏ। ଏହା ବେଦ ବର୍ଣ୍ଣିତ ଯଜ୍ଞକୁ ସ୍ୱୀକାର କରେ। ପ୍ରଥମ ସୂତ୍ରରେ ଧର୍ମର ଲକ୍ଷଣ ସମ୍ବନ୍ଧରେ ବର୍ଣ୍ଣନା କରି ମହର୍ଷି ଜୈମନୀ କହିଛନ୍ତି, ''ଅଥତୋ ଧର୍ମ ଜିଜ୍ଞାସା''। ତାଙ୍କ ମତରେ ଗୃହସ୍ଥିମାନେ କର୍ମକାଣ୍ଡ ମୂଳକ ଧର୍ମ ଦ୍ୱାରା ଧର୍ମ, ଅର୍ଥ, କାମ ଓ ମୋକ୍ଷ ଆଦି ଚାରି ପୁରୁଷାର୍ଥ ସିଦ୍ଧ କରିଥାଆନ୍ତି। ଜୈମନୀଙ୍କ ମତରେ ଧର୍ମ ପସନ୍ଦ ଉପରେ ନିର୍ଭର ପଦାର୍ଥ ନୁହେଁ, ଏହା ଏକ ନୈତିକ ନିୟମ ଯାହା ପ୍ରତ୍ୟେକ ମନୁଷ୍ୟ ନିମନ୍ତେ ଆବଶ୍ୟକ। ତେଣୁ ଦ୍ୱିତୀୟ ସୂତ୍ରରେ କହିଛନ୍ତି, ''ଚୋଦନା ଲକ୍ଷଣୋ ଆର୍ଥୋ ଧର୍ମଃ।'' ଅର୍ଥାତ୍ ବିଧାନରେ ଆସିଥିବା ଅର୍ଥକୁ ଧର୍ମ କୁହାଯାଏ। ସରଳ ଭାଷାରେ, ସମାଜର କଲ୍ୟାଣ ଦୃଷ୍ଟିରୁ ମହାପୁରୁଷମାନଙ୍କର ଆଦେଶକୁ ମାନି ଯେଉଁ କାର୍ଯ୍ୟ କରିବା ଉଚିତ୍ ତାହା ଧର୍ମ।

ଏହି ଦର୍ଶନର ପ୍ରଥମ ଭାଷ୍ୟକାର ଆଦିତ୍ୟ ଦେବ। ଯାହାଙ୍କୁ ଶବର ସ୍ୱାମୀ କୁହାଯାଏ। ବୌଦ୍ଧ ଧର୍ମର ପ୍ରବଳ ପ୍ରଚାର ଓ ପ୍ରସାର ଯୋଗୁ ଏହି ଦର୍ଶନ ଅଜ୍ଞାତ ବା ଲୁପ୍ତ ଅବସ୍ଥାରେ ପଡ଼ି ରହିଥିଲା। ସମ୍ଭବତଃ ଦ୍ୱିତୀୟ ଶତାବ୍ଦିରେ ଆଦିତ୍ୟଦେବ ଏହି ଦର୍ଶନର ଭାଷ୍ୟ କରିଥିବା ଅନୁମାନ କରାଯାଏ। ପ୍ରବଳ ବିରୋଧ ଯୋଗୁ ଆଦିତ୍ୟ ଦେବ ଶବର ବେଶରେ ଜଙ୍ଗଲରେ ଲୁଚି ରହିଥିଲେ। ତେଣୁ ତାଙ୍କୁ ଶବର ସ୍ୱାମୀ କୁହାଯାଏ। ବୌଦ୍ଧଧର୍ମୀମାନଙ୍କର ବେଦ ବିରୁଦ୍ଧ ମନ୍ତବ୍ୟ ଯୋଗୁ ଲୁପ୍ତ ହୋଇଥିବା ଏହି ଦର୍ଶନ ଶାସ୍ତ୍ରକୁ କୁମାରିଲ ଭଟ୍ଟ ଓ ତାଙ୍କ ଶିଷ୍ୟମାନେ ପୁନଃ ପ୍ରତିଷ୍ଠା କରିଥିଲେ। ପ୍ରାୟ ସପ୍ତମ ଶତାବ୍ଦିରେ କୁମାରିଲ ଭଟ୍ଟ ଓ ତାଙ୍କର ଦୁଇ ଶିଷ୍ୟ ମଣ୍ଡନ ମିଶ୍ର ଓ ପ୍ରଭାକର ମିଶ୍ର ବୌଦ୍ଧ ମତକୁ ଖଣ୍ଡନ କରି ବୈଦିକ ମତର ପୁନଃ ପ୍ରତିଷ୍ଠା କରିଥିଲେ। ମାତ୍ର ଏହା ତିଷ୍ଠି ରହିପାରିଲା ନାହିଁ। ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆବିର୍ଭାବ ଓ ତାଙ୍କ ଦ୍ୱାରା ପ୍ରଚାରିତ ଅଦ୍ୱୈତ ବେଦାନ୍ତ ସର୍ବଜନ ପ୍ରିୟ ହୋଇଉଠିଲା। ଫଳରେ ମୀମାଂସା ଦର୍ଶନ ସମିତି ହୋଇ ରହିଗଲା। କୁମାରିଲ ଭଟ୍ଟଙ୍କ ଶିଷ୍ୟ ମଣ୍ଡନ ମିଶ୍ର ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଶାସ୍ତ୍ରରେ ପରାଜୟ ହୋଇ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ ଓ ଅଦ୍ୱୈତ ବେଦାନ୍ତର ପ୍ରଚାର କଲେ। ପ୍ରଭାକର ମିଶ୍ର ଶବର ସ୍ୱାମୀଙ୍କର ଭାଷ୍ୟ ଭାଷାରେ ନୂତନ ଟିକା ଲେଖି ମୀମାଂସା ଦର୍ଶନର ସିଦ୍ଧାନ୍ତକୁ ପ୍ରଚାର କଲେ।

ଏହି ଦର୍ଶନ କର୍ମସିଦ୍ଧାନ୍ତ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। ମୀମାଂସାରେ ମୋକ୍ଷ ଭାବନା ଦର୍ଶାଯାଇଛି। ସକାମ କର୍ମ ଅନୁଷ୍ଠାନ ଦ୍ୱାରା ଜୀବାତ୍ମା କର୍ମଫଳ ଭୋଗ କରିବା ପାଇଁ ଜନ୍ମ-ମୃତ୍ୟୁ ଚକ୍ରର ବନ୍ଧନରେ ଘୂରିବୁଲିଥାଏ। ଆତ୍ମଜ୍ଞାନ ପ୍ରାପ୍ତି ହେଲେ ପୂର୍ବ କର୍ମର ସଞ୍ଚିତ ସଂସ୍କାର ନଷ୍ଟ ହୋଇଯାଏ। କାରଣ, ଜ୍ଞାନ ପ୍ରାପ୍ତି ହେଲେ ଜୀବାତ୍ମା ଧର୍ମାଚାରଣ ଦ୍ୱାରା ନିଷ୍କାମ କର୍ମ କରିଥାଏ। ନିଷ୍କାମ କର୍ମ ଜୀବାତ୍ମାକୁ ମୋକ୍ଷ ପ୍ରଦାନ କରିଥାଏ। ମୀମାଂସକମାନେ କର୍ମବାଦୀ। ସେମାନେ ବେଦ ବିହୀତ କର୍ମକୁ ସର୍ବାଧିକ ମହତ୍ତ୍ୱ ଦିଅନ୍ତି। ତେଣୁ ମୀମାଂସାର ମୁଖ୍ୟ ଆଧାର- କର୍ମ ସିଦ୍ଧାନ୍ତ। ଏହା ଏକ କର୍ମକାଣ୍ଡମୂଳକ ଦର୍ଶନ, ଯାହା ବେଦବିହୀତ ଯଜ୍ଞକୁ ସ୍ୱୀକାର କରେ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ କର୍ମ ଯଜ୍ଞ ଅଟେ। ଏହି ଦର୍ଶନରେ ମାନବର ସମସ୍ତ ମହତ୍ତ୍ୱପୂର୍ଣ୍ଣ କର୍ତ୍ତବ୍ୟକୁ ଯଜ୍ଞ ଭାବରେ ଗ୍ରହଣ କରାଯାଇଛି। ଅଗ୍ନିହୋତ୍ରକୁ ଯଜ୍ଞ ବୋଲି ଏହି ଦର୍ଶନରେ କୁହାଯାଇଛି। ବ୍ୟକ୍ତି ନିଜର ଯୋଗ୍ୟତା, ପରିସ୍ଥିତି ଓ ସାଧନ ଅନୁସାରେ ଯଜ୍ଞ ଅନୁଷ୍ଠାନ କରିବା ଉଚିତ। ଯଜ୍ଞରୁ ଉତ୍ପନ୍ନ ହେଉଥିବା ପୁଣ୍ୟ ଓ ପୁଣ୍ୟରୁ ଉତ୍ପନ୍ନ ହେଉଥିବା ଫଳ ସ୍ୱର୍ଗ ବା ମୋକ୍ଷ ପ୍ରଦାନ କରିଥାଏ। ଅର୍ଥାତ୍ ଯଜ୍ଞାନୁଷ୍ଠାନ ଦ୍ୱାରା ବ୍ୟକ୍ତି ସ୍ୱର୍ଗପ୍ରାପ୍ତ ହୁଏ। ତତ୍ତ୍ୱ ବିଚାର ଦୃଷ୍ଟିରୁ ମୀମାଂସା ଦର୍ଶନ ଭୌତିକ ଜଗତକୁ ନିତ୍ୟ ମାନେ। ମୋକ୍ଷ ସମ୍ବନ୍ଧର ମୀମାଂସାର ଦୁଇ ପ୍ରକାର ମତ ମିଳିଥାଏ। ପ୍ରଭାକରଙ୍କ ମତରେ ଆତ୍ମାଠାରୁ ସୁଖ ଓ ଦୁଃଖ ଭଳି ଅନେକ ଗୁଣ ଥାଏ। କୁମାରିଲଙ୍କ ମତରେ ପ୍ରତ୍ୟେକ ପ୍ରାଣୀର ଉଦ୍ଦେଶ୍ୟ ସୁଖ ପ୍ରାପ୍ତି। ସେଥିପାଇଁ ସେ ପୁରୁଷାର୍ଥ କରେ। ପୁରୁଷାର୍ଥ ଦ୍ୱାରା ଦୁଃଖର ନାଶ ହୁଏ ଓ ବ୍ୟକ୍ତି ମନ ଦ୍ୱାରା ସୁଖ ଉପଭୋଗ କରେ। ଜୈମନୀଙ୍କ ରଚିତ ପୂର୍ବ ମୀମାଂସା ଧର୍ମ ସମ୍ବନ୍ଧରେ ଆଲୋଚନା କଲାବେଳେ ବ୍ୟାସଦେବଙ୍କ ରଚିତ ଉତ୍ତର ମୀମାଂସା ଜ୍ଞାନ ସମ୍ବନ୍ଧରେ ଆଲୋଚନା କରିଥାଏ। ଜୈମନୀଙ୍କ ମତରେ ମନୁଷ ବେଦ ଦର୍ଶିତ ଧର୍ମନୀଷ୍ଠ କର୍ମ କରିବା ବେଳେ ବ୍ୟାସଦେବଙ୍କ ମତରେ ମନୁଷ୍ୟ ଜ୍ଞାନନିଷ୍ଠ କର୍ମ କରିବା ଉଚିତ। ମୋଟ ଉପରେ ମୀମାଂସା ଦର୍ଶନରେ ଧର୍ମ ବିଷୟରେ ଜ୍ଞାନ ଲାଭ ପୂର୍ବକ ବୈଦିକ କର୍ମକାଣ୍ଡଗୁଡ଼ିକୁ ନିର୍ଭୁଲ ଭାବରେ ପ୍ରତିପାଦନ କରିବା ପାଇଁ ପରାମର୍ଶ ଦିଆଯାଇଛି।

ମୋ: ୭୮୪୮୮୫୦୯୫୦

## ଏଇ ଭାରତରେ

ଗୋଟିଏ ପାଖରେ ଚାକିରିର ଗୁରୁଦାୟିତ୍ୱ ଓ ଅନ୍ୟପଟେ ଅସହାୟଙ୍କ ସେବା ମଧ୍ୟରେ ସମନ୍ୱୟ ରକ୍ଷା କରି ଆଗକୁ ବଢୁଛନ୍ତି ହରିୟାଣାର ଆଇପିଏସ୍ ଅଧିକାରୀ ଶ୍ରୀକାନ୍ତ ଯାଦବ। ପ୍ରତିଦିନ ଅପରାହ୍ନରେ ପାଖାପାଖି ୨,୦୦୦ ଫୁଡ୍ ପ୍ୟାକେଟ୍ ହରିୟାଣାର ୫ଟି ଜିଲାରେ ନିର୍ମାଣ ଶ୍ରମିକ, ରାସ୍ତାରେ ବୁଲୁଥିବା ଅସହାୟ ବ୍ୟକ୍ତି ଏବଂ ଦିନକୁ ଗୋଟିଏ ବେଳା ଖାଦ୍ୟ ଯୋଗାଡ଼ କରି ପାରୁ ନ ଥିବା ଲୋକମାନଙ୍କୁ ଏହି ପ୍ୟାକେଟ୍ ବାଣ୍ଟୁଛନ୍ତି। ପ୍ରାୟ ୩,୦୦୦ ପୋଲିସ୍ ଅଧିକାରୀ ଏଥିପାଇଁ ଟଙ୍କା ଦେଉଛନ୍ତି ଓ ପ୍ରତିଦିନ ଅସହାୟମାନଙ୍କୁ ଖାଦ୍ୟପୁଡ଼ିଆ ବାଣ୍ଟିବାରେ ସକ୍ରିୟ ଭୂମିକା ନେଉଛନ୍ତି। ଏହି ଅଭିଯାନ ସେ ୨୦୧୭ରେ ମଧୁବନରେ ଆରମ୍ଭ କରିଥିଲେ। ଏବେ ଏହାକୁ କର୍ନାଲ, ରିୱାରି, ଗୁରୁଗ୍ରାମ, କୁରୁକ୍ଷେତ୍ର ଏବଂ ଫରିଦାବାଦକୁ ସମ୍ପ୍ରସାରିତ ହୋଇପାରିଛି। ଏହି ଅଭିଯାନର ନାମ ରଖାଯାଇଛି 'ରୋଟି ବ୍ୟାଙ୍କ'। ହରିୟାଣା ପୋଲିସର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଥିବା ସମୟରେ ଶ୍ରୀକାନ୍ତ ନିର୍ମାଣ ଶ୍ରମିକଙ୍କ ପିଲାମାନଙ୍କ ପାଇଁ ପ୍ରଥମେ ଘରୁ ୪୦ଟି ଖାଦ୍ୟ ପୁଡ଼ିଆ ଆଣି ବାଣ୍ଟିଥିଲେ, କିନ୍ତୁ ସେଠାରେ ୧୦୦ ଜଣ ପିଲା ପହଞ୍ଚିଯାଇଥିଲେ। ପରେ ପ୍ରତ୍ୟେକ ଅଧିକାରୀ ଘରୁ ଅଧିକ ଦୁଇଟି ରୁଟି ଆଣି ପୋଲିସ କ୍ୟାଣ୍ଟିନ୍‌ରେ ତରକାରି କରି ପିଲାମାନଙ୍କୁ ଖାଦ୍ୟ ଯୋଗାଇଥିଲେ। ଏହି ଅଭିଯାନ ସମ୍ପର୍କରେ ପାଖ ଜିଲାରେ ପ୍ରଚାର ହୋଇଯିବା ପରେ ଆଇପିଏସ୍ ଏବଂ ଆଇଏଏସ୍ କ୍ୟାଡରରୁ ବହୁ ଅଧିକାରୀ ଏଥିରେ ଯୋଗ ଦେଇଥିଲେ। ଏବେ ପ୍ରତ୍ୟେକ କ୍ୟାଡର୍‌ରେ ସ୍ୱତନ୍ତ୍ର ବ୍ୟାଙ୍କ୍ ଆକାଉଣ୍ଟ ଓ ଖାଦ୍ୟ ତିଆରି ଲାଗି ସ୍ୱତନ୍ତ୍ର ରୋଷେଇଘର ରହିଛି। ଏହି ଅଭିଯାନକୁ ରାଜ୍ୟର ସବୁ ଜିଲାରେ ଚଳାଇବାର ଯୋଜନା ରହିଛି ଓ ଦେଶର ସବୁଆଡ଼େ ଚଳାଇଲେ ଅସହାୟମାନେ ବହୁ ଉପକୃତ ହୋଇପାରନ୍ତେ ବୋଲି କହନ୍ତି ଶ୍ରୀକାନ୍ତ।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଜୁନ୍ ୧୯୯୬

- ଉତ୍ତର ଶ୍ରୀଲଙ୍କା ଅଞ୍ଚଳରେ ଏଲ୍‌ଟିଟିଇ ବିଦ୍ରୋହୀ ଏବଂ ଶ୍ରୀଲଙ୍କା ସୈନ୍ୟବାହିନୀ ମଧ୍ୟରେ ଘମାଘୋଟ ଲଢ଼େଇ ଲାଗି ୧୯ ବିଦ୍ରୋହୀ ନିହତ।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବତନ ଅଧ୍ୟକ୍ଷ ବାଲାସାହେବ ଦେଓରସଙ୍କ ୮୦ ବର୍ଷ ବୟସରେ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | | | |
| 5 | 8 | | | | | 7 | 3 | 9 |
| 2 | | | | | 3 | 5 | 8 | |
| | | | | 3 | | 1 | | 4 |
| | | 7 | | | 4 | 9 | | |
| 1 | | | | | | | | |
| | | | | | | 4 | | |
| | | | 6 | | | | | 5 |
| | 6 | 2 | | 1 | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 6 | 1 | 4 | 9 | 5 | 3 | 8 |
| 8 | 3 | 4 | 5 | 2 | 6 | 7 | 9 | 1 |
| 5 | 9 | 1 | 8 | 7 | 3 | 4 | 2 | 6 |
| 9 | 5 | 8 | 4 | 3 | 1 | 2 | 6 | 7 |
| 1 | 4 | 2 | 7 | 6 | 8 | 9 | 5 | 3 |
| 6 | 7 | 3 | 9 | 5 | 2 | 8 | 1 | 4 |
| 2 | 1 | 9 | 6 | 8 | 7 | 3 | 4 | 5 |
| 3 | 8 | 5 | 2 | 1 | 4 | 6 | 7 | 9 |
| 4 | 6 | 7 | 3 | 9 | 5 | 1 | 8 | 2 |

ଗତକାଲିର ଉତ୍ତର

# ପୁଣି ମୁହାଁମୁହିଁ ଆମେରିକା-ଚାଇନା



ଲଳିତେନ୍ଦୁ ପଲାଉରୀ

କୋଭିଡ୍-୧୯ ମହାମାରୀର ପ୍ରକୋପ ଯେମିତି ସମ୍ପୂର୍ଣ୍ଣ ମାନବ ସଭ୍ୟତାକୁ ଧ୍ୱଂସର ଜ୍ୱାଳାମୁଖୀ ଭିତରକୁ ଟାଣି ନେଇ ଚାଲିଛି। ଆଉ ଏସବୁ ଆଲୋଚନା କଲାବେଳେ ଚାଇନା ହିଁ ସନ୍ଦେହର ସବୁଠୁ ଆଗରେ ରହିଛି। କାରଣ ୨୦୧୯ ଶେଷ ଭାଗରେ କରୋନା ମହାମାରୀର ଉତ୍ପତ୍ତି ସ୍ଥଳ ହିଁ ଚାଇନାର ଉହାନ୍ ସହରରୁ ହୋଇଥିଲା। ଆଉ ଚାଇନାରୁ ହିଁ ବିଶ୍ୱକୁ ମହାମାରୀ ବ୍ୟାପିଗଲା। ଏବେ ଆଉ ଚାଇନାରେ କରୋନା ବ୍ୟାପୁନି କି, ଅନ୍ତର୍ଜାତୀୟ ଗଣମାଧ୍ୟମରେ ଚାଇନାରେ କରୋନା ସଂକ୍ରମଣ ନେଇ ଚର୍ଚ୍ଚା ବି ହେଉନି। ତେଣୁ ଏହି ଭୂତାଣୁ ଯେମିତି ଚାଇନାର ରିମୋଟ୍ କଣ୍ଟ୍ରୋଲରେ ନିୟନ୍ତ୍ରିତ ହେବାଭଳି ମନେ ହେଉଛି। ଆମେରିକାର ବାଇଡେନ ପ୍ରଶାସନ ମଧ୍ୟ ତାଙ୍କର ପ୍ରମୁଖ ତଦନ୍ତକାରୀ ସଂସ୍ଥାକୁ ଆଉଥରେ କରୋନାର ଉତ୍ପତ୍ତି ସ୍ଥଳ ସମ୍ପର୍କରେ ଖୋଳତାଡ଼ କରି ୯୦ଦିନ ମଧ୍ୟରେ ବୃତାନ୍ତ ରିପୋର୍ଟ ଦେବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଚାଇନା ଏନେଇ ସହଯୋଗ ନ କଲେ ପରିଣାମ ଭୋଗିବ ବୋଲି ବାଇଡେନ ପରୋକ୍ଷରେ କହିସାରିଲେଣି। ପୂର୍ବରୁ ଆମେରିକାର ରିପବ୍ଲିକାନ ଦଳର ସଦସ୍ୟମାନେ ଚାଇନା ହିଁ କରୋନା ଭୂତାଣୁର ମାଷ୍ଟରମାଇଣ୍ଡ ବୋଲି ଦୃଢ଼ତାର ସହ କହିଥିଲେ। କାରଣ ଚାଇନାର ବିସ୍ତାରବାଦ ଚିନ୍ତାଧାରାକୁ ସାକାର କରିବାକୁ ଏଭଳି ଭୂତାଣୁକୁ ଜାଣିଶୁଣି ଚାଇନା ଜୈବିକ ଅସ୍ତ୍ର ଭାବେ ପ୍ରୟୋଗ କରି ବିଶ୍ୱକୁ ବିପଦ ମୁହଁକୁ ଠେଲି ଦେଇଛି। ତେବେ ଏହି ଭୂତାଣୁ ପ୍ରକୃତରେ ମାନବ ତିଆରି ଜୈବିକ ଅସ୍ତ୍ର କି ନୁହେଁ ଏହା ଏଯାଏ ସମ୍ପୂର୍ଣ୍ଣ ଭାବେ ସ୍ପଷ୍ଟ ହୋଇ ନ ଥିବା ବେଳେ କିନ୍ତୁ ଅଧିକାଂଶ ଦେଶର ସନ୍ଦେହରେ ହିଁ ଚାଇନା ରହିଛି।

ବିଶ୍ୱର ଅଭିଜ୍ଞ ବୈଜ୍ଞାନିକ, ଭୂତାଣୁ ବିଜ୍ଞାନୀ, ଡାକ୍ତର କେହି ବି ଏନେଇ ଠିକ୍ ତଥ୍ୟରେ ଉପନୀତ ହୋଇପାରୁ ନାହାନ୍ତି ଯେ ପ୍ରକୃତ ଏହି ଭୂତାଣୁର ଗୂଢ଼ ରହସ୍ୟ କ'ଣ। ବେସରକାରୀ ଭାବେ ବିଶ୍ୱରେ ପ୍ରାୟ ଅଧ କୋଟି ଲୋକଙ୍କ ଜୀବନ ନେଇ ସାରିଲାଣି ଏହି ମହାମାରୀ ଭୂତାଣୁ। ଆମ ଦେଶରେ କରୋନାର ଦ୍ୱିତୀୟ ଲହର ସାଂଘାତିତ ସ୍ଥିତି ସୃଷ୍ଟି କରିଛି। ଏନେଇ କେତେକ ବିଶେଷଜ୍ଞ କହିଛନ୍ତି, ଭାରତର ଅର୍ଥନୀତିକୁ ଧ୍ୱଂସ କରିବାକୁ ଏହା ଚାଇନାର ଗେମ୍ ପ୍ଲାନ ବା ଏଭଳି ଭୂତାଣୁ ଚାଇନା ପ୍ରେରିତ ଜୈବିକ ଅସ୍ତ୍ର ବୋଲି ସନ୍ଦେହ କରୁଛନ୍ତି। ଏହାପୁଣି ସେତିକି ବେଳେ ଘଟିଛି ଯେତେବେଳେ ଅଷ୍ଟ୍ରେଲିଆ, ଆମେରିକା ଜାପାନ ଭଳି ଦେଶ ଦ୍ୱାରା ଗଠିତ କ୍ୱାଡ୍ ସଂଗଠନ ଏସିଆରେ ଚାଇନାର ଆଧିପତ୍ୟ ହ୍ରାସ ପାଇଁ ଭାରତକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ସେହିଭଳି ଭାରତୀୟ ଭେଷଜ ଓ ଟିକା ଗବେଷଣାକୁ ଅନ୍ତର୍ଜାତୀୟ ଗୁରୁତ୍ୱ ମିଳିବା ଚାଇନାର ଦେହରେ ଯାଉନି। କରୋନା ଭୂତାଣୁ ଚାଇନାର ଉହାନ୍ ସହରୁ ଚିହ୍ନଟ ପରେ ଏହା ବିଶ୍ୱରେ ଏକ ପ୍ରକାର ଏକ ଘରିଆ ସ୍ଥିତିରେ ରହିଛି ସତ, କିନ୍ତୁ ଚାରିଆଡୁ ଚାଇନା ଉପରେ କଟକଣା ଓ ପ୍ରତିବନ୍ଧକ ପରେ ବି ଚାଇନାକୁ କିଛି ଫରକ ପଡୁନି। ଆମେରିକା ମଧ୍ୟ ଚାଇନାକୁ ଯୁଦ୍ଧ ଚେତାବନୀ ଦେଇଛି। ଭାରତୀୟମାନେ ନିଜ ଇଚ୍ଛାରେ ଚାଇନା ସାମଗ୍ରୀକୁ ତିରସ୍କାର କରିଛନ୍ତି। ଏକ ସର୍ଭେରୁ ଜଣାପଡ଼ିଛି କରୋନା ଯୋଗୁ ବିଶ୍ୱର ପ୍ରମୁଖ ଦେଶର ଅର୍ଥନୀତି ନିମ୍ନଗାମୀ ହୋଇଥିବା ବେଳେ ଚାଇନାର ଅର୍ଥନୈତିକ ଅଭିବୃଦ୍ଧି ହୋଇ ଚାଲିଛି। କୌଣସି ଅନ୍ତର୍ଜାତୀୟ ଗଣମାଧ୍ୟମରେ ଆଉ ଚାଇନାରେ କରୋନା ସଂକ୍ରମଣ ଖବର ପ୍ରସାରଣ ହେଉନି। ସେଠାରେ ଜୀବନ ଜୀବିକା ସ୍ୱାଭାବିକ ହୋଇଛି।

ତେବେ ପ୍ରଶ୍ନ ଉଠୁଛି ପ୍ରକୃତରେ କ'ଣ ଚାଇନା କରୋନା ଭୂତାଣୁ ପ୍ରୟୋଗ କରି ବିଶ୍ୱବାସୀଙ୍କୁ ଏଭଳି ହଇରାଣ କରୁଛି? କାରଣ ଅଷ୍ଟ୍ରେଲିଆ ଓ ଆମେରିକାରୁ ପ୍ରକାଶିତ କିଛି ତଥ୍ୟଭିତ୍ତିକ ଲେଖା ଏଭଳି ସନ୍ଦେହକୁ ଅଧିକ ବିଶ୍ୱାସକୁ ନେଇଛି। ତଥ୍ୟରେ କୁହାଯାଇଛି କି ୨୦୧୫ରୁ ତୃତୀୟ ବିଶ୍ୱଯୁଦ୍ଧ ପାଇଁ ପ୍ରସ୍ତୁତି ଚଳାଇଥିଲା ଚାଇନା। ଯୁଦ୍ଧ ଲଢ଼ିବାକୁ ଚାଇନା ତା'ର ପିପୁଲ ଲିବରେଶନ ଆର୍ମି ବା ପିଏଲଏ ପାଇଁ ଯୁଦ୍ଧାସ୍ତ୍ର ଗବେଷଣାଗାରରେ ଜୈବିକ ଅସ୍ତ୍ର ତିଆରିକୁ ହିଁ ଅଧିକ ଗୁରୁତ୍ୱ ଦେଉଥିଲା। ଆଉ ଏହି କରୋନା ଭୂତାଣୁ ହେଉଛି ଚାଇନା ମିଲିଟାରୀ ଗବେଷଣାଗାରରୁ ଲିକ୍ ହୋଇଥିବା ଜୈବିକ ଅସ୍ତ୍ରର ଅଂଶ। ଅଷ୍ଟ୍ରେଲିଆରୁ ପ୍ରକାଶିତ ୱିକେଣ୍ଡ ଅଷ୍ଟ୍ରେଲିଆନର ଏମିତି କିଛି ତଥ୍ୟ ଛାଡି ଥରାଇ ଦେବା ଭଳି ସୂଚନା ଦେଇଛି। ସେହିଭଳି ଆମେରିକା ଗୋଇନ୍ଦା ସଂସ୍ଥା ହାତରେ ଲାଗିଥିବା ଚାଇନାର କିଛି ଗୁପ୍ତ ତଥ୍ୟ ମଧ୍ୟ ସମାନ କଥା କହିଛି ; ଯେଉଁଥିରେ କରୋନା ଭାଇରସକୁ ଜୈବଯୁଦ୍ଧାସ୍ତ୍ର ଭାବେ ବ୍ୟବହାର କରିବା ପାଇଁ ଚାଇନା ପରୀକ୍ଷା ନିରୀକ୍ଷା କରୁଥିବା ଗବେଷଣାଗାରରୁ ହିଁ ଏଭଳି ଭୂତାଣୁ ଆସିଛି। ଦ ଅନ୍‌ନାଚୁରାଲ ଅରିଜିନ ଅଫ୍ ସାର୍ସ ଆଣ୍ଡ୍ ନ୍ୟୁ ସ୍ପେସିସ୍ ଅଫ୍ ମ୍ୟାନମେଡ ଭାଇରସ ନାଁରେ ପ୍ରକାଶିତ ଲେଖାରେ ଜେନଟିକ ବାୟୋ ୱିପନ୍ସ ବିଷୟରେ ଉଲ୍ଲେଖ କରାଯାଇଛି। ଏହି ତଥ୍ୟରେ କୁହାଯାଇଛି, ଯଦି ତୃତୀୟ ବିଶ୍ୱଯୁଦ୍ଧ ହୁଏ ତେବେ ଚାଇନା ଏହାକୁ ଜୈବିକ ଅସ୍ତ୍ର ମାଧ୍ୟମରେ ଲଢ଼ିବାକୁ ପୂର୍ବ ଯୋଜନା ପ୍ରସ୍ତୁତ କରିଥିଲା। ଆମେରିକାରେ ପ୍ରସିଦ୍ଧ ମିଲିଟାରୀ ବିଶେଷଜ୍ଞ ଡ. ଲରେନ୍ସ ଷ୍ଟେଲିନିକ୍ସ ଲ୍ୟୁଡ ମିଡିଆରେ ଲେଖିଛନ୍ତି ଯେ, ଚାଇନା ଦୀର୍ଘ ବର୍ଷ ଧରି ବିଶ୍ୱର ବିଭିନ୍ନ ଭାଗରେ ଦେଖା ଦେଇଥିବା ଭୂତାଣୁଙ୍କୁ ଏକାଠି କରି ମିଲିଟାରୀ ଗବେଷଣା ଚଳାଉଥିଲା। ଏହି ମିଲିଟାରୀ ଗବେଷଣା ପଛରେ ଚାଇନା ଜୈବିକ ଅସ୍ତ୍ର ପ୍ରସ୍ତୁତି ହିଁ ପ୍ରକୃତ ଉଦ୍ଦେଶ୍ୟ ଥିବା ସନ୍ଦେହ କରାଯାଉଛି। ଏଭଳି ଜୈବାସ୍ତ୍ର ମାଧ୍ୟମରେ ଶତ୍ରୁ ଦେଶର ମେଡିକାଲ ସିଷ୍ଟମକୁ ସମ୍ପୂର୍ଣ୍ଣ ଠପ କରିବା, ଭୂତାଣୁକୁ ସହଜରେ ଚିହ୍ନି ନ ହେବା ଓ ଖୁବ୍ ଶୀଘ୍ର ଏହା କିପରି ସଂକ୍ରମିତ ହେବ ସେ ନେଇ ଯୋଜନା ହୋଇଥିଲା। ଆଉ ଏଥିପାଇଁ ସାର୍ସ କୋଭ୍ ଭୂତାଣୁ ଉପରେ ହିଁ ଅଧିକ ଗବେଷଣାର ଫୋକସ କରିଥିଲା

ଜାତିସଂଘ ଭଳି ବିଶ୍ୱର ବହୁ ନିରପେକ୍ଷ ସଂଗଠନରେ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଚାଇନା ଅଧିକାରୀଙ୍କ ଗୁରୁତ୍ୱ ଥିବାରୁ ଚାଇନା ସେମାନଙ୍କୁ ଢାଲ କରି ତା'ର ଜୈବିକ ଅସ୍ତ୍ର ପ୍ରସ୍ତୁତି ଓ ଗବେଷଣାକୁ ଅଧିକ ତ୍ୱରାନ୍ୱିତ କରିଥିବା ଚର୍ଚ୍ଚା ହେଉଛି। କରୋନା ମହାମାରୀ ଯେବେ ଉହାନ୍‌ରେ ବ୍ୟାପିଥିଲା ଏହାର ମୂଳ ରହସ୍ୟ ଜାଣିବାକୁ ବିଶ୍ୱର ବିଭିନ୍ନ ସଂଗଠନ ଚାହିଁଥିଲେ ମଧ୍ୟ ଚାଇନା ସେମାନଙ୍କୁ ଅନୁମତି ଦେଇ ନ ଥିଲା। ପରେ ଅନ୍ତର୍ଜାତୀୟ ଚାପରେ କେତେକ ବିଶେଷଜ୍ଞମାନେ ଉହାନ୍‌ର ସେହି ବିବାଦୀୟ ଗବେଷଣାଗାର ଯାଞ୍ଚ କରି ଫେରିବା ପରେ ସେମିତି କିଛି ଖାସ ତଥ୍ୟ ପାଇ ନ ଥିଲେ। ଏପରି କି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଚାଇନା ବିରୋଧରେ ମଧ୍ୟ କୌଣସି ଆଖି ଦୃଶିଆ ପଦକ୍ଷେପ ନ ନେଇ ଚୁପ୍ ରହିଥିଲା। ଜେନେଭାସ୍ଥିତ ମହାମାରୀ ପ୍ରସ୍ତୁତି ଓ ମୁକାବିଲା ସମ୍ପର୍କିତ ଏକ ସଂସ୍ଥା ଆଇପିପିପିଆର ମଧ୍ୟ କହିଛି କି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ନିଆଯାଇଥିବା କେତେକ ଭୁଲ୍ ନିଷ୍ପତ୍ତି ଯୋଗୁ ସମଗ୍ର ବିଶ୍ୱରେ ବେସରକାରୀ ଭାବେ ପ୍ରାୟ ୫୦ ଲକ୍ଷ ଲୋକଙ୍କର ଜୀବନ ନେଇ ସାରିଲାଣି କରୋନା ମହାମାରୀ। ତଣୁ ଏଭଳି ସ୍ଥିତିରେ ଆମେରିକା ପୁଣି କରୋନାର ଉତ୍ପତ୍ତି ସ୍ଥଳକୁ ନେଇ ଅନୁସନ୍ଧାନକୁ କଡ଼ାକଡ଼ି କରି ୯୦ଦିନରେ ରିପୋର୍ଟ ଦେବାକୁ ତା'ର ବିଶ୍ୱସ୍ତ ଏଜେନ୍ସିଙ୍କୁ ନିର୍ଦ୍ଦେଶଦେବା ପରେ ଏହା ଚାଇନାକୁ ଚେତାବନୀ ସଦୃଶ ହେବା ସହ ଟାର୍ଗେଟ ହିଁ ପୁଣି ଚାଇନା ଆଡକୁ ମୁହାଁଉଛି ।

ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ

ମୋ-୯୭୭୮୬୯୭୦୩୬

## ପାଠକ ଶ୍ରେଷ୍ଠ ବିଚାରକ

### କାଳ ସାଜୁଛି ଏକ୍‌ମୋ

ମହାଶୟ,

ଆମ ରାଜ୍ୟରେ ଏକ୍‌ମୋ ମେଶିନର ଘୋର ଅଭାବ ରହିଛି। କରୋନା ପରେ ନଷ୍ଟ ହୋଇଯାଉଥିବା ଫୁସ୍‌ଫୁସ୍ ଚିକିତ୍ସା ପାଇଁ ଏକ୍‌ମୋ ଆବଶ୍ୟକ ହୁଏ। ଏହି ମେଶିନ କେତେ ସମୟ ଧରି ବ୍ୟବହାର ହେବ ରୋଗୀଙ୍କ ଅବସ୍ଥା ଉପରେ ନିର୍ଭର କରେ। ଅମ୍ଳଜାନ ବାହାରୁ ଦିଆଗଲେ ବି ଫୁସ୍‌ଫୁସ୍ ଶରୀରକୁ ଯୋଗାଇବାରେ ବିଫଳ ହେଲେ,ଭେଣ୍ଟିଲେଟର ଲାଗିବା ପରେ ଶରୀରରୁ ଅଙ୍ଗାରକାମ୍ଳ ନିର୍ଗତ ନ ହେଲେ ଏବଂ ହୃତ୍‌ପିଣ୍ଡ ଶରୀରକୁ ପର୍ଯ୍ୟାପ୍ତ ପରିମାଣ ରକ୍ତ ଯୋଗାଣରେ ବିଫଳ ହେଲେ ଏହି ମେଶିନ ବ୍ୟବହାର ହୋଇଥାଏ। ଏକ୍‌ମୋର ଚିକିତ୍ସା ନ ପାଇ ରାଜ୍ୟରେ ଅନେକ ଲୋକ ମଲେଣି। ଅନେକ ରୋଗୀଙ୍କୁ ଅୟରଲିଫ୍ଟ କରାଯାଇ ବାହାର ରାଜ୍ୟକୁ ପଠାଯାଉଛି। ଗୋଟିଏ ପଟେ ରାଜ୍ୟ ସରକାର ଏସ.ସି.ବି.କୁ ବିଶ୍ୱ ସ୍ତରୀୟ କରିବା କଥା କହୁଛନ୍ତି। ଆଶ୍ଚର୍ଯ୍ୟର କଥା ରାଜ୍ୟରେ ଏହି ମେଶିନ କୌଣସି ସରକାରୀ ହସ୍ପିଟାଲରେ ନାହିଁ। ଏହାର ପରିଚାଳନା କରିବାକୁ ମଧ୍ୟ କେହି ନାହାନ୍ତି। ତେବେ ରାଜ୍ୟ ସରକାର ଏହି ମେଶିନକୁ ବିଦେଶରୁ ଯଥା ଶୀଘ୍ର କିଣି ସରକାରୀ ହସ୍ପିଟାଲରେ ଏକ୍‌ମୋର ବ୍ୟବସ୍ଥା କଲେ ହୁଏତ କିଛି ମୂଲ୍ୟବାନ ଜୀବନ ବଞ୍ଚିଯିବ ।

- କ୍ରିଷ୍ଣାରାଣୀ ସେଠୀ, ମାଲକାନଗିରି, କାଲିମେଳା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କେତେ ଝର ହଜିଯାଏ ନ ମିଶୁଁ ସାଗରେ
ଅବିଦିତ ପାଷାଣ ଗହ୍ୱରେ।
ଚିରକାଳ ପାଇଁ ତା'ର ଜୀବନର କ୍ଷୀଣ ଇତିହାସ
ଏ ଭୁବନ କୋଳାହଳେ ଅବହେଳେ ରହେ ଅପ୍ରକାଶ।
ନ ଦେଖୁଁ ଆଲୋକ ଧରାତଳେ ପଡ଼େ ଝରି
ଅଶୋକର ପେଲବ ମଞ୍ଜରୀ।

-(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ମୀରା ଦେବୀଙ୍କ ପରଲୋକ**

ଭଦ୍ରକ ଅଫିସ–'ବନ୍ଦେ ଉତ୍କଳ ଜନନୀ'ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୁତ୍ରବଧୂ ତଥା ବିଶିଷ୍ଟ ସାହିତ୍ୟିକ, ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗୌରଚନ୍ଦ୍ର ମହାପାତ୍ରଙ୍କ ସ୍ତ୍ରୀ ମୀରା ଦେବୀ (୮୬)ଙ୍କର ମଙ୍ଗଳବାର ପରଲୋକ ଘଟିଛି। ବୁଧବାର ସ୍ଥାନୀୟ ନୂଆବଜାରସ୍ଥିତ କାନ୍ତକୁଟୀର ବାସଭବନ ପରିସରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ପୁଅ ନାମକଲ୍ୟାଣ ମହାପାତ୍ର ମୁଖାଗ୍ନି ଦେଇଥିଲେ। ବଡ଼ପୁଅ ତଥା ଉତ୍କଳ ପ୍ରସଙ୍ଗର ପୂର୍ବତନ ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷାଦିନରେ ମିଳୁନି ବର୍ଷାତି

ଭୁବନେଶ୍ୱର,୧୭।୬(ବ୍ୟୁରୋ)

ରାଜ୍ୟରେ ସଂକ୍ରମଣ ହ୍ରାସକୁ ଦୃଷ୍ଟିରେ ରଖି ସରକାର ଲକ୍‌ଡାଉନରେ ସାମାନ୍ୟ କୋହଳ କରିଛନ୍ତି। ଜୀବନ ସହିତ ଜୀବିକାକୁ ଗୁରୁତ୍ୱ ଦେଇ ଅତ୍ୟାବଶ୍ୟକ ଦୋକାନ ଖୋଲିବାକୁ ଅନୁମତି ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ମୌସୁମୀ ସକ୍ରିୟ ରହିଥିବାରୁ ଏହାର ପ୍ରଭାବରେ ବର୍ଷା ଜାରି ରହିଛି। ଘରୁ ବାହାରକୁ ବାହାରିଲେ ଲୋକମାନେ ଛତା ଓ ରେନ୍‌କୋଟ୍(ବର୍ଷାତି)ର ଆବଶ୍ୟକ କରୁଛନ୍ତି। ଗତ ବର୍ଷ ଲକ୍‌ଡାଉନ ଯୋଗୁ ବର୍ଷାଦିନରେ ରେନକୋଟ୍, ଛତା, ପଲିଥିନ ଆଦି ବ୍ୟବହାର୍ଯ୍ୟ ଜିନିଷ ବିକୁଥିବା ଦୋକାନ ବନ୍ଦ ରହିଥିବା କାରଣରୁ ଲୋକମାନେ ହଇରାଣ ହୋଇଥିଲେ। ଚଳିତ ବର୍ଷ ମଧ୍ୟ ଏସବୁ ବନ୍ଦ ରହିଛି। ତେଣୁ ରେନ୍‌କୋଟ୍, ଛତା ଆଦି ବିକୁଥିବା ଦୋକାନଗୁଡ଼ିକୁ ଅତ୍ୟାବଶ୍ୟକ ଶ୍ରେଣୀରେ ଅନ୍ତର୍ଭୁକ୍ତ କରି ଏହାକୁ ଖୋଲିବାକୁ ସରକାର ଅନୁମତି ଦେବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**ସେମାନଙ୍କ ମତରେ...**

### " ବର୍ଷା ସହ ଜଡ଼ିତ ସାମଗ୍ରୀ ବିକ୍ରିକୁ ଅନୁମତି ମିଳୁ

ଲକ୍‌ଡାଉନ ଯୋଗୁ ବର୍ଷାଦିନରେ ଅତ୍ୟାବଶ୍ୟକ ସାମଗ୍ରୀ ପାଲଟିଥିବା ରେନ୍‌କୋଟ, ଛତା, ବର୍ଷା ଦିନିଆ ଚପଲ, ପଲିଥିନ ଆଦି ସାମଗ୍ରୀ କିଣିବାକୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ଏହାକୁ ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟରେ ସ୍ଥାନ ଦେଇ ନାହାନ୍ତି। ଯାହାକି ବିଭିନ୍ନ ବର୍ଗର ଲୋକେ ହସ୍ପିଟାଲ, ଅଫିସ, ଜରୁରୀ କାମରେ ବାହାରକୁ ଗଲେ ଅନେକଙ୍କୁ ବର୍ଷାରେ ଓଦା ହେବାକୁ ପଡୁଛି। ଏପରକି ରାଜଧାନୀର ବସ୍ତି ଓ ତଳିଆ ଅଞ୍ଚଳରେ ରହୁଥିବା ଲୋକମାନେ ସେମାନଙ୍କ ଆଜ୍‌ବେଷ୍ଟସ ବା ଚାଳ ଘର ଉପରେ ପାଲ ବା ପଲିଥିନ୍ ଖଣ୍ଡେ କିଣି ପକାଇବାକୁ ପାଉନାହାନ୍ତି। ଫଳରେ ବର୍ଷାରେ ହନ୍ତସନ୍ତ ହେଉଛନ୍ତି। ଏପରି କି ଓଦା ହେଲେ ଥଣ୍ଡା, ଜ୍ୱର ଓ କାଶ ଆଦି ରୋଗ ବୃଦ୍ଧି ପାଇବାର ମଧ୍ୟ ସମ୍ଭାବନା ରହିଛି।



ତେଣୁ ବର୍ଷା ସହିତ ଜଡିତ ବ୍ୟବହୃତ ସାମଗ୍ରୀକୁ ସରକାର ଜରୁରୀ ସମାଗ୍ରୀରେ ସାମିଲ କରି ଏହାର ବିକ୍ରି ଅନୁମତି ଦେବା ବର୍ତ୍ତମାନ ପରିସ୍ଥିତିରେ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।

- ଶିବ ପ୍ରସାଦ ପଣ୍ଡା, ପଣ୍ଡା ଟ୍ରାଭେଲ ମାର୍ଟ

### " ବର୍ଷାଦିନିଆ ସାମଗ୍ରୀ ବିକ୍ରି ଜରୁରୀ

ଉପକୂଳ ଓଡ଼ିଶାର ୧୩ ଜିଲାରେ ଲକ୍‌ଡାଉନ୍ କଟକଣାକୁ ସାମାନ୍ୟ କୋହଳ କରାଯାଇଛି। ଏହି ଜିଲାଗୁଡ଼ିକରେ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରିକୁ ଅନୁମତି ମିଳିଛି। ହେଲେ ବର୍ଷା ଦିନରେ ଛତା, ରେନ୍‌କୋଟ, ଜରି ପାଲ ବିକ୍ରି ମଧ୍ୟ ଜରୁରୀ। ଦୋକାନ ବନ୍ଦ ରହିବା ଫଳରେ ଲୋକମାନେ ଏହିସବୁ ଜିନିଷ କିଣିପାରୁନାହାନ୍ତି। ତେଣୁ ସରକାର ବର୍ଷାଦିନିଆ ସାମ୍ରଗ୍ରୀ ବିକ୍ରି କରିବାକୁ ଦୋକାନୀ ଓ ଡିଷ୍ଟ୍ରିବ୍ୟୁଟରଙ୍କୁ ଅନୁମତି ଦେବା ଆବଶ୍ୟକ।



- ସୁକେଶ ଅଗ୍ରୱାଲ, ବ୍ୟବସାୟୀ

### " ସରକାର ପୁନର୍ବିଚାର କରନ୍ତୁ

ରାଜ୍ୟ ସରକାର ଲକ୍‌ଡାଉନରେ ସାମାନ୍ୟ କୋହଳ କରିଛନ୍ତି। ହେଲେ ବର୍ଷା ଦିନରେ ଜରୁରୀ ହୋଇପଡ଼ିଥିବା ଛତା, ରେନ୍‌କୋଟ ଓ ପଲିଥିନ ବିକ୍ରି ପାଇଁ ସରକାର ଅନୁମତି ଦେଇ ନାହାନ୍ତି। ଗତ ବର୍ଷ ମଧ୍ୟ ଏହି ସାମଗ୍ରୀ ବିକ୍ରି କରୁଥିବା ଦୋକାନଗୁଡ଼ିକ ବନ୍ଦ ଥିବାରୁ ଆମେ ରେନ୍‌କୋଟ୍, ଛତାଟିଏ କିଣିପାରି ନ ଥିଲୁ। ଏବର୍ଷ ସମାନ ଅବସ୍ଥା। ବର୍ଷା ଦିନରେ ଏହି ଦୋକାନ ଖୋଲିବାକୁ ସରକାର ପୁନର୍ବିଚାର କରନ୍ତୁ। – ହିମାଂଶୁ ଦାସ, ପୁରୁଣା ଭୁବନେଶ୍ୱର ବାସିନ୍ଦା



### " ଓଦା ହୋଇ ଯିବାକୁ ପଡୁଛି

ଲକ୍‌ଡାଉନ କୋହଳ ସତ୍ତ୍ୱେ ରେନ୍‌କୋଟ୍, ଛତା ଆଦି ଦୋକାନ ବନ୍ଦ ରହିଛି। ଫଳରେ ଆମଭଳି ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଅଫିସ୍ ଯିବାଆସିବାବେଳେ ଓଦା ହେବାକୁ ପଡୁଛି। ତେଣୁ ସରକାର ତୁରନ୍ତ ଏବିଷୟରେ ଚିନ୍ତା କରି ଛତା, ବର୍ଷାତି ଆଦି ବିକ୍ରି କରୁଥିବା ଦୋକାନ ଓ ଶୋରୁମ୍ ଖୋଲିବା ଆବଶ୍ୟକ। - ଦୟାନିଧି ପଟ୍ଟନାୟକ, ବାସିନ୍ଦା, ଭୁବନେଶ୍ୱର



### " ରୋଗରେ ପଡ଼ିବାର ଆଶଙ୍କା

ବର୍ଷା ସମୟରେ ଛତା ଏବଂ ରେନ୍‌କୋଟ ବିନା ଲୋକମାନେ ଯଦି ଘରୁ ବାହାରିବେ ତେବେ ଓଦା ହୋଇ ରୋଗରେ ପଡ଼ିବାର ଆଶଙ୍କା ରହିଛି। ଲକ୍‌ଡାଉନରେ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଭଳି ବର୍ଷାଦିନିଆ ଜିନିଷ ବେପାର କରୁଥିବା ଦୋକାନ ଓ ଶୋରୁମ୍ ଖୋଲାଯିବାକୁ ସରକାର ଅନୁମତି ଦେବା ଆବବଶ୍ୟକ।



- ସି.ଏଚ୍ ଚନ୍ଦ୍ରଶେଖର, ବ୍ୟବସାୟୀ, ଦରଘା ବଜାର, କଟକ

### " ବେପାର ସମ୍ପୂର୍ଣ୍ଣ ବନ୍ଦ

ଗତବର୍ଷ କରୋନା କଟକଣା ମଧ୍ୟରେ ବେପାର ବନ୍ଦ ରହିଥିଲା। ତେବେ ଚଳିତ ବର୍ଷ ମଧ୍ୟ କରୋନା କଟକଣାରେ ବେପାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ବର୍ଷାଦିନରେ ଛତା, ବର୍ଷାତି ଭଳି ସାମଗ୍ରୀର ଆବଶ୍ୟକତା ଅଧିକ ରହିଛି। ଲୋକମାନେ ମଧ୍ୟ ଏହା ନ ପାଇ ହଇରାଣ ହେଉଛନ୍ତି। ବ୍ୟବସାୟ ବନ୍ଦ ଥିବା କାରଣରୁ ଆର୍ଥିକ ଅନଟନ ଦେଇ ଗତିକରୁଛୁ। ସରକାର ଆମକୁ ଦୋକାନ ଖୋଲିବାକୁ ଅନୁମତି ଦିଅନ୍ତୁ। - ଜ୍ୟୋତିପ୍ରକାଶ ସାହୁ, ବ୍ୟବସାୟୀ, ନୂଆ ବଜାର,କଟକ



### " ଦୋକାନ ନ ଖୋଲିଲେ କ୍ଷତି ସହିବୁ

ବର୍ଷା ଦିନରେ ଜ୍ୱର, ଥଣ୍ଡାଠାରୁ ରକ୍ଷା ପାଇବା ପାଇଁ ଲୋକମାନେ ରେନକୋଟ ବ୍ୟବହାର କରନ୍ତି। ଲୋକମାନେ ରେନ୍‌କୋଟ, ଛତା ଆଦି କିଣିବାକୁ ଆମ ସହ ଯୋଗାଯୋଗ କରୁଥିଲେ ମଧ୍ୟ ଦୋକାନ ବନ୍ଦ କାରଣରୁ ଆମେ ନିରୁପାୟ। ତେଣୁ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟରେ ଛତା ଏବଂ ରେନ୍‌କୋଟ ବ୍ୟବସାୟୀଙ୍କୁ ସାମିଲ କରାଯାଇ ଦୋକାନ ଖୋଲିବାକୁ ଅନୁମତି ଦିଆଯାଉ। ନଚେତ୍ ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆମେ ବହୁ କ୍ଷତିର ସମ୍ମୁଖୀନ ହେବୁ।



- ବିନୋଦ ମୋଦି, ନୟାସଡ଼କ, କଟକ

# ଡିଜିଏମ୍‌ଏସ୍‌ର ତଦନ୍ତ ଆରମ୍ଭ

**ବେଦାନ୍ତର ଅସୁରକ୍ଷିତ ଓସ୍ତପାଳ ଖଣି**

**■ତଦନ୍ତ ବାଟବଣା ନ କରିବାକୁ ତାଗିଦ**

ଯାଜପୁର ଅଫିସ,୧୭।୬

ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳରେ ବେଦାନ୍ତ କମ୍ପାନୀ ଦ୍ୱାରା ଗତ ପ୍ରାୟ ୬ ମାସ ହେବ କାର୍ଯ୍ୟକାରୀ ହେଉଥିବା ଓସ୍ତପାଳ କ୍ରୋମାଇଟ୍ ଖଣିର ସୁରକ୍ଷା ବ୍ୟବସ୍ଥାକୁ ନେଇ ଗୁରୁବାର ତଦନ୍ତ ଆରମ୍ଭ ହୋଇଛି। ଭାରତ ସରକାରଙ୍କ ଡାଇରେକ୍ଟର ଜେନେରାଲ ଅଫ୍ ମାଇନ୍ସ ସେଫ୍‌ଟି (ଡିଜିଏମ୍‌ଏସ୍)ର ଭୁବନେଶ୍ୱର କ୍ଷେତ୍ର ଡେପୁଟି ଡାଇରେକ୍ଟର ଇନୁମୁଲା ସତ୍ୟନାରାୟଣ ଏହି ତଦନ୍ତ କରୁଛନ୍ତି। ସେ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ସେଠାରେ ରହି ତଦନ୍ତ କରି ଡିଜିଏମ୍‌ଏସ୍ କାର୍ଯ୍ୟାଳୟକୁ ରିପୋର୍ଟ ଦେବେ ବୋଲି ସୂଚନା ମିଳିଛି।

ଗୁରୁବାର ସେ ପ୍ରଥମେ ବେଦାନ୍ତର ଖଣି କାର୍ଯ୍ୟାଳୟରୁ କେତେକ କାଗଜପତ୍ର ଜବତ କରିବା ସହ ଖଣି ଭିତରକୁ ଯାଇ ବିଭିନ୍ନ କ୍ଷେତ୍ରକୁ ନିରୀକ୍ଷଣ କରିଥିଲେ। ଏହାବାଦ୍ ଖଣିର ଉତ୍ତର ଓ ଦକ୍ଷିଣ ଦିଗରେ ଥିବା ଦୁଇଟି ଡମ୍ପ ଅଞ୍ଚଳକୁ ଯାଇ ଖଣି କର୍ମଚାରୀଙ୍କ ସହଯୋଗରେ ମାପଚୁପ୍ କରିଥିଲେ। ତେବେ ଅଭିଯୋଗକାରୀ ସୁରେଶ କୁମାରଙ୍କୁ ଏହି ତଦନ୍ତ ପ୍ରକ୍ରିୟାରେ ସାମିଲ ହେବାକୁ ସୂଚନା ଦିଆଯାଇଥିଲେ ହେଁ ସେ କୌଣସି କାରଣବଶତଃ ଉପସ୍ଥିତ ରହି ପାରି ନ ଥିଲେ। ଅଭିଯୋଗକାରୀ ସୁରେଶ କୁମାର ବେଦାନ୍ତ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଓସ୍ତପାଳ କ୍ରୋମାଇଟ୍ ଖଣି ଗୁରୁତର ଭାବେ ଅସୁରକ୍ଷିତ ହୋଇଥିବା ନେଇ କେନ୍ଦ୍ର ସରକାରଙ୍କ ୱେବ୍‌ପୋର୍ଟାଲ ସେଣ୍ଟ୍ରାଲାଇଜ୍‌ଡ ପବ୍ଲିକ ଗ୍ରିଭାନ୍ସ ରିଡ୍ରେସ ଆଣ୍ଡ ମନିଟରିଂ ସିଷ୍ଟମ ମାଧ୍ୟମରେ ଗତ ୯।୪।୨୦୨୧ ଏବଂ ୧୬।୪।୨୦୨୧ରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗରେ ଖଣିଠାରୁ ଉତ୍ତର ଦିଗକୁ ଥିବା ଡମ୍ପର ଦୂରତା ମାତ୍ର ୨୦ ମିଟର ଏବଂ ଦକ୍ଷିଣକୁ ରହିଥିବା ଡମ୍ପର ଦୂରତା ୩୦ ମିଟର। ଏନେଇ ଧରିତ୍ରୀରେ ସବିଶେଷ ତଥ୍ୟଭିତ୍ତିକ ଖବର ଗତ ୧୫।୬।୨୦୨୧ରେ ପ୍ରକାଶ ପାଇଥିଲା। ଏହାପରେ ଡିଜିଏମ୍‌ଏସ୍ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ତେବେ ବେଦାନ୍ତ ପ୍ରରୋଚନାରେ ତଦନ୍ତ ଯେପରି ବାଟବଣା ନ ହେବ, ସେଥିପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ତଦନ୍ତକାରୀ ଅଧିକାରୀଙ୍କୁ ତାଗିଦା କରାଯାଇଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଡିଜିଏମ୍‌ଏସ୍‌ର ତଦନ୍ତ ଅଧିକାରୀ ସତ୍ୟନାରାୟଣଙ୍କୁ ପଚାରିବାରୁ ସେ କହିଛନ୍ତି, ସମସ୍ତ ଦିଗକୁ ନେଇ ଅନୁଧ୍ୟାନ କରାଯାଉଛି। ତଦନ୍ତ ଅନୁସାରେ ବାସ୍ତବ ରିପୋର୍ଟ ସେ ପଠାଇବେ। ଏ ପର୍ଯ୍ୟନ୍ତ ଆପଣ ତଦନ୍ତରେ କି ତଥ୍ୟ ପାଇଛନ୍ତି ବୋଲି ପ୍ରଶ୍ନ କରିବାରୁ ସେ ସଂକ୍ରାନ୍ତରେ କିଛି କହିପାରିବି ନାହିଁ ବୋଲି ସତ୍ୟନାରାୟଣ ସ୍ପଷ୍ଟ କରିଛନ୍ତି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**NORTHERN CIRCLE, RURAL WORKS, ANGUL**
E-mail: sencrwangul@yahoo.co.in, Ph.- 06764-236404
No. 1454 / Dt.09.06.2021

**e-Procurement Notice for Survey & Investigation etc. for Bridge works in Odisha**

No. O-344:- 1. Name of the work: Survey & Investigation etc. of Bridge works. 2. Total No. of work: 2 Nos. 3. Other details:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Northern Circle, Angul | Bridge Online- AGL-07 / 2021-22 | 23.6.2021 at 10.00 A.M. | 14.07.2021 upto 5.30 P.M. | 07.07.2021 upto 1.00 P.M. | 19.07.2021 at 11.00 A.M. | Will be intimated later on |

(1) For detailed Notice inviting tenders, please visit to the website www.tendersorissa.gov.in.

**Sd./- D. Padhi, Superintending Engineer, N.C. Rural Works, Angul**
OIPR-25049/11/0006/2122



**REQUEST FOR PROPOSAL (RFP) FOR SUPPLY OF DIET (DRY, LIQUID & COOKED) TO PRM MEDICAL COLLEGE AND HOSPITAL, BARIPADA**
**TENDER CALL NOTICE**
**Tender RFP No. 1845/Diet/PRM Medical College & Hospital, Baripada/1 Date: 16.06.2021**

No. E-161: Sealed tenders are hereby invited from registered reputed Company/Firm/Society/Trust OR SHG/SHG Federation for outsourcing of Diet Service (Dry, Liquid & Cooked) for indoor Patients of PRM Medical College & Hospital, Baripada. Interested Company/Firm/Soceity/Trust OR SHG/SHG Federation should submit their Proposals in prescribed format (Technical Bids) along with Detailed Tender Call document with all supportive documents in sealed envelopes separately through Speed Post/Regd. Post/Courier directly to the office of the **Superintendent, PRM Medical College & Hospital, Baripada** on or before **14.07.2021 upto 5.30 P.M.** The details are available in the district website i.e. **www.mayurbhanj.nic.in**. Incomplete application will be summarily rejected. The sealed tenders shall be opened on 15.07.2021 at 11 A.M. in the Committee Hall, PRM medical College & Hospital, Baripada. The authority reserves the right to reject any or all tender assigning any reason thereof.

**Sd./- Superintendent**
**PRM MCH, Baripada, Mayurbhanj**
OIPR-10120/11/0002/2122



**FOREST HEAD QUARTERS, ODISHA**
**OFFICE OF THE PRINCIPAL CHIEF CONSERVATOR OF FORESTS**
**ARANYA BHAWAN, BHUBANESWAR - 23**
**NIT No. 569/10F (CAMPA) - 21/2021**
**Dated, Bhubaneswar the 16th June, 2021**

No. MM-101: The Principal Chief Conservator of Forests & HoFF, Odisha invites Technical & Financial proposals in sealed cover from the Thrid-party consultancy of National repute for Evaluation of Projects undertaken under Compensatory Afforestation Fund Management and Planning Authority (CAMPA) in the State of Odisha. Details of provisions in RFP are available at **www.odishaforest.in** and **www.odisha.gov.in** (All Tenders Section). Interested parties should submit their proposal along with other related documents as per RFP addressed to The Chief Executive Officer, State Authority Compensatory Afforestation Fund, Odisha, O/o. PCCF & HoFF, Odisha, Aranya Bhawan, Chandrasekharpur, Bhubaneswar - 751023 on or before **09.07.2021 by 2.00 P.M.**

**Sd./- Chief Executive Officer, State Authority Compensatory Afforestation Fund, Odisha**
OIPR-08002/11/0002/2122



**GOVERNMENT OF ODISHA** No. B-148
**OFFICE OF THE SUPERINTENDING ENGINEER, JEYPORE (R&B) CIRCLE, JEYPORE**
**INVITATIONS FOR BIDS (IFB)**
e-mail ID: supenger_rbjyp@yahoo.co.in
Phone No.: 06854-231528, Fax No. 06854-231528
**Bid Identification No. S.E.J.C. (R&B) - 03/2021-22**
No. 2285 Date: 08.06.2021

1. Nature of the Work : Building Work
2. Total No. of Works : 01 (One) No.
3. Estimated Cost : Rs.493.44 lakhs
4. Period of Completion : 11 (Eleven) Months
5. Cost of Bid Document : Rs.10,000/-
6. Bid Security (EMD) : Bid Security Declaration (Schedule-K)
7. Class of Contractor : "A" & "Special" Class
8. Date & time of availability of bid document in the portal : From 10.00 hours of 22.06.2021 to 17.00 hours of 06.07.2021
9. Last date/time for receipt of bids in the portal : 17.00 hours of 06.07.2021
10. Opening date of Bid : 10.00 hours of 07.07.2021
11. Name and address of the Officer Inviting Bid : Superintending Engineer Jeypore (R&B) Circle, Jeypore

Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender an also be seen in the said website only.

**Sd./- Superintending Engineer**
**Jeypore (R&B) Circle, Jeypore**
OIPR-34108/11/0003/2122



**ODISHA STATE BEVERAGES CORPORATION LIMITED**
**(A Government of odisha Undertaking)**
**Bhubaneswar - 751023 (Odisha)**
**CIN: U51228OR2000SGC006372**
**Tel.: 0674-2303972 (O), E-mail: osbcltd@gmail.com**

**APPLICATION FOR ENGAGEMENT OF ONE FULL TIME LEGAL RETAINER FOR OSBC LTD.**

No. CAD-455: Applications are invited from candidates for engagement of a Full Time Legal Retainer for OSBC Ltd. on monthly fee basis for a period of one year.
The applications should reach OSBC ltd. on or before 14.07.2021 along with one copy of receipt passport size photograph and copies of credentials by Speed Post or Regd. Post with AD only.
Interested candidates may visit the official wbesite of OSBC Ltd. i.e. **https://osbc.co.in** for details.

**Sd./- General Manager (Admn.)**
OIPR-36003/11/0001/2122



**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint venture)**
**Corporate Office : Burla, Dist.-Sambalpur (Odisha)-768017**

**NOTICE INVITING TENDER**

TP Western Odisha Distribution Limited invites tender (2part bidding) from eligible vendors for the following packages:

1) **TPWODL/PJ/O/SU/014– Rate Contract for Supply of 250KVA & 500KVA, 33/0.433KV, 3-Ø, Cu. Wound, ONAN type BIS ENERGY EFFICIENCY LEVEL-II RATING DISTRIBUTION TRANSFORMER.**

Interested bidders to submit Tender Participation Fee and Authorization Letter through email before **28th June 2021, 1500Hrs**, after which link from e-Tender system shall be shared.

For detailed tender documents of the above mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd/- **Chief-Contracts and Stores**



**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RWSS DIVISION, KORAPUT**
**National Competitive Bidding Through E-Procurement**
**Tender Indentification No.03/EE/RWSS/KPT/2021-22/11.06.2021**
**e-mail-eerwss_kpt@rediffmail.com**
**Ph.No. 06852-250281 (Off), Ph. No. 06852-250680 (Res.),**
No.O-342:- **Fax No.- 06852-251098**

The Executive Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Double cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted online in the website www.tendersorissa.gov.in separately for the works.

| | | |
|---|---|---|
| 1 | Nature of work | Rural piped water supply work (Civil) |
| 2 | Estimated cost | Varies from 50.11 lakhs to 54.34 lakhs |
| 3 | No. of works | 2 Nos. |
| 4 | Tender cost | Rs.10000 |
| 5 | Class of contractor | 'B' & 'A' |
| 6 | Availability of bid document in the website | Dt.24.06.2021 17 hours to 05.07.2021, 17 hours |
| 7 | Date of seeking clarification | During the office hours of 24.06.2021 to 03.07.2021 |
| 8 | Date of opening of bid | Dt.07.07.2021 at 11 hours |

Further details can be seen in the bidding documents which is avilable in the e-procurement portal https/www.tendersorissa.gov.in subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

**Sd./- Executive Engineer, RWS&S Division, Koraput**
OIPR-25034/11/0004/2122



**OFFICE OF THE EXECUTIVE OFFICER**
**NOTIFIED AREA COUNCIL, BELLAGUNTHA, GANJAM**
**ODISHA, PIN- 761119**
**Phone No.06821 258244**
**E-Mail ID: eonacbellaguntha@gmail.com**
L.No.: 774 Date: 16.06.2021

**NOTICE INVITING EXPRESSION OF INTEREST / QUOTATION**

No.C-406:- Executive Officer, on behalf of Bellaguntha NAC, Dist.-Ganjam invites Expression of Interest from IT Companies/ Any other agencies having GST registration certificate and experience for the following work.

**01. To provide a citizen Web Portal for Bellaguntha NAC with Home, about us, tenders, options for directing to various Govt. Website, gallery, Officials details (Staffs, council bodies), application forms, admin login features etc.**

The quotation should furnish their rate for the work as mentioned above. Preference shall be given to those IT companies / agencies who have already rendered similar types of services to various Urban Local Bodies of Govt. of Odisha. The sealed envelope indicating offer rate or E.O.I. including Paper Cost Rs.500 & EMD: Rs.2000 (Office MR Receipts also Acceptable) & Offer rate of E.O.I. should reach through Regd. Post/ Speed Post or by person to the undersigned on or before Dt.29.06.2021 upto 1 P.M. and the same will be opened on the same day at 3.30 P.M. in the presence of the quotationers or their authorized representative. The quotation received beyond the schedule date and time will not be considered at all.

The undersigned reserves the rights to accept or reject any or all the E.O.I. proposal without assigning any reason thereof.

**Sd./- Executive Officer, NAC, Bellaguntha**
OIPR-13113/11/0008/2122



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P.H. CIRCLE (R&B), NIRMAN SAUDHA, BHUBANESWAR**
Ph.: 0674-2396530, E-mail: segphbbsr@gmail.com
**Cancellation of 'C' Class Registration Certificate of SHRI SURYAMANI SETHI 'C' Class Contractor**
**File No. I.A-54/2021-22, Notice No. 692 Dated: 16.06.2021**

No. B-155: **Shri Suryamani Sethi**, S/o. Late Gangadhar Sethi, At: Garedaswar, P.O.- Bamadevpur, Dist.- Jajpur, Odisha was registered as 'C' Class Contractor vide **S.E. P.H. Circe (R&B) Odisha,** Bhubaneswar order **No. 1265 Dt.24.07.2004 with Registration No. 86 of 2004-05**. He has requested to this office for **Cancellation** of the 'C' Class registration certificate & release of his one time security deposit.
This notice is required to be published for information of all Government Department/Offices where he has executed any work. If any Government dues/materials are outstanding against the contractor, which are due to be recovered may pelase be reported to the undersigned within **30 (thirty) days** from the date of publication of this notice for recovery/ adjustment to Government account. In case no report is received from any office within the stipulated period, i.e. within thirty days from the date of publication of this notice, the one time deposit of Rs.10,000/- (Rupees ten thousand) only, made by the contractor will be released without any further notice. If any Government dues/materials will be detected otustanding agaisnt **Shri S. Sethi** by any office beyond this stipulated time, it will be at the risk and responsibility of the concerned reporting authority.

**Sd./- (Er. D.P. Mishra)**
**Superintending Engineer, P.H. Circle (R&B), Odisha, Bhubaneswar**
**OIPR-34130/11/0004/2122**



**TENDER CALL NOTICE**

No.E-159:- Sealed tenders are invited from the Manufacturer/ Importer/ Authorized Distributors/ Stockiests/ Dealers for supply of Medicines to Mental Health Institute, SCB Medical College Hospital, Cuttack-753007. The tender will be opened on scheduled date and time in the office of the undersigned in presence of the bidders or their authorized representatives. In the event of the date being declared as holiday of Govt. of Odisha, the due date of submission of bids and opening of bids will be the next working day. The bidders may download the Tender Documents directly from the website www.scbmch.nic.in and also can be obtained from the office of the Director-cum-Medical Superintendent, Mental Health Institute, SCB Medical College Hospital, Cuttack. The cost of tender paper is Rs.1,000/- (Rupees one thousand only) (Non-refundable) by cash payment or bank draft/demand draft in favour of **"Director-cum-Medical Superintendent, Mental Health Institute, SCB Medical College Hospital, Cuttack"** payable at Cuttack from any Nationalized Bank. Any tender received after the due date and time will be rejected and return to the sender un-opened. The tender will be received thrgouh Speed Post/Regd. Post only. The authority reserves the right to reject any / all the tenders without assigning any reasons thereof.

| | | | |
|---|---|---|---|
| 1. | Date of sale of tender paper | - | **23.06.2021 to 20.07.2021** |
| 2. | Last date for receipt of tender paper | - | **22.07.2021** |
| 3. | Date of opening of tender | - | **23.07.2021 at 12.30 P.M.** |
| 4. | Place of opening of tender | - | Office of the Director-cum-Medical Superintendent, Mental Health Institute, S.C.B. Medical College Hospital, Cuttack-753007 |

**Sd./- Director-cum-Medical Superintendent,**
**Mental Health Institute, S.C.B. Medical College Hospital, Cuttack**
OIPR-10051/11/0002/2122



**GOVERNMENT OF ODISHA, OFFICE OF THE EXECUTIVE ENGINEER, UPPER INDRAVATI LEFT CANAL DIVISION NO-II**
**DHARAMGARH, KALAHANDI, ODISHA. e-mail: eeuilcdii@gmail.com**
No.A-198: **e-Procurement Notice No. EE/UILCD-II-02/2021-22(01-04)**
**No. 791** **Dtd. 16.06.2021**

1. Type of work : Renovation of canal works
2. No. of works : 04 (Four) Nos. of individual works
3. Class of contractor : 'D', 'C' & 'B' class
4. Bid identification No. : EE/UILCD-II-02/2021-22(01-04)
5. Estimated cost : Varies from Rs.14.98 lakh to Rs.34.20 Lakh
6. Period of completion : 06 (Six) calendar months
7. Other details as follows :

| Procurment Officer | Bid Identification No. | Availability of Bid On-line | Submission of Bid On-line | Date & time of opening of tender |
|---|---|---|---|---|
| 1 | 2 | 3 | 4 | 5 |
| Executive Engineer, UI Left Canal Division No.II, Dharamgarh, Dist- Kalahandi | EE/UILCD-II-02/2021-22(01-04) | From 22.06.2021, 11.00 AM to 06.07.2021, 5.00 P.M. | From 22.06.2021, 11.00 AM to 06.07.2021, 5.00 P.M. | 07.07.2021 at 11.00 AM onwards in the O/o Executive Engineer, UI Left Canal Division No.II, Dharamgarh, Dist- Kalahandi |

**(A) Any addendum/ corrigendum/ cancellation of tender can also be seen in the said Website.**
**(B) Further details can be seen from Government Website- https://tendersodisha.gov.in.**

**Sd./- Executive Engineer, UI Left Canal Division No.-II, Dharamgarh**
OIPR-32261/11/0002/2122



**GOVERNMENT OF ODISHA** No. A-201
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, KHURDA IRRIGATION DIVISION, KHURDA**
**Dist.: Khurda, Odisha - 752056, Tel./Fax: 06755-296075, Mail ID: eekhurdairrigationdivision@gmail.com**
**'e' Procurement Notice No. KHD-02 of 2021-22**

1. Name of the Work : 8 Nos. of Different Flood Control Works
2. Tender Cost : Varies from Rs.25.17 to Rs.43.02 lakhs
3. Bid Document Cost : 6,000.00
4. Bid Security : Bid Security Declaration to be furnished as per Annexure-I of Section-2 of Bid document.
5. Class of Contractor : C, B & A Class (As applicable)
6. Period of Completion : 6 (Six) Calendar Months
7. Other details are as follows :

| Procurement Officer | Bid Identification No. | Availability of Tender Online for Bidding | | Date of Opening of Bid |
|---|---|---|---|---|
| | | From | To | |
| Executive Engineer, Khurda Irrigation Division, Khurda | KHD 02-01 of 2021-22 to KHD 02-8 of 2021-22 (8 Nos. of works) | 21.06.2021 10.00 A.M. | 02.07.2021 5.00 P.M. | 05.07.21 11.00 A.M. |

8. E-mail Id : **eekhurdairrigationdivision@gmail.com**
9. If required lottery may be held on **16.07.21 at 11.00 A.M.**

Further detail conditions can be seen from the Govt. website **www.tendersodisha.gov.in.**

**OIPR-32078/11/0002/2122** **Sd./- Executive Engineer, Khurda Irrigation Division, Khurda**

**ସ୍ପେସ୍ ଷ୍ଟେଶନ ମୁହାଁ ୩ ମହାକାଶ ଯାତ୍ରୀ**

ଚାଇନା ଏହାର ନୂଆ ସ୍ପେସ୍ ଷ୍ଟେଶନ ଅଭିମୁଖେ ୩ ମହାକାଶ ଯାତ୍ରୀଙ୍କୁ ଗୁରୁବାର ପଠାଇଛି। ଶେନଝୋଉ-୧୨ ମହାକାଶ ଯାନକୁ ରକେଟ ଲୋଙ୍ଗ୍ ମାର୍ଚ୍ଚ-୨-ଏଫ୍‌ୱାଇ-୧୨ ଦ୍ୱାରା ଉତ୍ତର-ପଶ୍ଚିମ ଚାଇନାର ଗୋବି ମରୁଭୂମିରେ ଥିବା ଜିଓକ୍ୱାନ୍ ସାଟେଲାଇଟ୍ ଲଞ୍ଚ୍ ସେଣ୍ଟରରୁ ଉତ୍‌କ୍ଷେପଣ କରାଯାଇଛି। ଏହାର ସିଧା ପ୍ରସାରଣ ସିଜିଟିଏନ୍ ଟିଭି ଦ୍ୱାରା କରାଯାଇଛି। ତାଙ୍ଗ୍ ହୋଙ୍ଗ୍‌ବୋ, ନାଇ ହାଇଶେଙ୍ଗ୍ ଏବଂ ଲିଉ ବୋମିଙ୍ଗ୍ ସ୍ପେସ୍ ଷ୍ଟେଶନରେ ୩ ମାସ ରହିବେ।

## ସଂକ୍ଷେପରେ

### ୨୩ ଆଫଗାନ କମାଣ୍ଡୋ ନିହତ

**କାବୁଲ, ୧୭।୬:** ଆଫଗାନିସ୍ତାନର ଫର୍‌ୟାବ ପ୍ରଦେଶରେ ତାଲିବାନ ସହ ସଂଘର୍ଷରେ ସ୍ୱତନ୍ତ୍ର ୟୁନିଟର ୨୩ ସୈନ୍ୟ ନିହତ ହୋଇଛନ୍ତି। କମାଣ୍ଡୋ ଏବଂ ସ୍ଥାନୀୟ ସୈନ୍ୟଙ୍କ ପକ୍ଷରୁ ଦୌଲତାବାଦ ଜିଲାରେ କ୍ଲିନିଂ ଅପରେଶନ ଚାଲିଥିବାବେଳେ ସଂଘର୍ଷ ଘଟିଥିଲା। ଏହି ହିଂସାରେ ୬ ଜଣ ପୋଲିସ ଆହତ ହୋଇଛନ୍ତି। ଶାନ୍ତି ପ୍ରକ୍ରିୟା ବ୍ୟାଘାତ ହେବା ପରେ ଆଫଗାନିସ୍ତାନରେ ହିଂସା ଜାରି ରହିଛି।

### ପଶୁପତି ପାରସ ଏଲ୍‌ଜେପି ଅଧ୍ୟକ୍ଷ



**ନୂଆଦିଲ୍ଲୀ, ୧୭।୬:** ଚିରାଗ ପାଶ୍ୱାନଙ୍କୁ ଲୋକ ଜନଶକ୍ତି ପାର୍ଟି(ଏଲ୍‌ଜେପି)ର ଅଧ୍ୟକ୍ଷ ପଦରୁ ହଟାଇ ତାଙ୍କ ଦାଦା ପଶୁପତି କୁମାର ପାରସ ଗୁରୁବାର ଦଳର ମୁଖ୍ୟ ନିର୍ବାଚିତ ହୋଇଛନ୍ତି। ଚିରାଗଙ୍କ ବିରୋଧରେ ବିଦ୍ରୋହର ନେତୃତ୍ୱ ନେଇଥିବା ଏଲ୍‌ଜେପି ପ୍ରତିଷ୍ଠାତା ରାମବିଲାସ ପାଶ୍ୱାନଙ୍କ ସାନଭାଇ ପଶୁପତି ତିନିଦିନ ପୂର୍ବରୁ ଏଲ୍‌ଜେପି ସଂସଦୀୟ ଦଳ ନେତା ନିର୍ବାଚିତ ହୋଇଥିଲେ। ଏଲ୍‌ଜେପିର ୬ ଲୋକ ସଭା ସଦସ୍ୟଙ୍କ ମଧ୍ୟରୁ ପଶୁପତିଙ୍କ ନେତୃତ୍ୱରେ ୫ ଜଣ ସୋମବାରଠାରୁ ଅଲଗା ହୋଇ ନିଜକୁ ସ୍ୱତନ୍ତ୍ର ଗୋଷ୍ଠୀ ଦାବି କରିଥିଲେ। ମଙ୍ଗଳବାର ବିଦ୍ରୋହୀ ନେତାମାନେ ଏକ ଜରୁରୀ ବୈଠକ କରି ଚିରାଗଙ୍କୁ ଦଳ ଅଧ୍ୟକ୍ଷ ପଦରୁ ବହିଷ୍କାର କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସେମାନଙ୍କର ଏହି ଘୋଷଣା ପରେ ଚିରାଗ ତାଙ୍କ ଦାଦା ଓ ଅନ୍ୟ ବିଦ୍ରୋହୀ ଏମ୍‌ପିମାନଙ୍କୁ ଦଳରୁ ବହିଷ୍କାର କରିଥିଲେ। ତେବେ ଏଲ୍‌ଜେପି ସଂସଦୀୟ ଦଳ ନେତା ଭାବେ ପଶୁପତିଙ୍କୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଗ୍ରହଣ କରିବା ପରେ ବିଦ୍ରୋହୀ ଗୋଷ୍ଠୀକୁ ଆନୁଷ୍ଠାନିକ ଅନୁମୋଦନ ମିଳିଯାଇଥିଲା।

### ଦିଲ୍ଲୀ ଦଙ୍ଗା: ଜେଲ୍‌ରୁ ମୁକୁଳିଲେ ୩ ଅଭିଯୁକ୍ତ

**ନୂଆଦିଲ୍ଲୀ, ୧୭।୬(ପି.ଟି.):** ଦିଲ୍ଲୀ ଦଙ୍ଗା ମାମଲାରେ ଗତ ୧୫ ତାରିଖରେ ହାଇକୋର୍ଟରୁ ଜାମିନ ପାଇଥିବା ଜାମିଆ ମିଲିଆ ଇସ୍‌ଲାମିଆ ଛାତ୍ର ଆସିଫ୍ ଇକ୍‌ବାଲ ତନ୍‌ହା ଏବଂ ଜେଏନ୍‌ୟୁ ଛାତ୍ରୀ ଦେବାଙ୍ଗନା କଲିତା ଓ ନତାଶା ନରୱାଲ ଗୁରୁବାର ତିହାର ଜେଲ୍‌ରୁ ଜାମିନରେ ବାହାରିଛନ୍ତି। ସେମାନଙ୍କୁ ଜେଲ୍‌ରୁ ତୁରନ୍ତ ମୁକ୍ତ କରିବାକୁ ତଳକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଗୁରୁବାର ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇ ଦିଆଯାଇଥିଲା। ତଳକୋର୍ଟ ଅଭିଯୁକ୍ତମାନଙ୍କ କାଗଜପତ୍ର ଓ ଠିକଣା ଯାଞ୍ଚ କରିବା ପରେ ଜେଲ୍‌ରୁ ମୁକ୍ତ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ ଏବଂ ଇଲେକ୍ଟ୍ରୋନିକ ମାଧ୍ୟମରେ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଖକୁ ରିଲିଜ୍ ୱାରେଣ୍ଟ ପଠାଇଥିଲେ। ତଳକୋର୍ଟ ୱାରେଣ୍ଟ ଅର୍ଡର ଜାରି କରିଥିବାରୁ ଜାମିନ ମାମଲାର ଏଇଠି ପରିସମାପ୍ତି ହେଲା ବୋଲି ହାଇକୋର୍ଟ କହିଛନ୍ତି। ଦିଲ୍ଲୀ ପୋଲିସ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ଶୁକ୍ରବାର ଏହି ଆବେଦନର ଶୁଣାଣି ହେବ।

### ଦେଶଦ୍ରୋହ ମାମଲାରେ ଆଇଶାଙ୍କୁ ଜାମିନ



**କୋଚି, ୧୭।୬:** ଲାକ୍ଷାଦ୍ୱୀପ ଚଳଚ୍ଚିତ୍ର ନିର୍ମାତା ଆଇଶା ସୁଲତାନାଙ୍କୁ କେରଳ ହାଇକୋର୍ଟ ଗୁରୁବାର ଦେଶଦ୍ରୋହ ମାମଲାରେ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଆଇଶା ବରିଷ୍ଠ ଆଇନଜୀବୀ ପି. ବିଜୟଭାନୁଙ୍କ ଜରିଆରେ ଜାମିନ ଆବେଦନ କରିଥିଲେ। ଯଦି ଜେରା ପରେ ଆଇଶା ଗିରଫ ହୁଅନ୍ତି, ତେବେ ଆଗୁଆ ଜାମିନ ବଳରେ ସେ ସିଓରିଟି ବଣ୍ଡ ଦାଖଲ କରି ଯାଇପାରିବେ ବୋଲି କୋର୍ଟ କହିଛନ୍ତି। ଜେରା ବେଳେ ଗିରଫ ହେଲେ ତାଙ୍କୁ ଆଇନଗତ ସହାୟତା ସ୍ୱରୂପ ଓକିଲ ଯୋଗାଇ ଦିଆଯିବ। ସୂଚନାଯୋଗ୍ୟ, ଏକ ଟେଲିଭିଜନ ବିତର୍କରେ ଭାଗନେଇ ଆଇଶା କହିଥିଲେ, କେନ୍ଦ୍ର ସରକାର ଲାକ୍ଷାଦ୍ୱୀପରେ କୋଭିଡ୍-୧୯କୁ ଏକ ଜୈବ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ସେ ମହାମାରୀକୁ ନେଇ ମିଥ୍ୟା ଖବର ପ୍ରଚାର କରୁଥିବା ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏହାର ପ୍ରତିବାଦରେ ୧୫ ଜଣ ଭାଜପା ନେତା ଦଳ ଛାଡ଼ିଥିଲେ।

## ମିଳିଲା ତୃତୀୟ ବୃହତ୍ ହୀରା



ଦକ୍ଷିଣ ଆଫ୍ରିକୀୟ ଦେଶ ବୋଟ୍‌ସ୍ୱାନାରେ ବିଶ୍ୱର ୩ ବୃହତ୍ତମ ହୀରା ଠାବ ହୋଇଛି। ନାମକରଣ ହୋଇ ନ ଥିବା ଏହି ୧,୦୯୮ କ୍ୟାରେଟ୍‌ର ମୂଲ୍ୟବାନ ଧାତୁ ଆଙ୍ଗ୍ଲୋ ଆମେରିକୀୟ ଡେ ବିୟର୍ସ ଏବଂ ବୋଟ୍‌ସ୍ୱାନା ସରକାରଙ୍କ ମିଳିତ ଉଦ୍ୟମରେ ମିଳିଛି। ରାଷ୍ଟ୍ରପତି ମୋକ୍‌ଗ୍ୱିଟ୍‌ସିଙ୍କୁ ଦେବ୍‌ସ୍ୱାନା ଡାଇମଣ୍ଡ କମ୍ପାନୀ ପକ୍ଷରୁ ଉପହାର ଦିଆଯାଇଛି। ୨୦୨୦ରେ କୋଭିଡ୍-୧୯ ମହାମାରୀ ଯୋଗୁ ହୀରା ବ୍ୟବସାୟ ମାନ୍ଦା ଥିବାବେଳେ ବର୍ତ୍ତମାନ ଉପଯୁକ୍ତ ସମୟରେ ଏହା ମିଳିଛି ବୋଲି ଖଣିମନ୍ତ୍ରୀ ଲେଫୋକୋ ମୋଆଗି ସୂଚନା ଦେଇଛନ୍ତି। ୧୯୦୫ରେ ମିଳିଥିବା ଦକ୍ଷିଣ ଆଫ୍ରିକାର ୩,୧୦୬ କ୍ୟାରେଟ୍ ବିଶିଷ୍ଟ କୁଲିନାନ୍ ଷ୍ଟୋନ୍‌କୁ ସବୁଠୁ ବଡ଼ ହୀରା ବୋଲି କୁହାଯାଉଛି। ସେହିପରି ୨୦୧୫ରେ ଲୁକାରା ଡାଇମଣ୍ଡସ୍ ବୋଟ୍‌ସ୍ୱାନାରେ ୧,୧୦୯ କ୍ୟାରେଟ୍‌ର ଲେସେଡି ଲା ରୋନା ହୀରା ପାଇଥିଲା, ଯାହାକି ଦ୍ୱିତୀୟ ବୃହତ୍ତମ।

## ଟାଇମ୍ସ ସ୍କୋୟାରରେ ଚମକିଲେ କରିନା




ଆମେରିକାର ନ୍ୟୁୟର୍କ ସିଟିସ୍ଥିତ ଟାଇମ୍ସ ସ୍କୋୟାର ବିଲ୍‌ବୋର୍ଡରେ ଚମକିଲେ ବଲିଉଡ୍ ଅଭିନେତ୍ରୀ କରିନା କପୁର ଖାନ୍। ଏକ ଲୋକପ୍ରିୟ ଜୁଏଲାରି ବ୍ରାଣ୍ଡ ପାଇଁ ବିଜ୍ଞାପନ କରିଥିବା କରିନାଙ୍କ ଭିଜୁଆଲ୍ ଡିସ୍‌ପ୍ଲେ ଏକ ବିଶାଳ ବିଲ୍‌ବୋର୍ଡରେ ଦେଖିବାକୁ ମିଳିଛି। କରିନା ଏହାର ଭିଡିଓକୁ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିଛନ୍ତି। ଏଥିରେ ସେ ଲେଖିଛନ୍ତି, ଗୁଡ୍ ନ୍ୟୁଜ୍। ଶାଇନିଂ ବ୍ରାଇଟ୍ ଲାଇକ୍ ଡାଇମଣ୍ଡସ୍ ଆଣ୍ଡ ଗୋଲ୍ଡ ଅନ୍ ଏ ବିଲ୍‌ବୋଡ #TimesSquareNYC । ସୋସିଆଲ ମିଡିଆରେ ଏହା ଭାଇରାଲ ହେବାରେ ଲାଗିଛି। ସାରା ବିଶ୍ୱର ଫ୍ୟାନ୍‌ମାନେ ଏଥିରେ ସୁନ୍ଦର ସୁନ୍ଦର କମେଣ୍ଟ ଦେଇଛନ୍ତି। କରିନାଙ୍କୁ ଅଦ୍ୱୈତ ଚନ୍ଦନଙ୍କ ନିର୍ଦ୍ଦେଶିତ ଆଗାମୀ ଫିଲ୍ମ 'ଲାଲ୍ ସିଂ ଚଢା'ରେ ଆମୀର ଖାନ୍‌ଙ୍କ ବିପକ୍ଷରେ ଦେଖିବାକୁ ମିଳିବ।

# ସୋସିଆଲ ମିଡିଆକୁ ଟାର୍ଗେଟ



ଗଣମାଧ୍ୟମର ସ୍ୱାଧୀନତା ପାଇଁ ଲଢୁଥିବା ରିପୋଟର୍ସ ୱିଦାଉଟ୍ ବର୍ଡର୍ସ (ଆର୍‌ଏସ୍‌ଏଫ୍) ମତରେ ବିଶ୍ୱ ପ୍ରେସ୍ ଫ୍ରିଡମ୍ ସୂଚକାଙ୍କରେ ୧୮୦ ଦେଶ ମଧ୍ୟରୁ ଭାରତର ସ୍ଥାନ ୧୪୨। ଉତ୍ତର ପ୍ରଦେଶର ଗାଜିଆବାଦରେ ଜଣେ ସଂଖ୍ୟାଲଘୁ ବୃଦ୍ଧଙ୍କ ଉପରେ ଆକ୍ରମଣର ରିପୋର୍ଟିଂ କରିଥିବା ଖବରଦାତାମାନଙ୍କ ବିରୋଧରେ ମାମଲା ରୁଜୁ ପରିପ୍ରେକ୍ଷୀରେ ଏହି ପ୍ରସଙ୍ଗକୁ ଆର୍‌ଏସ୍‌ଏଫ୍ ବର୍ତ୍ତମାନ ଉଠାଇଛି। ଟୁଇଟର, ଫେସ୍‌ବୁକ୍ ସମେତ ତମାମ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏବେ କେନ୍ଦ୍ର ଏବଂ ୟୁପି ସରକାରଙ୍କ ଟାର୍ଗେଟରେ। ତେଣୁ କେନ୍ଦ୍ରର ନୂଆ ଆଇଟି ଗାଇଡ୍‌ଲାଇନ୍‌କୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।



୭୨ ବର୍ଷୀୟ ଅବ୍‌ଦୁଲ ସମାଦ ସଇଫି (ମଝି) ତାଙ୍କ ସହ ବିତିଥିବା ଘଟଣା ସମ୍ପର୍କରେ କହୁଛନ୍ତି। ବାମରେ ଦାଢ଼ି କାଟିବା ଓ ଡାହାଣରେ ମାରପିଟ୍ ବେଳର ଦୃଶ୍ୟ।

## କେନ୍ଦ୍ର ବ୍ୟାନ୍ ସପକ୍ଷରେ ନୁହେଁ, କିନ୍ତୁ...

**ନୂଆଦିଲ୍ଲୀ, ୧୭।୬**

କେନ୍ଦ୍ର ସରକାର ଟୁଇଟରକୁ ବ୍ୟାନ୍ କରିବା ସପକ୍ଷରେ ନାହାନ୍ତି। କିନ୍ତୁ ଏହି ସୋସିଆଲ ନେଟ୍‌ୱର୍କିଂ ସାଇଟ୍‌କୁ ଭାରତୀୟ ଆଇନକୁ ମାନିବାକୁ ପଡ଼ିବ ବୋଲି ଗୁରୁବାର କେନ୍ଦ୍ର ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି।

ଟୁଇଟର ଉପରେ କେନ୍ଦ୍ର ପକ୍ଷରୁ ଲଗାଯାଇଥିବା କଟକଣାକୁ ନେଇ ଲୋକଙ୍କ ମନରେ ଅନେକ ପ୍ରଶ୍ନ ଉଠିବାରେ ଲାଗିଛି। ଏହାର ଜବାବରେ ରବିଶଙ୍କର ଏକାଧିକ ଟୁଇଟ୍ କରି କହିଛନ୍ତି, କେନ୍ଦ୍ର ସରକାର କୌଣସି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଉପରେ କଟକଣା ଜାରି କରିବାକୁ ଚାହୁଁନାହାନ୍ତି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଟୁଇଟରରେ ଅଛନ୍ତି। ଏହା ସରକାରଙ୍କ ନିରପେକ୍ଷତାକୁ ଦର୍ଶାଉଛି। କିନ୍ତୁ ଟୁଇଟର ନିକଟରେ ଆଇନ ନ ମାନି ମଧ୍ୟସ୍ଥ ସଂସ୍ଥା ହେବାର ଷ୍ଟାଟସ୍ ହରାଇଦେଇଛି।

ଅନ୍ୟପକ୍ଷେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ସବୁକିଛି ଉପରେ ନିୟନ୍ତ୍ରଣ ଚାହାନ୍ତି। ଏଥିରେ ବିଫଳ ହେଲେ ଚାପ ପକାଇ ଆୟତ୍ତ ଉଦ୍ୟମ କରିଥାଆନ୍ତି, ଯାହାକି ଟୁଇଟର କ୍ଷେତ୍ରରେ ଦେଖିବାକୁ ମିଳିଛି। ଟୁଇଟର ନିୟନ୍ତ୍ରଣ ଉଦ୍ୟମ ଫେଲ୍ ମାରିବା ପରେ କେନ୍ଦ୍ର ଏହି ପ୍ଲାଟଫର୍ମକୁ ଚପାଇଦେବା ପାଇଁ ପ୍ରୟାସ କରୁଛି। ତାଙ୍କ ସରକାର ସହ ମଧ୍ୟ କେନ୍ଦ୍ର ଏପରି ବ୍ୟବହାର ଦେଖାଇଥିଲା, ଯାହାକି ନିନ୍ଦନୀୟ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମାଲୋଚନା କରିଛନ୍ତି।

## ସ୍ୱରା ଭାସ୍କରଙ୍କ ନାଁରେ ମାମଲା



> ଖବରଦାତାମାନଙ୍କ ବିରୋଧରେ ୟୁପି ପୋଲିସ ମାମଲା ରୁଜୁ କରିବା ନିନ୍ଦନୀୟ। ସ୍ୱାଧୀନ ଗଣମାଧ୍ୟମକୁ ହଇରାଣ କରିବା ପାଇଁ ରିପୋର୍ଟିଂ ଓ ବିରୋଧୀ ସ୍ୱରର ଅପରାଧୀକରଣ କରିବା ଦୁର୍ଭାଗ୍ୟଜନକ।
> -ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ

> ସାମ୍ବାଦିକଙ୍କ ସହ ଟୁଇଟର ଇଣ୍ଡିଆ ବିରୋଧରେ ୟୁପି ପୋଲିସ ରୁଜୁ କରିଥିବା ଆପରାଧିକ ମାମଲାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମାମଲା ହଟାଇବାକୁ ନିର୍ଦ୍ଦେଶ ଦେବା ସହ ନିଜ ବିଶ୍ୱସନୀୟତାର ପ୍ରମାଣ ଦିଅନ୍ତୁ।
> -ରିପୋଟର୍ସ ୱିଦାଉଟ୍ ବର୍ଡର୍ସ

**ନୂଆଦିଲ୍ଲୀ, ୧୭।୬**

ଉତ୍ତରପ୍ରଦେଶର ଗାଜିଆବାଦରେ ଜୁନ୍ ୫ରେ ଜଣେ ବୟୋଜ୍ୟେଷ୍ଠ ମୁସଲମାନ ବ୍ୟକ୍ତିଙ୍କୁ ଆକ୍ରମଣ କରି ତାଙ୍କ ଦାଢ଼ି କାଟିବା ବିବାଦ ଥମିବାର ନାଁ ନେଉନାହିଁ। ଉକ୍ତ ଘଟଣାର ଦୃଶ୍ୟ ଥିବା ଭିଡିଓ ଶେୟାର କରିବା ଅଭିଯୋଗରେ ତିଲକ ମାର୍ଗ ଥାନାରେ ବଲିଉଡ୍ ଅଭିନେତ୍ରୀ ସ୍ୱରା ଭାସ୍କରଙ୍କ ବିରୋଧରେ ଦିଲ୍ଲୀ ପୋଲିସ ମାମଲା ରୁଜୁ କରିଛି। ସ୍ୱରାଙ୍କ ସମେତ ଟୁଇଟର ଇଣ୍ଡିଆ ଏମ୍‌ଡି ମନୀଷ ମାହେଶ୍ୱରୀ ଓ ଅନ୍ୟ କେତେଜଣ ବ୍ୟକ୍ତିଙ୍କ ନାମ ଏଫ୍‌ଆଇଆର୍‌ରେ ରହିଛି।

ସୋସିଆଲ ମିଡିଆରେ ଅପ୍‌ଲୋଡ୍ ହୋଇଥିବା ଭିଡିଓରେ ଗାଜିଆବାଦର ଲୋନି ଅଞ୍ଚଳରେ ମୁସ୍‌ଲମାନ ବ୍ୟକ୍ତି ଅବ୍‌ଦୁଲ ମସାଦଙ୍କୁ ୪ ଜଣ ବ୍ୟକ୍ତି ପିଟୁଥିବା ଦେଖିବାକୁ ମିଳୁଛି। ସେମାନେ ତାଙ୍କର ଦାଢ଼ି କାଟିଦେବା ସହ 'ଜୟ ଶ୍ରୀରାମ' କହିବାକୁ ବାଧ୍ୟ କରିଥିଲେ। ଗାଜିଆବାଦ ପୋଲିସ ଦୁଇଦିନ ପରେ ଅଭିଯୋଗ ପାଇ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା କହିଛି। ବର୍ତ୍ତମାନ ସୁଦ୍ଧା ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କଲ୍ଲୁ ଗୁରଜର, ପରବେଶ ଗୁଜ୍ଜର, ଆଦିଲ, ଇନ୍ତେଜାର ଏବଂ ସଦ୍ଦାମ ଓରଫ ବଉନା। ଏକ ତାବିଜ ବିକ୍ରିକୁ ନେଇ ସମାଦ ଆକ୍ରମଣର ଶିକାର ହୋଇଥିବା ପୋଲିସ କହିଛି। ଗାଜିଆବାଦ ଏସ୍‌ପି ଅମିତ୍ ପାଠକ କହିଛନ୍ତି, ବୁଲନ୍ଦସହର ବାସିନ୍ଦା ପୀଡ଼ିତ ଅବ୍‌ଦୁଲ ସମାଦ ଦାଢ଼ି କାଟିବା କିମ୍ବା 'ଜୟ ଶ୍ରୀରାମ' ସ୍ଲୋଗାନ ଦେବାକୁ ବାଧ୍ୟ କରାଯାଇଥିବା ବିଷୟ ଅଭିଯୋଗ କରିନାହାନ୍ତି। ୟୁପି ପୋଲିସ ଟୁଇଟର, ନ୍ୟୁଜ୍ ପୋର୍ଟାଲ 'ଦି ୱାୟର', ଖବରଦାତା ମହମ୍ମଦ ଜୁବୈର, ରାଣା ଆୟୁବ, ବରିଷ୍ଠ ସାମ୍ବାଦିକ ସବା ନକଭି, କଂଗ୍ରେସ ନେତା ସଲମାନ ନିଜାମି, ମସ୍‌କୁର ଉସ୍‌ମାନି ଓ ସମା ମହମ୍ମଦଙ୍କ ବିରୋଧରେ ସୋସିଆଲ ମିଡିଆରେ ଉକ୍ତ ଭିଡିଓ ଶେୟାର କରିବା ଅଭିଯୋଗରେ ମାମଲା ରୁଜୁ କରିଛି। ଅନ୍ୟପକ୍ଷେ ସାମ୍ବାଦିକମାନଙ୍କ ବିରୋଧରେ ମାମଲା ରୁଜୁକୁ ଏଡିଟର୍ସ ଗିଲ୍ଡ (ଇଜିଆଇ) ପକ୍ଷରୁ ନିନ୍ଦା କରାଯାଇଛି। ତୁରନ୍ତ ଏହି ମାମଲାକୁ ପ୍ରତ୍ୟାହାର କରାଯାଉ ବୋଲି ଇଜିଆଇ ଦାବି କରିଛି।

ସେହିପରି ଉକ୍ତ ଭିଡିଓକୁ ଫେସ୍‌ବୁକ୍‌ରେ ଶେୟାର କରିବା ଅଭିଯୋଗରେ ବିରୋଧୀ ସମାଜବାଦୀ ପାର୍ଟି (ଏସ୍‌ପି) କର୍ମୀ ଉମୈଦ୍ ପେହେଲୱାନ ଇଦ୍ରିସିଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇଛି। ଉକ୍ତ କ୍ଲିପ୍‌କୁ ବିଭ୍ରାନ୍ତିକର ଓ ସାମ୍ପ୍ରଦାୟିକ ବୋଲି ପୋଲିସ ଦର୍ଶାଇଛି।

## ସକ୍ରିୟ ମାମଲା ୮.୨୬ ଲକ୍ଷ



**ନୂଆଦିଲ୍ଲୀ/ମୁମ୍ବାଇ, ୧୭।୬(ପି.ଟି.)**

ଦେଶରେ କରୋନା ସଂକ୍ରମଣ ଯଥେଷ୍ଟ ହ୍ରାସ ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୬୭,୨୦୮ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨,୩୩୦ ଜଣଙ୍କ ଜୀବନ ଯାଇଛି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୯୭,୦୦,୩୧୩ରେ ପହଞ୍ଚିଥିବାବେଳେ ବର୍ତ୍ତମାନ ସୁଦ୍ଧା ୩,୮୧,୯୦୩ ଜଣଙ୍କ ମୃତ୍ୟୁ ଘଟିଲାଣି। ତେବେ ଆରୋଗ୍ୟ ହାର ବଢ଼ିଥିବାରୁ ସକ୍ରିୟ ମାମଲା ସଂଖ୍ୟା ୮,୨୬,୭୪୦ରେ ପହଞ୍ଚିଛି, ଯାହାକି ୭୧ ଦିନ ପରେ ସର୍ବନିମ୍ନ। ସକ୍ରିୟ ମାମଲା ମୋଟ ସଂକ୍ରମଣର ୨.୭୮ ପ୍ରତିଶତକୁ ଖସିଆସିଥିବାବେଳେ ଆରୋଗ୍ୟ ହାର ୯୫.୯୩ ପ୍ରତିଶତକୁ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ସକ୍ରିୟ ମାମଲା ସଂଖ୍ୟା ୩୮,୬୯୨ କମିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ବୁଧବାର ୧୯,୩୧,୨୪୯ ଜଣ କୋଭିଡ୍ ପରୀକ୍ଷା କରାଇଥିଲେ। ପଜିଟିଭିଟି ହାର ୩.୪୮ ପ୍ରତିଶତକୁ ହ୍ରାସ ପାଇଛି। ଅନ୍ୟପକ୍ଷେ ୨ରୁ ୪ ସପ୍ତାହ ମଧ୍ୟରେ ମହାରାଷ୍ଟ୍ରରେ ତୃତୀୟ ଲହର ଦେଖାଦେଇପାରେ ବୋଲି ରାଜ୍ୟ କୋଭିଡ୍-୧୯ ଟାସ୍କଫୋର୍ସ ପକ୍ଷରୁ ସତର୍କ କରାଯାଇଛି। ଗତ ୩ ଦିନ ହେଲା ଯେଉଁଭଳି ଗହଳି ଲାଗି ରହିଛି, ତାହା ଜାରି ରହିଲେ, ତୃତୀୟ ଲହର ବେଶୀ ଡେରି ନୁହେଁ। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ଅଧ୍ୟକ୍ଷତାରେ ମୁକାବିଲା ପ୍ରସ୍ତୁତିର ସମୀକ୍ଷା କରାଯାଇଥିବାବେଳେ ଟାସ୍କଫୋର୍ସ ପକ୍ଷରୁ ଉପରୋକ୍ତ ରିପୋର୍ଟ ଦାଖଲ କରାଯାଇଛି।

## ନନ୍ଦିଗ୍ରାମ ନିର୍ବାଚନ ମାମଲା: ହାଇକୋର୍ଟ ଗଲେ ମମତା

**କୋଲକାତା, ୧୭।୬**




ପଶ୍ଚିମବଙ୍ଗର ନନ୍ଦିଗ୍ରାମ ନିର୍ବାଚନରେ ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କ ବିଜୟକୁ ଚ୍ୟାଲେଞ୍ଜ କରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର କାଲକାଟା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ପିଟିଶନର ଶୁଣାଣି ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ହେବ।

ଏପ୍ରିଲ ୧ରେ ଅନୁଷ୍ଠିତ ନନ୍ଦିଗ୍ରାମ ବିଧାନସଭା ଆସନ ନିର୍ବାଚନର ଫଳ ମେ' ୨ରେ ଆସିଥିଲା। ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ଭାଜପା ପ୍ରାର୍ଥୀ ତଥା ତାଙ୍କ ପୂର୍ବତନ ସହଯୋଗୀ ଶୁଭେନ୍ଦୁଙ୍କଠାରୁ ୨୯୨ ଭୋଟ ବ୍ୟବଧାନରେ ହାରିଥିଲେ। କିନ୍ତୁ ମମତା ୧୨୦୦ରୁ ଊର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିବା ସେତେବେଳେ ଟୁଇଟ୍ କରିଥିଲେ। ତେବେ ଶୁଭେନ୍ଦୁ ୧୯୦୦ ଭୋଟରେ ଜିତିଥିବା ଦର୍ଶାଇଥିଲେ। ପୁନଃ ଭୋଟ ଗଣତି ପାଇଁ ମମତାଙ୍କ ଦାବିକୁ ନିର୍ବାଚନ କମିଶନ ଅଗ୍ରାହ୍ୟ କରିବା ପରେ ଇସିଙ୍କ ଭୂମିକାକୁ ନେଇ ବିବାଦ ଉଠିଥିଲା। ଶୁଭେନ୍ଦୁ ଭୋଟରଙ୍କୁ ଲାଞ୍ଚ ଦେବା, ଘୃଣା ଓ ଶତ୍ରୁତା ଭାବ ଉସୁକାଇବା, ଧର୍ମ ଆଧାରରେ ଭୋଟ ମାଗିବା ଏବଂ ବୁଥ୍ ଦଖଲ କରିବା ଭଳି ଅସାଧୁ ପନ୍ଥା ଆପଣାଇଥିବାରୁ ତାଙ୍କ ବିଜୟକୁ ଅସିଦ୍ଧ ଘୋଷଣା କରାଯାଉ ବୋଲି ମମତା ଦାବି କରିଛନ୍ତି।

## ସେପ୍ଟେମ୍ବରରେ ନୋଭାଭାକ୍ସ

**ପିଲାଙ୍କଠାରେ ପରୀକ୍ଷା ଜୁଲାଇରୁ**

**ନୂଆଦିଲ୍ଲୀ, ୧୭।୬**




ଆମେରିକୀୟ ବାୟୋଟେକ୍‌ନୋଲୋଜି କମ୍ପାନୀ ନୋଭାଭାକ୍ସ ପ୍ରସ୍ତୁତ କରିଥିବା କୋଭିଡ୍ ଟିକା ୯୦ ପ୍ରତିଶତ ଫଳପ୍ରଦ ଏବଂ ନିରାପଦ ବୋଲି ପ୍ରାରମ୍ଭିକ ଫଳାଫଳରୁ ସ୍ପଷ୍ଟ ହୋଇଛି। ଭାରତରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଏହି ଟିକା ଉତ୍ପାଦନ କରିବାକୁ ଥିବାବେଳେ ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଏହା ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଜୁଲାଇ ମାସରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ ଏହି ଟିକାର କ୍ଲିନିକାଲ ପରୀକ୍ଷା ପିଲାମାନଙ୍କଠାରେ କରାଇବ ବୋଲି କହିଛି। ପିଲାଙ୍କଠାରେ ପରୀକ୍ଷା କରାଇବାରେ ଏହା ଚତୁର୍ଥ ଟିକା ହେବ। ହାଇଦ୍ରାବାଦର ଭାରତ ବାୟୋଟେକ୍ ୧୨ରୁ ୧୮ ବର୍ଷ ବୟସ ବର୍ଗର ପିଲାଙ୍କଠାରେ କୋଭାକ୍ସିନ ଟିକାର ପରୀକ୍ଷା ଆରମ୍ଭ କରିଦେଇଛି। ନୂଆଦିଲ୍ଲୀ ଓ ପାଟନା ଏମ୍ସରେ ହେଉଥିବା ଏହି ପରୀକ୍ଷାରେ ୫୨୫ ପିଲା ଅଂଶଗ୍ରହଣ କରିଛନ୍ତି। ୬ରୁ ୧୨ ବର୍ଷ ପିଲାଙ୍କଠାରେ ଏହି ପରୀକ୍ଷା ହେବାକୁ ଯାଉଥିବାବେଳେ ପରବର୍ତ୍ତୀ ସମୟରେ ୨ରୁ ୬ ବର୍ଷ ବୟସ ବର୍ଗର ପିଲାଙ୍କୁ ସାମିଲ କରିବା ପାଇଁ ଯୋଜନା ହୋଇଛି। ସେହିପରି ଜାଇଡସ କାଡିଲା ମଧ୍ୟ ଏହାର କୋଭିଡ୍ ଭାକ୍ସିନ ଜାଇକୋଭ୍-ଡି'ର ପରୀକ୍ଷା ୧୨ରୁ ୧୮ ବର୍ଷ ବୟସର ପିଲାମାନଙ୍କଠାରେ ଆରମ୍ଭ କରିଛି।



ଅଯୋଧ୍ୟା ଜମି କିଣା ଦୁର୍ନୀତି ପ୍ରତିବାଦରେ ଲକ୍ଷ୍ନୌରେ ବିକ୍ଷୋଭ ବେଳେ ଜଣେ କଂଗ୍ରେସ କର୍ମୀଙ୍କୁ ଉତ୍ତରପ୍ରଦେଶ ପୋଲିସ ଉଠାଇନେଉଛି।

# ଏନ୍‌ଆଇଏ କବ୍‌ଜାରେ ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ

## ଆଣ୍ଟିଲିଆ ମାମଲା: ପ୍ରଦୀପ ଶର୍ମା ଗିରଫ

**ମୁମ୍ବାଇ, ୧୭।୬:** ମୁମ୍ବାଇ ପୋଲିସର ପୂର୍ବତନ ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ପ୍ରଦୀପ ଶର୍ମା ଗୁରୁବାର ଅପରାହ୍ନରେ ହାଇପ୍ରୋଫାଇଲ୍ ଆଣ୍ଟିଲିଆ ମାମଲାରେ ଗିରଫ ହୋଇଛନ୍ତି। ଏହା ପୂର୍ବରୁ ସକାଳେ ମୁମ୍ବାଇର ଅନ୍ଧେରିସ୍ଥିତ ପ୍ରଦୀପଙ୍କ ବାସଭବନରେ ସିଆର୍‌ପିଏଫ୍ ଏବଂ ଅନ୍ୟ କେନ୍ଦ୍ରୀୟ ସଂସ୍ଥା ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଟିମ୍ ଭୋର ୫ଟାରେ ପହଞ୍ଚି ଦୀର୍ଘ ୬ ଘଣ୍ଟା ଧରି ତଲାସି କରିଥିଲା।



ପ୍ରଦୀପଙ୍କୁ ଜେରା ପାଇଁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଅଫିସକୁ ନିଆଯାଉଛି।

ଆଣ୍ଟିଲିଆ ମାମଲାରେ ଏଇ ସପ୍ତାହରେ ସନ୍ତୋଷ ଶେଲାର ଓ ଆନନ୍ଦ ଯାଦବ ନାମକ ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ପ୍ରଦୀପଙ୍କ ସହ ତାଙ୍କ ସମ୍ପର୍କ ଥିବା ଅଭିଯୋଗ ସାମ୍ନାକୁ ଆସିବା ପରେ ଜୁନ୍ ୨୧ ପର୍ଯ୍ୟନ୍ତ ତାଙ୍କୁ ଏନ୍‌ଆଇଏ ହାଜତକୁ ପଠାଇ ଦିଆଯାଇଛି। ପ୍ରଦୀପ ଓ ସନ୍ତୋଷ ଏକାଠି ଥିବା କେତେକ ଫଟୋ ସାମ୍ନାକୁ ଆସିଛି। କିନ୍ତୁ ପୂର୍ବତନ ପୋଲିସ ଅଧିକାରୀ ପ୍ରଦୀପ ତାଙ୍କ ସହ କୌଣସି ଭିତ୍ତିରି ସମ୍ପର୍କକୁ ଖଣ୍ଡନ କରିବା ସହ ସନ୍ତୋଷ ଜଣେ ପୋଲିସ ଇନ୍‌ଫର୍ମର ଥିଲେ। ଏମିତି ହଜାର ହଜାର ଲୋକଙ୍କ ସହ ତାଙ୍କର ଫଟୋ ଅଛି, ଯାହାର କିଛି ମାନେ ନାହିଁ ବୋଲି କହିଛନ୍ତି। ମୁମ୍ବାଇ ପୋଲିସର ପୂର୍ବତନ ଆସିଷ୍ଟାଣ୍ଟ ଇନ୍‌ସ୍ପେକ୍ଟର ସଚିନ ୱାଜେଙ୍କ ମେଣ୍ଟର କୁହାଯାଉଥିବା ପ୍ରଦୀପ ଶର୍ମାଙ୍କୁ ପ୍ରଥମେ ଏପ୍ରିଲରେ ଠାଣେ ବ୍ୟବସାୟୀ ମନ୍‌ସୁଖ ହିରେନ ହତ୍ୟା ମାମଲାରେ ଜେରା କରାଯାଇଥିଲା। ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ଆଣ୍ଟିଲିଆ ବାସଭବନ ବାହାରେ ଏସ୍‌ୟୁଭିରୁ ମିଳିଥିବା ୨୦ ଜିଲାଟିନ ଷ୍ଟିକ୍ ପ୍ରଦୀପଙ୍କ ଯୋଗାଯୋଗରେ କିଣାଯାଇଥିଲା ବୋଲି ଏନ୍‌ଆଇଏ ହାଜତରେ ଥିବା ୱାଜେ ତଦନ୍ତକାରୀ ଅଧିକାରୀମାନଙ୍କୁ କହିଥିଲେ। ୱାଜେଙ୍କୁ ଉଭୟ ବୋମା ଆତଙ୍କ ଏବଂ ଏଥିପାଇଁ ବ୍ୟବହୃତ ତାଙ୍କ କାର୍ ଚୋରି ହୋଇଯାଇଛି ବୋଲି ଦାବି କରିଥିବା ମନ୍‌ସୁଖଙ୍କ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଛି। କେବଳ ୱାଜେଙ୍କ ସହ ସମ୍ପର୍କକୁ ନେଇ ନୁହେଁ, ବରଂ ଅପରାଧ ଘଟିବା ପରେ ଅଭିଯୁକ୍ତଙ୍କୁ ଭେଟିବାକୁ ନେଇ ପ୍ରଦୀପ ଏନ୍‌ଆଇଏ ରାଡାରରେ ଥିଲେ ବୋଲି ତଦନ୍ତକାରୀ ସଂସ୍ଥା ପୂର୍ବରୁ ସଙ୍କେତ ଦେଇଥିଲା। ଏସ୍‌ୟୁଭିରେ ଏକ ଧମକପୂର୍ଣ୍ଣ ଚିଠି ରଖିବାବେଳେ କ୍ୟାମେରାରେ ବନ୍ଦୀ ହୋଇଥିବା ୱାଜେଙ୍କୁ ସେ ସାହାଯ୍ୟ କରିଥିବା ଏଥିରୁ ଜଣାପଡ଼ିଛି ବୋଲି ଏନ୍‌ଆଇଏ ପକ୍ଷରୁ କୁହାଯାଇଛି।

୨୦୧୯ରେ ପ୍ରଦୀପ ଶର୍ମା ପୋଲିସ ଚାକିରି ଛାଡ଼ି ଶିବସେନା ଟିକେଟରେ ନିର୍ବାଚନ ଲଢ଼ିଥିଲେ। ସେ ନିର୍ବାଚନ ହାରିଯିବା ପରେ ପିଏସ୍ ଫାଉଣ୍ଡେଶନ ନାମରେ ଏକ ଏନ୍‌ଜିଓ ଚଳାଉଛନ୍ତି। ଏନ୍‌ଆଇଏର ସୂଚନା ମୁତାବକ ସନ୍ତୋଷ ଶେଲାର ଓ ଆନନ୍ଦ ଯାଦବଙ୍କୁ ଜୁନ୍ ୧୧ରେ ମୁମ୍ବାଇର ମଲାଡ ଅଞ୍ଚଳରୁ ଗିରଫ କରାଯାଇଥିଲା। ଠାଣେର ଅଟୋ ପାର୍ଟ୍ସ ଡିଲର ମନ୍‌ସୁଖଙ୍କ ମୃତଦେହ ଗତ ମାର୍ଚ୍ଚ ୫ରେ ଠାଣେର ଏକ କ୍ରିକ୍‌ରେ ଠାବ ହୋଇଥିଲା। ଏହାର ୫ ଦିନ ପୂର୍ବରୁ ଅମ୍ବାନୀଙ୍କ ଘର ବାହାରେ ତାଙ୍କ ଏସ୍‌ୟୁଭିରୁ ୨୦ ଜିଲାଟିନ୍ ଜବତ ହୋଇଥିଲା।

**ସପ୍ତାହରେ ୪ଦିନ ଚାଲିବ ଭୁବନେଶ୍ୱର ରାଜଧାନୀ ସ୍ପେଶାଲ ଟ୍ରେନ**

ଭୁବନେଶ୍ୱର, (ବ୍ୟୁରୋ) : ଜୁନ୍ ଶେଷ ପର୍ଯ୍ୟନ୍ତ ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ସ୍ପେଶାଲ ଟ୍ରେନ ସପ୍ତାହକୁ ଚାରିଦିନ ଚଳାଚଳ କରିବ। କୋଭିଡ୍ ସଂକ୍ରମଣର ଶୃଙ୍ଖଳ ଭାଙ୍ଗିବା ତଥା ଅତ୍ୟଧିକ ଖରାପ ପୃଷ୍ଠପୋଷକତା ପାଇଁ ଏହି ଟ୍ରେନକୁ ପୂର୍ବରୁ ସପ୍ତାହରେ ଦୁଇଥର ଚଲାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଏହାକୁ ଏବେ ପରିବର୍ତ୍ତନ କରାଯାଇଛି।



## ସଂକ୍ଷେପରେ

### ଏସିଡ୍ ଟ୍ୟାଙ୍କର ଲିକ୍, ଯାତାୟାତ ବାଧାପ୍ରାପ୍ତ



**ଖୋର୍ଦ୍ଧା ଅଫିସ୍/ ଟାଙ୍ଗୀ,୧୭।୬ (ଡି.ଏନ୍.ଏ.):** ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥ ଚାନ୍ଦପୁର ଥାନା ଅନ୍ତର୍ଗତ ଅସକୋଇ ଖାଲ ଛକ ନିକଟରେ ଗୁରୁବାର ରାତିରେ ଏକ ଟ୍ୟାଙ୍କରରୁ ଏସିଡ୍ ଲିକ୍ ହୋଇଛି। ଖୋର୍ଦ୍ଧା ଓ ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଆୟତ୍ତ ପାଇଁ ପାଣି ସ୍ପ୍ରେ କରିଥିଲେ। ରାସ୍ତା ଧୂଆଁମୟ ହୋଇଯିବାରୁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ସୂଚନା ମୁତାବକ, ଏକ ହାଇଡ୍ରୋକ୍ଲୋରାଇଡ ଟ୍ୟାଙ୍କର (ଡବ୍ଲ୍ୟୁବି ୩୯ ସି୦୦୭୪) ଗଞ୍ଜାମରୁ କୋଲକାତା ଅଭିମୁଖେ ଯାଉଥିଲା। ଅସକୋଇ ଖାଲ ଛକ ନିକଟରେ ରାତି ପ୍ରାୟ ସାଢ଼େ ୮ଟାରେ ଉକ୍ତ ଟ୍ୟାଙ୍କରର ଭାଲ୍‌ବ କଟିଯିବାରୁ ଏସିଡ୍ ଲିକ୍ ହୋଇଥିବା ଜଣାପଡିଛି। ରାସ୍ତାମୟ ଧୂଆଁମୟ ହୋଇଯାଇଥିଲା। ଏହି ଏସିଡ୍ ଯେଉଁ ସ୍ଥାନରେ ପଡିବ, ସେ ପରିବେଶ ପୋଡିଯିବ ବୋଲି କୁହାଯାଇଛି। ଏସିଡ୍ ଲିକ୍ ଯୋଗୁ ସ୍ଥାନୀୟ ଅଞ୍ଚଳର ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି।

### ଡିଏସ୍‌ପି ହୃଷୀକେଶ ମେହେରଙ୍କୁ କରୋନା

**ଭୁବନେଶ୍ୱର,୧୭।୬(ବ୍ୟୁରୋ) :** ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟସ୍ଥିତ ଜରୁରିକାଳୀନ ରାଜ୍ୟ କୋଭିଡ୍ କଣ୍ଟ୍ରୋଲ ରୁମ୍‌ରେ କାର୍ଯ୍ୟରତ ଡିଏସ୍‌ପି ଡ. ହୃଷିକେଶ ମେହେର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଗତବର୍ଷ ମଧ ସେ ସଂକ୍ରମିତ ହୋଇଥିଲେ। ସେ କୋଭାକ୍ସିନ ଟିକାର ୨ ଡୋଜ୍ ନେଇଥିଲେ ମଧ ଦ୍ୱିତୀୟଥର ଆକ୍ରାନ୍ତ ହୋଇଥିବା ଜଣାପଡିଛି।

### ଜମି ଦେବାକୁ କହି ୩୬ ଲକ୍ଷ ଠକେଇ, ଦମ୍ପତି ଗିରଫ

**ଭୁବନେଶ୍ୱର,୧୭।୬(ବ୍ୟୁରୋ):** ଜମି ଦେବାକୁ କହି ୩୬ ଲକ୍ଷ ଟଙ୍କା ଠକି ନେବା ସହ ନାନା ଧମକ ଦେଉଥିଲେ। ଏନେଇ ଠକେଇର ଶିକାର ମହିଳା ଜଣକ ଅଭିଯୋଗ କରିବା ପରେ ଇନ୍‌ଫୋସିଟି ଥାନା ପୋଲିସ ଏକ ମାମଲା (ନଂ.୬୧/୨୧) ରୁଜୁ କରି ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିଅନ୍ତା ଥାନା ଗୋତଲବିନ୍ଧା ଗାଁର ରାମଚନ୍ଦ୍ର ସାମନ୍ତରାୟ ଓ ତାଙ୍କ ସ୍ତ୍ରୀ ଚୁନିଲତା ସାମନ୍ତରାୟ। ଗତ ୮ମାସ ତଳେ ରାମଚନ୍ଦ୍ର କଳାହାଣ୍ଡିର ଗାୟତ୍ରୀ ମହାରଣାଙ୍କୁ ପଟିଆ ଅଞ୍ଚଳରେ ୭୦ ଲକ୍ଷ ଟଙ୍କାରେ ଏକ ଜାଗା ଦେବାକୁ କହି ଅଗ୍ରୀମ ୩୬ ଲକ୍ଷ ଟଙ୍କା ନେଇଥିଲେ। ଜମି ଦେଇ ନ ପାରିବାରୁ ଟଙ୍କା ଫେରସ୍ତ ବାବଦକୁ ୪ଟି ଚେକ ଦେଇଥିଲେ ମଧ ତାହା ବାଉନ୍ସ ହୋଇଥିଲା। ପରେ ଅଭିଯୋଗକାରିଣୀ ଗାୟତ୍ରୀ ନିଜ ପରିବାର ସହ ରାମଚନ୍ଦ୍ରଙ୍କ ଗାଁକୁ ଯାଇଥିବାବେଳେ ତାଙ୍କୁ ଧମକ ଦିଆଯାଇଥିଲା।

### ଗାଡ଼ିଭାଙ୍ଗିଲେ, ଖଣ୍ଡା ବୁଲାଇ ଆତଙ୍କ କଲେ

**ଭୁବନେଶ୍ୱର,୧୭।୬(ବ୍ୟୁରୋ):** ବୁଧବାର ବିଳମ୍ବିତ ରାତିରେ ଖଣ୍ଡଗିରି ଥାନା ଗଣ୍ଡମୁଣ୍ଡା ଲେନ-୩ରେ ୭ରୁ ୮ଜଣ ଦୁର୍ବୃତ୍ତ ଖଣ୍ଡା ବୁଲାଇ ଆତଙ୍କ ଖେଳାଇଛନ୍ତି। କେତେକ ଘର ଗେଟ୍‌କୁ ଭାଙ୍ଗିବା ସହ ଦୁଇଟି କାର ଓ ୩ଟି ବାଇକକୁ ଭାଙ୍ଗିଛନ୍ତି। ଏହି ଘଟଣାର ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏନେଇ ପୋଲିସ ମାମଲା (ନଂ.୩୧୯/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ ନିକଟ ତାରିଣୀ ବସ୍ତିର ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ଜାରି ରଖିଛି। ଥାନାଧିକାରୀଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ଚଢ଼ଉ ଜାରି ରହିଛି।

### ସନ୍ କନୁର ପକ୍ଷୀ ମୃତ

**ବାରଙ୍ଗ,୧୭।୬(ଡି.ଏନ୍.ଏ.):** ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଚଲାପଥ ପକ୍ଷୀ ବିହାର (ୱାକର୍ଥ୍ରୁ ବାଡ ଆଭିଆରୀ)ରେ ରହୁଥିବା ସନ୍ କନୁର ପକ୍ଷୀଙ୍କ ମଧ୍ୟରୁ ଗୁରୁବାର ଗୋଟିଏ ପକ୍ଷୀର ମୃତ୍ୟୁ ହୋଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମୃତ୍ୟୁର କାରଣ ଜାଣିବା ପାଇଁ ବ୍ୟବଚ୍ଛେଦ କରାଯାଇଛି। ଏହି ପ୍ରଜାତିର ପକ୍ଷୀ ଉତ୍ତର-ପୂର୍ବ, ଦକ୍ଷିଣ ଆମେରିକାର କ୍ରାନ୍ତୀୟ ଓ ଉପକ୍ରାନ୍ତୀୟ ଚାରଣଭୂମି ଅଞ୍ଚଳରେ ଦେଖାଯାଇଥାନ୍ତି। ଏମାନେ ଯୋଡି ଯୋଡି ହୋଇ ରହିବାକୁ ଭଲପାଆନ୍ତି। ୨୫ରୁ ୩୦ ବର୍ଷ ପର୍ଯ୍ୟନ୍ତ ଏମାନେ ବଞ୍ଚିଥା’ନ୍ତି ବୋଲି ଜଣାପଡ଼ିଛି।

# ୧୦୫ କୋଟିର ପ୍ରକଳ୍ପ ଅନୁମୋଦିତ

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

- ୩୪ ହଜାର ସ୍କୁଲରେ ‘ମୋ ସ୍କୁଲ’ ପ୍ରକଳ୍ପ
- ଯୋଡ଼ିହେଲେ ୫.୨୪ ଲକ୍ଷ ପୁରାତନ ଛାତ୍ରୀଛାତ୍ର

ବର୍ତ୍ତମାନ ସୁଦ୍ଧା ‘ମୋ ସ୍କୁଲ୍ ଅଭିଯାନ’ରେ ୩୪ ହଜାରରୁ ଊର୍ଦ୍ଧ୍ୱ ସ୍କୁଲ୍‌ରେ ୫ ଲକ୍ଷ ୨୪ ହଜାର ପୁରାତନ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପୋଷ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ‘ମୋ ସ୍କୁଲ୍ ଅଭିଯାନ’ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗୁରୁବାର ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ‘ମୋ ସ୍କୁଲ୍ ଅଭିଯାନ’ର ୨୫ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡ଼ିଶାର ୨୩ଟି ଜିଲାର ମୋଟ ୧୦୫ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ କରାଯାଇଛି।

ଗତ ୧ ମାସ ମଧ୍ୟରେ ୧୭ ହଜାରରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ମୋ ସ୍କୁଲ୍ ଅଭିଯାନ ସହ ଯୋଡ଼ି ହୋଇଥିବାବେଳେ ସେମାନେ ନିଜ ନିଜ ବିଦ୍ୟାଳୟର ବିକାଶ ପାଇଁ ୫ କୋଟି ୨ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ବାଲେଶ୍ୱରରେ ସର୍ବାଧିକ ୨.୨୮ କୋଟି, ଭଦ୍ରକରେ ୩୫ ଲକ୍ଷ ୮୧ ହଜାର, ମୟୂରଭଞ୍ଜରେ ୨୫ ଲକ୍ଷ ୧ ହଜାର, ଜଗତ୍‌ସିଂହପୁରରେ ୨୫ ଲକ୍ଷ ଏବଂ ନୟାଗଡ଼ରେ ୨୧ ଲକ୍ଷ ୮୮ ହଜାର ଟଙ୍କା ପୁରାତନ ଛାତ୍ରୀଛାତ୍ରମାନେ ପ୍ରଦାନ କରିଛନ୍ତି। ଅନ୍ୟ ପକ୍ଷରେ ବିଭିନ୍ନ ସିଏସ୍‌ଆର୍ ପାଣ୍ଠିରୁ ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକର ବିକାଶ ପାଇଁ ମୋ ସ୍କୁଲ୍ ଅଭିଯାନକୁ ୩୦କୋଟି ଟଙ୍କାର ଅନୁଦାନ ଆସିଛି। ପୁରାତନ ଛାତ୍ରୀଛାତ୍ର ଏବଂ ସିଏସ୍‌ଆର୍ ପାଣ୍ଠି ଅନୁଦାନ ସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୧୦୫ କୋଟି ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ କରିଛି।

### ରାଜଧାନୀ ରାସ୍ତାରେ ଟ୍ରାଫିକ୍ ଜାମ୍ ସ୍ଥିତି



ଭୁବନେଶ୍ୱର ରାମମନ୍ଦିର ଛକରେ ଗାଡ଼ି ମୋଟର ଭିଡ଼।

# ବାମପନ୍ଥୀଙ୍କ ଦେଶବ୍ୟାପୀ ଆନ୍ଦୋଳନ ଡାକରା

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

**ତୈଳ ଦର ବୃଦ୍ଧି ପ୍ରତିବାଦ**

କରୋନା ମହାମାରୀ ସମୟରେ ଗରିବ ଓ ମଧ୍ୟବିତ୍ତଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ଡିଜେଲ ଓ ପେଟ୍ରୋଲ ଦର କ୍ରମାଗତ ବୃଦ୍ଧି ସାଙ୍ଗକୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦାମ୍ ଆକାଶଛୁଆଁ ହୋଇଛି। ଗୁରୁବାର ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରେ ଅନୁଷ୍ଠିତ ରାଜ୍ୟ ସମ୍ପାଦକ ମଣ୍ଡଳୀ ବୈଠକରେ ଦେଶବ୍ୟାପୀ ଆନ୍ଦୋଳନ ଡାକରାକୁ ସମର୍ଥନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହା ବିରୋଧରେ ଦେଶର ୫ ବାମପନ୍ଥୀ ଦଳ ସିପିଆଇ, ସିପିଆଇ(ଏମ୍), ସିପିଆଇ (ଏମ୍‌ଏଲ) ଲିବରେଶନ, ଆରଏସ୍‌ପି ଓ ଫରୱାର୍ଡ ବ୍ଲକ ଜୁନ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ଆନ୍ଦୋଳନ ଚଳାଇବା ପାଇଁ ଡାକରା ଦେଇଛନ୍ତି। ବୈଠକରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକ ଓ ରାମକୃଷ୍ଣ ପଣ୍ଡା, ଜାତୀୟ ପରିଷଦ ସଭ୍ୟ ଅଭୟ ସାହୁ ପ୍ରମୁଖ ଭର୍ଚୁଆଲରେ ଯୋଗଦେଇଥିଲେ ।

# ଇ-ପାଠଶାଳା, ଇ-ମୂଲ୍ୟାଙ୍କନ ପୋର୍ଟାଲ ଉଦ୍‌ଘାଟିତ

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

**ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ ଶିକ୍ଷା**

- ଶିକ୍ଷା କ୍ଷେତ୍ରର ବୈପ୍ଳବିକ ପରିବର୍ତ୍ତନରେ ସହାୟକ ହେବ : ଗଣଶିକ୍ଷା ମନ୍ତ୍ରୀ

ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ ମାଧ୍ୟମରେ ଶିକ୍ଷାଦାନ ଓ ମୂଲ୍ୟାୟନ ପାଇଁ ଓପେପା ଦ୍ୱାରା ଇ-ପାଠଶାଳା ଓ ଇ-ମୂଲ୍ୟାଙ୍କନ ନାମରେ ଦୁଇଟି ପୋର୍ଟାଲ ପ୍ରସ୍ତୁତ କରାଯାଇଛି। ଗୁରୁବାର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଭର୍ଚୁଆଲ୍‌ରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ କହିଛନ୍ତି, କୋଭିଡ୍ ସମୟରେ ପିଲାମାନେ କେତେ ଶିକ୍ଷାଲାଭ କଲେ ତାହାର ଆକଳନ ଏବଂ ଶିକ୍ଷା କ୍ଷେତ୍ରରେ ନିଆଯାଉଥିବା ବୈପ୍ଳବିକ ପରିବର୍ତ୍ତନ ଯଥା ଡିଜିଟାଲ୍ ଶିକ୍ଷା ଓ ସ୍ମାର୍ଟ କ୍ଲାସ୍‌ରେ ଏହା ବିଶେଷ ସହାୟକ ହେବ। ଏହି ପୋର୍ଟାଲ ଦ୍ୱାରା ଉଭୟ ଜିଲା ଓ ରାଜ୍ୟସ୍ତରର ଶିକ୍ଷା ପ୍ରଶାସକ ଶିକ୍ଷା ଅଗ୍ରଗତିର ସମୀକ୍ଷା କରିପାରିବେ । ଗତବର୍ଷ ବିଭିନ୍ନ ପ୍ରୟାସ ସତ୍ତ୍ୱେ ରାଜ୍ୟର ସବୁ ପିଲାଙ୍କ ପାଖରେ ଶିକ୍ଷା ପହଞ୍ଚାଇବା ସମ୍ଭବ ହୋଇ ନ ଥିଲା । ଦୁର୍ଗମ ଅଞ୍ଚଳରେ ଥିବା ପିଲା ପାଖରେ କିପରି ଶିକ୍ଷା ପହଞ୍ଚାଇବା ତାହା ବର୍ତ୍ତମାନ ଆମର ମୂଳ ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ବିଭାଗ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ।

# ଦୁର୍ଘଟଣା ପରେ ପରିବା ବୋହିନେଲେ



**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

ଗୁରୁବାର ମଞ୍ଚେଶ୍ୱର ଥାନା ପଲାଶୁଣୀ ନିକଟ ଜାତୀୟ ରାଜପଥରେ ଏକ ପରିବା ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡିଥିଲା। ଏଥିରେ କେହି ଆହତ ହୋଇ ନ ଥିଲେ ମଧ ପରିବା ସବୁ ରାସ୍ତାର ଚାରିଆଡେ ପଡ଼ିଥିଲା। ଏହାଦେଖି ସେହିବାଟ ଦେଇ ଯାଉଥିବା ଲୋକେ ପରିବାକୁ ଘରକୁ ବୋହିନେଇଥିଲେ। ଏଥିଯୋଗୁ କିଛି ସମୟ ପାଇଁ ରାସ୍ତାରେ ଯାତାୟାତ ବ୍ୟାହତ ହୋଇଥିଲା। ମଞ୍ଚେଶ୍ୱର ପୋଲିସ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିଥିଲା।

### କମିଶନରେଟ ପୋଲିସର ‘କୁଣ୍ଡଳି’, ‘ସନ୍ଧାନ’ ଆପ୍ ଶୁଭାରମ୍ଭ

**ଭୁବନେଶ୍ୱର,୧୭।୬ (ବ୍ୟୁରୋ)**

ଅପରାଧ ସଂକ୍ରାନ୍ତ ତଥ୍ୟ ରଖିବାକୁ କମିଶନରେଟ୍ ପୋଲିସ ପକ୍ଷରୁ ଗୁରୁବାର ଦୁଇଟି ଆପ୍ ‘କୁଣ୍ଡଳୀ’ ଓ ‘ସନ୍ଧାନ’ର ଶୁଭାରମ୍ଭ କରାଯାଇଛି। କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏହି ଦୁଇ ଆପ୍‌ର ଶୁଭାରମ୍ଭ କରିଥିବାବେଳେ ଡିସିପିଙ୍କ କାର୍ଯ୍ୟାଳୟରୁ ପରିଚାଳିତ ହେଉଛି। ‘କୁଣ୍ଡଳୀ’ ଆପ୍‌ରେ ସମ୍ପତ୍ତି ଜନିତ ଅପରାଧ ଓ ସମ୍ପୃକ୍ତ ଅଭିଯୁକ୍ତଙ୍କ ସମସ୍ତ ତଥ୍ୟ ରହିବ। ଅନ୍ୟପଟେ ‘ସନ୍ଧାନ’ ଆପ୍‌ରେ ଲୁଟ୍ ମୋବାଇଲ୍ ଫୋନ୍ ସମ୍ବନ୍ଧରେ ତଥ୍ୟ ରହିବ। ପରବର୍ତ୍ତୀ ତଦନ୍ତରେ ଏହା ବିଶେଷ ସହାୟକ ହେବ।

### ଶିକ୍ଷାବିତ୍ ପ୍ରେମଶଙ୍କର ପଣ୍ଡାଙ୍କ ପରଲୋକ

**ଭୁବନେଶ୍ୱର, ୧୭।୬ (ବ୍ୟୁରୋ)**

ଛତିଶଗଡ଼ର ରାୟଗଡ ଜିଲାସ୍ଥିତ ପଡିଗାଁର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରେମଶଙ୍କର ପଣ୍ଡାଙ୍କ ୮୫ବର୍ଷ ବୟସରେ ପରଲୋକ ହୋଇଛି। ସେ ଛତିଶଗଡର ୧୪ ଜିଲାରେ ଥିବା ଓଡ଼ିଆ ଗ୍ରାମଗୁଡିକରେ ଓଡ଼ିଆ ଭାଷା ମାଧ୍ୟମରେ ପ୍ରାଥମିକ ଶିକ୍ଷାଦାନ ପାଇଁ ନ୍ୟାୟାଳୟରୁ ଆଦେଶ ଆଣିଥିଲେ। ଏଥିପାଇଁ ସେ ଓଡ଼ିଶା ସରକାରଙ୍କ ପକ୍ଷରୁ ସମ୍ମାନିତ ହୋଇଥିଲେ। ତାଙ୍କ ବିୟୋଗରେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଭାପତି ପ୍ରଫେସର ଡ. ଅଦ୍ୱୈତ କୁମାର ପାତ୍ର, ସାଧାରଣ ସମ୍ପାଦକ ଅନନ୍ତ ପ୍ରସାଦ ଜେନା, ଉପସଭାପତି ଉଷାରାଣୀ ମହାନ୍ତିଙ୍କ ସମେତ ଛତିଶଗଡର ଓଡ଼ିଆ ଶିକ୍ଷକ ଶିକ୍ଷୟିତ୍ରୀମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଔଷଧ ଗୋଦାମ ମାଲିକଙ୍କ ବିରୋଧରେ ମାମଲା

**ଭୁବନେଶ୍ୱର,୧୭।୬ (ବ୍ୟୁରୋ)**

**କଟକରୁ ନକଲି କରୋନା ଔଷଧ ଜବତ ଘଟଣା**

କଟକରୁ ବିପୁଳ ପରିମାଣର ନକଲି କରୋନା ଔଷଧ ଫାଭିପିରାଭିର୍ ଜବତ ଘଟଣାରେ ଗୁରୁବାର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ମାମଲା କରିଛି। କଟକ ଡ୍ରଗ୍ସ ଇନ୍‌ସ୍ପେକ୍ଟର ଜଗନ୍ନାଥ ମଲ୍ଲିକଙ୍କ ଅଭିଯୋଗକ୍ରମେ ଔଷଧ ଗୋଦାମ ମାଲିକ ଶିବ ପ୍ରସନ୍ନ ଜେନାଙ୍କ ବିରୋଧରେ ଏହି ମାମଲା ରୁଜୁ କରାଯାଇଛି। ସୂଚନା ଯୋଗ୍ୟ, କଟକ କନିକା ଛକ ନିକଟରେ ଥିବା ପ୍ରସନ୍ନଙ୍କ ଔଷଧ ଗୋଦାମରେ ଡ୍ରଗ୍ସ କଣ୍ଟ୍ରୋଲର ପକ୍ଷରୁ ଚଢାଉ କରାଯାଇଥିଲା। ସେଠାରୁ ୧୭୦ ପେଟିରେ ଥିବା ପ୍ରାୟ ୬୯ ଲକ୍ଷ ଟଙ୍କାର ନକଲି ଫାଭିପିରାଭିର ସମେତ ଅନ୍ୟ କେତେକ ଔଷଧ ଜବତ କରାଯାଇଥିଲା। ଉତ୍ତରପ୍ରଦେଶର ମାକ୍ସ ରିଲିଫ୍ ହେଲ୍‌ଥ କେୟାର କମ୍ପାନୀରୁ ଏହି ଔଷଧ ଉକ୍ତ ଗୋଦାମକୁ ଆସୁଥିଲା। ପରବର୍ତ୍ତୀ ସମୟରେ ଏଠାରୁ ବିଭିନ୍ନ କୋଭିଡ୍ ହସ୍ପିଟାଲ ଓ ଔଷଧ ଦୋକାନକୁ ଏସବୁକୁ ପଠାଯାଉଥିଲା। ପରୀକ୍ଷଣ ପରେ ଜବତ ମେଡିସିନ ନକଲି ବୋଲି ଡ୍ରଗ୍ସ କଣ୍ଟ୍ରୋଲରଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା।

# ଖୋଲିଲା ମିଠା ଦୋକାନ



**ଭୁବନେଶ୍ୱର, ୧୭।୬ (ବ୍ୟୁରୋ)**

ରାଜ୍ୟ ସରକାର ଲକ୍‌ଡାଉନ୍ କଟକଣାକୁ କୋହଳ କରିବା ସହ ମିଠା ଦୋକାନ ଖୋଲିବାକୁ ଅନୁମତି ଦେଇଛନ୍ତି। ପ୍ରାୟ ଦେଢମାସ ପରେ ଗୁରୁବାରଠାରୁ ମିଠା ଦୋକାନ ଖୋଲିଛି। ତେବେ ପ୍ରଥମ ଦିନରେ କେତେକ ଦୋକାନରେ ଗ୍ରାହକଙ୍କ ଭିଡ ଦେଖିବାକୁ ମିଳିଥିଲା। ଗ୍ରାହକଙ୍କ ପସନ୍ଦକୁ ଆଖି ଆଗରେ ରଖି ବିଭିନ୍ନ ଦୋକାନରେ ବିଭିନ୍ନ ପ୍ରକାରର ମିଠା ରହିଥିଲା ଓ ବେପାର ମଧ ଭଲ ହୋଇଥିବା ବ୍ୟବସାୟୀମାନେ କହିଛନ୍ତି।

**ମାଷ୍ଟରକ୍ୟାଣ୍ଟିନ ଛକରୁ ‘ଐତିହ୍ୟ ଘୋଡ଼ା’ ହଟାଇବା ପ୍ରସଙ୍ଗ**

# ସୌନ୍ଦର୍ଯ୍ୟକରଣ ନାଁରେ ଐତିହ୍ୟକୁ ଅବହେଳା କରା ନ ଯାଉ



ରାଜଧାନୀ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଛକରେ ଦଣ୍ଡାୟମାନ ରହିଛି ‘ଐତିହ୍ୟ ଘୋଡ଼ା ଓ ଯୋଦ୍ଧା’ ସ୍ଥାପତ୍ୟ। ଏହା ଓଡ଼ିଶା ଶାସନର ସ୍ମାରକୀ ବହନ କରୁଛି। ବିଶିଷ୍ଟ ପ୍ରସ୍ତର ଶିଳ୍ପୀ ସ୍ୱର୍ଗତ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ଏହାକୁ ତିଆରି କରିଥିବାବେଳେ ୧୯୮୮ରେ ସେଠାରେ ସ୍ଥାପନ କରାଯାଇଥିଲା। ଦଶନ୍ଧିଦଶନ୍ଧିଧରି ଭୁବନେଶ୍ୱର ତଥା ଓଡ଼ିଶାର ପରିଚୟ ଦେଉଥିବା ଏହି ସ୍ଥାପତ୍ୟକୁ ଏବେ ରାଜଭବନ ଛକସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଛି। ସ୍ମାର୍ଟ ଜନପଥ ଓ ସୌନ୍ଦର୍ଯ୍ୟକରଣ ପାଇଁ ଏହାକୁ ହଟାଇବାକୁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ସଂସ୍କୃତି ବିଭାଗକୁ ପ୍ରସ୍ତାବ ଦିଆଯାଇଥିବାବେଳେ ସ୍ଥାନାନ୍ତର ଦାୟିତ୍ୱ ନେଇଛି ବିଡିଏ। ଏହା ଜଣାପଡିବା ପରେ ତୀବ୍ର ବିରୋଧ ଆରମ୍ଭ ହୋଇଛି। ସୌନ୍ଦର୍ଯ୍ୟକରଣ ଓ ବିକାଶ ନାଁରେ ସ୍ମାରକୀ ଘୋଡ଼ାକୁ ସ୍ଥାନାନ୍ତର କରି ଐତିହ୍ୟ ପ୍ରତି ଘୋର୍ ଅବହେଳା କରା ନ ଯାଉ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।

### ଐତିହ୍ୟର ମର୍ଯ୍ୟାଦା ରକ୍ଷା ଏକ ଜାତିର କର୍ତ୍ତବ୍ୟ



“ସହରକୁ ଆଧୁନିକ କରିବା ପାଇଁ ଏକ ଐତିହ୍ୟକୁ ସ୍ଥାନାନ୍ତର କରିବାର କୌଣସି ଯଥାର୍ଥତା ନାହିଁ କିମ୍ବା ଏଭଳି କୌଣସି ଉଦାହରଣ ମଧ ନାହିଁ। ଏହାର ନିର୍ମାଣ ମୁଁ ନିଜ ଆଖିରେ ଦେଖିଛି। ଏ ଆକାଶ ରଘୁନାଥ ମହାପାତ୍ରଙ୍କ ନିଷ୍ଠା, ଏକାଗ୍ରତା, କର୍ମତାକୁ ପରୀକ୍ଷା କରିଛି। ଘୋଡାକୁ ଦେଖିଦେଲେ ହିଁ ତାଙ୍କ ସ୍ମୃତି ମନରେ ଭାସି ଆସୁଛି। ତେଣୁ ଘୋଡାକୁ ତାଙ୍କର ସ୍ମାରକ ଭାବେ ରଖିବା ସହ ସରକାର ଏହାର ବିକଳ୍ପ ଚିନ୍ତା କରନ୍ତୁ। ଐତିହ୍ୟକୁ ବଜାୟ ରଖିବା ଏକ ଜାତିର କର୍ତ୍ତବ୍ୟ। ଐତିହ୍ୟ ଯେଉଁ ସ୍ଥାନରେ ଅଛି, ସେଠାରେ ରହିଲେ ହିଁ ଏ ସହରର ମର୍ଯ୍ୟାଦା ବଢିବ।

**– ଡ. ପ୍ରତିଭା ରାୟ, ବିଶିଷ୍ଟ ସାହିତ୍ୟିକ**

### ଓଡ଼ିଶା ଐତିହ୍ୟ ଓ ସଂସ୍କୃତିର ଏହା ପ୍ରତୀକ

“ରାଜଧାନୀର ବ୍ୟସ୍ତବହୁଳ ମାଷ୍ଟରକ୍ୟାଣ୍ଟିନ ଛକରେ ଥିବା କୋଣାର୍କ ଘୋଡା ଆମ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟର ପ୍ରତୀକ। ଏହା ରାଜ୍ୟ ସରକାରଙ୍କ ଲୋଗୋର ପ୍ରତୀକ। ରେଳ ଷ୍ଟେଶନରୁ ବାହାରିବା ମାତ୍ରେ ନଜର ଏହା ଉପରେ ପଡିଥାଏ। ଏହି ଐତିହ୍ୟ ଘୋଡା ମାଷ୍ଟରକ୍ୟାଣ୍ଟିନ୍ ଛକର ଚିହ୍ନ ହୋଇ ରହିଛି। ଏହାର ସ୍ଥାନାନ୍ତର ଠିକ୍ ନୁହେଁ। ରାଜଭବନ ସମ୍ମୁଖ ମଧୁବାବୁଙ୍କର ପ୍ରତିମୂର୍ତ୍ତି ନିକଟରେ ଘୋଡାକୁ ନେଇ ଆଉ ଗହଳି କରା ନ ଯାଉ।



**–ଦିଲୀପ ଦାଶଶର୍ମା, ସଭାପତି, ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା**

### ଏହାକୁ ଉଠାଇ ନେବା ଉଚିତ ନୁହେଁ



“ବାହାର ରାଜ୍ୟରୁ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ସମସ୍ତେ ଯେ ରାଜଭବନ ଆଡେ ଯିବେ ତାହାର କିଛି ମାନେ ନାହିଁ। ଜଣେ ରେଳ ଷ୍ଟେଶନରୁ ବାହାରିବାମାତ୍ରେ ମାଷ୍ଟରକ୍ୟାଣ୍ଟିନ ଛକରେ ଥିବା ଘୋଡ଼ା ପ୍ରତିକୃତିକୁ ଦେଖି ଆମ ରାଜ୍ୟର ସଂସ୍କୃତି ଓ ଐତିହ୍ୟ ସମ୍ପର୍କରେ ଜାଣିପାରେ। ଆମର କଳା ଯେ କେତେ ମହାନ ତାହାର କଥା କୁହେ ସେହ ଘୋଡ଼ା। ବାହାରୁ ଆସୁଥିବା ପର୍ଯ୍ୟଟକ ଓ ସମସ୍ତେ ଦେଖିପାରୁଥିବା ସ୍ଥାନରେ ଏହି ଐତିହ୍ୟକୁ ସ୍ଥାପନ କରାଯିବା ଦରକାର।

**–ଅମୀୟବାଳା ପରିଡା, ସାମାଜିକକର୍ମୀ**

### ଭାବାବେଗକୁ ବୁଝିପାରୁ ନାହାନ୍ତି



“ଐତିହ୍ୟ ଘୋଡ଼ା ଓଡ଼ିଶା ଓ ଓଡ଼ିଆଙ୍କ ପରିଚୟ। ରାଜ୍ୟର ଆଇଏଏସ୍ ଅଫିସରଙ୍କ ମଧ୍ୟରେ ଅଧିକାଂଶ ଅଣଓଡ଼ିଆ। ସେମାନେ ଆମ ଭାବାବେଗକୁ ବୁଝିବେ କେମିତି। ଏବେ ସେମାନଙ୍କ ରାଜୁତିରେ ଶାସନ ଚାଲୁଛି। ୧୯୪୮ରେ ଭୁବନେଶ୍ୱରରେ ରାଜଧାନୀ ପ୍ରତିଷ୍ଠା ହୋଇଥିଲା। ମାଷ୍ଟରକ୍ୟାଣ୍ଟିନ୍ ଛକରେ ଥିବା ଘୋଡା ନୂତନ ରାଜଧାନୀର ଐତିହ୍ୟ ବହନ କରୁଥିଲା। ଏହାକୁ ସେଠାରୁ ହଟାଗଲେ, ପାଖାପାଖି କୌଣସି ସ୍ଥାନରେ ରଖିବା ଦରକାର।

**–ଦ୍ୱାରିକା ନାଥ ମହାନ୍ତି, ବରିଷ୍ଠ ନାଗରିକ**

### ବିକଳ୍ପ ସ୍ଥାନ ଚିହ୍ନଟ ପାଇଁ ନିର୍ଦ୍ଦେଶ ଥିଲା



“ହଠାତ୍ କିଛି ହୋଇ ନାହିଁ। ସ୍ମାର୍ଟସିଟି ପ୍ରକଳ୍ପ ବହୁ ଦିନରୁ ଚାଲିଛି। ତେବେ ମାଷ୍ଟରକ୍ୟାଣ୍ଟିନ ଛକରୁ ଐତିହ୍ୟ ଘୋଡ଼ାକୁ ସ୍ଥାନାନ୍ତର ନେଇ ମୁଁ କୌଣସି ତଥ୍ୟ ଦେଇ ପାରିବି ନାହିଁ। ସ୍ମାର୍ଟସିଟି କର୍ତ୍ତୃପକ୍ଷ ଆମକୁ ଆଉ ଏକ ବିକଳ୍ପ ସ୍ଥାନ ଚିହ୍ନଟ କରିବାକୁ କହିଥିଲେ। ଆମେ ତାହା ଚିହ୍ନଟ କରି ଜଣାଇ ଦେଇଛୁ। ତେବେ ଏହାକୁ ସ୍ଥାନାନ୍ତର କରିବାର କ’ଣ ଆବଶ୍ୟକତା ରହିଛି ତାହା ସେମାନେ ହିଁ କହି ପାରିବେ।

**–ରଞ୍ଜନ ଦାସ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ**

### ସରକାର ଆମ ସହ ଆଲୋଚନା କରନ୍ତୁ



“ସ୍ମାର୍ଟ ସିଟିର ଉନ୍ନତି ପାଇଁ ଅନ୍ୟ ବିକଳ୍ପ ବ୍ୟବସ୍ଥା କରାଯାଉ। ସରକାର ସେଠାରେ ଓଭରବ୍ରିଜ୍ କରିବାକୁ ଚାହିଁଲେ ବି କରିପାରିବେ। କିନ୍ତୁ ଘୋଡା ତା’ର ନିର୍ଦ୍ଦିଷ୍ଟ ସ୍ଥାନରେ ରହିବ। ଯଦି ସରକାର ଜାଣି ପାରୁ ନାହାନ୍ତି, ତେବେ ଆମ ସହ ଆଲୋଚନା କରନ୍ତୁ। ତାହାକୁ ନିର୍ମାଣ କରିଥିବା ରଘୁନାଥ ମହାପାତ୍ର ଏତେବଡ଼ ଶିଳ୍ପୀ ଥିଲେ। ତାଙ୍କୁ ସମ୍ମାନ ଦେବା ପାଇଁ ସରକାର ଐତିହ୍ୟ ଘୋଡ଼ାକୁ ସ୍ଥାନାନ୍ତର ନ କରନ୍ତୁ।

**–ପଦ୍ମବିଭୂଷଣ ସୁଦର୍ଶନ ସାହୁ, ବିଶିଷ୍ଟ ସ୍ଥପତି**

### ବିକାଶ ହେଉ, ଘୋଡ଼ା ରହୁ



“ଭୁବନେଶ୍ୱର ପ୍ରତୀକ କୁହାଯାଉଥିବା ମାଷ୍ଟର କ୍ୟାଣ୍ଟିନରେ ଥିବା ଯୋଦ୍ଧା ଘୋଡ଼ାକୁ ରାଜ୍ୟ ସରକାରଙ୍କ କିଛି ବିଭାଗ ସ୍ଥାନାନ୍ତର କରିବାକୁ ଯୋଜନା କରୁଛନ୍ତି। ସହରର ବିକାଶକୁ ବିରୋଧ କରାଯାଉ ନାହିଁ କିନ୍ତୁ ରାଜଧାନୀବାସୀଙ୍କ ଭାବବେଗକୁ କିଛି ଅଧିକାରୀ ପରୋକ୍ଷରେ ଛଡ଼ାଇ ନେବାକୁ ଯୋଜନା କରୁଛନ୍ତି। ସହରର ବିକାଶ ହେଉ ସେହି ସ୍ଥାନରେ ଘୋଡ଼ା ମଧ ରହୁ। ସରକାର ଓ ବିଭାଗ ଯଦି ଘୋଡା ସ୍ଥାନାନ୍ତରଣ ସମ୍ପର୍କରେ ଆଗକୁ ଯିବେ, ତେବେ ଭାଜପା ପକ୍ଷରୁ ଆଗାମୀ ଦିନରେ ବିରୋଧ ଜୋରଦାର ହେବ।

**– ବାବୁ ସିଂ, ଜିଲା ଭାଜପା ସଭାପତି**

### ଅଧିକାରୀ ନାଟକ କରୁଛନ୍ତି



“ଭୁବନେଶ୍ୱରର ଶୋଭା ବଢ଼ାଉଥିବା ସ୍ଥାନ ଓ ପ୍ରତିମୂର୍ତ୍ତି ବିଷୟରେ କିଛି ଜାଣି ନ ଥିବା କେତେ ଜଣ ଅଧିକାରୀ ଏସବୁ ନାଟକ କରୁଛନ୍ତି। ବିକାଶ ଯାହା ହେଉଛି ହେଉ, ଘୋଡ଼ାର କିଛି ନ ହେଉ। ଘୋଡ଼ା ପାଇଁ ଅବଦାନ ନାହିଁ କିନ୍ତୁ ଘୋଡ଼ା ହଟାଇବାକୁ ଯୋଜନା କରିବାକୁ ଆଗେଇ ଆସିଥିବା ଅଧିକାରୀ ସାବଧାନ ରୁହନ୍ତୁ। ଭୁବନେଶ୍ୱର କହିଲେ ମାଷ୍ଟର କ୍ୟାଣ୍ଟିନକୁ ବୁଝାଯାଏ। ସହରବାସୀଙ୍କ ସହ ଜଡ଼ିତ ଘୋଡ଼ା ପ୍ରତିମୂର୍ତ୍ତି ଓ ମାଷ୍ଟରକ୍ୟାଣ୍ଟିନ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଘୋଡ଼ା ହଟିଲେ ଆଗାମୀ ଦିନରେ ଜିଲା କଂଗ୍ରେସ ପକ୍ଷରୁ ବିରୋଧକୁ ଜୋରଦାର କରାଯିବ।

**– ସୁରେଶ କୁମାର ରାଉତରାୟ, ଜଟଣୀ ବିଧାୟକ**

## ଆଦାନୀଙ୍କୁ ୭୦ ହଜାର କୋଟିର କ୍ଷତି

ଶେୟାର ବଜାରରେ ଗତ ୩ ଦିନ ହେବ ଆଦାନୀ କମ୍ପାନୀର ଶେୟାର ମୂଲ୍ୟ ହ୍ରାସ ଜାରି ରହିଛି। ଫଳରେ ଗୌତମ ଆଦାନୀଙ୍କ ନେଟ୍‌ୱର୍ଥ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଛି। ସେ ଏହି ସମୟରେ ପ୍ରାୟ ୭୦ ହଜାର କୋଟି ଟଙ୍କାର କ୍ଷତି ସହିଛନ୍ତି। ତାଙ୍କ ନେଟ୍‌ୱର୍ଥ ପ୍ରାୟ ୯.୪ ବିଲିୟନ ଡଲାର ହ୍ରାସ ହୋଇଛି। ସୋମବାର ପରଠାରୁ ଆଦାନୀ ଗ୍ରୁପ୍‌ର ଶେୟାର କାରବାର ଖସିଛି। ନ୍ୟାଶନାଲ ସିକ୍ୟୁରିଟିଜ ଡିପୋଜିଟୋରି ଲିମିଟେଡ୍ (ଏନ୍‌ଏସ୍‌ଡିଏଲ୍) ୩ ବିଦେଶୀ ଫଣ୍ଡ ଆକାଉଣ୍ଟକୁ ଫ୍ରିଜ୍ କରିଥିଲେ। ଏହି ଫଣ୍ଡଗୁଡ଼ିକ ଆଦାନୀ ଗ୍ରୁପରେ ୪୩,୫୦୦ କୋଟି ଟଙ୍କା ନିବେଶ କରିଥିଲେ।

## ସଂକ୍ଷେପରେ

### ସାରା ଦେଶରେ ଏକକ ପ୍ରଦୂଷଣ ପ୍ରମାଣପତ୍ର

**ମୁମ୍ବାଇ,୧୭।୬:** ସାରା ଦେଶ ପାଇଁ ଗୋଟିଏ ପ୍ରକାର ପ୍ରଦୂଷଣ ପ୍ରମାଣପତ୍ର କାର୍ଯ୍ୟକାରୀ ହେବ। ସେହିଭଳି ସବୁ ଯାନ ଲାଗି ନୂଆ ଫର୍ମାଟ ଜାରି ହେବ। ଅଧିକ ପ୍ରଦୂଷଣ କରୁଥିବା ଯାନଗୁଡ଼ିକ ଲାଗି ନିୟମ ଉଲ୍ଲଂଘନ ବୋଲି ବିବେଚନା କରାଯିବ। ନୂଆ ନିୟମ ଅନୁସାରେ ପ୍ରଦୂଷଣ ପ୍ରମାଣପତ୍ର ଉପରେ ଏକ କ୍ୟୁଆର୍ କୋଡ୍ ରହିବ। ଏଥିରେ ଯାନ ଏବଂ ଯାନ ମାଲିକଙ୍କ ସମ୍ପର୍କିତ ତଥ୍ୟ ରହିବ। ସେହିଭଳି ନୂଆ ସାର୍ଟିଫିକେଟରେ ମାଲିକଙ୍କ ମୋବାଇଲ ନମ୍ବର ରହିବା ଜରୁରୀ। ପ୍ରଦୂଷଣ ସମ୍ପର୍କିତ ନିୟମ ଉଲ୍ଲଂଘନ କଲେ ପଞ୍ଜୀକରଣ ରଦ୍ଦ କରିବା ଭଳି କାର୍ଯ୍ୟାନୁଷ୍ଠାନ ନିଆଯିବ। ଅଧିକ ପ୍ରଦୂଷଣ କରୁଥିବା ଯାନଗୁଡ଼ିକ ଲାଗି ଯାଞ୍ଚ କେନ୍ଦ୍ର ଅମାନିଆ ପ୍ରମାଣପତ୍ର ଦେବ। ଯାନର ଫିଟ୍‌ନେସ୍‌କୁ ନେଇ ସନ୍ଦେହ ଆସିଲେ ଅଧିକାରୀ ପ୍ରଦୂଷଣ ଯାଞ୍ଚ ଲାଗି କହିପାରିବେ। ପ୍ରଦୂଷଣ ପ୍ରମାଣପତ୍ର ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସବୁ ଯାନ ଲାଗି ପ୍ରଦୂଷଣ ପ୍ରମାଣପତ୍ର ସମାନ ରହିବ ବୋଲି ଏଥିରେ ସ୍ପଷ୍ଟ କରାଯାଇଛି। ସମସ୍ତ ପ୍ରଦୂଷଣ ପ୍ରମାଣପତ୍ରର ଡାଟା ନ୍ୟାଶନାଲ ରେଜିଷ୍ଟର ସହ ଲିଙ୍କ୍ କରାଯିବ। ଏହାବାଦ ଅଧିକ ପ୍ରଦୂଷଣ କରୁଥିବା ଯାନଗୁଡ଼ିକ ଲାଗି ଅମାନ୍ୟ ଭାବେ ବିବେଚନା କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ପ୍ରଥମ ଥର ଲାଗି ବ୍ୟବସ୍ଥା କରାଯାଇଛି।

### ନେଟ୍‌ୱର୍କ ଅପ୍‌ଗ୍ରେଡ୍ କଲା ଏୟାରଟେଲ

**ଭୁବନେଶ୍ୱର,୧୭।୬:** ଏୟାରଟେଲ ପକ୍ଷରୁ ଓଡ଼ିଶାରେ ଏହାର ମୋବାଇଲ ନେଟ୍‌ୱର୍କକୁ ଅପ୍‌ଗ୍ରେଡ୍ କରାଯାଇଛି। ଇନ୍‌ଡୋର ନେଟ୍‌ୱର୍କ କଭରେଜ ଦୃଢ଼ୀକରଣ, ହାଇସ୍ପିଡ୍ ଡାଟା ଅନୁଭବ ସୁନିଶ୍ଚିତ କରିବା ଲାଗି କମ୍ପାନୀ ରାଜ୍ୟରେ ଆଧୁନିକ ନେଟ୍‌ୱର୍କ ସଫ୍ଟୱେର ଉପକରଣ ସହିତ ୯୦୦ ମେଗାହର୍ଜର ଉନ୍ନତ ମାନର ବ୍ୟାଣ୍ଡରେ ୫ ମେଗାହର୍ଜ ସ୍ପେକ୍ଟ୍ରମ ନିୟୋଜିତ କରିଛି। ସେହିଭଳି ନେଟ୍‌ୱର୍କ କ୍ଷମତା ବୃଦ୍ଧି ଲାଗି ୨୩୦୦ ମେଗାହର୍ଜ ବ୍ୟାଣ୍ଡରେ ଅତିରିକ୍ତ ୧୦ ମେଗାହର୍ଜ ସ୍ପେକ୍ଟ୍ରମ ନିୟୋଜିତ କରିବା ଲାଗି ପ୍ରକ୍ରିୟା ଆରମ୍ଭ କରିଛି। କମ୍ପାନୀ ଓଡ଼ିଶା ଲାଗି ୧୬.୪ ମେଗାହର୍ଜ ସ୍ପେକ୍ଟ୍ରମ ହାସଲ କରିଥିବା ସୂଚନା ଦେଇଛି।

# ଅଧିକ ଋଣ ଯୋଗାଣ ଉପରେ ଗୁରୁତ୍ୱ

## ୬୩ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

■ଆର୍ଥିକ ଅଭିବୃଦ୍ଧି ପାଇଁ କ୍ରମାଗତ ଉଦ୍ୟମର ଆବଶ୍ୟକତା ରହିଛି : ଅର୍ଥମନ୍ତ୍ରୀ

ଭୁବନେଶ୍ୱର,୧୭।୬(ବ୍ୟୁରୋ)

ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ନିରବଚ୍ଛିନ୍ନ ତଥା କ୍ରମାଗତ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ଗୁରୁବାର ଅନୁଷ୍ଠିତ ୬୩ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି) ଭର୍ଚୁଆଲ ବୈଠକରେ ଯୋଗଦେଇ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ମତବ୍ୟକ୍ତ କରିଛନ୍ତି। ଆର୍ଥିକ କ୍ଷେତ୍ରକୁ ମଜଭୁତ କରିବା ପାଇଁ ରାଜ୍ୟ ସରକାର ୨୦୨୦-୨୧ ବର୍ଷ ତୁଳନାରେ ୨୦୨୧-୨୨ରେ ଶତକଡ଼ା ୨୨.୫ ପ୍ରତିଶତ ଅଧିକା ଋଣ ପ୍ରଦାନ କରିଛନ୍ତି । ବ୍ୟାଙ୍କଗୁଡ଼ିକ ଲକ୍ଷ୍ୟ ହାସଲ କରିବାକୁ ସକ୍ଷମ ହେବେ ବୋଲି ମନ୍ତ୍ରୀ ଆଶା କରିଛନ୍ତି । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରଗୁଡ଼ିକ ବାର୍ଷିକ ଋଣ ଯୋଜନାରେ ଶତପ୍ରତିଶତ ଲକ୍ଷ୍ୟ ହାସଲ କରିପାରିଥିବାରୁ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକର ଉତ୍ତମ ପରିଚାଳନାକୁ ମନ୍ତ୍ରୀ ପ୍ରଶଂସା କରିଥିଲେ । ପବ୍ଲିକ୍ ସେକ୍ଟର ବ୍ୟାଙ୍କଗୁଡ଼ିକ ଚଳିତ ଆର୍ଥିକ ବର୍ଷରେ ବାର୍ଷିକ ଋଣ ଯୋଜନା ଲକ୍ଷ୍ୟ ହାସଲ ପାଇଁ ଅଧିକ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। । ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ବ୍ୟାଙ୍କଗୁଡ଼ିକ ଋଣ ପ୍ରଦାନ କ୍ଷେତ୍ରରେ ଅଗ୍ରାଧିକାର ଦେଇଥିବାରୁ ଚଳିତ ବର୍ଷ ୬୦୦୨ କୋଟି ଟଙ୍କାର ଲକ୍ଷ୍ୟ ହାସଲ କରିପାରିଛନ୍ତି । ରାଜ୍ୟରେ ନଗଦ ଜମା ଅନୁପାତ ୫୬ ପ୍ରତିଶତ ରହିଛି, ଯାହାକି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ନିର୍ଦ୍ଧାରିତ ୬୦ ପ୍ରତିଶତ ମାନଦଣ୍ଡଠାରୁ କମ୍ । ଏ ପରିପ୍ରେକ୍ଷୀରେ ଏସ୍‌ଏଲ୍‌ବିସି ସେମାନଙ୍କ ନିୟନ୍ତ୍ରିତ ବ୍ୟାଙ୍କଗୁଡ଼ିକ ସହ ଆଲୋଚନା କରି ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ଉନ୍ନୟନ କମିଶନର ପ୍ରଦୀପ ଜେନା କହିଛନ୍ତି ଯେ ମହାମାରୀ କରୋନା ଯୋଗୁ ଆର୍ଥିକ ଅଭିବୃଦ୍ଧି ହ୍ରାସ ପାଇଥିବାବେଳେ ବ୍ୟାଙ୍କଗୁଡ଼ିକ ଲକ୍‌ଡାଉନ ଏବଂ ଶଟ୍‌ଡାଉନ ବେଳେ ନିରବଚ୍ଛିନ୍ନ ସେବା ଦେଇ ଆସିଛନ୍ତି। କୃଷି ଉତ୍ପାଦନ କମିଶନର ରାଜକୁମାର ଶର୍ମା ଗ୍ରାମୀଣ କ୍ଷେତ୍ରରେ ବ୍ୟାଙ୍କମାନେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଲେ ସାମଗ୍ରିକ ଉନ୍ନତି ହୋଇପାରିବ ବୋଲି କହିଥିଲେ । କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ସଚିବ ସୁରେଶ କୁମାର ବଶିଷ୍ଠ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ବଳରାମ ଯୋଜନାରେ ତୁରନ୍ତ ଋଣ ପ୍ରଦାନ ପାଇଁ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେଇଥିଲେ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ କହିଥିଲେ ଯେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ରାଜ୍ୟ ଶତପ୍ରତିଶତ ଲକ୍ଷ୍ୟ ହାସଲ କରିଛି । ଆଗାମୀ ଦିନରେ ମଧ୍ୟ ଏହା ଉତ୍ସାହପ୍ରଦ ଲକ୍ଷ୍ୟ ହାସଲ କରିବ ବୋଲି ସେ ଆଶାପ୍ରକାଶ କରିଥିଲେ ।

ଏହି ବୈଠକରେ ଯୋଗଦେଇ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଏ.କେ. ମୀନା ନଗଦ ଜମା ଅନୁପାତ ହ୍ରାସ ହେଉଥିବା ବିଷୟକୁ ଅଧିକ ଗୁରୁତ୍ୱ ଦେଇଥିଲେ । ମିଶନ ଶକ୍ତି ସଚିବ ସୁଜାତା କାର୍ତ୍ତିକେୟନ ବୈଠକରେ ଉପସ୍ଥିତ ରହି କହିଥିଲେ, ଗ୍ରାମ୍ୟ ଅର୍ଥନୀତିର ବିକାଶରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସକ୍ରିୟ କାର୍ଯ୍ୟ କରିଆସୁଛନ୍ତି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ଶାସନ ସଚିବ ଆର୍. ରଘୁପ୍ରସାଦ ବାର୍ଷିକ ଋଣ ଯୋଜନା ଅର୍ଥ ଠିକ୍ ଭାବେ ବିତରଣ ଏବଂ ହିତାଧିକାରୀମାନଙ୍କୁ ଋଣ ଯୋଗାଣ କ୍ଷେତ୍ରରେ ବ୍ୟାଙ୍କମାନେ ଅଗ୍ରାଧିକାର ଦେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତ ସରକାରଙ୍କ ଅର୍ଥ ସେବା ବିଭାଗର ନିର୍ଦ୍ଦେଶକ ଏ.କେ. ଡୋଗ୍ରା, ଏସ୍‌ଏଲ୍‌ବିସି ଅଧ୍ୟକ୍ଷ ତଥା ୟୁକୋ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏ.କେ. ଗୋୟଲ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆଞ୍ଚଳିକ ନିର୍ଦ୍ଦେଶକ ଏଚ୍.ଏନ୍. ପଣ୍ଡା, ନାବାର୍ଡର ସିଜିଏମ୍ ଉଦୟ ଭାସ୍କର, ଏସ୍‌ବିଆଇର ସିଜିଏମ୍ ଝୁମା ଦେ, ଇନ୍‌ଷ୍ଟିଚ୍ୟୁଶନାଲ ଫାଇନାନ୍ସ ନିର୍ଦ୍ଦେଶକ ପ୍ରଜ୍ଞାସ୍ମିତା ସାହୁ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସର୍ଭର ରୁମ୍‌ରୁ ବୋର୍ଡ ରୁମ୍

## ମାଇକ୍ରୋସଫ୍ଟରେ ସତ୍ୟ ନାଡେଲାଙ୍କ ଯାତ୍ରା



ଭାରତ ଜନ୍ମିତ ସତ୍ୟ ନାଡେଲା ୨୦୧୪ରେ ମାଇକ୍ରୋସଫ୍ଟର ସିଇଓ ପଦବୀରେ ନିଯୁକ୍ତି ପାଇଥିଲେ। କମ୍ପାନୀ ବିଭିନ୍ନ ଆହ୍ୱାନପୂର୍ଣ୍ଣ ସମୟ ଦେଇ ଗତି କରୁଥିବାବେଳେ ତାଙ୍କୁ ଏଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ମିଳିଥିଲା। ସେ କେବଳ ମାଇକ୍ରୋସଫ୍ଟକୁ ଖରାପ ପରିସ୍ଥିତିରୁ ବାହାରକୁ ଆଣି ନ ଥିଲେ, ବରଂ ଏକ ନୂଆ ସଫଳତା ସ୍ତରରେ ପହଞ୍ଚାଇବାକୁ ସକ୍ଷମ ହୋଇଥିଲେ। କ୍ଲାଉଡ୍ କମ୍ପ୍ୟୁଟିଂ, ମୋବାଇଲ ଆପ୍ଲିକେଶନ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ସେ ଫୋକସ କରିବା ସହ ଅଫିସ ସଫ୍ଟୱେର ଫ୍ରାଞ୍ଚାଇଜିଂ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ତାଙ୍କ କାର୍ଯ୍ୟକାଳ ସମୟରେ ମାଇକ୍ରୋସଫ୍ଟର ଶେୟାର ମୂଲ୍ୟ ୪ ଗୁଣ ବଢ଼ିଛି। ଏହାବାଦ କମ୍ପାନୀର ବଜାର ପୁଞ୍ଜୀକରଣ ୨ ଲକ୍ଷ କୋଟି ଡଲାର ଛୁଇଁଛି।

ନାଡେଲା ୧୯୬୭ରେ ହାଇଦ୍ରାବାଦରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପା ଜଣେ ପ୍ରଶାସନିକ ଅଧିକାରୀ ଏବଂ ମା' ସଂସ୍କୃତର ଅଧ୍ୟାପିକା ଥିଲେ। ହାଇଦ୍ରାବାଦ ପବ୍ଲିକ ସ୍କୁଲରୁ ପ୍ରାରମ୍ଭିକ ଶିକ୍ଷା, ୧୯୮୮ରେ ମଣିପାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ପରେ କମ୍ପ୍ୟୁଟର ସାଇନ୍ସରେ ଏମ୍‌ଏସ୍ କରିବା ଲାଗି ଆମେରିକା ଚାଲିଯାଇଥିଲେ। ୧୯୯୬ରେ ଶିକାଗୋର ବୁଥ୍ ସ୍କୁଲ ଅଫ୍ ବିଜ୍‌ନେସ୍‌ରୁ ସେ ଏମ୍‌ବିଏ ଡିଗ୍ରୀ ମଧ୍ୟ ହାସଲ କରିଥିଲେ। ପଢ଼ା ଶେଷ ପରେ ସେ ମାଇକ୍ରୋସଫ୍ଟର ଟେକ୍ନିକାଲ ଟିମ୍‌ରେ କାମ ଆରମ୍ଭ କରନ୍ତି। ୧୯୯୨ରେ ମାଇକ୍ରୋସଫ୍ଟରେ ଯୋଗଦେବା ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ସେଠାରେ ଦୀର୍ଘ ବର୍ଷ ଧରି କାମ କରିବା ସହ କମ୍ପାନୀର ବିଭିନ୍ନ ଯୋଜନାକୁ ରୂପରେଖ ଦେଇଛନ୍ତି। ମାଇକ୍ରୋସଫ୍ଟରେ ତାଙ୍କର କାର୍ଯ୍ୟ ସର୍ଭର ଗ୍ରୁପ୍‌ରୁ ଆରମ୍ଭ ହୋଇଥିଲା। ଏହା ପରେ ସଫ୍ଟୱେର ଡିଜାଇନ, ଅନ୍‌ଲାଇନ ସର୍ଭିସେସ୍, ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଏବଂ ବିଜ୍ଞାପନ ଡିଜାଇନରେ କାମ କରିବା ପରେ ସର୍ଭର ଡିଭିଜନର ମୁଖ୍ୟ ଭାବେ ସେ କାର୍ଯ୍ୟ କରିଥିଲେ।

ନାଡେଲାଙ୍କୁ କ୍ଲାଉଡ୍ ଗୁରୁ ବୋଲି ବିବେଚନା କରାଯାଇଥାଏ। ସେ ମାଇକ୍ରୋସଫ୍ଟରେ କ୍ଲାଉଡ୍ କମ୍ପ୍ୟୁଟିଂର ଦାୟିତ୍ୱ ଗ୍ରହଣ କରିଥିଲେ। ମାଇକ୍ରୋସଫ୍ଟକୁ ବିଶ୍ୱର ପ୍ରମୁଖ କ୍ଲାଉଡ୍ ଭିତ୍ତିଭୂମି ଗଢ଼ିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେହିଭଳି ଅନ୍‌ଲାଇନ ସର୍ଭିସେସ୍ ଡିଭିଜନର ବରିଷ୍ଠ ଉପାଧ୍ୟକ୍ଷ ଏବଂ ମାଇକ୍ରୋସଫ୍ଟ ବିଜ୍‌ନେସ ଡିଭିଜନର ଉପାଧ୍ୟକ୍ଷ ଭାବେ ମଧ୍ୟ ସେ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ପରେ ତାଙ୍କୁ କମ୍ପାନୀ ୧୯ ବିଲିୟନ ଡଲାର ମୂଲ୍ୟର ସର୍ଭିସ୍ ଆଣ୍ଡ ଟୁଲ ବ୍ୟବସାୟର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦେଇଥିଲା। ମାଇକ୍ରୋସଫ୍ଟର ଡାଟାବେସ୍, ୱିଣ୍ଡୋଜ ସର୍ଭର ଏବଂ ଡେଭଲପର ଟୁଲ୍‌କୁ ମାଇକ୍ରୋସଫ୍ଟର ଆଜ୍ୟୁର କ୍ଲାଉଡ୍ ପ୍ଲାଟ୍‌ଫର୍ମକୁ ଆଣିବାରେ ମଧ୍ୟ ସେ କାର୍ଯ୍ୟ କରିଥିଲେ।

### କ୍ରିକେଟ, ମିଠାପ୍ରେମୀ

ନାଡେଲା ୧୯୯୨ରେ ଅନୁପମାଙ୍କୁ ବିବାହ କରିଥିଲେ। ଅନୁପମାଙ୍କ ବାପା ଏବଂ ସତ୍ୟ ନାଡେଲାଙ୍କ ବାପା ବନ୍ଧୁ ଥିଲେ। ନାଡେଲା ଦମ୍ପତିଙ୍କର ୩ ସନ୍ତାନ (ଜଣେ ପୁଅ , ୨ ଝିଅ) ଅଛନ୍ତି। ନାଡେଲା ବର୍ତ୍ତମାନ ତାଙ୍କ ପରିବାର ସହ ୱାଶିଂଟନରେ ରହୁଛନ୍ତି। ସେ କ୍ରିକେଟର ବଡ଼ ପ୍ରଶଂସକ ହୋଇଥିବା ବେଳେ ଦୈନନ୍ଦିନ ଜୀବନରେ କ୍ରୀଡ଼ାଠାରୁ ଅନେକ ପ୍ରେରଣା ନିଅନ୍ତି। ଏହା ସହ ଫିଟ୍‌ନେସ୍ ଏବଂ ଦୌଡ଼କୁଦ ପ୍ରତି ସେ ସଚେତ ରଖିଥାନ୍ତି। ମିଠା ଖାଇବାକୁ ଭଲ ପାଇଥିବା ବେଳେ ପେଷ୍ଟ୍ରିକୁ ସେ ବହୁତ ପସନ୍ଦ କରନ୍ତି। କବିତା ପଢ଼ିବାକୁ ପସନ୍ଦ କରୁଥିବା ବେଳେ ସେ କୋଡିଂ ସହିତ କବିତାର ତୁଳନା କରିଥାନ୍ତି। ୨୦୧୯ରେ ନାଡେଲାଙ୍କୁ ୪.୨୯ କୋଟି ଡଲାର(ପ୍ରାୟ ୩୧୬ କୋଟି ଟଙ୍କାର) ବେତନ ମିଳିଛି। ସେ ୨୦୧୯ରେ ଫାଇନାନ୍ସିଆଲ ଟାଇମ୍ସର ପର୍ସନ ଅଫ୍ ଦି ଇୟର ଏବଂ ୨୦୨୦ରେ ଗ୍ଲୋବାଲ ବିଜ୍‌ନେସ ଆଇକନ୍ ସମ୍ମାନ ଲାଭ କରିଛନ୍ତି।

# ପ୍ରଥମ ତ୍ରୈମାସ ଜିଡିପି ୧୨% ଖସିପାରେ

ମୁମ୍ବାଇ,୧୭।୬




କୋଭିଡ୍-୧୯ ଦ୍ୱିତୀୟ ଲହର ଜନିତ ସଂକ୍ରମଣକୁ ନିୟନ୍ତ୍ରଣ କରିବା ଲାଗି ଦେଶର ବିଭିନ୍ନ ପ୍ରାନ୍ତରେ ଲକ୍‌ଡାଉନ ଜାରି କରାଯାଇଥିଲା। ଚଳିତ ଥର ସରକାର ସାରା ଦେଶକୁ ଲକ୍‌ଡାଉନ ନ କରି ରାଜ୍ୟଗୁଡ଼ିକ ଉପରେ ଏହାର ଦାୟିତ୍ୱ ଦେଇଥିଲେ। ବେଶି ସଂକ୍ରମଣ ବ୍ୟାପୁଥିବା ଅଞ୍ଚଳଗୁଡ଼ିକରେ ଏପ୍ରିଲ ଏବଂ ମେ ମାସରେ ରାଜ୍ୟସ୍ତରରେ କରୋନା କଟକଣା ଲଗାଯାଇଥିଲା। ଏହାର ପ୍ରଭାବ ଆର୍ଥିକ କାର୍ଯ୍ୟକଳାପ ଉପରେ ପଡ଼ିଥିବାରୁ ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଦେଶର ଅର୍ଥ ବ୍ୟବସ୍ଥା ୧୨% ଖସିପାରେ ବୋଲି ବ୍ରୋକରେଜ ଫାର୍ମ ୟୁବିଏସ୍ ଇଣ୍ଡିଆର ଏକ ରିପୋର୍ଟରେ ପ୍ରକାଶ ପାଇଛି। କରୋନା ଯୋଗୁ ଗତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଜିଡିପି ୨୩.୯% ଖସିଥିଲା। ଚଳିତ ବର୍ଷ ବଜାରରେ ଚାହିଦା ପ୍ରଭାବିତ ହୋଇଛି। ଗତ ବର୍ଷ ତୁଳନାରେ ଲୋକମାନେ ମହାମାରୀକୁ ନେଇ ବେଶି ଭୟଭୀତ ହୋଇ ରହିଥିବା ସୁଇଜରଲାଣ୍ଡ ଭିତ୍ତିକ ଏହି ବ୍ରୋକରେଜ ଫାର୍ମ ପକ୍ଷରୁ ସୂଚନା ମିଳିଛି।

**୨ ଲକ୍ଷ କୋଟି କ୍ଷତି ଆଶଙ୍କା**

ଦ୍ୱିତୀୟ ଲହର ଯୋଗୁ ଚଳିତ ଆର୍ଥିକ ବର୍ଷରେ ଦେଶର ଅର୍ଥ ବ୍ୟବସ୍ଥାକୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିପାରେ ବୋଲି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଗୁରୁବାର କହିଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ସରକାରଙ୍କ ଲାଗି ପ୍ରଥମ ଥର ଲାଗି ଏଭଳି ଏକ ଆକଳନ କରାଯାଇଛି।

## ସୁଇସ୍ ବ୍ୟାଙ୍କରେ ଭାରତୀୟଙ୍କ ଜମା ୨୦ ହଜାର କୋଟି

**ନୂଆଦିଲ୍ଲୀ,୧୭।୬:** ବର୍ଷ ୨୦୨୦ ସୁଦ୍ଧା ସୁଇସ୍ ବ୍ୟାଙ୍କରେ ଭାରତୀୟ ଜମା ବୃଦ୍ଧି ଘଟି ୨୦,୭୦୦ କୋଟି ଟଙ୍କା ଛୁଇଁଛି। ଏହା ମଧ୍ୟରେ ଭାରତୀୟ ବ୍ୟକ୍ତି ବିଶେଷ ଏବଂ ଫାର୍ମ ସାମିଲ ରହିଛନ୍ତି। ପ୍ରତିଭୂତି ଏବଂ ଅନ୍ୟ ଇନ୍‌ଷ୍ଟ୍ରୁମେଣ୍ଟରେ ଜମା ବଢ଼ିଛି। ଏହି ସମୟରେ ଗ୍ରାହକଙ୍କ ଜମା ହ୍ରାସ ହୋଇଥିବା ସୁଇଜରଲାଣ୍ଡ ସେଣ୍ଟ୍ରାଲ ବ୍ୟାଙ୍କ ପକ୍ଷରୁ ସୂଚନା ମିଳିଛି। ୨୦୧୯ ଶେଷ ସୁଦ୍ଧା ସୁଇସ୍ ବ୍ୟାଙ୍କରେ ଭାରତୀୟଙ୍କ ଜମା ୬,୬୨୫ କୋଟି ଟଙ୍କା ସ୍ତରରେ ଥିଲା। ମୋଟ ଜମା ରାଶି ମଧ୍ୟରୁ ୪ ହଜାର କୋଟି ଗ୍ରାହକଙ୍କ ଜମା ହୋଇଥିବା ବେଳେ ୩୧୦୦ କୋଟି ଟଙ୍କା ଅନ୍ୟ ବ୍ୟାଙ୍କ ଦ୍ୱାରା ଜମା, ୧୬.୫ କୋଟିର ଟ୍ରଷ୍ଟ ଜମା ସାମିଲ ରହିଛି। ସେହିଭଳି ବଣ୍ଡ, ପ୍ରତିଭୂତି ଏବଂ ଅନ୍ୟାନ୍ୟ ଫାଇନାନ୍ସିଆଲ ଇନ୍‌ଷ୍ଟ୍ରୁମେଣ୍ଟ ବାବଦକୁ ୧୩,୫୦୦ କୋଟି ଟଙ୍କା ରହିଛି।

## ଫୁର୍‌ସତ୍

# ପ୍ଲାଷ୍ଟିକ ବର୍ଜ୍ୟରୁ ଭାନିଲା



**ନୂଆଦିଲ୍ଲୀ:** ପ୍ଲାଷ୍ଟିକ ବର୍ଜ୍ୟର ଆବର୍ଜନାକୁଣ୍ଡରେ ପରିଣତ ହୋଇଛି ପୃଥିବୀ। ପ୍ରାକୃତିକ ଉପାୟରେ ଏଭଳି ଆବର୍ଜନା ବିଘଟନ ହେଉ ନ ଥିବାରୁ ଦିନକୁ ଦିନ ସମସ୍ୟା ଜଟିଳ ହେଉଛି। ପ୍ଲାଷ୍ଟିକ ସାମଗ୍ରୀ ଉପରେ ମଣିଷର ମାତ୍ରାଧିକ ନିର୍ଭରଶୀଳତାକୁ କମାଇବା, ଏହାର ବିକଳ୍ପ ଖୋଜିବା ଏବଂ ପ୍ରକ୍ରିୟାକରଣ ନେଇ ଦୀର୍ଘଦିନ ହେଲା ଗବେଷଣା ଜାରି ରହିଛି। ତଥାପି ଏ ଦିଗରେ ଆଶାଜନକ ସଫଳତା ମିଳିପାରିନାହିଁ। ତେବେ ନିକଟରେ ବୈଜ୍ଞାନିକମାନେ ବ୍ୟାକ୍ଟେରିଆ ସହାୟତାରେ ବର୍ଜ୍ୟ ପ୍ଲାଷ୍ଟିକରୁ ଖାଇବାଯୋଗ୍ୟ ଭାନିଲା ତିଆରି କରିବାରେ ସଫଳତା ହାସଲ କରିଥିବା ଦାବି କରିଛନ୍ତି।

ବ୍ୟାକ୍ଟେରିଆ ସହାୟତାରେ ପ୍ଲାଷ୍ଟିକ ବର୍ଜ୍ୟକୁ ପ୍ରକ୍ରିୟାକରଣ କରି ଖାଇବାଯୋଗ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ଲାଗି ଦୀର୍ଘଦିନ ହେଲା ଗବେଷଣା ଜାରି ରହିଛି। ତେବେ ୟୁକେ ୟୁନିଭର୍ସିଟି ଅଫ୍ ଏଡିନବର୍ଗର ବୈଜ୍ଞାନିକ ଟିମ ଦ୍ୱାରା ପ୍ଲାଷ୍ଟିକ୍ ବର୍ଜ୍ୟରୁ ପ୍ରସ୍ତୁତ 'ଭାନିଲା'କୁ ସବୁଠାରୁ ସଫଳତମ ଗବେଷଣା ବୋଲି କୁହାଯାଉଛି। ବୈଜ୍ଞାନିକଙ୍କ ଏହି ନୂତନ ଆବିଷ୍କାର ଅନେକ ସମସ୍ୟାର ସରଳ ସମାଧାନ କରିପାରିବ। ଏହାଦ୍ୱାରା ପ୍ଲାଷ୍ଟିକ ବର୍ଜ୍ୟର ମୂଲ୍ୟ ବଢ଼ିବ। ସାର୍ବଜନୀନ ହେବାପରେ ଲୋକମାନେ ପ୍ଲାଷ୍ଟିକ ଆବର୍ଜନାର ଉଚିତ ବ୍ୟବହାର କରିବାକୁ ଆଗଭର ହେବେ। ତେବେ ଖାଦ୍ୟ ଭାବେ ବ୍ୟବହାର କରିବା ପୂର୍ବରୁ ଏହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞମାନେ କହିଛନ୍ତି।

# 'ପୃଥ୍ୱୀରାଜ'କୁ ବିରୋଧ



ଅକ୍ଷୟ କୁମାର

**ଚଣ୍ଡିଗଡ଼:** ପୂର୍ବରୁ ଯୋଦ୍ଧା ଆକବର ଏବଂ ପଦ୍ମାବତ୍ ଚଳଚ୍ଚିତ୍ରକୁ ନେଇ ବିବାଦ ଦେଖାଦେଇଥିଲା। ଏବେ ଅକ୍ଷୟ କୁମାର ଅଭିନୀତ 'ପୃଥ୍ୱୀରାଜ' ଚଳଚ୍ଚିତ୍ର ମଧ୍ୟ ଅନୁରୂପ ବିରୋଧର ସମ୍ମୁଖୀନ ହୋଇଛି। ୟଶ ରାଜ ଫିଲ୍ମସ୍‌ର ଏହି ଚଳଚ୍ଚିତ୍ର ବିରୋଧରେ ଚଣ୍ଡିଗଡ଼ରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଅଭିନେତାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଅଖିଳ ଭାରତୀୟ କ୍ଷତ୍ରୀୟ ମହାସଭା ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଚଳଚ୍ଚିତ୍ରର ନାମ ପରିବର୍ତ୍ତନ ପାଇଁ ଦାବି ହୋଇଛି। ଚଳଚ୍ଚିତ୍ରର ନାଁ କେବଳ ପୃଥ୍ୱୀରାଜ ହୋଇପାରିବ ନାହିଁ। ଏହାର ପୂରା ନାମ ହିନ୍ଦୁ ସମ୍ରାଟ ପୃଥ୍ୱୀରାଜ ଚୌହାନ ରଖାଯାଉ। କାରଣ ପୃଥ୍ୱୀରାଜ ହେଉଛନ୍ତି ଶେଷ ହିନ୍ଦୁ ସମ୍ରାଟ। ସେଥିପାଇଁ ଉକ୍ତ ଚଳଚ୍ଚିତ୍ର ତାଙ୍କୁ ପୂର୍ଣ୍ଣ ସମ୍ମାନ ଜଣାଇବା ଆବଶ୍ୟକ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଚଳଚ୍ଚିତ୍ର ମୁକ୍ତିଲାଭ କରିବା ପୂର୍ବରୁ ଏହାକୁ କ୍ଷତ୍ରୀୟ ଏବଂ ରାଜପୁତ୍ ସମାଜକୁ ଦେଖାଇବାକୁ ଦାବି କରାଯାଇଛି। ଏହା ବିବାଦରହିତ ଏବଂ ଇତିହାସରେ ପରିବର୍ତ୍ତନ ହୋଇ ନ ଥିବା ସ୍ପଷ୍ଟ ହେବା ପରେ ମୁକ୍ତିଲାଭ କରାଇବାକୁ ସଂଗଠନ ଦାବି କରିଛି।

# ଜୀବନ ଫେରିପାଇଲେ ୭ ବର୍ଷର ବାଳକ

**ବାହାଦୂରଗଡ଼:** କୁହାଯାଏ ମା' ଡାକରେ ଅମୃତ ରହିଛି। ମା' ଡାକରେ ପିଲା ଆପଣା ଛାଏଁ ଟାଣି ହୋଇ ଚାଲି ଆସିଥାଏ। ଏହାର ସଦ୍ୟତମ ଉଦାହରଣ ହରିୟାଣାର ବାହାଦୂରଗଡ଼ ଅଞ୍ଚଳରେ ଘଟିଛି। ଜଣେ ୭ ବର୍ଷ ବାଳକଙ୍କୁ ଟାଇଫଏଡ୍ ହୋଇଥିଲା। ସେ ଦିଲ୍ଲୀରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ମେ' ୨୬ରେ ଘୋଷଣା କରିଥିଲେ। ବାଳକଙ୍କୁ ଘରକୁ ଅଣାଯାଇ ଅନ୍ତିମ ସଂସ୍କାର ଲାଗି ଯୋଜନା ଚାଲିଥିଲା। ମା' ଜାହ୍ନବୀ ବିକଳରେ ମୁଣ୍ଡ ପିଟି ବାହୁନି କାନ୍ଦିବାରେ ଲାଗିଥିଲେ। ମୋ ଧନ ଫେରିଆ ବୋଲି ବାରମ୍ବାର କହୁଥିଲେ। ହଠାତ୍ ବାଳକଙ୍କ ଶରୀର ହଲ୍‌ଚଲ୍ ହୋଇଥିଲା। ବାଳକଙ୍କ ବାପା ହିତେଶ୍ ମୁହଁରେ ମୁହଁ ଲଗାଇ ଫୁଙ୍କିଥିଲେ। ପିଲା କାଶିବା ଆରମ୍ଭ କରିଥିଲା। ପରେ ତାଙ୍କୁ ରୋହତକ୍‌ର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏବେ ସେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହାକୁ ନେଇ ଗାଁରେ ଆନନ୍ଦ ଖେଳିଯାଇଛି।



## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଏକାଦଶାହ ଉପଲକ୍ଷେ**



୰ଦେବନାରାୟଣ ମଲ୍ଲିକ
ଗେଙ୍ଗୁଟିଆ, ଢେଙ୍କାନାଳ
ଆବିର୍ଭାବ: ୨୧।୦୫।୧୯୫୫
ତିରୋଧାନ: ୦୮।୦୬।୨୦୨୧
ଆପଣ ଆମ୍ଭ ସମସ୍ତଙ୍କୁ ଅସମୟରେ ଛାଡ଼ି ଚାଲିଗଲେ। ପ୍ରତି ମୁହୂର୍ତ୍ତରେ ଆପଣଙ୍କର ଅନୁପସ୍ଥିତି ଆମ୍ଭମାନଙ୍କୁ ବ୍ୟଥିତ କରୁଛି। ନିଷ୍କପଟ ହୃଦୟ, ସମସ୍ତଙ୍କ ପ୍ରତି ଭଲ ପାଇବା, ସରଳତା, ଶ୍ରଦ୍ଧା ଆମର ମନେପଡୁଛି। ତୁମେ ଯେଉଁଠି ଥାଅ ତୁମର ଅମର ଆତ୍ମା ଶାନ୍ତିରେ ରହୁ, ତଥା ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ତୁମର ହତଭାଗା: ପୁତ୍ର: ଲୁଲୁ, ପୁତ୍ରବଧୂ: ସରିତା, ପତ୍ନୀ: ସୁଷମା, ନାତି: ଜିତୁ, କନ୍ୟା: ରିଙ୍କି, ଟୁମ୍କି, ଜ୍ୱାଇଁ: ସୁବାସ, ଗିରୀଶ, ତିନି ସହୋଦର ଓ ତାଙ୍କର ଧର୍ମପତ୍ନୀ ସମସ୍ତ ନାତି ନାତୁଣୀ ତଥା ବନ୍ଧୁ ଓ ପରିବାରବର୍ଗ ।
ଧ-୨୦୯୦୪

**ଏକାଦଶାହ ଉପଲକ୍ଷେ**



୰ପୂର୍ଣ୍ଣଚନ୍ଦ୍ର ପରିଡ଼ା
ଅବସରପ୍ରାପ୍ତ ବରିଷ୍ଠ କିରାଣି, ଭାଟବନ୍ଧ ହାଇସ୍କୁଲ, ନିମାପଡ଼ା
ସ୍ଥାନ: ସାହାଣୀସାହି, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୧୯୫୨ (ସ୍ନାନ ପୂର୍ଣ୍ଣିମା)
ତିରୋଧାନ: ୦୮।୦୬।୨୦୨୧
ବାପା, ଆକାଶ ପରି ବ୍ୟାପ୍ତ, ସମୁଦ୍ର ପରି ଗଭୀର ଥିଲା ଆପଣଙ୍କ ଉପସ୍ଥିତି। ଅଜାଣତରେ ଆମକୁ ଛାଡ଼ି ସବୁଦିନ ପାଇଁ ପରକରି ଆରପାରିକୁ ଚାଲିଗଲେ। ପ୍ରତି ମୁହୂର୍ତ୍ତରେ ଆପଣଙ୍କ କଥା ବେଶି ମନେ ପଡୁଛି ଏବଂ ଆଖିରୁ ଲୁହଧାର ଶୁଖୁନାହିଁ। କାରଣ ଆପଣ ଆମ ସମସ୍ତଙ୍କୁ ଭଲ ପାଉଥିଲେ। ଆପଣ ଜଣେ ଦାୟିତ୍ୱସମ୍ପନ୍ନ ଏବଂ ସମୟାନୁବର୍ତ୍ତିତା ଥିଲେ। ସିମୁନ୍, ସାହିଲ୍, ପୁପୁନ୍, ବାପୁନ୍, ସବୁବେଳେ ଆପଣଙ୍କୁ ଖୋଜୁଛନ୍ତି। ଆପଣଙ୍କ କାର୍ଯ୍ୟଦକ୍ଷତା, ସ୍ନେହ, ଶ୍ରଦ୍ଧା, ଆନନ୍ଦ ଓ ଭଲପାଇବା ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା । -:ଶୋକସନ୍ତପ୍ତ:-
ସ୍ତ୍ରୀ: ଗୀତାରାଣୀ ପରିଡ଼ା, ବନ୍ଧୁ ଓ ପରିବାରବର୍ଗ
ଧ-୭୦୪୫୮

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ**



୰ ପୋଟ୍ଟରୁ ଜୟନ୍ତୀ କୁମାରୀ ପାତ୍ର
ତିରୋଧାନ : ତା ୦୮-୦୬-୨୦୨୧ ରିଖ,
(ଜ୍ୟେଷ୍ଠ କୃଷ୍ଣ ତ୍ରୟୋଦଶୀ)
ଏକାଦଶାହ : ତା ୧୮-୦୬-୨୦୨୧
ଆଜି ଆପଣଙ୍କ ତିରୋଧାନର ଏକାଦଶାହ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ ।
- ଶୋକସନ୍ତପ୍ତ -
ପି. ସୋମନାଥ ପାତ୍ର (ସ୍ୱାମୀ)
ପି. ସୁଶାନ୍ତ କୁମାର ପାତ୍ର (ପୁତ୍ର)
ପି. ପ୍ରଶାନ୍ତ କୁମାର ପାତ୍ର (ପୁତ୍ର)
ପି. ଦିଲ୍ଲୀପ କୁମାର ପାତ୍ର (ପୁତ୍ର)
ବୋହୂ, ନାତି, ନାତୁଣୀ,
ପୋଟ୍ଟରୁ ପରିବାର ଓ ଆତ୍ମୀୟ ସ୍ୱଜନ
ଧ-୨୦୯୦୫

**ଜନ୍ମଦିନ ଶୁଭେଚ୍ଛା (୧୮।୦୬।୨୦୨୧)**



ଶ୍ରେୟାନ୍‌ସି ସ୍ୱାଇଁ (ପରୀ)
ଶ୍ରୀବିହାର, ପୁରୀ
ପ୍ରଥମ ଜନ୍ମବାର୍ଷିକ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ମହାପ୍ରଭୁ ଶ୍ରୀଜଗନ୍ନାଥ ତୋ ଚଲାପଥ କୁସୁମିତ କରନ୍ତୁ।
:ଶୁଭେଚ୍ଛା ସହ:
ପାପା, ମାମା, (ରାଧୁ ଚରଣ ସ୍ୱାଇଁ)
ଜେଜେବାପା, ଜେଜେମାଆ (ନୟନା ସ୍ୱାଇଁ) ।
ଧ-୨୦୯୦୮

**୧୭ତମ ଜନଦିନ ଶୁଭେଚ୍ଛା**



(ଶ୍ୟାମ)
ଆଇଜାକ୍ ଅମନ ନାଏକ
ସରବେରଣୀ, କୁଆଁରମୁଣ୍ଡା, ସୁନ୍ଦରଗଡ଼
ଆଜି ତୋର ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେମାଆ, ଜେଜେବାପା, ମାଆ, ବାପା, ଭଉଣୀ, ଭାଇଙ୍କ ସହ ନାଏକ ଓ ପଟେଲ ପରିବାରବର୍ଗ ତଥା ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ।
ଧ-୨୦୯୦୭

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା ମକବୁଲ ଖାନ୍ ବଙ୍ଗାଳୀ
9520764524

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

ଖର୍ଚ୍ଚ ଋଣରୁ କଟିବ
**KUBER FINANCE**
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଲୋନ୍
24 ଘଣ୍ଟାରେ ଘରେ ବସି ଲୋନ୍ ପ୍ରାପ୍ତ କରନ୍ତୁ
T&C
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
ଆଧାରକାର୍ଡ ଲୋନ୍, ଏଜୁକେଶନ ଲୋନ୍, ହୋମ୍ ଲୋନ୍, ପ୍ରପର୍ଟି ଲୋନ୍, ପର୍ସନାଲ ଲୋନ୍, ବିଜନେସ୍ ଲୋନ୍
1% ସୁଧ | 50% ଛାଡ଼
ମହିଳା, ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
076830-42752

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ରୁଦ୍ର ପ୍ରସନ୍ନ ରଥ

## ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ

# ଟିମ୍ କମ୍ବିନେଶନ






ବିରାଟ କୋହଲି



**ଭାରତ-ନ୍ୟୁଜିଲାଣ୍ଡ ହାଇ ପ୍ରୋଫାଇଲ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ପ୍ରତିଯୋଗିତାର ପ୍ରଥମ ସଂସ୍କରଣ ହୋଇଥିବାରୁ ଏହାର ଅନେକ ଗୁରୁତ୍ୱ ରହିଛି।**

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପାଇଁ କ୍ଷେତ୍ର ପ୍ରସ୍ତୁତ। ଫାଇନାଲ ମ୍ୟାଚ୍ ଇଂଲଣ୍ଡର ସାଉଥାମ୍ପଟନଠାରେ ଶୁକ୍ରବାରଠାରୁ ଆରମ୍ଭ ହେବ। ଭାରତୀୟ ଦଳ ବିପକ୍ଷରେ ରହିବ ନ୍ୟୁଜିଲାଣ୍ଡ। ଏହି ହାଇପ୍ରୋଫାଇଲ ମ୍ୟାଚରେ ଯିଏ ବି ଜିତିବ ସେ ପ୍ରଥମ ଟେଷ୍ଟ ଚାମ୍ପିୟନ ହେବାର ଗୌରବ ଲାଭ କରିବାକୁ ଥିବାରୁ ଏହା ଉଭୟଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଉଭୟ ଦଳରେ ଅନେକ ଖେଳାଳି କେବଳ ଟେଷ୍ଟମ୍ୟାଚ୍ ଖେଳୁଥିବାରୁ ଏହା ସେମାନଙ୍କ ପାଇଁ ବିଶ୍ୱକପ୍ ଖେଳିବା ପରି ହେବ। ଭାରତ ୨୦ ଜଣିଆ ଦଳ ଏହି ଫାଇନାଲ ଖେଳିବା ପାଇଁ ଇଂଲଣ୍ଡ ପଠାଇଥିବା ବେଳେ ଗୁରୁବାର ଚୂଡ଼ାନ୍ତ ଏକାଦଶ ଘୋଷଣା କରାଯାଇଛି।

**ଓପନର:** ରୋହିତ ଶର୍ମାଙ୍କ ସହ ଶୁବମନ ଗିଲ୍ ଭାରତୀୟ ଦଳର ଓପନିଂ ଭାର ସମ୍ଭାଳିବେ। ଓପନର ହିସାବରେ ରୋହିତ ଶର୍ମା ଗତ ଦୁଇ ତିନିବର୍ଷ ମଧ୍ୟରେ ବେଶ୍ ସଫଳ ହୋଇଥିଲେ ମଧ୍ୟ ଇଂଲଣ୍ଡରେ ଏହି ଦାୟିତ୍ୱ ପ୍ରଥମ ଥର ପାଇଁ ତୁଲାଇବେ। ଯଦିଓ ସେ ଟେଷ୍ଟ ଚାମ୍ପିୟନଶିପ୍‌ରେ ୧୦୦୦ରୁ ଅଧିକ ରନ କରିଛନ୍ତି ତେବେ ସେ ଇଂଲଣ୍ଡରେ ମାତ୍ର ଗୋଟିଏ ଟେଷ୍ଟ ୨୦୧୪ରେ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଅବଶ୍ୟ ସେ ପରେ ଜଣେ ଭିନ୍ନ ବ୍ୟାଟ୍ସମ୍ୟାନ୍ ଭାବେ ସାମ୍ନାକୁ ଆସିଛନ୍ତି। ତେବେ ଟିମ୍ ସାଉଦୀ, ଟ୍ରେଣ୍ଟ ବୋଲ୍ଟ ଏବଂ ନେଲ୍ ୱାଗନର କିପରି ଖେଳୁଛନ୍ତି ତା' ଉପରେ ଭାରତର ସଫଳତା ନିର୍ଭର କରେ। ରୋହିତଙ୍କ ସହ ଇନିଂସ ଓପନ କରିବେ ଶୁବମନ ଗିଲ। ଯିଏ ଅଷ୍ଟ୍ରେଲିଆ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଯଦିଓ ପରେ ଇଂଲଣ୍ଡ ବିପକ୍ଷରେ ଘରୋଇ ସିରିଜ୍‌ରେ ସେ ବିଶେଷ କିଛି କମାଲ ଦେଖାଇପାରି ନ ଥିଲେ। ଜଣେ ଓପନର ହିସାବରେ ଶୁବମନ ବେଶ୍ ଆଗ୍ରେସିଭ୍ ଆଉ ନିର୍ଭୟର ସହ ନିଜ ଖେଳ ଖେଳିବାକୁ ଭଲ ପାଆନ୍ତି।

**ମିଡଲ ଅର୍ଡର:** ମିଡଲ ଅର୍ଡରରେ ତିନି ନମ୍ବରରେ ବ୍ୟାଟିଂ କରିବାକୁ ଆସିବେ ଚେତେଶ୍ୱର ପୂଜାରା। ବୋଧହୁଏ ଏହି ଚାମ୍ପିୟନଶିପ୍‌ରେ ସେ ଭାରତ ପାଇଁ ସର୍ବଶ୍ରେଷ୍ଠ ଚ୍ୟାଲେଞ୍ଜ ଦେବେ। ଯଦି ପୂଜାରାଙ୍କ ଉଇକେଟ୍ ଭାରତ ସହଜ ହରାଉଛି ତେବେ ଚାପରେ ରହିବ। ପୂଜାରା ଟେଷ୍ଟ ଚାମ୍ପିୟନଶିପ୍‌ରେ ଦଳ ପାଇଁ ଏଯାଏ ୮୧୮ ରନର ସ୍କୋର କରିସାରିଛନ୍ତି। ଅଷ୍ଟ୍ରେଲିଆରେ ଲଗାତର ଦୁଇଥର ଅଷ୍ଟ୍ରେଲିଆକୁ ହରାଇବା ପଛରେ ସବୁଠାରୁ ଅଧିକ ଯୋଗଦାନ ପୂଜାରାଙ୍କର ହିଁ ଥିଲା। ଚାରିନମ୍ବରରେ ଅଧିନାୟକ ବିରାଟ କୋହଲୀ ନିଜେ ବ୍ୟାଟିଂ କରିବାକୁ ଆସିବେ। ୨୦୧୪ରେ କୋହଲିଙ୍କ କ୍ୟାରିୟରର ସବୁଠାରୁ ଖରାପ ପ୍ରଦର୍ଶନ ଦେଖିବାକୁ ମିଳିଥିଲା ଏହି ଇଂଲଣ୍ଡରେ। ପୂରା ସିରିଜ ଖେଳି କରିଥିଲେ ମାତ୍ର ୧୩୪ ରନ୍। ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ୧୪ଟି ମ୍ୟାଚ୍ ଖେଳି କରିଛନ୍ତି ୮୭୭ ରନ। ଦଳର ଉପ ଅଧିନାୟକ ଅଜିଙ୍କ୍ୟ ରାହାନେ ଆସିବେ ୫ ନମ୍ବରରେ। ପ୍ରାୟ ୫୦ଟି ମ୍ୟାଚ୍ ରାହାନେ କୋହଲିଙ୍କ ନେତୃତ୍ୱରେ ଖେଳି ସାରିଲେଣି। ଜଣେ ଶାନ୍ତଶିଷ୍ଟ ଖେଳାଳି ଭାବେ ଜଣାଶୁଣା ରାହାନେ ଏବେ ବି ଜଣେ ସୁପରଷ୍ଟାରର ପରିଚୟ ଖୋଜୁଛନ୍ତି। ବୈଷୟିକ ଦୃଷ୍ଟିକୋଣରୁ ସେ ଭାରତର ସବୁଠାରୁ ଦକ୍ଷ ଖେଳାଳି ହୋଇଥିଲେ ହେଁ ତାଙ୍କ ବିଷୟରେ ମିଡିଆରେ ବେଶି ଆଲୋଚନା ହୁଏନାହିଁ।

**ଉଇକେଟ୍ କିପର:** ଛଅ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିବେ ଋଷଭ ପନ୍ତ। ଦଳର ଉଇକେଟ୍ କିପର ଏବଂ ବ୍ୟାଟିଂ ସେନସେଶନ୍। ଅଷ୍ଟ୍ରେଲିଆ ଏବଂ ଘରୋଇ ଇଂଲଣ୍ଡ ସିରିଜରେ ଉଭୟ ଉଇକେଟ୍ ଆଗରେ ଏବଂ ପଛରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଏବେ ବୋଲରମାନଙ୍କର ମୁଣ୍ଡ ବ୍ୟଥାର କାରଣ ପାଲଟିଛନ୍ତି ପନ୍ତ। ଗୋଟିଏ ସେସନ ଖେଳରେ ମ୍ୟାଚ୍‌ର ଦଶା ଏବଂ ଦିଶାରେ ସେ ଆଣି ପାରୁଛନ୍ତି ପରିବର୍ତ୍ତନ। ପନ୍ତ ଚାମ୍ପିୟନଶିପ୍‌ରେ ମୋଟ୍ କରିଛନ୍ତି ୬୬୨ ରନ୍। ଏଥିରେ ଗୋଟିଏ ଶତକ, ୪ଟି ଅର୍ଦ୍ଧଶତକ (ଏହା ମଧ୍ୟରେ ଦୁଇଟି ୯୦ରୁ ଅଧିକ ସ୍କୋର ବି ସାମିଲ ଅଛି)।

**ବୋଲିଂ ବିଭାଗ:** ଭାରତ ୩ ପେସ୍ ଏବଂ ୨ ସ୍ପିନ ବୋଲର ସହିତ ପଡ଼ିଆକୁ ଓହ୍ଲାଇବ। ରବୀନ୍ଦ୍ର ଜାଡେଜା ଜଣେ ଅଲରାଉଣ୍ଡର ଭାବେ ଚୂଡ଼ାନ୍ତ ଏକାଦଶରେ ରହିବେ। ସାତ ନମ୍ବରରେ ବ୍ୟାଟିଂ କରିବେ। ଏହାଦ୍ୱାରା ଭାରତର ବ୍ୟାଟିଂ ବିଭାଗ ଶକ୍ତିଶାଳୀ ହେବ। ସେ ଏଯାବତ୍ ଚାମ୍ପିୟନଶିପ୍‌ରେ ୨୮ଟି ଉଇକେଟ୍ ନେବା ସହ ୪୦୦ରୁ ଅଧିକ ରନ୍ ସ୍କୋର କରିସାରିଲେଣି। ତାଙ୍କର ଫିଲ୍ଡିଂ ପାଇଁ ସେ ଏହି ଭାରତୀୟ ଦଳର ନିଶ୍ଚିତ ସଦସ୍ୟଭାବେ ଗଣାଯିବେ। ରବିଚନ୍ଦ୍ରନ ଅଶ୍ୱିନ ଭାରତୀୟ ଦଳର ଏକମାତ୍ର ସ୍ପେଶାଲିଷ୍ଟ ସ୍ପିନରଭାବେ ଦଳ ସହ ରହିବେ। ଅଶ୍ୱିନୀ ଚାମ୍ପିୟନଶିପ୍‌ର ଦ୍ୱିତୀୟ ସର୍ବାଧିକ ଉଇକେଟ୍ ହାସଲକାରୀ। ୬୭ଟି ଉଇକେଟ୍ ନେଇ ଅଷ୍ଟ୍ରେଲିଆର ପ୍ୟାଟ୍ କୁମିନ୍ସ (୭୦)ଙ୍କ ପଛରେ ଅଛନ୍ତି। ଆଶା କରାଯାଉଛି ସାଉଥାମ୍ପଟନ୍‌ର ଏଜେସ୍ ବାଉଲରେ ବଲ ଘୂରିଲେ ଅଶ୍ୱିନୀ ସର୍ବାଧିକ ଉଇକେଟ ଦଖଲକାରୀଭାବେ ଚାମ୍ପିୟନଶିପ୍ ଶେଷ କରିବେ। ଅଶ୍ୱିନୀ ଆଠ ନମ୍ବରରେ ବ୍ୟାଟିଂ କରିବେ। ତାଙ୍କ ପାଖରେ ଏକାଧିକ ଶୈଳୀର ବୋଲିଂ ଥିବାରୁ ସେ ଭାରତ ପାଇଁ ସବୁବେଳେ ନିଶ୍ଚିତ ମ୍ୟାଚ୍ ବିଜେତାର ଭୂମିକା ଗ୍ରହଣ କରନ୍ତି ଏବଂ ଏଥର ମଧ୍ୟ ତାଙ୍କ ପ୍ରଦର୍ଶନ ଭାରତକୁ ଆଗରେ ରଖିବ ବୋଲି ଆଶା କରାଯିବା ସ୍ୱାଭାବିକ।

**ପେସ୍ ବାହିନୀ:** ଭାରତ ତିନିଜଣ ପେସରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବ। ନୂଆ ବଲରେ ବୋଲିଂ ଆରମ୍ଭ କରିବେ ମହମ୍ମଦ ଶାମି। ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମ ଟେଷ୍ଟ ପରେ ସେ ଆଘାତଜନିତ କାରଣରୁ ସିରିଜରୁ ବାଦ୍ ପଡିଥିଲେ। ଏବେ ସେ ବ୍ୟାକ୍ କରିଛନ୍ତି। ଶାମିଙ୍କ ବୋଲିଂ ପାର୍ଟନର ହେବେ ଇଶାନ୍ତ ଶର୍ମା। ୨୦୧୪ରେ ସେ ଇଂଲଣ୍ଡ ବିପକ୍ଷରେ ଏହି ସାଉଥାମ୍ପଟନ ପଡ଼ିଆରେ ୭୦ ରନ୍ ଦେଇ ୭ ଉଇକେଟ୍ ନେଇଥିଲେ। ଦଳ ଦମ୍‌ଦାର ପ୍ରଦର୍ଶନ କରିଥିଲା। ତେବେ ନଜରରେ ରହିବେ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା। ଉଭୟ ନୂଆ ଏବଂ ପୁରୁଣାବଲରେ ବ୍ୟାଟ୍ସମ୍ୟାନମାନଙ୍କୁ ଅଡୁଆରେ ପକାଇବାର ଦକ୍ଷତା ରଖନ୍ତି ବୁମ୍‌ରା। ମୋଟାମୋଟିଭାବେ କହିବାକୁ ଗଲେ ଭାରତ ଏକ ବିଶ୍ୱସ୍ତରୀୟ ବୋଲିଂ ବାହିନୀ ଏବଂ ବେଶ୍ ସନ୍ତୁଳିତ ବ୍ୟାଟିଂ କମ୍ବିନେଶନ ସହ ପଡ଼ିଆକୁ ଓହ୍ଲାଇବ।

# ଓଡ଼ିଶାରୁ କେବଳ ଦୀପ୍‌ଗ୍ରେସ୍

ଭୁବନେଶ୍ୱର, ୧୭।୬ (କ୍ରୀଡ଼ା ପ୍ରତିନିଧି)

ଟୋକିଓ ଅଲିମ୍ପିକ୍ସ ପାଇଁ ଗୁରୁବାର ୧୬ ଜଣିଆ ଭାରତୀୟ ମହିଳା ହକି ଦଳ ଘୋଷଣା କରାଯାଇଛି। ମାତ୍ର ଏଥର ଦଳରେ ମାତ୍ର ଜଣେ ଓଡ଼ିଆ ଖେଳାଳି ସାମିଲ ହୋଇଛନ୍ତି। ସେ ହେଉଛନ୍ତି ଦୀପ୍ ଗ୍ରେସ୍ ଏକ୍କା। ଓଡ଼ିଶା ଭାରତୀୟ ହକି ଦଳର ପ୍ରାୟୋଜକ ହୋଇଥିବାବେଳେ ରାଜ୍ୟରେ ବିଶ୍ୱସ୍ତରୀୟ ଭିତ୍ତିଭୂମୀ ଉପଲବ୍ଧ। ଦ୍ୱିତୀୟ ଥର ହକି ବିଶ୍ୱକପ ଆୟୋଜନ କରିବାକୁ ଯାଉଥିବା ଏହି ରାଜ୍ୟରୁ ମାତ୍ର ଜଣେ ଖେଳାଳି ଦଳରେ ସ୍ଥାନ ପାଇବା ଓଡ଼ିଶା ହକି ପ୍ରେମୀଙ୍କୁ ନିରାଶ କରିଛି। ୨୦୧୬ ରିଓ ଅଲିମ୍ପିକ୍ସ ପାଇଁ ଓଡ଼ିଶାରୁ ୪ ଖେଳାଳି ଦଳରେ ସ୍ଥାନ ପାଇଥିଲେ। ସେମାନେ ହେଲେ ଦୀପ୍ ଗ୍ରେସ୍ ଏକ୍କା, ନମିତା ଟପ୍ପୋ, ଲିଲିମା ମିଞ୍ଜ୍ ଓ ସୁନୀତା ଲାକ୍ରା। ଇତିମଧ୍ୟରେ ସୁନୀତା ଲାକ୍ରା ଅବସର ନେଇ ସାରିଛନ୍ତି। ମାତ୍ର କ୍ରମାଗତ ଭଲ ପ୍ରଦର୍ଶନ କରି ଆସୁଥିବା ଲିଲିମା ମିଞ୍ଜ୍ ଓ ନମିତା ଟପ୍ପୋଙ୍କୁ ଅଣଦେଖା କରାଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ହକି ଇଣ୍ଡିଆ ୱେବସାଇଟ୍‌ରେ ଉପଲବ୍ଧ ତଥ୍ୟ ଅନୁସାରେ ଜୁଲାଇ ୨୩ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ହେବାକୁ ଯାଉଥିବା କ୍ରୀଡ଼ା ମହାକୁମ୍ଭ ପାଇଁ ଭାରତୀୟ ଦଳରେ ୮ ଅଲିମ୍ପିକ୍ସ ପଦାର୍ପଣକାରୀ ଏବଂ ରିଓ ଅଲିମ୍ପିକ୍ସରେ ଖେଳିଥିବା ସମାନ ସଂଖ୍ୟକ ଭେଟେରାନଙ୍କୁ ସାମିଲ କରାଯାଇଛି। ରାଣୀ ରାମପାଲ ଅଧିନାୟିକା ପଦ ବଜାୟ ରଖିଛନ୍ତି। ପ୍ରଥମଥରପାଇଁ ଅଲିମ୍ପିକ୍ସ ଖେଳିବାକୁ ଯାଉଥିବା ଖେଳାଳିମାନେ ହେଲେ ଡ୍ରାଗ୍ ଫ୍ଲିକର ଗୁରଜିତ କୌର, ଉଦିତା, ନିଶା, ନେହା, ନଭନୀତ କୌର, ଶର୍ମିଳା ଦେବୀ, ଲାଲରେମସିଆମି ଓ ସାଲିମା ଟେଟେ। ଟେଟେଙ୍କ ନେତୃତ୍ୱରେ ଭାରତୀୟ ଦଳ ୨୦୧୮ ବୁଏନ୍ସ ଆରିଜ ୟୁଥ୍ ଅଲିମ୍ପିକ୍ ଗେମ୍ସରେ ରୌପ୍ୟ ପଦକ ହାସଲ କରିଥିଲା। ଗତ ଅଲିମ୍ପିକ୍ସରେ ଖେଳି ଏଥର ପୁଣି ସୁଯୋଗ ପାଇଥିବା ଖେଳାଳିମାନେ ହେଲେ ଅଧିନାୟିକା ରାଣୀ, ଗୋଲକିପର ସବିତା, ଦୀପ୍ ଗ୍ରେସ୍, ସୁଶୀଳା ଚାନୁ ପୁଖରାମବାମ, ମୋନିକା, ନିକ୍କି ପ୍ରଧାନ, ନଭଜୋତ କୌର ଓ ବନ୍ଦନା କାଟରିଆ। ଏହି ୮ ଖେଳାଳି ମୋଟ ୧୪୯୨ ମ୍ୟାଚ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଦଳରେ ଜଣେ ଗୋଲକିପର, ୪ ଡିଫେଣ୍ଡର, ୬ ମିଡ୍ ଫିଲ୍ଡର ଏବଂ ୫ ଫରୱାର୍ଡ ସାମିଲ ଅଛନ୍ତି।

ଭାରତୀୟ ମହିଳା ଦଳ ପୂର୍ବରୁ ୧୯୮୦ ଏବଂ ଦୀର୍ଘ ୩୬ ବର୍ଷ ପରେ ୨୦୧୬ରେ ଅଲିମ୍ପିକ୍ସରେ ଭାଗ ନେଇଥିଲା। ତେଣୁ ଏଥର କ୍ରମାଗତ ଦ୍ୱିତୀୟ ଏବଂ ଓଭରଅଲ୍ ତୃତୀୟ ଥରପାଇଁ ଅଲିମ୍ପିକ୍ସ ଖେଳିବାକୁ ଯାଉଛି। ୨୦୧୬ ରିଓ ଅଲିମ୍ପିକ୍ସ ପରଠାରୁ ଭାରତୀୟ ମହିଳା ହକି ଦଳର ପ୍ରଦର୍ଶନରେ ଉନ୍ନତି ହୋଇଛି। ୨୦୧୬ ଏସିଆନ ଚାମ୍ପିୟନ୍ସ ଟ୍ରଫି ଜିତିଥିବାବେଳେ ୨୦୧୭ ଏସିଆ କପ୍ ଏବଂ ୨୦୧୮ ଏସିଆନ ଗେମ୍ସରେ ରୌପ୍ୟ ପଦକ ହାସଲ କରିଛି। ପ୍ରଥମଥରପାଇଁ ୨୦୧୮ ହକି ବିଶ୍ୱକପର କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଦଳ ଇତିହାସ ରଚିଥିଲା। "ଟୋକିଓ ଅଲିମ୍ପିକ୍ସ ପାଇଁ ଆମେ ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଶ୍ରେଷ୍ଠ ଦଳ ମନୋନୟନ କରିଛୁ। ତେଣୁ ଏଥର ଅଲିମ୍ପିକ୍ସରେ ଦଳ ଶ୍ରେଷ୍ଠ ପ୍ରଦର୍ଶନ ମଧ କରିବା ଆଶା ରହିଛି" ବୋଲି କୋଚ୍ ଜୋର୍ଡ ମାରିଜନେ ପ୍ରକାଶ କରିଛନ୍ତି।



ଦୀପ୍ ଗ୍ରେସ୍ ଏକ୍କା

**ଅଲିମ୍ପିକ୍ସ ପାଇଁ ଭାରତୀୟ ମହିଳା ହକି ଦଳ ଘୋଷଣା**

**ଭାରତୀୟ ଦଳ**

ଗୋଲକିପର: ସବିତା, ଡିଫେଣ୍ଡର: ଦୀପ୍ ଗ୍ରେସ୍ ଏକ୍କା, ନିକ୍କି ପ୍ରଧାନ, ଗୁରଜିତ କୌର, ଉଦିତା ମିଡ୍‌ଫିଲ୍ଡର: ନିଶା, ନେହା, ସୁଶୀଳା ଚାନୁ ପୁଖରାମବାମ୍, ମୋନିକା, ନଭଜୋତ କୌର, ସାଲିମା ଟେଟେ। ଫରୱାର୍ଡ: ରାଣୀ ରାମପାଲ, ନଭନୀତ କୌର, ଲାଲରେମସିଆମି, ବନ୍ଦନା କାଟରିଆ, ଶର୍ମିଳା ଦେବୀ।

# ବ୍ୟାଟ୍ସମ୍ୟାନଙ୍କ ପାଇଁ କଡ଼ା ପରୀକ୍ଷା

ଭିଭିଏସ୍ ଲକ୍ଷ୍ମଣ

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପ୍ରଥମ ସଂସ୍କରଣର ଫାଇନାଲକୁ ଉଠିବା ସମ୍ମାନର ବିଷୟ। ଭାରତ ଓ ନ୍ୟୁଜିଲାଣ୍ଡ ଫାଇନାଲରେ ପହଞ୍ଚି ଏହି ସମ୍ମାନର ହକଦାର ହୋଇଛନ୍ତି। ଫାଇନାଲରେ ବିଜୟୀ ହେଲେ ଇତିହାସରେ ସବୁଦିନ ପାଇଁ ନାମ ଲିପିବଦ୍ଧ ହୋଇ ରହିବ ବୋଲି ଉଭୟ ଦଳ ନିଶ୍ଚିତ ଭାବେ ଅବଗତ ଥିବେ। ତେବେ ବର୍ତ୍ତମାନ ଫଳାଫଳ ଉପରେ ନୁହେଁ ବରଂ ଭଲ ଖେଳିବା ପ୍ରକ୍ରିୟା ଉପରେ ଫୋକସ କରିବା ଉଚିତ ହେବ। ଚାମ୍ପିୟନଶିପ୍‌ର ଲିଗ୍‌ରେ ଭାରତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ନ୍ୟୁଜିଲାଣ୍ଡ ପାଇଁ ଘରୋଇ ପରିବେଶ ଭଳି ସ୍ଥିତି ଉପଲବ୍ଧ ହେବ। ଫଳରେ ଏହି ଦଳ ସାମାନ୍ୟ ଫାଇଦା ହାସଲ କରିବ। ଗତ ଇଂଲଣ୍ଡ ବିପକ୍ଷ ସିରିଜରେ ଭଲ ଖେଳିଥିବାରୁ ନ୍ୟୁଜିଲାଣ୍ଡର ଆତ୍ମବିଶ୍ୱାସ ଆହୁରି ଦୃଢ଼ ହୋଇଥିବ। ଅନ୍ୟପଟେ ଭାରତ ସବୁ ଚ୍ୟାଲେଞ୍ଜକୁ ସଫଳତାର ସହ ସାମ୍ନା କରି ଆଗକୁ ବଢ଼ିବାରେ ସକ୍ଷମ ହୋଇଛି।

ଉଭୟ ଦଳର ବୋଲିଂ ବେଶ୍ ଦୃଢ଼ ମନେହେଉଛି। ତେଣୁ ଉଭୟଦଳ ବ୍ୟାଟ୍ସମ୍ୟାନଙ୍କୁ ପ୍ରସ୍ତୁତ କରିବା ଉପରେ ଅଧିକ ଧ୍ୟାନ ଦେବେ। ଭାରତ ପ୍ରଥମ ଇନିଂସରେ ବିଶାଳ ସ୍କୋର ହାସଲ କରିବା ଅନିବାର୍ଯ୍ୟ ମନେହେଉଛି। ଫାଇନାଲ ଗୋଟିଏ ମ୍ୟାଚ୍ ହୋଇଥିବାରୁ ପ୍ରତ୍ୟାବର୍ତ୍ତନର ସୁଯୋଗ ନାହିଁ। ତେଣୁ ପ୍ରଦର୍ଶନ ଉପରେ ସବୁକିଛି ନିର୍ଭର କରୁଛି। ଇଂଲଣ୍ଡ ଜଳବାୟୁରେ ଡ୍ୟୁକ୍ ବଲ୍‌ରେ ଭାରତୀୟ ବ୍ୟାଟ୍ସମ୍ୟାନମାନେ କଡ଼ା ପରୀକ୍ଷାର ସମ୍ମୁଖୀନ ହେବେ। ଟପ୍-୩ ବ୍ୟାଟ୍ସମ୍ୟାନ ରୋହିତ ଶର୍ମା, ଶୁବମନ ଗିଲ ଓ ଚେତେଶ୍ୱର ପୂଜାରାଙ୍କ ଉପରେ ସବୁକିଛି ନିର୍ଭର କରେ। ଟିମ୍ ସୌଦି ଓ ଟ୍ରେଣ୍ଟ ବୋଲ୍ଟଙ୍କୁ ସଫଳତାର ସହ ସାମ୍ନା କରିବାକୁ ହେଲେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଭଲ ଫୁଟ୍‌ୱାର୍କ ସହ ଦେହ ନିକଟରେ ସାମାନ୍ୟ ବିଳମ୍ବରେ ଖେଳିବାକୁ ହେବ। ରୋହିତ ଟେଷ୍ଟରେ ଓପନିଂ କରିବାର ଅଭିଜ୍ଞତା ହାସଲ କରିଛନ୍ତି। ଇଂଲଣ୍ଡରେ ପୂଜାରାଙ୍କ ପ୍ରଦର୍ଶନ ସେତେଟା ପ୍ରଭାବୀ ହୋଇପାରିନାହିଁ। ତେବେ ତାଙ୍କ ପାଖରେ କାଉଣ୍ଟି ଖେଳିବାର ଅଭିଜ୍ଞତା ରହିଛି। ଟପ୍ ଅର୍ଡର ଭଲ ପ୍ରଦର୍ଶନ କରିପାରିଲେ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ମଧ୍ୟ ଭଲ ଖେଳିବେ। ଅଧିନାୟକ ବିରାଟ କୋହଲି ଓ ତାଙ୍କ ଡେପୁଟି ଅଜିଙ୍କ୍ୟ ରାହାନେଙ୍କ ଉପରେ ସବୁକିଛି ନିର୍ଭର କରେ। ଇଂଲଣ୍ଡ ମାଟିରେ କିପରି ଶତକ ହାସଲ କରିବାକୁ ହେବ ତାହା ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କୁ ଭଲଭାବେ ଜଣାଅଛି। ନ୍ୟୁଜିଲାଣ୍ଡ ହାର ନ ମାନିବାକୁ ପ୍ରୟାସ କରିବ। କିନ୍ତୁ ଯଦି ଭାରତ ଦକ୍ଷତା ଅନୁରୂପ ଖେଳେ ତା'ହେଲେ ଆଶାନୁରୂପ ଫଳାଫଳ ମିଳିବ ବୋଲି ଭାବୁଛି।

-(ଗେମ୍ ପ୍ଲାନ)

OFFICIAL SPONSOR
ICC WTC FINAL 2021
SEAGRAM'S
ROYAL STAG
PACKAGED DRINKING WATER



ସାଉଥାମ୍ପଟନ୍‌ରେ ଗୁରୁବାର ଅଭ୍ୟାସରତ ଭାରତୀୟ ଦଳ।

# ଆଝାରଙ୍କୁ ସସ୍‌ପେଣ୍ଡ କଲା ଏଚ୍‌ସିଏ ଆପେକ୍ସ କାଉନ୍‌ସିଲ

ହାଇଦ୍ରାବାଦ, ୧୭।୬ (ପି.ଟି.)

ହାଇଦ୍ରାବାଦ କ୍ରିକେଟ ଆସୋସିଏଶନ (ଏଚ୍‌ସିଏ)ର ଆପେକ୍ସ କାଉନ୍‌ସିଲ ଏହାର ନିଜ ସଭାପତି ତଥା ଭାରତର ପୂର୍ବତନ ଅଧିନାୟକ ମହମ୍ମଦ ଅଝାରୁଦ୍ଦିନଙ୍କୁ ସସ୍‌ପେଣ୍ଡ କରିଛି। ସେ ଏଚ୍‌ସିଏ ସମ୍ବିଧାନ ଉଲ୍ଲଂଘନ କରିଛନ୍ତି। ତାଙ୍କ ବିରୋଧରେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଅଭିଯୋଗ ହୋଇଛି। ସଭାପତିଙ୍କୁ ସସ୍‌ପେଣ୍ଡ କରିବାର କ୍ଷମତା ରାଜ୍ୟ ଆସୋସିଏଶନର ସାଧାରଣ ପରିଷଦର ରହିଛି, ଆପେକ୍ସ କାଉନ୍‌ସିଲର ନୁହେଁ। ତେଣୁ ଆଝାରୁଦ୍ଦିନଙ୍କୁ ସସ୍‌ପେଣ୍ଡ କରାଯିବାର ବୈଧତାକୁ ନେଇ ସାଧାରଣ ପରିଷଦ ବୈଠକରେ ପ୍ରଶ୍ନ ଉଠାଯାଇପାରେ। ଇତିମଧ୍ୟରେ ଆପେକ୍ସ କାଉନ୍‌ସିଲର ୫ଜଣ ସଦସ୍ୟଙ୍କ ବିରୋଧରେ ଏଚ୍‌ସିଏର ଅମ୍ବୁଡ୍ସମ୍ୟାନଙ୍କ ତରଫରୁ ତଦନ୍ତ ଚାଲିଛି। ସେମାନେ ଏକାଧିକ କ୍ଲବର ମାଲିକ ଅଛନ୍ତି। ଯୁବ କ୍ରିକେଟରମାନଙ୍କ ଶୋଷଣ କରୁଛନ୍ତି। ସେମାନେ ହିଁ ଅମ୍ବୁଡ୍ସମ୍ୟାନ ନିଯୁକ୍ତିକୁ ବିରୋଧ କରିଆସୁଥିଲେ ବୋଲି ଆଝାରୁଦ୍ଦିନ କହିଛନ୍ତି। ଏଚ୍‌ସିଏ ଆପେକ୍ସ କାଉନ୍‌ସିଲ ଓ ଆଝାରୁଦ୍ଦିନଙ୍କ ମଧ୍ୟରେ କିଛିଦିନ ହେଲା ଛକାପଞ୍ଝା ଚାଲିଛି। ନିକଟରେ ଅନୁଷ୍ଠିତ ବିସିସିଆଇର ସ୍ୱତନ୍ତ୍ର ସାଧାରଣ ବୈଠକ(ଏସ୍‌ଜିଏମ୍) ବେଳେ ଆପେକ୍ସ କାଉନ୍‌ସିଲ ଶିବଲାଲ ଯାଦବଙ୍କୁ ସେମାନଙ୍କ ପ୍ରତିନିଧି ଭାବେ ପଠାଇବାକୁ ଚାହୁଁଥିଲା। ମାତ୍ର ବିସିସିଆଇର ହସ୍ତକ୍ଷେପ ଯୋଗୁ ଆଝାରୁଦ୍ଦିନ ଏହି ବୈଠକରେ ଯୋଗ ଦେଇଥିଲେ। ଆପେକ୍ସ କାଉନ୍‌ସିଲ ୮୦ ଓ ୯୦ ଦଶକର ଷ୍ଟାଇଲିଶ ବ୍ୟାଟ୍ସମ୍ୟାନ ଆଝାରଙ୍କ କାର୍ଯ୍ୟଶୈଳିକୁ ନେଇ ଅଭିଯୋଗ ଆଣିଛି। ବିସିସିଆଇର ସମ୍ବିଧାନ ଅନୁସାରେ କୌଣସି କର୍ମକର୍ତ୍ତା କ୍ରିକେଟ ସମ୍ପର୍କିତ ଅନ୍ୟ କୌଣସି କାର୍ଯ୍ୟକଳାପ ସହ ଲିପ୍ତ ରହିପାରିବେ ନାହିଁ। ମାତ୍ର ଆଝାରୁଦ୍ଦିନ ଦୁବାଇରେ ଏକ ଟି୨୦ ଦଳର ମାଲିକ ରହିଥିଲେ ହେଁ ଏହାକୁ ସେ ସାଧାରଣରେ ପ୍ରକାଶ କରି ନାହାନ୍ତି।



ମହମ୍ମଦ ଅଝାରୁଦ୍ଦିନ

# ଶତପ୍ରତିଶତ ଦର୍ଶକଙ୍କୁ ଅନୁମତି

**ନ୍ୟୁୟର୍କ, ୧୭।୬ (ଏପି):** ଚଳିତ ବର୍ଷର ଶେଷ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ୟୁଏସ୍ ଓପନ୍‌ରେ ଶତପ୍ରତିଶତ ଦର୍ଶକଙ୍କୁ ଅନୁମତି ମିଳିବ। କରୋନା ଭାଇରସ୍ ମହାମାରୀ ଯୋଗୁ ଗତବର୍ଷ ଏହି ଚାମ୍ପିୟନଶିପ୍ ବିନା ଦର୍ଶକରେ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଏହି ଇଭେଣ୍ଟ ନ୍ୟୁୟର୍କର ଫ୍ଲସିଂ ମିଡୋଜ୍‌ଠାରେ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧୨ ପର୍ଯ୍ୟନ୍ତ ହେବ। ଟିକେଟ ବିକ୍ରି ଜୁଲାଇରୁ ଆରମ୍ଭ ହେବ ବୋଲି ୟୁଏସ୍ ଟେନିସ ଆସୋସିଏଶନ ତରଫରୁ ଘୋଷଣା କରାଯାଇଛି। ନ୍ୟୁୟର୍କ ଗଭର୍ନର ଆଣ୍ଡ୍ର୍ୟୁ କୁଓମୋ କହିଛନ୍ତି ପ୍ରଦେଶର ୭୦ ପ୍ରତିଶତ ଅତିକମ୍‌ରେ ଗୋଟିଏ ଡୋଜ୍ କରୋନା ଟିକା ନେଇ ସାରିଛନ୍ତି। ଇଭେଣ୍ଟ ବେଳେ ସୋସିଆଲ ଡିଷ୍ଟାନ୍ସ ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯିବ।

# ଜାପାନରୁ ଫେରିଲେନି ମ୍ୟାନ୍‌ମାର ଫୁଟ୍‌ବଲର

ଟୋକିଓ, ୧୭।୬ (ଏପି)

ଜାପାନରେ ୨୦୨୨ ବିଶ୍ୱକପ୍ କ୍ୱାଲିଫାୟର୍ସ ଖେଳିବା ଲାଗି ଆସିଥିବା ମ୍ୟାନମାର ଜାତୀୟ ଫୁଟ୍‌ବଲ ଦଳର ଜଣେ ଖେଳାଳି ସ୍ୱଦେଶ ଫେରିବା ଲାଗି ରାଜି ହେଉନାହାନ୍ତି। ମ୍ୟାନମାରରେ ଏକ ସାମରିକ ବିଦ୍ରୋହ ପରେ ସେଠାରେ ଅରାଜକତା ଦେଖା ଦେଇଥିବାରୁ ବର୍ତ୍ତମାନ ପରିସ୍ଥିତିରେ ତାଙ୍କୁ ସେ ଜାପାନରେ ଆଶ୍ରୟ ନେବାକୁ ଚାହୁଁଛନ୍ତି। ଏଥିଲାଗି ଅନୁମତି ଦେବା ଲାଗି ସ୍ଥାନୀୟ ସରକାରଙ୍କ ନିକଟରେ ଗୁହାରୀ କରିଛନ୍ତି। ବୁଧବାର ତାଙ୍କର କାନସାଇ ଇଣ୍ଟରନ୍ୟାଶନାଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ନିଜ ଦେଶକୁ ଫେରିବାର ଥିଲା। କିନ୍ତୁ ସେ ଅବଶିଷ୍ଟ ଦଳ ସହ ଯୋଗ ଦେବାରେ ବିଫଳ ହୋଇଥିଲେ। ସେ ଜାପାନରେ ଶରଣ ନେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଦେଶକୁ ଫେରିଲେ ତାଙ୍କ ଜୀବନପ୍ରତି ବିପଦ ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ମେ ୨୮ରେ ଜାପାନ ବିପକ୍ଷ ମ୍ୟାଚ ବେଳେ ମ୍ୟାନମାରରେ ସାମରିକ ଶାସନ ବିରୋଧୀ ଆନ୍ଦୋଳନର ପ୍ରତୀକ ସ୍ୱରୂପ ୩ ଆଙ୍ଗୁଳି ସାଲ୍ୟୁଟ୍ କରିଥିଲେ। 'ଆମକୁ ନ୍ୟାୟ ଦିଅ' ଶୀର୍ଷକ ବାର୍ତ୍ତା ଏଥିରୁ ସୂଚୀତ ହେଉଥିଲା। ଏହି ଫୁଟେଜ୍ ସୋସିଆଲ ମିଡିଆରେ ବହୁଳ ଭାବେ ପ୍ରସାରିତ ହୋଇଥିଲା।

# ନକ୍ଆଉଟରେ ଇଟାଲୀ



ଗୋଲ ଦେବାପରେ ମାନୁଏଲ ଲୋକାଟେଲି ।

**ରୋମ, ୧୭।୬:** ମାନୁଏଲ ଲୋକାଟେଲିଙ୍କ ଡବଲ ଗୋଲ ବଳରେ ଇଟାଲୀ ୟୁରୋ କପ୍ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ରାତିରେ ଅନୁଷ୍ଠିତ ଗ୍ରୁପ୍ 'ଏ' ମ୍ୟାଚରେ ୩-୦ ଗୋଲରେ ସୁଇଜରଲାଣ୍ଡକୁ ପରାସ୍ତ କରିଛି। ଫଳରେ ୨ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ଏହି ଦଳ ୬ ପଏଣ୍ଟ ସହ ଟେବୁଲରେ ନିଜ ଶୀର୍ଷସ୍ଥାନକୁ ଦୃଢ଼ କରିଛି। ଏଥିସହ ଚଳିତ ୟୁରୋ କପ୍‌ରେ ପ୍ରଥମ ଦଳଭାବେ ଇଟାଲି ନକ୍ଆଉଟ (ରାଉଣ୍ଡ ଅଫ୍ ୧୬)ରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚରେ ତୁର୍କୀକୁ ୩-୦ ଗୋଲରେ ହରାଇଥିବାରୁ ଇଟାଲୀ ଏପର୍ଯ୍ୟନ୍ତ ୬ ଗୋଲ ଦେଇଥିବାବେଳେ ଗୋଟିଏ ହେଲେ ବରଣ କରିନାହିଁ। ତେଣୁ ଏହାର ଗୋଲ ବ୍ୟବଧାନ +୬ ରହିଛି। ମ୍ୟାଚର ୨୬ତମ ମିନିଟରେ ମିଡ୍‌ଫିଲ୍ଡର ଲୋକାଟେଲି ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା

## ୟୁରୋ କପ୍ ଫୁଟ୍‌ବଲ

ଇଟାଲୀକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୫୨ତମ ମିନିଟରେ ଲୋକାଟେଲି ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୮୯ତମ ମିନିଟରେ ଦଳ ପକ୍ଷରୁ ତୃତୀୟ ଗୋଲଟି ସ୍କୋର କରିଥିଲେ କିରୋ ଇମୋବିଲେ। ଇଟାଲିର ଏହାଥିଲା କ୍ରମାଗତ ୨୯ମ ବିଜୟ। ଅନ୍ୟପକ୍ଷରେ ସୁଇଜରଲାଣ୍ଡ ୨ ମ୍ୟାଚରୁ ୧ ଡ୍ର ଓ ୧ ପରାଜୟ ସହ ମାତ୍ର ୧ ପଏଣ୍ଟ ପାଇଛି। ୱେଲ୍ସ ବିପକ୍ଷ ପୂର୍ବ ମ୍ୟାଚକୁ ଦଳ ୧-୧ ଗୋଲରେ ଡ୍ର ରଖିଥିଲା।

# ୟୁକ୍ରେନର ପ୍ରଥମ ବିଜୟ

**ବୁଖାରେଷ୍ଟ, ୧୭।୬:** ଚଳିତ ୟୁରୋ ଚାମ୍ପିୟନଶିପ୍‌ରେ ୟୁକ୍ରେନ ଗୁରୁବାର ଏହାର ପ୍ରଥମ ବିଜୟ ହାସଲ କରିଛି। ଗ୍ରୁପ୍ 'ସି'ର ଏକ ମ୍ୟାଚରେ ଦଳ ୨-୧ ଗୋଲରେ ନର୍ଥ ମାସେଡୋନିଆକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଆନ୍ଦ୍ରେ ୟାରମୋଲେଙ୍କୋ ୨୯ ଏବଂ ରୋମାନ ୟାରେମଚୁକ୍ ୩୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ନର୍ଥ ମାସେଡୋନିଆ ପକ୍ଷରୁ ଇଜିଜାନ ଆଲିଓସ୍କି ୫୭ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ନିଜ ପ୍ରଥମ ମ୍ୟାଚରେ ନେଦରଲାଣ୍ଡଠାରୁ ୨-୩ ଗୋଲରେ ହାରିଥିବା ୟୁକ୍ରେନର ୨ ମ୍ୟାଚରୁ ଏହା ପ୍ରଥମ ବିଜୟ। ଅନ୍ୟପକ୍ଷରେ ମାସେଡୋନିଆ ଦ୍ୱିତୀୟ ବିଜୟ ସହ ବିଦାୟ ନେଇଛି। ଦଳ ପ୍ରଥମ ମ୍ୟାଚରେ ଅଷ୍ଟ୍ରିଆଠାରୁ ୧-୩ ଗୋଲରେ ହାରିଥିଲା।

# ଶେଫାଳି, ମନ୍ଧାନା ପ୍ରଭାବୀ



ଶଟ୍ ଖେଳିବା ଅବସରରେ ଶେଫାଳି ବର୍ମା।

**ବ୍ରିଷ୍ଟଲ, ୧୭।୬:** ପଦାର୍ପଣରେ ଚମକ ସୃଷ୍ଟି କରିଛନ୍ତି ଶେଫାଳି ବର୍ମା। ସେ ଏବଂ ସ୍ମୃତି ମନ୍ଧାନା ପ୍ରଭାବୀ ବ୍ୟାଟିଂ କରି ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ମହିଳା କ୍ରିକେଟ ଟେଷ୍ଟରେ ଭାରତ ପାଇଁ ଭଲ ଆରମ୍ଭ କରିଥିଲେ ହେଁ ଦଳ ଏହାର ଫାଇଦା ନେଇ ପାରିନାହିଁ। ଉଭୟ ଖେଳାଳି ଓପନିଂ ଯୋଡ଼ିରେ ୧୬୭ ରନ ଭାଗୀଦାରି ଗଢ଼ି ଦଳପାଇଁ ଭଲ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ମାତ୍ର ଯୋଡ଼ି ଭାଙ୍ଗିବାପରେ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟିଛି। ଦ୍ୱିତୀୟ ଦିବସ ଶେଷ ବେଳକୁ ୧୮୭ ରନ ମଧ୍ୟରେ ୫ ଉଇକେଟ ହରାଇ ଫଲୋଅନ ଆଶଙ୍କାରେ ପଡ଼ିଛି। ଫଲୋଅନ ଏଡ଼ାଇବାକୁ ହେଲେ ଦଳକୁ ୨୪୬ ରନ କରିବାକୁ ପଡ଼ିବ। ଶେଫାଳି ଶତକଠାରୁ ମାତ୍ର ୪ ରନ ଦୂରରେ ଥିବାବେଳେ ବଡ଼ ଶଟ୍ ଖେଳିବାକୁ ଯାଇ (୯୬ ରନ, ୧୫୨ ବଲ, ୧୩ ଚୌକା, ୨ ଛକା) ଆଉଟ ହୋଇ ଯାଇଥିଲେ। ମନ୍ଧାନା ମଧ୍ୟ ୭୮(୧୫୫ ବଲ, ୧୪ ଚୌକା) ରନ କରି ପ୍ୟାଭିଲିୟନ ଫେରିଛନ୍ତି। ୧୭ ବର୍ଷରେ ଟେଷ୍ଟ ପଦାର୍ପଣ କରିଥିବା ଶେଫାଳି ନିର୍ଭିକ ଭାବେ ଖେଳିଥିଲେ। ନାତାଲି ସ୍କିଭରଙ୍କ ବଲ୍‌ରେ ସେ ଏକ ଛକା ମାରିଥିଲେ। ମହିଳା ଟେଷ୍ଟରେ ଭାରତର ଏହା ଦ୍ୱିତୀୟ ଛକା ଥିଲା। ପୁନମ ରାଉତ ୨, ଶିଖା ପାଣ୍ଡେ ୦ ଏବଂ ଅଧିନାୟିକା ମିତାଲି ରାଜ ୨ ରନରେ ପ୍ୟାଭିଲିୟନ ଫେରି ଦଳପାଇଁ ବିପଦ ଡାକି ଆଣିଛନ୍ତି।

**୩୯୬/୯ରେ ଇଂଲଣ୍ଡର ଇନିଂସ ଘୋଷଣା**

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୬୯/୬ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ଦ୍ୱିତୀୟ ଦିବସରେ ୩୯୬/୯ରେ ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ସ୍ନେହ ରାଣା ୪ଟି, ଦୀପ୍ତି ଶର୍ମା ୩ଟି ଏବଂ ପୂଜା ବସ୍ତ୍ରକାର ଓ ଝୁଲଣ ଗୋସ୍ୱାମୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ ୩୯୬/୯/ ଘୋଷଣା (ହିଥର ନାଇଟ-୯୫, ସୋଫିଆ ଡଙ୍କଲେ-୭୪, ଟାମି ବିମଣ୍ଟ-୬୬, ସ୍ନେହ ରାଣା-୪/୧୩୧, ଦୀପ୍ତି ଶର୍ମା-୩/୬୫, ପୂଜା ବସ୍ତ୍ରକାର-୧/୫୩, ଝୁଲଣ ଗୋସ୍ୱାମୀ-୧/୫୮)। ଭାରତ ପ୍ରଥମ ଇନିଂସ: ୧୮୭/୫(ଶେଫାଳି ବର୍ମା-୯୬, ସ୍ମୃତି ମନ୍ଧାନା-୭୮, ହିଥର ନାଇଟ-୨/୧, ନାତାଲି ସ୍କିଭର-୧/୨୧)।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଡିଏସ୍‌ପି ହୃଷିକେଶ ମେହେରଙ୍କୁ କରୋନା

ଭୁବନେଶ୍ୱର,(ବ୍ୟୁରୋ) : ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟସ୍ଥିତ ଜରୁରୀକାଳୀନ ରାଜ୍ୟ କୋଭିଡ୍ କଣ୍ଟ୍ରୋଲ ରୁମ୍‌ରେ କାର୍ଯ୍ୟରତ ଡିଏସ୍‌ପି ଡ. ହୃଷିକେଶ ମେହେର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଗତବର୍ଷ ମଧ୍ୟ ସେ ସଂକ୍ରମିତ ହୋଇଥିଲେ। ସେ କୋଭାକ୍ସିନ ଟିକାର ୨ ଡୋଜ୍ ନେଇଥିଲେ ମଧ୍ୟ ଦ୍ୱିତୀୟଥର ଆକ୍ରାନ୍ତ ହୋଇଥିବା ଜଣାପଡିଛି।

## ସଂକ୍ଷେପରେ

### ବାମପନ୍ଥୀଙ୍କ ଦେଶବ୍ୟାପୀ ଆନ୍ଦୋଳନ ଡାକରା

**ଭୁବନେଶ୍ୱର,୧୭।୬(ବ୍ୟୁରୋ):** କରୋନା ମହାମାରୀ ସମୟରେ ଗରିବ ଓ ମଧ୍ୟବିତ୍ତଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ଡିଜେଲ ଓ ପେଟ୍ରୋଲ ଦର କ୍ରମାଗତ ବୃଦ୍ଧି ସାଙ୍ଗକୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦାମ୍ ଆକାଶଛୁଆଁ ହୋଇଛି। ଗୁରୁବାର ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରେ ଅନୁଷ୍ଠିତ ରାଜ୍ୟ ସମ୍ପାଦକ ମଣ୍ଡଳୀ ବୈଠକରେ ଦେଶବ୍ୟାପୀ ଆନ୍ଦୋଳନ ଡାକରାକୁ ସମର୍ଥନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ବିରୋଧରେ ଦେଶର ୫ ବାମପନ୍ଥୀ ଦଳ ସିପିଆଇ, ସିପିଆଇ(ଏମ୍), ସିପିଆଇ (ଏମ୍‌ଏଲ) ଲିବରେଶନ, ଆରଏସ୍‌ପି ଓ ଫରୱାର୍ଡ ବ୍ଲକ ଜୁନ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ଆନ୍ଦୋଳନ ଚଳାଇବା ପାଇଁ ଡାକରା ଦେଇଛନ୍ତି। ବୈଠକରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକ ଓ ରାମକୃଷ୍ଣ ପଣ୍ଡା, ଜାତୀୟ ପରିଷଦ ସଭ୍ୟ ଅଭୟ ସାହୁ ପ୍ରମୁଖ ଭର୍ଚୁଆଲରେ ଯୋଗଦେଇଥିଲେ।

### ଆଜିଠୁ ଭେଷଜ ପ୍ରଶ୍ନୋତ୍ତରୀ ମହୋତ୍ସବ

**କଟକ ଅଫିସ, ୧୭।୬:** ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ୟୁଜି ଛାତ୍ର ସଂଘର ଏକାଡେମିକ ସୋସାଇଟି ପକ୍ଷରୁ ଅନ୍‌ଲାଇନରେ ଭେଷଜ ପ୍ରଶ୍ନୋତ୍ତରୀ କୋଡ-ବ୍ଲୁ ମହୋତ୍ସବ ଶୁକ୍ରବାରଠାରୁ ଆରମ୍ଭ ହେବ। ଏସ୍‌ସିବି ମେଡିକାଲ କଲେଜର ଡିନ୍ ପ୍ରଫେସର ଦଣ୍ଡେଶ୍ୱର ହୋତାଙ୍କ ମାର୍ଗଦର୍ଶନରେ ତିନି ଦିନ ଧରି ଏହି ମହୋତ୍ସବ କରାଯିବ। ଭେଷଜ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିବେ। ଏହି କାର୍ଯ୍ୟକ୍ରମର ଆୟୋଜକ ମଣ୍ଡଳୀରେ ସଦସ୍ୟ ଭାବେ ଏକାଡେମିକ ସଚିବ ଡା. ନୌସଦ ଖାଁ, ଫ୍ରାଜ ଅହମ୍ମଦ, ସାରଦା ବିନାୟକ ଦାସ, ମୋନାଲିସା ଜେନା, ସ୍ୱାଗତିକା ପଣ୍ଡା, ଅନନ୍ୟା ରାୟ ଏବଂ ଡା. ରୌମ୍ୟଜିତ୍ ବାଗ ରହିଛନ୍ତି। ମେଡିକାଲ ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ଛାତ୍ର ସଂସଦ ସଭାପତି ବିଶ୍ୱଜିତ୍ ମଲ୍ଲିକ ଆହ୍ୱାନ ଦେଇଛନ୍ତି।

### କମିଶନରେଟ ପୋଲିସର 'କୁଣ୍ଡଳି', 'ସନ୍ଧାନ' ଆପ୍ ଶୁଭାରମ୍ଭ

ଭୁବନେଶ୍ୱର,୧୭।୬(ବ୍ୟୁରୋ): ଅପରାଧ ସଂକ୍ରାନ୍ତ ତଥ୍ୟ ରଖିବାକୁ କମିଶନରେଟ୍ ପୋଲିସ ପକ୍ଷରୁ ଗୁରୁବାର ଦୁଇଟି ଆପ୍ 'କୁଣ୍ଡଳୀ' ଓ 'ସନ୍ଧାନ'ର ଶୁଭାରମ୍ଭ କରାଯାଇଛି। କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏହି ଦୁଇ ଆପ୍‌ର ଶୁଭାରମ୍ଭ କରିଥିବାବେଳେ ଡିସିପିଙ୍କ କାର୍ଯ୍ୟାଳୟରୁ ପରିଚାଳିତ ହେଉଛି। 'କୁଣ୍ଡଳୀ' ଆପ୍‌ରେ ସମ୍ପତ୍ତି ଜନିତ ଅପରାଧ ଓ ସମ୍ପୃକ୍ତ ଅଭିଯୁକ୍ତଙ୍କ ସମସ୍ତ ତଥ୍ୟ ରହିବ। ଅନ୍ୟପଟେ 'ସନ୍ଧାନ' ଆପ୍‌ରେ ଲୁଟ୍ ମୋବାଇଲ୍ ଫୋନ୍ ସମ୍ବନ୍ଧରେ ତଥ୍ୟ ରହିବ। ପରବର୍ତ୍ତୀ ତଦନ୍ତରେ ଏହା ବିଶେଷ ସହାୟକ ହେବ।

### ଦୁଇ ଗୋଷ୍ଠୀ ମାର୍‌ପିଟ: ୪ ଗିରଫ

**ଖୁଣ୍ଟୁଣୀ,୧୭।୬(ଡି.ଏନ.ଏ.):** ଗୁରୁଡ଼ିଝାଟିଆ ଥାନା ବ୍ରହ୍ମଣବସ୍ତ ଗ୍ରାମ ଖେଳପଡିଆର କ୍ରିକେଟ ଖେଳିବାକୁ ନେଇ ଦୁଇ ଯୁବ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଥିଲେ। ଏଥିରେ ଜଣେ ମହିଳା ଆହତ ହୋଇଥିଲେ। ଏନେଇ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଦୁଇଟି ମାମଲା(ନଂ.୬୫,୬୬/୨୧) ରୁଜୁ କରିଥିଲା। ପରେ ତଦନ୍ତ କରି ଉଭୟ ପକ୍ଷର ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ବ୍ରାହ୍ମଣବସ୍ତ ଗ୍ରାମର ପ୍ରଫୁଲ୍ଲ ପ୍ରଧାନ, ସତ୍ୟବ୍ରତ ସାହୁ, ବିଦ୍ୟାଧର ସାହୁ ଓ ଆକାଶ ସାହୁ। ତଦନ୍ତକାରୀ ଅଧିକାରୀ ବସନ୍ତ କୁମାର ସାଠୁଆ କହିଛନ୍ତି, ଉକ୍ତ ଖେଳ ପଡ଼ିଆରେ ଗତ ୧୫ ତାରିଖରେ ଗୋଟିଏ ଗୋଷ୍ଠୀର କ୍ଲବ ପିଲା ଖେଳୁଥିବାବେଳେ ସେହି ଗ୍ରାମର ଅନ୍ୟଏକ ଗୋଷ୍ଠୀର ଯୁବକମାନେ ଖେଳିବାକୁ ଜିଦ୍ ଧରିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ଓ ଠେଲାପେଲା ହୋଇଥିଲା। ଏପରି କି ଉକ୍ତ ଦିନ ରାତିରେ ଉଭୟ ପକ୍ଷ ମଧ୍ୟରେ ମାରପିଟ୍ ହୋଇଥିଲା। ପୋଲିସ ସେଠାରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏଥିରେ ଗ୍ରାମର ମହିଳା କେତକୀ ସ୍ୱାଇଁ ଆହତ ହୋଇଥିଲେ। ବ୍ରହ୍ମପୁର ଡାକ୍ତରଖାନାରେ ତାଙ୍କର ଚିକିତ୍ସା କରାଯାଇ ଘରକୁ ପଠାଇ ଦିଆଯାଇଥିଲା। ଏ ସମ୍ପର୍କରେ କେତକୀ ଥାନାରେ ଜଣାଇଥିଲେ। ସେହିପରି ଅପରପକ୍ଷର ଗୁଲି ସାହୁ ଅଭିଯୋଗ କରିଛନ୍ତି, କେତକୀଙ୍କର କେତେଜଣ ସମର୍ଥକ ଘରେ ପଶି ତାଙ୍କୁ ମାଡ଼ ମାରିଛନ୍ତି।

# ନାଳ, ନର୍ଦ୍ଦମାରୁ ହେଉନାହିଁ ପଙ୍କ ଉଦ୍ଧାର

■ସ୍ଥିତି ପରଖିଲେ ରାଜ୍ୟ ସଭା ସଦସ୍ୟ
■ମିଥ୍ୟା ବିଲ୍ କରି ଅର୍ଥ ତୋସରପାତ

**କଟକ ଅଫିସ, ୧୭।୬**

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୧୪, ୧୮ ଓ ୧୯ ନମ୍ବର ୱାର୍ଡରେ ନାଳ, ନର୍ଦ୍ଦମାରୁ ପଙ୍କୋଦ୍ଧାର କରାଯାଉନାହିଁ। ଫଳରେ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି। ଏନେଇ ସିଏମ୍‌ସିରେ ଅଭିଯୋଗ କରାଗଲେ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି। ପୂର୍ବରୁ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ସହ ରାଜ୍ୟ ସଭା ସଦସ୍ୟଙ୍କର ସହରର ସମସ୍ୟା ଓ ବର୍ଷାଜଳ ନିଷ୍କାସନ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ତାହାର ସ୍ଥିତି ପରଖିବା ପାଇଁ ଗୁରୁବାର ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ବିଜେଡିର ୱାର୍ଡ ସଭାପତିମାନଙ୍କୁ ନେଇ ଉପରୋକ୍ତ ୱାର୍ଡରେ ପହଞ୍ଚିଥିଲେ। କେତେ ପରିମାଣରେ ନାଳ, ନର୍ଦ୍ଦମାର ପଙ୍କ ଉଦ୍ଧାର ହୋଇଛି ତାହା ଜାଣିବା ପାଇଁ ସୁବାସ ଏକ ବାଡି ସାହାଯ୍ୟରେ ମାପିଥିଲେ। ଯେଉଁ ନାଳରୁ ସମ୍ପୂର୍ଣ୍ଣ ପଙ୍କ ଉଦ୍ଧାର ହୋଇଯାଇଥିବାର ରିପୋର୍ଟ ପ୍ରଦାନ କରାଯାଇଛି, ସେଥିରେ ୩/୪ ଫୁଟର ପଙ୍କ ଏପର୍ଯ୍ୟନ୍ତ ରହିଥିବା ସୁବାସ ଜାଣିବା ପରେ ବିରକ୍ତି ପ୍ରକାଶ କରିଥିଲେ। ତେବେ ସୁବାସ ଏଭଳି ସ୍ଥିତି ପରଖିବାକୁ ନେଇ ସାଧାରଣରେ ନାନା ଆଲୋଚନା ଶୁଣିବାକୁ ମିଳୁଛି। ପଙ୍କ ଉଦ୍ଧାର ପାଇଁ ସିଏମ୍‌ସି ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ଏମିତି କଣ ହେଲା ଯେ, ରାଜ୍ୟ ସଭା ସଦସ୍ୟଙ୍କୁ ପଙ୍କ ଉଦ୍ଧାର କାର୍ଯ୍ୟର ସ୍ଥିତି ପରିଖିବାକୁ ପଡିଲା। ଏ ନେଇ ଶାସକ ଦଳର ଜଣେ କର୍ମକର୍ତ୍ତା ନିଜର ପରିଚୟ ଗୋପନ ରଖି କହିଛନ୍ତି, ସିଏମ୍‌ସିର କୌଣସି କାର୍ଯ୍ୟ ଠିକ୍ ଭାବରେ ପରିଚାଳିତ ହେଉନାହିଁ। ପଙ୍କୋଦ୍ଧାର ପାଇଁ ମିଥ୍ୟା ବିଲ୍ ଜରିଆରେ ଟଙ୍କା ତୋସରପାତ କରାଯାଉଛି। ଏଭଳି କାର୍ଯ୍ୟ ସିଏମ୍‌ସିର କେତେଜଣ ଅଧିକାରୀଙ୍କ ସଲାସୁତରାରେ ହେଉଛି। ସିଏମ୍‌ସି କମିଶନର କ'ଣ ପାଇଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏ ସମ୍ପର୍କରେ ସିଏମ୍‌ସିର ନିର୍ବାହୀଯନ୍ତ୍ରୀ ଭାଗ୍ୟଧର ସାହୁଙ୍କୁ ପଚାରିବାରୁ ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ମତାମତ ଦେବା ପାଇଁ ସ୍ୱୀକୃତିପ୍ରାପ୍ତ ଅଧିକାରୀ ନୁହନ୍ତି ବୋଲି କହିଥିଲେ। ଅନ୍ୟପକ୍ଷରେ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ଏ ନେଇ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ସ୍ଥିତି ପରଖୁଛନ୍ତି।

## ବ୍ଲକ ସମ୍ମୁଖରେ ଆଦିବାସୀଙ୍କ ବିକ୍ଷୋଭ

**ଟାଙ୍ଗୀ,(କଟକ)୧୭।୬(ଡି.ଏନ.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ସମ୍ମୁଖରେ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଚୌଦ୍ୱାର ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତିଙ୍କ ଧମକ ବିରୋଧରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନ୍ୟାୟ ନିମନ୍ତେ ବିଡିଓ ଓ ଆଦିବାସୀ କଲ୍ୟାଣ ଅଧିକାରୀଙ୍କ ମାଧ୍ୟମରେ ପୋଲିସ ମହାନିର୍ଦ୍ଦେଶକ, ଜିଲାପାଳ, ତହସିଲଦାର ଓ କଟକ ଡିସିପିଙ୍କ ନିକଟକୁ ଅଭିଯୋଗପତ୍ର ପଠାଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଛନ୍ତି। ଏହି ବ୍ଲକ ଅନ୍ତର୍ଗତ କରଞ୍ଜି ପଞ୍ଚାୟତର କେନ୍ଦୁଗଡିଆ ଗ୍ରାମ ଅଧିବାସୀ ଲାଲମୋହନ ସିରିକାଙ୍କୁ ଏକ ଏକର ୬୦ ଡିସିମିଲି ଜମିର ପଟ୍ଟା(ନଂ.୧୨୩/୫) ସରକାରଙ୍କ ପକ୍ଷରୁ ଦିଆଯାଇଛି। ହେଲେ ଅନ୍ୟ ଜଣେ ବ୍ୟକ୍ତି ଏକ ପଟ୍ଟା ଦେଖାଇ ସେହି ସ୍ଥାନ ଦଖଲ ନେବାକୁ ବାରମ୍ବାର ଚେଷ୍ଟା କରି ବିଫଳ ହେବା ପରେ ଚୌଦ୍ୱାର ଥାନାର ଦ୍ୱାରସ୍ଥ ହୋଇଥିଲେ। ପରବର୍ତ୍ତୀ ସମୟରେ ଥାନା ଅଧିକାରୀ କିଛି ବୁଝିବା ପରିବର୍ତ୍ତେ ଲାଲମୋହନଙ୍କ ପରିବାରର ୫ଜଣ ମହିଳାଙ୍କ ସମେତ ୧୨ଜଣ ଆଦିବାସୀଙ୍କୁ ଥାନାକୁ ଡକାଇ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବସାଇବା ସହ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ସାଦା କାଗଜରେ ଦସ୍ତଖତ ନେଇ ଛାଡିଥିଲେ। ଏ ସମ୍ପର୍କରେ ଥାନାଧିକାରୀ ପତି କହିଛନ୍ତି, ଏହି ଅଭିଯୋଗ ସଂପୂର୍ଣ୍ଣ ମିଥ୍ୟା। ଜମି ମାପଚୁପବେଳେ ତହସିଲଦାର ଉପସ୍ଥିତ ଥିଲେ। ଚିହ୍ନଟ ହୋଇଥିବା ଜମି କେବେହେଲେ ଲାଲମୋହନଙ୍କ ଜମିକୁ ପ୍ରଭାବିତ କରି ନ ଥିଲା। ମୁଁ କୌଣସି ଦିନ ସେମାନଙ୍କୁ ଥାନାକୁ ଡାକି ବସାଇନାହିଁ କିମ୍ବା ସାଦା କାଗଜରେ ଦସ୍ତଖତ ନେଇନାହିଁ।

## ଔଷଧ ଗୋଦାମ ମାଲିକଙ୍କ ବିରୋଧରେ ମାମଲା

**କଟକରୁ ନକଲି କରୋନା ଔଷଧ ଜବତ ଘଟଣା**

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

କଟକରୁ ବିପୁଳ ପରିମାଣର ନକଲି କରୋନା ଔଷଧ ଫାଭିପିରାଭିର୍ ଜବତ ଘଟଣାରେ ଗୁରୁବାର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ମାମଲା କରିଛି। କଟକ ଡ୍ରଗ୍ସ ଇନ୍‌ସ୍ପେକ୍ଟର ଜଗନ୍ନାଥ ମଲ୍ଲିକଙ୍କ ଅଭିଯୋଗକ୍ରମେ ଔଷଧ ଗୋଦାମ ମାଲିକ ଶିବ ପ୍ରସନ୍ନ ଜେନାଙ୍କ ବିରୋଧରେ ଏହି ମାମଲା ରୁଜୁ କରାଯାଇଛି। କଟକ କନିକା ଛକ ନିକଟରେ ଥିବା ପ୍ରସନ୍ନଙ୍କ ଔଷଧ ଗୋଦାମରେ ଡ୍ରଗ୍ସ କଣ୍ଟ୍ରୋଲର ପକ୍ଷରୁ ଚଢାଉ କରାଯାଇଥିଲା। ସେଠାରୁ ୧୭୦ ପେଟିରେ ଥିବା ପ୍ରାୟ ୬୯ ଲକ୍ଷ ଟଙ୍କାର ନକଲି ଫାଭିପିରାଭିର ସମେତ ଅନ୍ୟ କେତେକ ଔଷଧ ଜବତ କରାଯାଇଥିଲା। ଉତ୍ତରପ୍ରଦେଶର ମାକ୍ସ ରିଲିଫ୍ ହେଲ୍‌ଥ କେୟାର କମ୍ପାନୀରୁ ଏହି ଔଷଧ ଉକ୍ତ ଗୋଦାମକୁ ଆସୁଥିଲା। ପରବର୍ତ୍ତୀ ସମୟରେ ଏଠାରୁ ବିଭିନ୍ନ କୋଭିଡ୍ ହସ୍ପିଟାଲ ଓ ଔଷଧ ଦୋକାନକୁ ଏସବୁକୁ ପଠାଯାଉଥିଲା। ପରୀକ୍ଷଣ ପରେ ଜବତ ମେଡିସିନ ନକଲି ବୋଲି ଡ୍ରଗ୍ସ କଣ୍ଟ୍ରୋଲରଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା।



କଟକ ଅଲିଶାବଜାର ଅଞ୍ଚଳରେ ରଜ ପରେ ଗୁରୁବାର ଜଣେ ମହିଳା ବସୁଧାକୁ ପୂଜାର୍ଚ୍ଚନା କରୁଛନ୍ତି।

## ଗୃହ ସଙ୍ଗରୋଧରେ ଥିବା ବୃଦ୍ଧଙ୍କ ମୃତ୍ୟୁ

**ସାଲେପୁର, ୧୭।୬(ଡି.ଏନ୍.ଏ.)**

କରୋନାରେ ଆକ୍ରାନ୍ତ ହୋଇ ଗୃହ ସଙ୍ଗରୋଧରେ ଥିବା ଜଣେ ବୃଦ୍ଧଙ୍କର ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ ସାଲେପୁର ବ୍ଲକ୍ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ଗ୍ରାମର ଅନନ୍ତ କୁମାର ଜେନା। ସେ କିଛିଦିନ ହେବ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ପରିବାର ସଦସ୍ୟମାନେ ଚିତ୍ରୋପ୍ରଳା ନଦୀପଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ଏହି ସମୟରେ ସାଲେପୁର ତହସିଲଦାର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ସରପଞ୍ଚ ଅନିଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଇ-ପାଠଶାଳା, ଇ-ମୂଲ୍ୟାଙ୍କନ ପୋର୍ଟାଲ ଉଦ୍‌ଘାଟିତ

**ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ ଶିକ୍ଷା**
■ଶିକ୍ଷା କ୍ଷେତ୍ରର ବୈପ୍ଳବିକ ପରିବର୍ତ୍ତନରେ ସହାୟକ ହେବ : ଗଣଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

ଛାତ୍ରୀଛାତ୍ରମାନଙ୍କୁ ଅନ୍‌ଲାଇନ ମାଧ୍ୟମରେ ଶିକ୍ଷାଦାନ ଓ ମୂଲ୍ୟାୟନ ପାଇଁ ଓପେପା ଦ୍ୱାରା ଇ-ପାଠଶାଳା ଓ ଇ-ମୂଲ୍ୟାଙ୍କନ ନାମରେ ଦୁଇଟି ପୋର୍ଟାଲ ପ୍ରସ୍ତୁତ କରାଯାଇଛି। ଗୁରୁବାର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଭର୍ଚୁଆଲ୍‌ରେ ଏହାକୁ ଉଦ୍‌ଘାଟନ କରିଛନ୍ତି । ମନ୍ତ୍ରୀ କହିଛନ୍ତି, କୋଭିଡ୍ ସମୟରେ ଶିକ୍ଷାଦାନ ଓ ପିଲାମାନେ କେତେ ଶିକ୍ଷାଲାଭ କଲେ ତାହାର ଆକଳନରେ ଏହି ପୋର୍ଟାଲ ବହୁ ମାତ୍ରାରେ ସହାୟକ ହେବ। ଶିକ୍ଷା କ୍ଷେତ୍ରରେ ନିଆଯାଉଥିବା ବୈପ୍ଳବିକ ପରିବର୍ତ୍ତନରେ ଯଥା ଡିଜିଟାଲ୍ ଶିକ୍ଷା ଓ ସ୍ମାର୍ଟ କ୍ଲାସ୍‌ରେ ଏହା ବିଶେଷ ସହାୟକ ହେବ। ଏହି ପୋର୍ଟାଲ ଦ୍ୱାରା ଉଭୟ ଜିଲା ଓ ରାଜ୍ୟସ୍ତରର ଶିକ୍ଷା ପ୍ରଶାସକ ଶିକ୍ଷା ଅଗ୍ରଗତିର ସମୀକ୍ଷା କରିପାରିବେ । ଗତବର୍ଷ ବିଭିନ୍ନ ପ୍ରୟାସ ସତ୍ତ୍ୱେ ରାଜ୍ୟର ସବୁ ପିଲାଙ୍କ ପାଖରେ ଶିକ୍ଷା ପହଞ୍ଚାଇବା ସମ୍ଭବ ହୋଇ ନ ଥିଲା। ଦୁର୍ଗମ ଅଞ୍ଚଳରେ ଥିବା ପିଲା ପାଖରେ କିପରି ଶିକ୍ଷା ପହଞ୍ଚାଇବା ତାହା ବର୍ତ୍ତମାନ ଆମର ମୂଳ ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ବିଭାଗ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ।

# ୧୦୫ କୋଟିର ପ୍ରକଳ୍ପ ଅନୁମୋଦିତ

■୩୪ ହଜାର ସ୍କୁଲରେ 'ମୋ ସ୍କୁଲ' ପ୍ରକଳ୍ପ
■ ଯୋଡ଼ିହେଲେ ୫.୨୪ ଲକ୍ଷ ପୁରାତନ ଛାତ୍ରୀଛାତ୍ର

**ଭୁବନେଶ୍ୱର,୧୭।୬(ବ୍ୟୁରୋ)**

ବର୍ତ୍ତମାନ ସୁଦ୍ଧା 'ମୋ ସ୍କୁଲ୍ ଅଭିଯାନ'ରେ ୩୪ ହଜାରରୁ ଉର୍ଦ୍ଧ୍ୱ ସ୍କୁଲରେ ୫ ଲକ୍ଷ ୨୪ ହଜାର ପୁରାତନ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପୋଷ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମକୁ ସଫଳ କରିବାକୁ 'ମୋ ସ୍କୁଲ୍ ଅଭିଯାନ' ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗୁରୁବାର ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ 'ମୋ ସ୍କୁଲ୍ ଅଭିଯାନ'ର ୨୫ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡ଼ିଶାର ୨୩ଟି ଜିଲାର ମୋଟ ୧୦୫ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଗତ ୧ ମାସ ମଧ୍ୟରେ ୧୭ ହଜାରରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ମୋ ସ୍କୁଲ୍ ଅଭିଯାନ ସହ ଯୋଡ଼ି ହୋଇଥିବା ବେଳେ ସେମାନେ ନିଜ ନିଜ ବିଦ୍ୟାଳୟର ବିକାଶ ପାଇଁ ୫ କୋଟି ୨ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ବାଲେଶ୍ୱରରେ ସର୍ବାଧିକ ୨.୨୮ କୋଟି, ଭଦ୍ରକରେ ୩୫ ଲକ୍ଷ ୮୧ ହଜାର, ମୟୂରଭଞ୍ଜରେ ୨୫ ଲକ୍ଷ ୧ ହଜାର, ଜଗତ୍‌ସିଂହପୁରରେ ୨୫ ଲକ୍ଷ ଏବଂ ନୟାଗଡ଼ରେ ୨୧ ଲକ୍ଷ ୮୮ ହଜାର ଟଙ୍କା ପୁରାତନ ଛାତ୍ରୀଛାତ୍ରମାନେ ପ୍ରଦାନ କରିଛନ୍ତି। ଅନ୍ୟ ପକ୍ଷରେ ବିଭିନ୍ନ ସିଏସ୍‌ଆର୍ ପାଣ୍ଠିରୁ ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକର ବିକାଶ ପାଇଁ ମୋ ସ୍କୁଲ୍ ଅଭିଯାନକୁ ୩୦କୋଟି ଟଙ୍କାର ଅନୁଦାନ ଆସିଛି। ପୁରାତନ ଛାତ୍ରୀଛାତ୍ର ଏବଂ ସିଏସ୍‌ଆର୍ ପାଣ୍ଠି ଅନୁଦାନ ସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୧୦୫ କୋଟି ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ କରିଛି।

# ସୌନ୍ଦର୍ଯ୍ୟକରଣ ନାଁରେ ଐତିହ୍ୟକୁ ଅବହେଳା କରା ନ ଯାଉ

**ମାଷ୍ଟରକ୍ୟାଣ୍ଟିନ ଛକରୁ 'ଐତିହ୍ୟ ଘୋଡା' ହଟାଇବା ପ୍ରସଙ୍ଗ**

ରାଜଧାନୀ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଛକରେ ଦଣ୍ଡାୟମାନ ରହିଛି 'ଐତିହ୍ୟ ଘୋଡ଼ା ଓ ଯୋଦ୍ଧା' ସ୍ଥାପତ୍ୟ। ଏହା ଓଡ଼ିଶା ଶାସନର ସ୍ମାରକୀ ବହନ କରୁଛି। ବିଶିଷ୍ଟ ପ୍ରସ୍ତର ଶିଳ୍ପୀ ସ୍ୱର୍ଗତ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ଏହାକୁ ତିଆରି କରିଥିବାବେଳେ ୧୯୮୮ରେ ବିଧାନସଭାର ଠିକ୍ ସମ୍ମୁଖ ଭାଗରେ ସ୍ଥାପନ କରାଯାଇଥିଲା। ଦଶନ୍ଧି ଦଶନ୍ଧି ଧରି ଭୁବନେଶ୍ୱର ତଥା ଓଡ଼ିଶାର ପରିଚୟ ଦେଉଥିବା ଏହି ସ୍ଥାପତ୍ୟକୁ ଏବେ ରାଜଭବନ ଛକସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଛି। ସ୍ମାର୍ଟ ଜନପଥ ଓ ସୌନ୍ଦର୍ଯ୍ୟକରଣ ପାଇଁ ଏହାକୁ ହଟାଇବାକୁ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ସଂସ୍କୃତି ବିଭାଗକୁ ପ୍ରସ୍ତାବ ଦିଆଯାଇଥିବାବେଳେ ସ୍ଥାନାନ୍ତର ଦାୟିତ୍ୱ ନେଇଛି ବିଡିଏ। ଏହା ଜଣାପଡିବା ପରେ ତୀବ୍ର ବିରୋଧ ଆରମ୍ଭ ହୋଇଛି। ସୌନ୍ଦର୍ଯ୍ୟକରଣ ଓ ବିକାଶ ନାଁରେ ସ୍ମାରକୀ ଘୋଡ଼ାକୁ ସ୍ଥାନାନ୍ତର କରି ଐତିହ୍ୟ ପ୍ରତି ଘୋର୍ ଅବହେଳା କରା ନ ଯାଉ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।



### ଐତିହ୍ୟର ମର୍ଯ୍ୟାଦା ରକ୍ଷା ଏକ ଜାତିର କର୍ତ୍ତବ୍ୟ



"ସହରକୁ ଆଧୁନିକ କରିବା ପାଇଁ ଏକ ଐତିହ୍ୟକୁ ସ୍ଥାନାନ୍ତର କରିବାର କୌଣସି ଯଥାର୍ଥତା ନାହିଁ କିମ୍ବା ଏଭଳି କୌଣସି ଉଦାହରଣ ମଧ୍ୟ ନାହିଁ। ଏହାର ନିର୍ମାଣ ମୁଁ ନିଜ ଆଖିରେ ଦେଖିଛି। ଏ ଆକାଶ ରଘୁନାଥ ମହାପାତ୍ରଙ୍କ ନିଷ୍ଠା, ଏକାଗ୍ରତା, କର୍ମଠତାକୁ ପରୀକ୍ଷା କରିଛି। ଘୋଡାକୁ ଦେଖିଦେଲେ ହିଁ ତାଙ୍କ ସ୍ମୃତି ମନରେ ଭାସି ଆସୁଛି। ତେଣୁ ଘୋଡାକୁ ତାଙ୍କର ସ୍ମାରକ ଭାବେ ରଖିବା ସହ ସରକାର ଏହାର ବିକଳ୍ପ ଚିନ୍ତା କରନ୍ତୁ। ଐତିହ୍ୟକୁ ବଜାୟ ରଖିବା ଏକ ଜାତିର କର୍ତ୍ତବ୍ୟ। ଐତିହ୍ୟ ଯେଉଁ ସ୍ଥାନରେ ଅଛି, ସେଠାରେ ରହିଲେ ହିଁ ଏ ସହରର ମର୍ଯ୍ୟାଦା ବଢିବ।

**– ଡ. ପ୍ରତିଭା ରାୟ, ବିଶିଷ୍ଟ ସାହିତ୍ୟିକ**

### ଓଡ଼ିଶା ଐତିହ୍ୟ ଓ ସଂସ୍କୃତିର ଏହା ପ୍ରତୀକ

"ରାଜଧାନୀର ବ୍ୟସ୍ତବହୁଳ ମାଷ୍ଟରକ୍ୟାଣ୍ଟିନ ଛକରେ ଥିବା କୋଣାର୍କ ଘୋଡା ଆମ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟର ପ୍ରତୀକ। ଏହା ରାଜ୍ୟ ସରକାରଙ୍କ ଲୋଗୋର ପ୍ରତୀକ। ରେଳ ଷ୍ଟେଶନରୁ ବାହାରିବା ମାତ୍ରେ ନଜର ଏହା ଉପରେ ପଡିଥାଏ। ଏହି ଐତିହ୍ୟ ଘୋଡା ମାଷ୍ଟରକ୍ୟାଣ୍ଟିନ୍ ଛକର ଚିହ୍ନ ହୋଇ ରହିଛି। ଏହାର ସ୍ଥାନାନ୍ତର ଠିକ୍ ନୁହେଁ। ରାଜଭବନ ସମ୍ମୁଖ ମଧୁବାବୁଙ୍କର ପ୍ରତିମୂର୍ତ୍ତି ନିକଟରେ ଘୋଡାକୁ ନେଇ ଆଉ ଗହଳି କରା ନ ଯାଉ।



**–ଦିଲୀପ ଦାଶଶର୍ମା, ସଭାପତି, ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା**

### ଏହାକୁ ଉଠାଇ ନେବା ଉଚିତ ନୁହେଁ



"ବାହାର ରାଜ୍ୟରୁ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ସମସ୍ତେ ଯେ ରାଜଭବନ ଆଡେ ଯିବେ ତାହାର କିଛି ମାନେ ନାହିଁ। ଜଣେ ରେଳ ଷ୍ଟେଶନରୁ ବାହାରିବାମାତ୍ରେ ମାଷ୍ଟରକ୍ୟାଣ୍ଟିନ ଛକରେ ଥିବା ଘୋଡ଼ା ପ୍ରତିକୃତିକୁ ଦେଖି ଆମ ରାଜ୍ୟର ସଂସ୍କୃତି ଓ ଐତିହ୍ୟ ସମ୍ପର୍କରେ ଜାଣିପାରେ। ଆମର କଳା ଯେ କେତେ ମହାନ ତାହାର କଥା କୁହେ ସେହ ଘୋଡ଼ା। ବାହାରୁ ଆସୁଥିବା ପର୍ଯ୍ୟଟକ ଓ ସମସ୍ତେ ଦେଖିପାରୁଥିବା ସ୍ଥାନରେ ଏହି ଐତିହ୍ୟକୁ ସ୍ଥାପନ କରାଯିବା ଦରକାର।

**–ଅମୀୟବାଳା ପରିଡା, ସାମାଜିକକର୍ମୀ**

### ଭାବାବେଗକୁ ବୁଝିପାରୁ ନାହାନ୍ତି



"ଐତିହ୍ୟ ଘୋଡ଼ା ଓଡ଼ିଶା ଓ ଓଡ଼ିଆଙ୍କ ପରିଚୟ। ରାଜ୍ୟର ଆଇଏଏସ୍ ଅଫିସରଙ୍କ ମଧ୍ୟରେ ଅଧିକାଂଶ ଅଣଓଡ଼ିଆ। ସେମାନେ ଆମ ଭାବାବେଗକୁ ବୁଝିବେ କେମିତି। ଏବେ ସେମାନଙ୍କ ରାଜୁତିରେ ଶାସନ ଚାଲୁଛି। ୧୯୪୮ରେ ଭୁବନେଶ୍ୱରରେ ରାଜଧାନୀ ପ୍ରତିଷ୍ଠା ହୋଇଥିଲା। ମାଷ୍ଟରକ୍ୟାଣ୍ଟିନ୍ ଛକରେ ଥିବା ଘୋଡା ନୂତନ ରାଜଧାନୀର ଐତିହ୍ୟ ବହନ କରୁଥିଲା। ଏହାକୁ ସେଠାରୁ ହଟାଗଲେ, ପାଖାପାଖି କୌଣସି ସ୍ଥାନରେ ରଖିବା ଦରକାର।

**–ଦ୍ୱାରିକା ନାଥ ମହାନ୍ତି, ବରିଷ୍ଠ ନାଗରିକ**

### ବିକଳ୍ପ ସ୍ଥାନ ଚିହ୍ନଟ ପାଇଁ ନିର୍ଦ୍ଦେଶ ଥିଲା



"ହଠାତ୍ କିଛି ହୋଇ ନାହିଁ। ସ୍ମାର୍ଟସିଟି ପ୍ରକଳ୍ପ ବହୁ ଦିନରୁ ଚାଲିଛି। ତେବେ ମାଷ୍ଟରକ୍ୟାଣ୍ଟିନ ଛକରୁ ଐତିହ୍ୟ ଘୋଡ଼ାକୁ ସ୍ଥାନାନ୍ତର ନେଇ ମୁଁ କୌଣସି ତଥ୍ୟ ଦେଇ ପାରିବି ନାହିଁ। ସ୍ମାର୍ଟସିଟି କର୍ତ୍ତୃପକ୍ଷ ଆମକୁ ଆଉ ଏକ ବିକଳ୍ପ ସ୍ଥାନ ଚିହ୍ନଟ କରିବାକୁ କହିଥିଲେ। ଆମେ ତାହା ଚିହ୍ନଟ କରି ଜଣାଇ ଦେଇଛୁ। ତେବେ ଏହାକୁ ସ୍ଥାନାନ୍ତର କରିବାର କ'ଣ ଆବଶ୍ୟକତା ରହିଛି ତାହା ସେମାନେ ହିଁ କହି ପାରିବେ।

**–ରଞ୍ଜନ ଦାସ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ**

### ସରକାର ଆମ ସହ ଆଲୋଚନା କରନ୍ତୁ



"ସ୍ମାର୍ଟ ସିଟିର ଉନ୍ନତି ପାଇଁ ଅନ୍ୟ ବିକଳ୍ପ ବ୍ୟବସ୍ଥା କରାଯାଉ। ସରକାର ସେଠାରେ ଓଭରବ୍ରିଜ୍ କରିବାକୁ ଚାହିଁଲେ ବି କରିପାରିବେ। କିନ୍ତୁ ଘୋଡା ତା'ର ନିର୍ଦ୍ଦିଷ୍ଟ ସ୍ଥାନରେ ରହିବ। ଯଦି ସରକାର ଜାଣି ପାରୁ ନାହାନ୍ତି, ତେବେ ଆମ ସହ ଆଲୋଚନା କରନ୍ତୁ। ତାହାକୁ ନିର୍ମାଣ କରିଥିବା ରଘୁନାଥ ମହାପାତ୍ର ଏତେବଡ଼ ଶିଳ୍ପୀ ଥିଲେ। ତାଙ୍କୁ ସମ୍ମାନ ଦେବା ପାଇଁ ସରକାର ଐତିହ୍ୟ ଘୋଡ଼ାକୁ ସ୍ଥାନାନ୍ତର ନ କରନ୍ତୁ।

**–ପଦ୍ମବିଭୂଷଣ ସୁଦର୍ଶନ ସାହୁ, ବିଶିଷ୍ଟ ସ୍ଥପତି**

### ବିକାଶ ହେଉ, ଘୋଡ଼ା ରହୁ



"ଭୁବନେଶ୍ୱର ପ୍ରତୀକ କୁହାଯାଉଥିବା ମାଷ୍ଟର କ୍ୟାଣ୍ଟିନରେ ଥିବା ଯୋଦ୍ଧା ଘୋଡ଼ାକୁ ରାଜ୍ୟ ସରକାରଙ୍କ କିଛି ବିଭାଗ ସ୍ଥାନାନ୍ତର କରିବାକୁ ଯୋଜନା କରୁଛନ୍ତି। ସହରର ବିକାଶକୁ ବିରୋଧ କରାଯାଉ ନାହିଁ କିନ୍ତୁ ରାଜଧାନୀବାସୀଙ୍କ ଭାବବେଗକୁ କିଛି ଅଧିକାରୀ ପରୋକ୍ଷରେ ଛଡ଼ାଇ ନେବାକୁ ଯୋଜନା କରୁଛନ୍ତି। ସହରର ବିକାଶ ହେଉ ସେହି ସ୍ଥାନରେ ଘୋଡ଼ା ମଧ୍ୟ ରହୁ। ସରକାର ଓ ବିଭାଗ ଯଦି ଘୋଡା ସ୍ଥାନାନ୍ତରଣ ସମ୍ପର୍କରେ ଆଗକୁ ଯିବେ, ତେବେ ଭାଜପା ପକ୍ଷରୁ ଆଗାମୀ ଦିନରେ ବିରୋଧ ଜୋରଦାର ହେବ।

**– ବାବୁ ସିଂ, ଜିଲା ଭାଜପା ସଭାପତି**

### ଅଧିକାରୀ ନାଟକ କରୁଛନ୍ତି



"ଭୁବନେଶ୍ୱରର ଶୋଭା ବଢ଼ାଉଥିବା ସ୍ଥାନ ଓ ପ୍ରତିମୂର୍ତ୍ତି ବିଷୟରେ କିଛି ଜାଣି ନ ଥିବା କେତେ ଜଣ ଅଧିକାରୀ ଏସବୁ ନାଟକ କରୁଛନ୍ତି। ବିକାଶ ଯାହା ହେଉଛି ହେଉ, ଘୋଡ଼ାର କିଛି ନ ହେଉ। ଘୋଡ଼ା ପାଇଁ ଅବଦାନ ନାହିଁ କିନ୍ତୁ ଘୋଡ଼ା ହଟାଇବାକୁ ଯୋଜନା କରିବାକୁ ଆଗେଇ ଆସିଥିବା ଅଧିକାରୀ ସାବଧାନ ରୁହନ୍ତୁ। ଭୁବନେଶ୍ୱର କହିଲେ ମାଷ୍ଟର କ୍ୟାଣ୍ଟିନକୁ ବୁଝାଯାଏ। ସହରବାସୀଙ୍କ ସହ ଜଡ଼ିତ ଘୋଡ଼ା ପ୍ରତିମୂର୍ତ୍ତି ଓ ମାଷ୍ଟରକ୍ୟାଣ୍ଟିନ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଘୋଡ଼ା ହଟିଲେ ଆଗାମୀ ଦିନରେ ଜିଲା କଂଗ୍ରେସ ପକ୍ଷରୁ ବିରୋଧକୁ ଜୋରଦାର କରାଯିବ।

**– ସୁରେଶ କୁମାର ରାଉତରାୟ, ଜଟଣୀ ବିଧାୟକ**

## ସଂକ୍ଷେପରେ

### ସରିଲା ରାମଚଣ୍ଡୀଙ୍କ ରଜଯାତ୍ରା



ବୋଲଗଡ଼,୧୭।୬(ଡି.ଏନ୍.ଏ.): ବୋଲଗଡ଼ ଗଡ଼ଭିତର ସାହିସ୍ଥିତ ମା' ରାମଚଣ୍ଡୀଙ୍କ ପବିତ୍ର ରଜଯାତ୍ରା ନିରାଡ଼ମ୍ବର ଭାବେ ଗୁରୁବାର ଶେଷ ହୋଇଛି। କୋଭିଡ୍ କଟକଣା ମଧ୍ୟରେ ସୋମବାର ତଥା ପହିଲି ରଜରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ମା'ଙ୍କର କେବଳ ପାରମ୍ପରିକ ବିଧିପାଳନ କରାଯାଇଥିଲା। ଶତାଧିକ ବର୍ଷର ଏହି ପାରମ୍ପରିକ ଯାତ୍ରାରେ ଘଣ୍ଟଘଣ୍ଟା, ଛତ୍ରୀ, ତ୍ରାସ, ବାଦ୍ୟ ପଟୁଆର ଓ ନାଚଗୀତର ଆସର ଦେଖିବାକୁ ମିଳି ନ ଥିଲା। ସ୍ଥାନୀୟ ରଜ ପଡ଼ିଆରେ ୪ଦିନ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏହି ରଜଯାତ୍ରା ଦେଖିବାକୁ ସ୍ଥାନୀୟ ଅଞ୍ଚଳର ବହୁ ଲୋକଙ୍କ ସମାଗମ ହୋଇଥାଏ। କୋଭିଡ୍ କଟକଣା ପାଇଁ ପୂର୍ବ ବର୍ଷ ପରି ଚଳିତ ଥର ମଧ ଯାତ୍ରାପଡ଼ିଆ ଖାଁ ଖାଁ ରହିଛି। କେବଳ ବିଧି ପାଳନ ପାଇଁ ବିନା ଭକ୍ତରେ ମା' ମନ୍ଦିରରୁ ବାହାରି ରଜଯାତ୍ରା ପଡ଼ିଆସ୍ଥିତ ନିଜ ଆସ୍ଥାନ କ୍ଷେତ୍ରକୁ ଯାଇ ପୁନଃ ଲେଉଟାଣି କରିଥିଲେ। ଏଭଳି ମା'ଙ୍କର ପାରମ୍ପରିକ ଐତିହାସିକ ରଜଯାତ୍ରା ସମ୍ପନ୍ନ ହୋଇଛି।

### ଅସହାୟଙ୍କୁ ରନ୍ଧାଖାଦ୍ୟ ପ୍ରଦାନ

ଜଟଣୀ,୧୭।୬(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅଧୀନ ବାଲିଛକ ସାହିସ୍ଥିତ ଲକ୍ଷ୍ମୀନାରାୟଣ ସେବା ସଂଘ ଫାଉଣ୍ଡେଶନ ପକ୍ଷରୁ ୩୦୦ ଅସହାୟଙ୍କୁ ଗୁରୁବାର ମଧ୍ୟାହ୍ନରେ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି। ଫାଉଣ୍ଡେଶନର ସଦସ୍ୟ କେ.କହ୍ନେୟା ରାଓଙ୍କ ଦ୍ୱାଦଶାହ ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସ୍ଥାନୀୟ ଜଟଣୀ ରେଳଷ୍ଟେଶନ ନିକଟରେ ବସବାସ କରୁଥିବା ଅସହାୟଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

### କ୍ଷୟକ୍ଷତି ପାଇଁ ଅନ୍‌ଲାଇନରେ ଆବେଦନ



ନିରାକାରପୁର,୧୭।୬(ଡି.ଏନ୍.ଏ.): ପୂର୍ବରୁ ଜଙ୍ଗଲୀ ଜୀବଜନ୍ତୁ କିମ୍ବା ହାତୀଙ୍କ ଦ୍ୱାରା ଫସଲ କ୍ଷୟକ୍ଷତି ସହିତ ଜୀବନହାନି ହେଲେ ଏହାର କ୍ଷତିପୂରଣ ପାଇବା ପାଇଁ ଲୋକେ ଫରେଷ୍ଟ ଓ ରେଞ୍ଜରଙ୍କ କାର୍ଯ୍ୟାଳୟକୁ ଯାଇ ଆବେଦନ କରୁଥିଲେ। ଏଥିଲାଗି ଲୋକେ ହଇରାଣ ହେଉଥିଲେ । ଏହାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ଭୁଷଣ୍ଡପୁର ଫରେଷ୍ଟ କାର୍ଯ୍ୟାଳୟରେ ଫରେଷ୍ଟର ସିଧୁ ଚରଣ ସିଂ ଅଞ୍ଚଳର ଗ୍ରାହକ ଜନସେବା କେନ୍ଦ୍ରର କର୍ମୀଙ୍କୁ ଅନ୍‌ଲାଇନରେ କିପରି କ୍ଷୟକ୍ଷତି ପାଇଁ ଆବେଦନ କରିବେ, ସେ ନେଇ ଏକ କର୍ମଶାଳାରେ ଶିକ୍ଷା ଦିଆଯାଇଥିଲା। ଲୋକମାନେ ସୁବିଧାରେ କ୍ଷତିପୂରଣ ପାଇବା ପାଇଁ ଅନ୍‌ଲାଇନ୍ ମଧ୍ୟରେ ଆବେଦନ କରିପାରିବେ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଟାଙ୍ଗୀ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ।

# ୧୦୫ କୋଟିର ପ୍ରକଳ୍ପ ଅନୁମୋଦିତ

ଭୁବନେଶ୍ୱର,୧୭।୬(ବ୍ୟୁରୋ)

- ୩୪ ହଜାର ସ୍କୁଲରେ 'ମୋ ସ୍କୁଲ' ପ୍ରକଳ୍ପ
- ଯୋଡ଼ିହେଲେ ୫.୨୪ ଲକ୍ଷ ପୁରାତନ ଛାତ୍ରୀଛାତ୍ର

ବର୍ତ୍ତମାନ ସୁଦ୍ଧା 'ମୋ ସ୍କୁଲ୍ ଅଭିଯାନ'ରେ ୩୪ ହଜାରରୁ ଊର୍ଦ୍ଧ୍ୱ ସ୍କୁଲ୍‌ରେ ୫ ଲକ୍ଷ ୨୪ ହଜାର ପୁରାତନ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପୋଷ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମକୁ ସଫଳ କରିବାକୁ 'ମୋ ସ୍କୁଲ୍ ଅଭିଯାନ' ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗୁରୁବାର ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ 'ମୋ ସ୍କୁଲ୍ ଅଭିଯାନ'ର ୨୫ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡ଼ିଶାର ୨୩ଟି ଜିଲାର ମୋଟ ୧୦୫ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଗତ ୧ ମାସ ମଧ୍ୟରେ ୧୭ ହଜାରରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ମୋ ସ୍କୁଲ୍ ଅଭିଯାନ ସହ ଯୋଡ଼ି ହୋଇଥିବା ବେଳେ ସେମାନେ ନିଜ ନିଜ ବିଦ୍ୟାଳୟର ବିକାଶ ପାଇଁ ୫ କୋଟି ୨ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ବାଲେଶ୍ୱରରେ ସର୍ବାଧିକ ୨.୨୮ କୋଟି, ଭଦ୍ରକରେ ୩୫ ଲକ୍ଷ ୮୧ ହଜାର, ମୟୂରଭଞ୍ଜରେ ୨୫ ଲକ୍ଷ ୧ ହଜାର, ଜଗତ୍‌ସିଂହପୁରରେ ୨୫ ଲକ୍ଷ ଏବଂ ନୟାଗଡ଼ରେ ୨୧ ଲକ୍ଷ ୮୮ ହଜାର ଟଙ୍କା ପୁରାତନ ଛାତ୍ରୀଛାତ୍ରମାନେ ପ୍ରଦାନ କରିଛନ୍ତି। ଅନ୍ୟ ପକ୍ଷରେ ବିଭିନ୍ନ ସିଏସ୍‌ଆର୍ ପାଣ୍ଠିରୁ ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକର ବିକାଶ ପାଇଁ ମୋ ସ୍କୁଲ୍ ଅଭିଯାନକୁ ୩୦କୋଟି ଟଙ୍କାର ଅନୁଦାନ ଆସିଛି। ପୁରାତନ ଛାତ୍ରୀଛାତ୍ର ଏବଂ ସିଏସ୍‌ଆର୍ ପାଣ୍ଠି ଅନୁଦାନ ସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୧୦୫ କୋଟି ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ କରିଛି।

# ମୁଖ୍ୟ ଚିକିତ୍ସାଳୟରେ ହେବ ଅକ୍ସିଜେନ ପ୍ଲାଣ୍ଟ



ବୈଠକରେ ଜିଲାପାଳ ସନତ୍ ମହାନ୍ତି ଓ ଅନ୍ୟ ଅଧିକାରୀମାନେ।

ଖୋର୍ଦ୍ଧା ଅଫିସ,୧୭।୬

- ରାଶନ ସାମଗ୍ରୀ ହୋମ୍ ଡେଲିଭରି ପାଇଁ ପରାମର୍ଶ
- ବ୍ୟବସାୟୀ ସଂଘ ସହ ପ୍ରଶାସନର ଆଲୋଚନା

ରାଜ୍ୟରେ ଗୁରୁବାରଠାରୁ ଆଂଶିକ ଲକ୍‌ଡାଉନ ଆରମ୍ଭ ହୋଇଛି। ସମୟ ଅବଧି ବଢ଼ିବା ପରେ ବଜାରରେ ଲୋକଙ୍କ ଭିଡ଼ ଜମିବା ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଖୋର୍ଦ୍ଧା ସହରର ବିଭିନ୍ନ ବ୍ୟବସାୟୀ ସଂଘ ସହ ଆଲୋଚନା କରାଯାଇଛି। କୋଭିଡ୍ ଗାଇଡ୍‌ଲାଇନ ମାନି ବେପାର କରିବାକୁ ବ୍ୟବସାୟୀଙ୍କୁ ଜିଲାପାଳ ସନତ ମହାନ୍ତି କହିଛନ୍ତି। ରାଶନ ସାମଗ୍ରୀ ଘରକୁ ପଠାଇବା (ହୋମ୍ ଡେଲିଭରି) ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଛନ୍ତି।

ବୈଠକରେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଯୋଗଦେଇ କହିଲେ, ସଂକ୍ରମଣ ହାର କମୁଛି। ମାତ୍ର ବିପଦ ଟଳିନାହିଁ। ଆମକୁ ଆହୁରି ସର୍ତ୍ତକ ଓ ସଚେତନ ହେବାକୁ ପଡ଼ିବ। ଯଥାସମ୍ଭବ ଭିଡ଼ କମାଇବା ଉପରେ ବ୍ୟବସାୟୀମାନେ ଗୁରୁତ୍ୱ ଦେବେ। ନିଜେ ସୁରକ୍ଷିତ ରହିଲେ ପରିବାର ଏବଂ ସମାଜ ସୁରକ୍ଷିତ ରହିବ ବୋଲି ସେ କହିଥିଲେ। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ପାଇଁ ଆଇସିୟୁ ୱାର୍ଡ ଏବଂ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ କରାଯିବ ବୋଲି ବିଧାୟକ ମିତ୍ର କହିଥିଲେ। ଖୋର୍ଦ୍ଧା ସହରରେ ବର୍ତ୍ତମାନ ସୁଦ୍ଧା ୨୦ ହଜାର ଟିକା ଦିଆଯାଇଛି। ଅଧିକ ଟିକା ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ କହିଥିଲେ, ଜିଲାରେ ଦୈନିକ ଟେଷ୍ଟିଂ ଓ ଟିକାକରଣ ଜାରି ରହିଛି। ବସ୍ତି ଅଞ୍ଚଳକୁ କିପରି ସଂକ୍ରମଣ ନ ବ୍ୟାପିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ପୌର ନିର୍ବାହୀ ଅଧିକାରୀ କହିଥିଲେ, ପୌର ପ୍ରଶାସନ ପକ୍ଷରୁ ଚିହ୍ନଟ ହୋଇଥିବା ସ୍ଥାନରେ ବ୍ୟବସାୟୀମାନେ ପରିବା ବିକ୍ରି କରିପାରିବେ। ପ୍ରତି ବ୍ୟବସାୟୀଙ୍କ ମଧ୍ୟରେ ୨ମିଟର ଦୂରତା ରହିବ। ବ୍ୟବସାୟୀମାନେ କୋଭିଡ୍ ଗାଇଡ୍‌ଲାଇନ ମାନି ବ୍ୟବସାୟ କରିବାକୁ ଜିଲା ପ୍ରଶାସନକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଗ୍ରାମାଞ୍ଚଳରେ ୧୮୭ ପଜିଟିଭ, ୧୯୭ ସୁସ୍ଥ

ଖୋର୍ଦ୍ଧା ଅଫିସ,୧୭।୬

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଗତ ୨୪ ଘଣ୍ଟାରେ ୧୮୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୧୯୭ଜଣ ଆରୋଗ୍ୟ ଲାଭ କରିଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକ୍‌ରୁ ୧୭, ବାଲିପାଟଣା ୧୦, ଭୁବନେଶ୍ୱର ବ୍ଲକ୍ ୯, ଜଟଣୀ ୧୦, ଖୋର୍ଦ୍ଧା ୪୨, ବେଗୁନିଆ ୯, ବୋଲଗଡ ୧୩, ଟାଙ୍ଗୀ ୪୩, ଚିଲିକା ୧୯ ଏବଂ ବାଣପୁରରୁ ୧୫ଜଣ ରହିଛନ୍ତି। ଜିଲା ପ୍ରଶାସନ ରିପୋର୍ଟ ମୁତାବକ ୩୭୬୨୯୨ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ଆର୍‌ଟି-ପିସିଆର୍ ୧୦୪୫୬୫, ରାପିଡ୍ ଆଣ୍ଟିଜେନ ଟେଷ୍ଟ ୨୭୧୧୧୧ ଏବଂ ଟ୍ରୁନାଟ ଟେଷ୍ଟ ୬୧୬ କରାଯାଇଛି। ୨୪୫୪୮ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୩୩୪୮ ଜଣ ସୁସ୍ଥ ହୋଇ ଫେରିଛନ୍ତି। କରୋନାରେ ୬୯ ଜଣଙ୍କର ମୃତ୍ୟୁ ଘଟିଛି। ୧୧୧୧ ସକ୍ରିୟ ସଂକ୍ରମିତ ରହିଛନ୍ତି।

## ମୁକ୍ତାକାଶ କାରାଶ୍ରମରେ ୩୮ କଏଦୀ

ବାରଙ୍ଗ,୧୭।୬(ଡି.ଏନ୍.ଏ.)

ଜାମୁଝରୀସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମରେ ୧୨୫ଜଣ କଏଦୀ ରହିବା ପାଇଁ ବ୍ୟବସ୍ଥା ରହିଥିବା ବେଳେ କରୋନା ପାଇଁ ଏବେ ୩୮ଜଣ କଏଦୀ ରହିଛନ୍ତି। କରୋନାକୁ ପ୍ରତିହତ କରିବା ପାଇଁ ରାଜ୍ୟ ସରକାର ଜେଲରେ ରହିଥିବା କେତେକ କଏଦୀଙ୍କୁ ପାରୋଲରେ ଛାଡ଼ିଛନ୍ତି। ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମରୁ ୧୬ଜଣ କଏଦୀଙ୍କୁ ୩ ମାସିଆ ପାରୋଲରେ ଛଡ଼ାଯାଇଥିବା ବେଳେ ଜଣେ କଏଦୀଙ୍କୁ ମାସେ ୨୪ଦିନ ପର୍ଯ୍ୟନ୍ତ ଛୁଟି ଦିଆଯାଇଛି। କିଛି ମାସଧରି ଏହି କାରାଶ୍ରମରେ ୫୫ଜଣ କଏଦୀ ରହିଥିଲେ। ଛୁଟି ଓ ପାରୋଲରେ ୧୭ଜଣ ଯିବା ପରେ ଏବେ ୩୮ଜଣ କଏଦୀ କାରାଶ୍ରମରେ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଅନ୍ତେବାସୀ କରୋନା ପଜିଟିଭ ଚିହ୍ନଟ ପରେ ଚିକିତ୍ସା ପରେ ସେ ଏବେ ସୁସ୍ଥ ଥିବା ଅଧୀକ୍ଷକ ସ୍ମିତା ମହାନ୍ତି କହିଛନ୍ତି। ପରିସରରେ ଥିବା ଗୋଶାଳାରେ ୬୪ ଗାଈଙ୍କ ସେବା ପାଇଁ ୬ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ୨୦ଟି ଥିବା ତମ୍ବୁରେ ମାତ୍ର ଜଣେ କଏଦୀ ରହୁଛନ୍ତି। ଗୋଶାଳାରେ ୪ଜଣ ଦାୟିତ୍ୱରେ ରହି କାର୍ଯ୍ୟ କରୁଛନ୍ତି। ପରିବାଚାଷ, ଆଭ୍ୟନ୍ତରୀଣ ସଫା, ପରିବା ଓ ଚାରା ବିକ୍ରି ଆଦି କାର୍ଯ୍ୟରେ ୨୭ଜଣ କଏଦୀ କାର୍ଯ୍ୟ କରୁଥିବା ଅଧୀକ୍ଷକ ମହାନ୍ତି କହିଛନ୍ତି।

# ଏସିଡ୍ ଟ୍ୟାଙ୍କର ଲିକ୍, ଯାତାୟାତ ବାଧାପ୍ରାପ୍ତ



ଅଗ୍ନିଶମ କର୍ମଚାରୀମାନେ ଟ୍ୟାଙ୍କର ଉପରକୁ ପାଣି ସ୍ପ୍ରେ କରୁଛନ୍ତି।

ଖୋର୍ଦ୍ଧା ଅଫିସ/ ଟାଙ୍ଗୀ, ୧୭।୬(ଡି.ଏନ୍.ଏ.)

ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥ ଚାନ୍ଦପୁର ଥାନା ଅନ୍ତର୍ଗତ ଅସକୋଇ ଖାଲ ଛକ ନିକଟରେ ଗୁରୁବାର ରାତିରେ ଏକ ଟ୍ୟାଙ୍କରରୁ ଏସିଡ୍ ଲିକ୍ ହୋଇଛି। ଖୋର୍ଦ୍ଧା ଓ ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଆୟତ୍ତ ପାଇଁ ପାଣି ସ୍ପ୍ରେ କରିଥିଲେ। ରାସ୍ତା ଧୂଆଁମୟ ହୋଇଯିବାରୁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ସୂଚନା ମୁତାବକ, ଏକ ହାଇଡ୍ରୋକ୍ଲୋରାଇଡ ଟ୍ୟାଙ୍କର (ଡବ୍ଲୁବି ୩୯ ସି୦୦୭୪) ଗଞ୍ଜାମରୁ କୋଲକାତା ଅଭିମୁଖେ ଯାଉଥିଲା। ଅସକୋଇ ଖାଲ ଛକ ନିକଟରେ ରାତି ପ୍ରାୟ ସାଢ଼େ ୮ଟାରେ ଉକ୍ତ ଟ୍ୟାଙ୍କରର ଭାଲ୍‌ଵ କଟିଯିବାରୁ ଏସିଡ୍ ଲିକ୍ ହୋଇଥିବା ଜଣାପଡ଼ିଛି। ରାସ୍ତାମୟ ଧୂଆଁମୟ ହୋଇଯାଇଥିଲା। ଏହି ଏସିଡ୍ ଯେଉଁ ସ୍ଥାନରେ ପଡ଼ିବ, ସେ ପରିବେଶ ପୋଡ଼ିଯିବ ବୋଲି କୁହାଯାଇଛି। ଏସିଡ୍ ଲିକ୍ ଯୋଗୁ ସ୍ଥାନୀୟ ଅଞ୍ଚଳର ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅଗ୍ନିଶମ ବିଭାଗ ପକ୍ଷରୁ ପାଣି ସ୍ପ୍ରେ କାର୍ଯ୍ୟ ଜାରି ରହିଥିବା ଜଣାପଡ଼ିଛି।

# ପୋଷ୍ଟ ଅଫିସ୍ ରାସ୍ତା ହେଲା ମରାମତି

ଜଟଣୀ,୧୭।୬(ଡି.ଏନ୍.ଏ.)

**ଧରିତ୍ରୀ ପ୍ରଭାବ**

ମୌସୁମୀ ପ୍ରଭାବରେ ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଜଟଣୀ ପୌରାଞ୍ଚଳର ଅନେକ ସ୍ଥାନରେ ବର୍ଷା ଜଳ ନିଷ୍କାସନ ହୋଇ ପାରୁ ନ ଥିବାରୁ ରାସ୍ତାରେ କୃତ୍ରିମ ହ୍ରଦ ଭ୍ରମ ସୃଷ୍ଟି ହେବା ସହ ଲୋକଙ୍କ ଘରେ ପାଣି ପଶିଥିବା ନଜର ରହିଛି। ଦୁଇ ଓ ଚାରିଚକିଆ ଯାନ ଚଳାଚଳ ପାଇଁ ପୋଷ୍ଟ ଅଫିସ ଛକରୁ ଟାଉନହଲ (ସ୍ରଷ୍ଟା), କୋର୍ଟ ଦେଇ ରେଳବାଇ କଲୋନୀ ଦେଇ ସୀତାରାମ ଛକ ମୁଖ୍ୟ ରାସ୍ତା ଅତିକ୍ରମ କରିବାକୁ ନିର୍ଦ୍ଦେଶ ରହିଥିଲା। ପୌର ଓ ପୋଲିସ ପ୍ରଶାସନ ଅବହେଳାରୁ ଉକ୍ତ ରାସ୍ତାରେ ଭାରିଯାନ ଚଳାଚଳ କରିବାରୁ ରାସ୍ତା ଶୋଚନୀୟ ହୋଇପଡ଼ିଥିଲା। ଏନେଇ ଗତ ୧୬ ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ଯୁଦ୍ଧକାଳୀନ ଭିତ୍ତିରେ ଗୁରୁବାର ଉକ୍ତ ରାସ୍ତାରେ ଗୋଡି ଏବଂ ଡଷ୍ଟ ପକାଯାଇ ମରାମତି କରାଯାଇଛି। ଶତାଧିକ ଗାଡି ଖୋର୍ଦ୍ଧାରୁ ପିପିଲି ଏବଂ ପୁରୀକୁ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଛନ୍ତି । ଅଣଓସାରିଆ ରାସ୍ତା ପାଇଁ ଟ୍ରାଫିକ ଜାମ ହେବାରୁ ଲୋକେ ହଇରାଣ ହେଉଛନ୍ତି । ଉକ୍ତ ସ୍ଥାନରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ମୁତୟନ କରାଯିବା ପାଇଁ ସାଧାରଣରେ ଦାବି ହେଉଛି।





ପୋଷ୍ଟ ଅଫିସ ରାସ୍ତା ମରାମତି କରାଯାଉଛି।

# ଇ-ପାଠଶାଳା, ଇ-ମୂଲ୍ୟାଙ୍କନ ପୋର୍ଟାଲ ଉଦ୍‌ଘାଟିତ

ଭୁବନେଶ୍ୱର,୧୭।୬(ବ୍ୟୁରୋ)

**ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ ଶିକ୍ଷା**

- ଶିକ୍ଷା କ୍ଷେତ୍ରର ବୈପ୍ଳବିକ ପରିବର୍ତ୍ତନରେ ସହାୟକ ହେବ : ଗଣଶିକ୍ଷା ମନ୍ତ୍ରୀ

ଛାତ୍ରୀଛାତ୍ରମାନଙ୍କୁ ଅନ୍‌ଲାଇନ ମାଧ୍ୟମରେ ଶିକ୍ଷାଦାନ ଓ ମୂଲ୍ୟାୟନ ପାଇଁ ଓପେପା ଦ୍ୱାରା ଇ-ପାଠଶାଳା ଓ ଇ-ମୂଲ୍ୟାଙ୍କନ ନାମରେ ଦୁଇଟି ପୋର୍ଟାଲ ପ୍ରସ୍ତୁତ କରାଯାଇଛି। ଗୁରୁବାର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଭର୍ଚୁଆଲ୍‌ରେ ଏହାକୁ ଉଦ୍‌ଘାଟନ କରିଛନ୍ତି । ମନ୍ତ୍ରୀ କହିଛନ୍ତି, କୋଭିଡ୍ ସମୟରେ ଶିକ୍ଷାଦାନ ଓ ପିଲାମାନେ କେତେ ଶିକ୍ଷାଲାଭ କଲେ ତାହାର ଆକଳନରେ ଏହି ପୋର୍ଟାଲ ବହୁ ମାତ୍ରାରେ ସହାୟକ ହେବ । ଶିକ୍ଷା କ୍ଷେତ୍ରରେ ନିଆଯାଉଥିବା ବୈପ୍ଳବିକ ପରିବର୍ତ୍ତନରେ ଯଥା ଡିଜିଟାଲ୍ ଶିକ୍ଷା ଓ ସ୍ମାର୍ଟ କ୍ଲାସ୍‌ରେ ଏହା ବିଶେଷ ସହାୟକ ହେବ। ଏହି ପୋର୍ଟାଲ ଦ୍ୱାରା ଉଭୟ ଜିଲା ଓ ରାଜ୍ୟସ୍ତରର ଶିକ୍ଷା ପ୍ରଶାସକ ଶିକ୍ଷା ଅଗ୍ରଗତିର ସମୀକ୍ଷା କରିପାରିବେ। ଗତବର୍ଷ ବିଭିନ୍ନ ପ୍ରୟାସ ସତ୍ତ୍ୱେ ରାଜ୍ୟର ସବୁ ପିଲାଙ୍କ ପାଖରେ ଶିକ୍ଷା ପହଞ୍ଚାଇବା ସମ୍ଭବ ହୋଇ ନ ଥିଲା । ଦୁର୍ଗମ ଅଞ୍ଚଳରେ ଥିବା ପିଲା ପାଖରେ କିପରି ଶିକ୍ଷା ପହଞ୍ଚାଇବା ତାହା ବର୍ତ୍ତମାନ ଆମର ମୂଳ ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ବିଭାଗ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ।

## ନନ୍ଦନକାନନରେ ସନ୍ କନୁର ମୃତ

ବାରଙ୍ଗ,୧୭।୬(ଡି.ଏନ୍.ଏ.)

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଚଲାପଥ ପକ୍ଷୀ ବିହାର (ୱାକର୍ଥ୍ରୁ ବାଡ ଆଭିଆରୀ)ରେ ରହୁଥିବା ସନ୍ କନୁର ପକ୍ଷୀଙ୍କ ମଧ୍ୟରୁ ଗୁରୁବାର ଗୋଟିଏ ପକ୍ଷୀର ମୃତ୍ୟୁ ହୋଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମୃତ୍ୟୁର କାରଣ ଜାଣିବା ପାଇଁ ବ୍ୟବଚ୍ଛେଦ କରାଯାଇଛି। ଏହି ପ୍ରଜାତିର ପକ୍ଷୀ ଉତ୍ତର-ପୂର୍ବ, ଦକ୍ଷିଣ ଆମେରିକାର କ୍ରାନ୍ତୀୟ ଓ ଉପକ୍ରାନ୍ତୀୟ ଚାରଣଭୂମି ଅଞ୍ଚଳରେ ଦେଖାଯାଇଥାନ୍ତି। ଏମାନେ ଯୋଡି ଯୋଡି ହୋଇ ରହିବାକୁ ଭଲପାଆନ୍ତି। ୨୫ରୁ ୩୦ ବର୍ଷ ପର୍ଯ୍ୟନ୍ତ ଏମାନେ ବଞ୍ଚିଥା'ନ୍ତି ବୋଲି ଜଣାପଡ଼ିଛି।

## ବାମପନ୍ଥୀଙ୍କ ଦେଶବ୍ୟାପୀ ଆନ୍ଦୋଳନ ଡାକରା

ଭୁବନେଶ୍ୱର,୧୭।୬(ବ୍ୟୁରୋ)

**ତୈଳ ଦର ବୃଦ୍ଧି ପ୍ରତିବାଦ**

କରୋନା ମହାମାରୀ ସମୟରେ ଗରିବ ଓ ମଧ୍ୟବିତ୍ତଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ଡିଜେଲ ଓ ପେଟ୍ରୋଲ ଦର କ୍ରମାଗତ ବୃଦ୍ଧି ସାଙ୍ଗକୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦାମ୍ ଆକାଶଛୁଆଁ ହୋଇଛି। ଗୁରୁବାର ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରେ ଅନୁଷ୍ଠିତ ରାଜ୍ୟ ସମ୍ପାଦକ ମଣ୍ଡଳୀ ବୈଠକରେ ଦେଶବ୍ୟାପୀ ଆନ୍ଦୋଳନ ଡାକରାକୁ ସମର୍ଥନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହା ବିରୋଧରେ ଦେଶର ୫ ବାମପନ୍ଥୀ ଦଳ ସିପିଆଇ, ସିପିଆଇ(ଏମ୍), ସିପିଆଇ (ଏମ୍‌ଏଲ) ଲିବରେଶନ, ଆରଏସ୍‌ପି ଓ ଫରୱାର୍ଡ ବ୍ଲକ ଜୁନ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ଆନ୍ଦୋଳନ ଚଳାଇବା ପାଇଁ ଡାକରା ଦେଇଛନ୍ତି। ବୈଠକରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକ ଓ ରାମକୃଷ୍ଣ ପଣ୍ଡା, ଜାତୀୟ ପରିଷଦ ସଭ୍ୟ ଅଭୟ ସାହୁ ପ୍ରମୁଖ ଭର୍ଚୁଆଲରେ ଯୋଗଦେଇଥିଲେ ।

# ଜଟଣୀରେ ହେବ ଜାତୀୟସ୍ତରୀୟ ଖେଳପଡ଼ିଆ

ଜଟଣୀ,୧୭।୬(ଡି.ଏନ୍.ଏ.)

ଜଟଣୀରେ ହେବ ଜାତୀୟସ୍ତରୀୟ ଖେଳପଡ଼ିଆ । ଗୁରୁବାର ଜିଲା ପ୍ରଶାସନର ବିଭିନ୍ନ ଅଧିକାରୀ ଜଟଣୀ ପୌରାଞ୍ଚଳ ଅଧୀନ ବଡନୂଆ ମୌଜାରେ ରହିଥିବା ଏକ ସରକାରୀ ସ୍ଥାନ ନିରୂପଣ କରିଛନ୍ତି। ଜଟଣୀସ୍ଥିତ ନାଇଜର ଓ ଆଇଆଇଟି ଭୁବନେଶ୍ୱର ନିକଟ ଖୁଦୁପୁର ଗାଁ ରାସ୍ତା ପାର୍ଶ୍ୱରେ ରହିଥିବା ସ୍ଥାନକୁ କ୍ରିକେଟ ଏବଂ ଫୁଟବଲ ଖେଳ ନିମନ୍ତେ ଷ୍ଟାଡିୟମ ନିର୍ମାଣ ପାଇଁ କ୍ରୀଡ଼ା ଏବଂ ଯୁବସେବା ବିଭାଗ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେହିପରି ଷଣ୍ଢପୁର ଗ୍ରାମ ନିକଟରେ ଏକ ମଲ୍ଟିପ୍ରପୋଜ୍ ହଲ ନିର୍ମାଣ ନିମନ୍ତେ ମଧ ସ୍ଥାନ ନିରୂପଣ କରାଯାଇଛି। ଜିଲା କ୍ରୀଡ଼ା ଅଧିକାରୀ ଲଳିତ କୁମାର ମହାନ୍ତି, ଜଟଣୀ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, ଖୋର୍ଦ୍ଧା ଆର ଆଣ୍ଡ ବି ସହକାରୀ ଯନ୍ତ୍ରୀ ଉଦୟଶଙ୍କର ବେହେରା ଏବଂ ଆରଆଣ୍ଡବି ଏସ୍‌ଡିଓ ଶୁକଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କିଛି ଦିନ ମଧ୍ୟରେ ସଏଲ ଟେଷ୍ଟ କରାଯିବା ପରେ ନିର୍ମାଣ ହେବ ଷ୍ଟାଡିୟମ। ଏନେଇ ଜଟଣୀ ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଜଟଣୀ ୟୁଥ୍ ଫେଡେରେଶନ ସମ୍ପାଦକ ଅନନ୍ତ ଶତପଥୀ କହିଛନ୍ତି, ଷ୍ଟାଡିୟମ ହେଲେ ଖେଳ ଓ ଖେଳାଳିଙ୍କ ବିକାଶ ହେବା ସହ ସ୍ଥାନୀୟ ଅଞ୍ଚଳରେ ରୋଜଗାର ପନ୍ଥା ସୃଷ୍ଟି ହେବ। ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ।





ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ଡକାୟତି ଯୋଜନା ବେଳେ ୭ ଗିରଫ

ଖୋର୍ଦ୍ଧା ଅଫିସ, ୧୭।୬





ଗିରଫ ଅଭିଯୁକ୍ତ ଓ ଜବତ ମାରଣାସ୍ତ୍ର।

- ମାରଣାସ୍ତ୍ର ସହ ୨ ବାଇକ ଜବତ
- ୧୨ ଦିନରେ ଧରାପଡ଼ିଲେଣି ୧୨

ଏକ ବଡ଼ଧରଣର ଡକାୟତି ଯୋଜନାକୁ ଖୋର୍ଦ୍ଧା ପୋଲିସ ପଣ୍ଡ କରିଛି। ଗୁରୁବାର ଭୋର ୬ଟାରେ ଡକାୟତି ପାଇଁ ମୁକୁନ୍ଦପ୍ରସାଦ ଗୋଶାଳା ପଡ଼ିଆରେ ଯୋଜନା କରୁଥିବାବେଳେ ୭ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଜେମାଦେଈ ଗ୍ରାମର ମଇନା ବେହେରା ଓରଫ ସଞ୍ଜୟ ଓରଫ ଅଜୟ(୨୭), ଦୀପୁ ପରିଡ଼ା(୨୮), ସନ୍ତୋଷ ସାହୁ ଓରଫ ଓବରେଇ(୩୩), ଭାଲିଆବାଡ଼ି ଗ୍ରାମର ବିପିନ ବେହେରା ଓରଫ ନିଲୁ(୨୨), ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜରୀର ସେକ୍ ଇବାଦୁଲ୍ଲା ଓରଫ କୁର୍ବାନ(୨୦), ସେକ୍ ୟୁସୁଫ ଓରଫ ରିଙ୍କୁ(୨୧) ଏବଂ ଚନ୍ଦକା ଥାନା ଅନ୍ତର୍ଗତ ହରିଡ଼ାମଡ଼ାର ବିକାଶ ବେହେରା(୨୦)। ଏମାନଙ୍କଠାରୁ ଗୋଟିଏ ଖଣ୍ଡା, ୩ଟି ଲୁହାରଡ୍, ଗୋଟିଏ ଫାର୍ସା, ୨ ଚାପଡ଼, ୪ ଟର୍ଚ୍ଚଲାଇଟ, ଡକାୟତି ନିମନ୍ତେ ନକ୍ସା ଏବଂ ୨ଟି ବାଇକ୍ (ନଂ. ଓଆର୍ ୦୨ଟି-୨୫୩୪ ଏବଂ ଓଡି ୩୩ଟି-୨୨୯୭) ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଗୋଶାଳା ପଡ଼ିଆର ଏକ ପରିତ୍ୟକ୍ତ ଘରେ କେତେଜଣ ଯୁବକ ମାରଣାସ୍ତ୍ର ଧରି ଡକାୟତି ଯୋଜନା କରୁଥିବା ନେଇ ପୋଲିସ ନିକଟରେ ଖବର ପହଞ୍ଚିଥିଲା। ଏସ୍‌ପି ରାଜକିଶୋର ଦୋରାଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲା। ତେବେ ସେମାନେ ଖସିଯିବାକୁ ଉଦ୍ୟମ କରିବା ବେଳେ ପୋଲିସ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିଥିଲା। ଥାନାକୁ ଆଣି ଜେରା କରିବାରୁ ଜେମାଦେଈ ଅଞ୍ଚଳରେ ଡକାୟତି ଯୋଜନା କରୁଥିବା ସ୍ୱୀକାର କରିଥିଲେ। ଗିରଫ ଅଭିଯୁକ୍ତମାନେ ବିଭିନ୍ନ ସ୍ଥାନରେ ହୋଇଥିବା ଚୋରି, ଡକାୟତି ଓ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ଥାନା ଅଧିକାରୀ କହିଛନ୍ତି। କିଛିଦିନ ତଳେ ଗଡଖୋର୍ଦ୍ଧା ଜଗନ୍ନାଥ ମନ୍ଦିର ହୁଣ୍ଡି ବାକ୍ସ ଓ ବାଟମଙ୍ଗଳାସ୍ଥିତ ଏକ ପାନ ଦୋକାନରୁ ଚୋରି ଘଟଣାରେ ଅଭିଯୁକ୍ତ କୁର୍ବାନ ଓ ରିଙ୍କୁ ସମ୍ପୃକ୍ତ ରହିଛନ୍ତି। ଉଭୟଙ୍କଠାରୁ ହୁଣ୍ଡି ବାକ୍ସ ଓ ଦୋକାନରୁ କିଛି ଚୋରି ସାମଗ୍ରୀ ଜବତ କରାଯାଇଛି। ଶିଳ୍ପାଞ୍ଚଳ ଫାଣ୍ଡି ଅଧିକାରୀ ଦିଗ୍‌ବିଜୟ ବିଶ୍ୱାଳଙ୍କ ଅଭିଯୋଗକ୍ରମେ ଥାନାରେ ଦଫା ୩୯୯, ୪୦୨, ୨୯୪, ୫୦୬ ଆଇପିସି, ୨୫ ଆର୍ମ୍ସ ଆକ୍ଟରେ ଏକ କେସ୍ (ନଂ. ୨୩୯/୨୧) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଶିଳ୍ପାଞ୍ଚଳ ଫାଣ୍ଡି ଅଧିକାରୀଙ୍କ ସମେତ ଏସ୍‌ଆଇ ବିଜୟ କେତନ ବେହେରା, ଏଏସ୍‌ଆଇ ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ସାମିଲ ଥିଲେ। ପୂର୍ବରୁ ଗତ ୫ତାରିଖରେ ଗୁରୁଜଙ୍ଗ ହାଉସିଂ ବୋର୍ଡ କଲୋନୀରୁ ଡକାୟତି ପାଇଁ ମେଲଣ ପଡ଼ିଆରେ ବସି ଯୋଜନା କରୁଥିବା ୫ଜଣଙ୍କୁ ଆଦର୍ଶ ଥାନା ପୋଲିସ ଗିରଫ କରିଥିଲା।

**ଉଚ୍ଛେଦରେ ଦୁର୍ନୀତି ଅଭିଯୋଗ**

ପୁରୀ ଅଫିସ: ଶ୍ରୀମନ୍ଦିର ଐତିହ୍ୟ ଓ ସୁରକ୍ଷା କରିଡର ପାଇଁ ଉଚ୍ଛେଦ ବେଳେ ଦୁର୍ନୀତି ହୋଇଥିବା ସଚେତନ ନାଗରିକ ମଞ୍ଚ ଅଭିଯୋଗ ଆଣିଛି। ଏନେଇ ମଞ୍ଚ ପକ୍ଷରୁ ଦୁର୍ନୀତି ନିବାରଣ ବିଭାଗର ଆରକ୍ଷୀ ଅଧୀକ୍ଷକଙ୍କୁ ଅଭିଯୋଗ ପତ୍ର ଦିଆଯାଇଛି। ତୁରନ୍ତ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ସଚେତନ ନାଗରିକ ମଞ୍ଚର ସଭାପତି ପ୍ରସନ୍ନ କୁମାର ଦାଶ କହିଛନ୍ତି, ମହୋଦଧି ମାର୍କେଟ, ମ୍ୟୁନିସିପାଲିଟି ମାର୍କେଟ୍, ପୁରୁଣା ଜେଲ ସମେତ ବହୁ ଘର ଓ ମଠ ଇତ୍ୟାଦି ଉଚ୍ଛେଦ ହୋଇଛି। ଏହି ସବୁ କାର୍ଯ୍ୟରେ ଟ୍ରକ୍, ଟ୍ରାକ୍ଟର, ଜେସିବି ପ୍ରଭୃତି ମେଶିନ ବାବଦକୁ ବିପୁଳ ଅର୍ଥ ବ୍ୟୟ ହୋଇଛି। ଅନ୍ୟପକ୍ଷରେ ବାହାରିଥିବା ଇଟା, ପଥର ଓ ଲୁହାଛଡ଼ ଇତ୍ୟାଦିକୁ ବେସରକାରୀ ସଂସ୍ଥା ଓ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ବିକ୍ରି କରିଦିଆଯାଇଛି। ଏହି ବର୍ଜ୍ୟବସ୍ତୁ ବିକ୍ରିର ତଦନ୍ତ ଦାବି କରାଯାଇଛି।




୧୭।୦୬।୨୦୨୧
୧୦୧୯ ଟଙ୍କା

## ସଂକ୍ଷେପରେ

### ଆଜି ୪ କେନ୍ଦ୍ରରେ ଟିକାକରଣ

ସାକ୍ଷୀଗୋପାଳ,୧୭।୬(ସ୍ୱ.ପ୍ର.): ସାକ୍ଷୀଗୋପାଳର ୪ କେନ୍ଦ୍ରରେ ଶୁକ୍ରବାର ୪୦୦ ଜଣଙ୍କୁ କରୋନା ଟିକା ଦିଆଯିବ। ତନ୍ମଧ୍ୟରୁ ଆଳିଶ ଚୁରାଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କେନ୍ଦ୍ରରେ ୧୦୦, ନୂଆ ସୋମେଶ୍ୱରପୁର ପଞ୍ଚାୟତ ଅଫିସରେ ୧୦୦, ପେଣ୍ଠପଡ଼ା କାଞ୍ଜିଆ ଅଙ୍ଗନୱାଡି କେନ୍ଦ୍ରରେ ୧୦୦ ଓ ତେନ୍ତୁଳିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୦୦ ଜଣଙ୍କୁ ଟିକା ଦିଆଯିବ। ସକାଳ ୯ଟାରୁ ଟିକାକେନ୍ଦ୍ରରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପ୍ରଥମ ଡୋଜ୍ ଓ ଦ୍ୱିତୀୟ ଡୋଜ୍ (ପ୍ରଥମ ଡୋଜ୍ ନେବାର ୮୪ ଦିନ ସମ୍ପୂର୍ଣ୍ଣ ହୋଇଥିବା ଦରକାର) ଟିକା ପ୍ରଦାନ କରାଯିବ। ପ୍ରତ୍ୟେକ ବ୍ୟକ୍ତି ବୟସ ପ୍ରମାଣପତ୍ର ଓ ପ୍ରଥମ ଡୋଜ୍ ନେଇଥିବା ପ୍ରମାଣପତ୍ର ସାଥିରେ ନେଇ ଟିକା କେନ୍ଦ୍ରରେ ପହଞ୍ଚିବେ। ମାସ୍କ ପରିଧାନ ସହ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

### ଡାକ୍ତର ସୁଶାନ୍ତ ପଣ୍ଡାଙ୍କ ପରଲୋକ
#### କରୋନା ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ

ପୁରୀ ଅଫିସ, ୧୭।୬: ପୁରୀ ଆଇ.ଡି.ଏଚ୍. କୋଭିଡ୍ ହସ୍ପିଟାଲର ଇନ୍‌ଚାର୍ଜ ଡାକ୍ତର ସୁଶାନ୍ତ କୁମାର ପଣ୍ଡାଙ୍କର ଗୁରୁବାର ସକାଳେ ପରଲୋକ ହୋଇଯାଇଛି। ସେ କିଛିଦିନ ତଳେ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ପରେ ସ୍ୱାସ୍ଥ୍ୟବସ୍ଥା ଅଧିକ ଖରାପ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମରଶରୀରକୁ ପୁରୀ ଅଣାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଜାତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ଡାକ୍ତର ପଣ୍ଡାଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ସ୍ୱର୍ଗତ ପଣ୍ଡାଙ୍କ ସହଧର୍ମିଣୀ, ପୁଅ ଏବଂ ପରିବାର ଲୋକେ ଉପସ୍ଥିତ ଥିଲେ। ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

### ଅନ୍ତେବାସୀ ପାଳିଲେ ରଜ

କଣାସ,୧୭।୬(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ପିଲାମାନେ କଟକଣା ମଧ୍ୟରେ ୪ଦିନ ଧରି ରଜ ଉତ୍ସବ ପାଳନ କରିଛନ୍ତି। ପିଠା ପ୍ରସ୍ତୁତିରେ ଶୈଳୀ ଏବଂ ସ୍ୱାଦ ବାବଦରେ ପିଲାମାନଙ୍କୁ ପ୍ରତ୍ୟକ୍ଷଭାବେ ସାମିଲ କରାଯାଇଥିଲା। ନୂତନ ପୋଷାକ ପିନ୍ଧିବା ସହ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପୁରୀ ଜିଲା ଶିଶୁ ସୁରକ୍ଷା ଶିକ୍ଷା ଶିଶୁ ଯତ୍ନ ଅଧିକାରୀ ଶୁଭ ନାରାୟଣ ଶତପଥୀ ଓ ରୋଜାଲିନ ପାତ୍ରଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ମନ୍ଦାକିନୀ ହରିଚନ୍ଦନ, ପୁଷ୍ପାଞ୍ଜଳି ସାହୁ ପିଲାମାନଙ୍କୁ ସହଯୋଗ କରିଥିଲେ। ଶିଶୁ ଯତ୍ନ ବିଭାଗର ମ୍ୟାନେଜର ଅଭିମନ୍ୟୁ ସୁନ୍ଦରାୟ, ସନ୍ତୋଷ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମେଡିକାଲ ଠିକା କର୍ମଚାରୀଙ୍କୁ କୋଭିଡ୍ ଯୋଦ୍ଧା ଘୋଷଣା ଦାବି

ପୁରୀ ଅଫିସ, ୧୭।୬: ପୁରୀ ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ କୋଭିଡ ଯୋଦ୍ଧା ଘୋଷଣା ଦାବିରେ ଗୁରୁବାର ମେଡିକାଲ ଠିକା କର୍ମଚାରୀ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ସଂଘ ସଭାପତି ଶରତ କୁମାର ରାୟଗୁରୁ କହିଛନ୍ତି, ଠିକା କର୍ମଚାରୀଙ୍କୁ ଠିକ ଦରମା, ପିଏଫ, ଇଏସ୍‌ଆଇ ମିଳୁନାହିଁ ସେହିପରି ନିର୍ମଳ ପ୍ଲସ ଯୋଜନାରେ ଆଟେଣ୍ଡାଣ୍ଟ ପଦରେ ଅଭିଜ୍ଞତା ସମ୍ପନ୍ନ ଠିକା କର୍ମଚାରୀଙ୍କୁ ନିଯୁକ୍ତି ଦିଆଗଲା ନାହିଁ। ହସ୍ପିଟାଲରେ ମଞ୍ଜୁରିପ୍ରାପ୍ତ ଆଟେଣ୍ଡାଣ୍ଟ ପଦ ଖାଲି ପଡ଼ିଛି। ଠିକା କର୍ମଚାରୀମାନେ କୋଭିଡ ସମୟରେ ସୁଚାରୁ ରୂପେ ଦାୟିତ୍ୱ ତୁଲାଉଥିବାରୁ ସରକାର ସେମାନଙ୍କୁ କୋଭିଡ ଯୋଦ୍ଧା ଭାବେ ଘୋଷଣା କରନ୍ତୁ ବୋଲି ରାୟଗୁରୁ ଦାବି କରିଛନ୍ତି। ବିକ୍ଷୋଭରେ ରାୟଗୁରୁଙ୍କ ସମେତ ତ୍ରିନାଥ ଭୋଇ, ଅନିଲ ସୁବୁଦ୍ଧି, ମଧୁସୂଦନ ସାହୁ, ଲଳିତ ଶ୍ରୀଚନ୍ଦନ, ସନ୍ତୋଷ ସେଠୀ, ବିଶ୍ୱଜିତ ସେଠୀ, ତପନ ଜେନା ପ୍ରମୁଖ ସାମିଲ ଥିଲେ।

# ୩୫ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ

**ସ୍ନାନଯାତ୍ରା ପାଇଁ ପୋଲିସ ପ୍ରଶାସନର ପ୍ରସ୍ତୁତି**

- ନଜର ରଖିବ ୧୦ ସିସିଟିଭି
- ସହରକୁ ଛଡ଼ାଯିବ ନାହିଁ ଚାରିଚକିଆ ଯାନ

ପୁରୀ ଅଫିସ,୧୭।୬: ସ୍ନାନଯାତ୍ରାରେ ସୁରକ୍ଷା ବ୍ୟବସ୍ଥା ପାଇଁ ପୋଲିସ ପ୍ରଶାସନ ପ୍ରସ୍ତୁତି ଶେଷ କରିଛି। ପୁରୀ ସହରକୁ ୭ ଜୋନ୍‌ରେ ବିଭକ୍ତ କରାଯାଇଛି। ଶୃଙ୍ଖଳିତ ନୀତିକାନ୍ତି ଉପରେ ଗୁରୁତ୍ୱ ଦେଇ ତ୍ରିସ୍ତରୀୟ ସୁରକ୍ଷା ବଳୟ ବ୍ୟବସ୍ଥା କରାଯିବ। ଶ୍ରୀମନ୍ଦିର ସଂଲଗ୍ନ ଅଞ୍ଚଳକୁ ପ୍ରାଥମିକ ଓ ଶ୍ରୀମନ୍ଦିର ନିକଟବର୍ତ୍ତୀ ସାହିଗୁଡ଼ିକୁ ଦ୍ୱିତୀୟ ପର୍ଯ୍ୟାୟ ସୁରକ୍ଷା ବଳୟ ମଧ୍ୟରେ ରଖାଯିବ। ସେହିପରି ଟ୍ରାଫିକ୍ ବ୍ୟବସ୍ଥାର ତଦାରଖ, ପାର୍କିଂ ଓ ଗହଳି ନିୟନ୍ତ୍ରଣ ବ୍ୟବସ୍ଥାକୁ ତୃତୀୟ ସୁରକ୍ଷା ବଳୟରେ ରଖାଯିବ। ମୋଟ ୩୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ ବୋଲି ଗୁରୁବାର ଏସ୍‌ପି କନୱର ବିଶାଳ ସିଂ ସୂଚନା ଦେଇଛନ୍ତି।

ଦେବସ୍ନାନ ପୂର୍ଣ୍ଣିମା ପୂର୍ବରୁ ଏସ୍‌ପି ଶ୍ରୀମନ୍ଦିର ଚାରିପାଖ ବୁଲି ସୁରକ୍ଷା ବ୍ୟବସ୍ଥା, ପୋଲିସ ଫୋର୍ସ ମୁତୟନ ଓ ଗହଳି ରୋକିବା ପ୍ରଭୃତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଟିମ୍ କାର୍ଯ୍ୟ କରିବ। ସ୍ନାନବେଦି ସଂଲଗ୍ନ ଅଞ୍ଚଳ ପ୍ରାଥମିକ ସୁରକ୍ଷା ବଳୟରେ ରହିବ। ସେଠାରେ ୧୦ଟି ସିସିଟିଭି କ୍ୟାମେରା ଲଗାଯିବ। ଦ୍ୱିତୀୟ ସୁରକ୍ଷା ବଳୟରେ ସାଧାରଣ ଲୋକଙ୍କ ଚଳପ୍ରଚଳ ଥିବାରୁ ସେମାନେ ଯେପରି ଅନଧିକାର ପ୍ରବେଶ ନ କରିବେ ତାହା ଉପରେ ଗୁରୁତ୍ୱ ଦିଆଯିବ। ସହରକୁ ଚାରିଚକିଆ ଯାନ ଛଡ଼ାଯିବ ନାହିଁ। ଜଗାବଳିଆ ଲଜ୍ ଅଞ୍ଚଳ, କାକୁଡ଼ିଖାଇ, ଗଡ଼ାଣିଆ ଓ ଗାଣ୍ଡୁଆ ଚଉରା ଛକରେ ସୁରକ୍ଷା ବ୍ୟବସ୍ଥା ଅତି କଡ଼ାକଡ଼ି କରାଯିବ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କିପରି କୋଭିଡ୍ କଟକଣାରେ ବିନା ଭକ୍ତରେ ସ୍ନାନପୂର୍ଣ୍ଣିମା ସମ୍ପନ୍ନ ହେବ ସେନେଇ ପ୍ରଶାସନ ସଜାଗ ରହିବ। ସ୍ନାନଯାତ୍ରା ସମୟରେ ସାଧାରଣ ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ ଓ ଜରୁରିକାଳୀନ କାର୍ଯ୍ୟ ପାଇଁ ଘରୁ ବାହାରକୁ ଆସିବେ। ଏଭଳି ସ୍ଥଳେ ଠିକ ପରିଚାଳନା ସହ ସୁଚାରୁ ରୂପେ କାର୍ଯ୍ୟ ତୁଲାଇବା ବଡ଼ ଆହ୍ୱାନ ହେବ ବୋଲି ଏସ୍‌ପି କହିଛନ୍ତି।

## ରଥଖଳାରୁ
# ପଟାଗୁଜରେ କରାଯାଉଛି ରୂପ ଖୋଦେଇ



ରଥ ପଟାଗୁଜରେ ଜଣେ ସେବକ ରୂପ ଖୋଦେଇ କରୁଛନ୍ତି ।

ପୁରୀ ଅଫିସ, ୧୭।୬: ତାଳଧ୍ୱଜ ଓ ନନ୍ଦିଘୋଷ ରଥରେ ଗୁରୁବାର ଆଉ ଦୁଇଟି ଲେଖାଏ ଛନ୍ଦା ଗୟଳ ପଡ଼ିଛି। ତାଳଧ୍ୱଜ ଓ ନନ୍ଦିଘୋଷ ରଥର ୧୨ଟି ଲେଖାଏ, ଦେବଦଳନ ରଥରେ ୮ଟି ଗୟଳ ଫିଟିଂ ସମ୍ପୂର୍ଣ୍ଣ ହୋଇଛି। ଏଥିସହ ତିନିରଥର ୨୧ଟି ଯୋଖା ଖଞ୍ଜାଯାଇଛି। ତାଳଧ୍ୱଜ ରଥରେ ୮, ଦେବଦଳନରେ ୧୦ ଏବଂ ନନ୍ଦିଘୋଷ ରଥରେ ୩ ଯୋଖା ଖଞ୍ଜାଯାଇଛି। ତାଳଧ୍ୱଜ ରଥର ପଞ୍ଚଦଣ୍ଡା କୋଣଗୁଡ଼ିକରେ ସେଟିଂ ହୋଇଥିବା ଅସୁଆରି ବା ପଟାଗୁଜରେ ରୂପକାର ସେବକ ସିଂହ ବିରାଳ, ଗଜ ବିରାଳ ରୂପ ଖୋଦେଇ ଜାରି ରଖିଛନ୍ତି। ତିନି ରଥର ପ୍ରଥମ ଓ ଦ୍ୱିତୀୟ ଭୂଇଁ ପାଇଁ ୪ ଟି ଲେଖାଏ ଓରା ଚଉପଟ କାମ ସରିଛି। ତୃତୀୟ ବା ଶେଷ ଭୂଇଁର ପୋଟଳ ଫ୍ରେମ ପାଇଁ ୬ଟି ଲେଖାଏ ପୋଟଳ ଓରା, ୧୨ଟି ଲେଖାଏ ପୋଟଳ ଖମ୍ବୀ ଓ ୬ଟି ପୋଟଳ ପାରେଣି ଚଉପଟ ସହ ସାଲ ହୋଇ ବିନ୍ଧ ସରିଛି। ଠାକୁର ଆସ୍ଥାନ ଲାଗି ରଥ ଅମିନ କାଠ ଯୋଗାଇଦେଇଛନ୍ତି। ସେଗୁଡ଼ିକର ଚଉପଟ କାର୍ଯ୍ୟ ଆରମ୍ଭ ହେବ। ରୂପକାର ସେବକମାନେ ରଥ ଦୁଆର ବେଢା ପାଇଁ ନାଟ ଗୋଡ଼ରେ ରାହୁରୂପ ଖୋଦେଇ କରୁଛନ୍ତି। ଦୋଳବେଦିସ୍ଥିତ କମାରଶାଳରେ ଓଝା ସେବକମାନେ ଗୋଡ଼ିଛାଲ କଣ୍ଟା ଓ ବାଗିଆ କଣ୍ଟା ତିଆରିରେ ଲାଗିଛନ୍ତି।

# ୧୦୫ କୋଟିର ପ୍ରକଳ୍ପ ଅନୁମୋଦିତ

- ୩୪ ହଜାର ସ୍କୁଲରେ 'ମୋ ସ୍କୁଲ' ପ୍ରକଳ୍ପ
- ଯୋଡ଼ିହେଲେ ୫.୨୪ ଲକ୍ଷ ପୁରାତନ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୭।୬(ବ୍ୟୁରୋ): ବର୍ତ୍ତମାନ ସୁଦ୍ଧା 'ମୋ ସ୍କୁଲ୍ ଅଭିଯାନ'ରେ ୩୪ ହଜାରରୁ ଉର୍ଦ୍ଧ୍ୱ ସ୍କୁଲ୍‌ରେ ୫ ଲକ୍ଷ ୨୪ ହଜାର ପୁରାତନ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପୋଷ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମକୁ ସଫଳ କରିବାକୁ 'ମୋ ସ୍କୁଲ୍ ଅଭିଯାନ' ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗୁରୁବାର ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ 'ମୋ ସ୍କୁଲ୍ ଅଭିଯାନ'ର ୨୫ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡ଼ିଶାର ୨୩ଟି ଜିଲାର ମୋଟ ୧୦୫ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଗତ ୧ ମାସ ମଧ୍ୟରେ ୧୭ ହଜାରରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ମୋ ସ୍କୁଲ୍ ଅଭିଯାନ ସହ ଯୋଡ଼ି ହୋଇଥିବା ବେଳେ ସେମାନେ ନିଜ ନିଜ ବିଦ୍ୟାଳୟର ବିକାଶ ପାଇଁ ୫ କୋଟି ୨ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ବାଲେଶ୍ୱରରେ ସର୍ବାଧିକ ୨.୨୮ କୋଟି, ଭଦ୍ରକରେ ୩୫ ଲକ୍ଷ ୮୧ ହଜାର, ମୟୂରଭଞ୍ଜରେ ୨୫ ଲକ୍ଷ ୧ ହଜାର, ଜଗତ୍‌ସିଂହପୁରରେ ୨୫ ଲକ୍ଷ ଏବଂ ନୟାଗଡ଼ରେ ୨୧ ଲକ୍ଷ ୮୮ ହଜାର ଟଙ୍କା ପୁରାତନ ଛାତ୍ରୀଛାତ୍ରମାନେ ପ୍ରଦାନ କରିଛନ୍ତି। ଅନ୍ୟ ପକ୍ଷରେ ବିଭିନ୍ନ ସିଏସ୍‌ଆର୍ ପାଣ୍ଠିରୁ ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକର ବିକାଶ ପାଇଁ ମୋ ସ୍କୁଲ୍ ଅଭିଯାନକୁ ୩୦କୋଟି ଟଙ୍କାର ଅନୁଦାନ ଆସିଛି। ପୁରାତନ ଛାତ୍ରୀଛାତ୍ର ଏବଂ ସିଏସ୍‌ଆର୍ ପାଣ୍ଠି ଅନୁଦାନ ସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୧୦୫ କୋଟି ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ କରିଛି।



ଗୁଆଳି ଯାତ୍ରା ଅବସରରେ ଗୁରୁବାର ପଞ୍ଚମହାଦେବ ମରିଚିଖାଇ ଠାକୁରାଣୀ ମନ୍ଦିର ସମ୍ମୁଖରେ ପନ୍ତି ଭୋଗ ପାଇଁ ସମ୍ମିଳିତ ହେଉଛନ୍ତି ।

# ସେବା ସମବାୟ ସମ୍ପାଦକ ନିଲମ୍ବିତ
## ଚାଷୀଙ୍କ ନାମ ପଞ୍ଜୀକରଣରେ ଅନିୟମିତତା ଅଭିଯୋଗ

ନିମାପଡ଼ା,୧୭।୬(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଅନ୍ତର୍ଗତ ବାହାରେଣା ପଞ୍ଚାୟତର ଶ୍ରୀ ନୃସିଂହ ସେବା ସମବାୟ ସମିତିର ସମ୍ପାଦକ ସମୀର ରାଉତରାୟଙ୍କୁ ସେବା ସମବାୟ ସମିତିର ମୁଖ୍ୟ ପରିଚାଳକ ସନାତନ ବେହେରା ବୁଧବାର ନିଲମ୍ବିତ କରିଛନ୍ତି। ମୁଖ୍ୟ ପରିଚାଳକ ବେହେରା ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ପୁରୀ ମଣ୍ଡଳ, ପୁରୀ (ଏଆରସିଏସ୍)ଙ୍କ ନିର୍ଦ୍ଦେଶକ୍ରମେ ଚିଠି ନଂ. ୯୬୭/୧୬.୬.୨୦୨୧ରେ ଏହି ନିଲମ୍ବନ କରିଛନ୍ତି। ୨୦୨୧ ରବି ଋତୁରେ ମଣ୍ଡିରେ ଧାନ ବିକ୍ରି ପାଇଁ ଅନ୍‌ଲାଇନରେ ଚାଷୀଙ୍କ ନାମ ପଞ୍ଜୀକରଣ କରାଯିବାରେ ବ୍ୟାପକ ଅନିୟମିତତା ହୋଇଥିବା, ଅନିୟମିତତା ଯୋଗୁ ଧାନ ବିକ୍ରି ହୋଇପାରି ନ ଥିବା ଅଭିଯୋଗରେ ନିଲମ୍ବନ କରାଯାଇଥିବା ସମିତିର ମୁଖ୍ୟ ପରିଚାଳକ ବେହେରା କହିଛନ୍ତି। ଏହି ନିଲମ୍ବନ ସମ୍ପର୍କରେ ପରିଚାଳକ ବେହେରା ପୁରୀ ଜିଲାପାଳ, ଡେପୁଟି ରେଜିଷ୍ଟ୍ରାର ସିଏସ୍ ପୁରୀ ଡିଭିଜନ, ସିଏସ୍‌ଓ (ପୁରୀ), ଆସିଷ୍ଟାଣ୍ଟ ଏଜିସିଏସ୍(ପୁରୀ), ଏଆରସିଏସ୍ ପୁରୀ ସର୍କଲ(ପୁରୀ)ଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ନୃସିଂହ ସମିତିର ସମ୍ପାଦକ ପଦବୀ ଦାୟିତ୍ୱ ଭିଲିଗ୍ରାମ ସେବା ସମବାୟ ସମିତି ସମ୍ପାଦକଙ୍କୁ ପ୍ରଦାନ କରାଯାଇଛି।

# ଦୁର୍ଘଟଣାରେ ୨ ଗୁରୁତର

ପିପିଲି,୧୭।୬(ସ୍ୱ.ପ୍ର.): ପିପିଲି ନିକଟ ବାଜପୋଇ ଛକରେ ଗୁରୁବାର ସନ୍ଧ୍ୟାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍ ଓ ସ୍କୁଟି ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ଚାଳକ ଗୁରୁତର ଆହତ ହୋଇଛନ୍ତି। ଖବରପାଇ ପିପିଲି ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସରେ ପିପିଲି ମେଡିକାଲ ପଠାଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରଙ୍କ ମଧ୍ୟରେ ଜଣେ ଡେଲାଙ୍ଗ ଅଞ୍ଚଳର ହୋଇଥିବା ବେଳେ ଆଉ ଜଣେ ଜମ୍ୱିଲା କର୍ଣ୍ଣପୁର ଗ୍ରାମର ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ପିପିଲି-ଡେଲାଙ୍ଗ ମୁଖ୍ୟ ରାସ୍ତାର ଡେଲାଙ୍ଗରୁ ପିପିଲି ଅଭିମୁଖେ ଜଣେ ଯୁବକ ବାଇକ୍‌ରେ ଆସୁଥିବା ବେଳେ ଜମ୍ୱିଲା ଗ୍ରାମର ଜଣେ ଯୁବକ ସ୍କୁଟିରେ ପିପିଲିରୁ ଡେଲାଙ୍ଗ ଅଭିମୁଖେ ଯାଉଥିଲେ। ବାଜପୋଇ ଛକରେ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ୍ ଓ ସ୍କୁଟି ଭାଙ୍ଗି ଚୂରମାର ହୋଇଯାଇଛି। ପୋଲିସ ପହଞ୍ଚି ଗୁରୁତର ଦ୍ୱୟଙ୍କୁ ମେଡିକାଲ ପଠାଇବା ସହ ଦୁଇ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

# 'ଶ୍ରୀଜଗନ୍ନାଥ ସଂସ୍କୃତିର ମୂଳ ହେଉଛି ସଂସ୍କୃତ'

ପୁରୀ ଅଫିସ, ୧୭।୬: ସଂସ୍କୃତ ଭାରତୀ ଓଡ଼ିଶା ପକ୍ଷରୁ ଗୁଗଲ ମିଟ୍ ମାଧ୍ୟମରେ ସଂସ୍କୃତ ସମ୍ଭାଷଣ ବର୍ଗ ଉଦ୍‌ଘାଟନ ସମାରୋହ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହା ୧୦ଦିନ ଚାଲିବ। ମୁଖ୍ୟ ଅତିଥି ଭାବେ ପ୍ରଫେସର ଗଙ୍ଗାଧର ପଣ୍ଡା ଯୋଗଦେଇ ସଂସ୍କୃତ ଭାଷା ସମସ୍ତ ଭାଷାର ଜନନୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମଧୁସୂଦନ ମିଶ୍ର ଯୋଗଦେଇ କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥ ସଂସ୍କୃତିର ମୂଳ ହେଉଛି ସଂସ୍କୃତ ଓ ଏହା ବୈଜ୍ଞାନିକ ଭାଷା। ସଂସ୍କୃତ ଭାଷା ବିନା ଜଗନ୍ନାଥ ସଂସ୍କୃତିକୁ ଜାଣିବା କଷ୍ଟକର। ମୁଖ୍ୟବକ୍ତା ଭାବେ ସଂସ୍କୃତ ଭାରତୀ, ଉତ୍କଳର ସାପ୍ତାହିକ ମେଳନ ପ୍ରମୁଖ ରମାକାନ୍ତ ସା ଯୋଗଦେଇ ସମସ୍ତଙ୍କୁ ସଂସ୍କୃତ ଶିକ୍ଷା ପାଇଁ ପରାମର୍ଶ ଦେଇଥିଲେ। ଉତ୍କଳ ପ୍ରାନ୍ତ ଅଧ୍ୟକ୍ଷ ଆୟୁଷ୍ମାନ୍ତ ଷଡ଼ଙ୍ଗୀ ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷଣ ପ୍ରମୁଖ ଡ. ମାନସ ରଞ୍ଜନ ସାହୁ ଧନ୍ୟବାଦ ଦେଇଥିବାବେଳେ ସୁଶ୍ରୀ ଅର୍ପିତା ଶାନ୍ତି ପାଠ କରିଥିଲେ। ଛାତ୍ର ଗୌର ପ୍ରସାଦ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାନ୍ତ ସମ୍ପର୍କ ପ୍ରମୁଖ ଜୟାନନ୍ଦ ସ୍ୱାଇଁ, ସୁରେଶ କୁମାର ମହାନ୍ତି, ନବୀନ ପ୍ରଧାନ, ସୁଶାନ୍ତ ରାୟ, ଶେଷଦେବ, ଅକ୍ଷୟ ଏବଂ ଧର୍ମେନ୍ଦ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଶ୍ୱନାଥ ପୀଠକୁ ରାସ୍ତା ନିର୍ମାଣ ପାଇଁ ବୈଠକ

ଡେଲାଙ୍ଗ,୧୭।୬(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକରେ ଗୁରୁବାର ବିଶ୍ୱନାଥ ମନ୍ଦିରକୁ ରାସ୍ତା ନିର୍ମାଣ ସମ୍ପର୍କରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ ସଭାପତିତ୍ୱ କରିଥିଲେ। ପାହାଡ଼ ଶୀର୍ଷରେ ରହିଥିବା ଏହି ମନ୍ଦିରକୁ ଯାନବାହନ ଯାତାୟାତ ନିମନ୍ତେ ରାଜ୍ୟ ସରକାର ୧ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ରାସ୍ତା ନିର୍ମାଣ ପାଇଁ ୧୦ କୋଟି ଟଙ୍କା ଆବଶ୍ୟକ ଥିବା ବେଳେ ୧ କୋଟି ଟଙ୍କାରେ କିଭଳି ରାସ୍ତା ହୋଇପାରିବ ସେ ନେଇ ବିଭାଗୀୟ ଅଧିକାରୀମାନେ ଚିନ୍ତା କରିଥିଲେ। ଏହି ଅର୍ଥରେ ରାସ୍ତା ନିର୍ମାଣରେ ଖର୍ଚ୍ଚ ନ କରି ମନ୍ଦିର ପରିସରରେ ଖର୍ଚ୍ଚ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଉପସ୍ଥିତ ସରପଞ୍ଚ, ବୁଦ୍ଧିଜୀବୀ ଓ ଯଜ୍ଞ କମିଟିର ସଦସ୍ୟମାନେ ଉକ୍ତ ଅର୍ଥକୁ ରାସ୍ତା ନିର୍ମାଣରେ ଖର୍ଚ୍ଚ କରିବା ପାଇଁ କହିଥିଲେ। ରାସ୍ତା ନିର୍ମାଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆବଶ୍ୟକ ଥିବା ଅଧିକ ଅର୍ଥ ପାଇଁ ଅବଗତ କରାଇବା ପାଇଁ ଅଧ୍ୟକ୍ଷ ସାହୁଙ୍କୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ବିଡିଓ ପ୍ରଦୀପ୍ତ ନାୟକ, ଆସିଷ୍ଟାଣ୍ଟ ଇଞ୍ଜିନିୟର ରାଜେଶ୍ୱର ମହାରଣା, ଜେଇ ବିଶ୍ୱମୋହନ ପଟ୍ଟନାୟକ, ଜଗନ୍ନାଥ ରାଉତ, ବିଶ୍ୱନାଥ ଦେବ, ନଳିନୀକାନ୍ତ ପଟ୍ଟନାୟକ, ନିରଞ୍ଜନ ମହାନ୍ତି, ସରପଞ୍ଚ ପ୍ରଦ୍ୟୁମ୍ନ ପରିଡା, ବିଜୟ ଚମ୍ପତି, ନବକିଶୋର ପ୍ରଧାନ, ଦୁର୍ବାଶା ନିଶଙ୍କ, ନରେନ୍ଦ୍ର ପରିଡା, ରମଣୀରଞ୍ଜନ ଚମ୍ପତିରାୟ, ଡ. ସରୋଜ ପଣ୍ଡା, ରଶ୍ମିରଞ୍ଜନ ପ୍ରଧାନ, ଚିତ୍ତରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଇ-ପାଠଶାଳା, ଇ-ମୂଲ୍ୟାଙ୍କନ ପୋର୍ଟାଲ ଉଦ୍‌ଘାଟିତ

**ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ ଶିକ୍ଷା**

- ଶିକ୍ଷା କ୍ଷେତ୍ରର ବୈପ୍ଳବିକ ପରିବର୍ତ୍ତନରେ ସହାୟକ ହେବ : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୧୭।୬(ବ୍ୟୁରୋ): ଛାତ୍ରୀଛାତ୍ରମାନଙ୍କୁ ଅନ୍‌ଲାଇନ ମାଧ୍ୟମରେ ଶିକ୍ଷାଦାନ ଓ ମୂଲ୍ୟାୟନ ପାଇଁ ଓପେପା ଦ୍ୱାରା ଇ-ପାଠଶାଳା ଓ ଇ-ମୂଲ୍ୟାଙ୍କନ ନାମରେ ଦୁଇଟି ପୋର୍ଟାଲ ପ୍ରସ୍ତୁତ କରାଯାଇଛି। ଗୁରୁବାର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଭର୍ଚୁଆଲ୍‌ରେ ଏହାକୁ ଉଦ୍‌ଘାଟନ କରିଛନ୍ତି । ମନ୍ତ୍ରୀ କହିଛନ୍ତି, କୋଭିଡ୍ ସମୟରେ ଶିକ୍ଷାଦାନ ଓ ପିଲାମାନେ କେତେ ଶିକ୍ଷାଲାଭ କଲେ ତାହାର ଆକଳନରେ ଏହି ପୋର୍ଟାଲ ବହୁ ମାତ୍ରାରେ ସହାୟକ ହେବ । ଶିକ୍ଷା କ୍ଷେତ୍ରରେ ନିଆଯାଉଥିବା ବୈପ୍ଳବିକ ପରିବର୍ତ୍ତନରେ ଯଥା ଡିଜିଟାଲ୍ ଶିକ୍ଷା ଓ ସ୍ମାର୍ଟ କ୍ଲାସ୍‌ରେ ଏହା ବିଶେଷ ସହାୟକ ହେବ। ଏହି ପୋର୍ଟାଲ ଦ୍ୱାରା ଉଭୟ ଜିଲା ଓ ରାଜ୍ୟସ୍ତରର ଶିକ୍ଷା ପ୍ରଶାସକ ଶିକ୍ଷା ଅଗ୍ରଗତିର ସମୀକ୍ଷା କରିପାରିବେ। ଗତବର୍ଷ ବିଭିନ୍ନ ପ୍ରୟାସ ସତ୍ତ୍ୱେ ରାଜ୍ୟର ସବୁ ପିଲାଙ୍କ ପାଖରେ ଶିକ୍ଷା ପହଞ୍ଚାଇବା ସମ୍ଭବ ହୋଇ ନ ଥିଲା । ଦୁର୍ଗମ ଅଞ୍ଚଳରେ ଥିବା ପିଲା ପାଖରେ କିପରି ଶିକ୍ଷା ପହଞ୍ଚାଇବା ତାହା ବର୍ତ୍ତମାନ ଆମର ମୂଳ ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ବିଭାଗ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ।

# ତୈଳ ଦର ବୃଦ୍ଧି: ବାମପନ୍ଥୀଙ୍କ ଆନ୍ଦୋଳନ ଡାକରା

ଭୁବନେଶ୍ୱର,୧୭।୬(ବ୍ୟୁରୋ): କରୋନା ସମୟରେ ଡିଜେଲ ଓ ପେଟ୍ରୋଲ ଦର କ୍ରମାଗତ ବୃଦ୍ଧିସାଙ୍ଗକୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦାମ୍ ଆକାଶଛୁଆଁ ହୋଇଛି। ଗୁରୁବାର ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରେ ଅନୁଷ୍ଠିତ ରାଜ୍ୟ ସମ୍ପାଦକ ମଣ୍ଡଳୀ ବୈଠକରେ ଦେଶବ୍ୟାପୀ ଆନ୍ଦୋଳନ ଡାକରାକୁ ସମର୍ଥନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହା ବିରୋଧରେ ୫ ବାମପନ୍ଥୀ ଦଳ ଜୁନ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ଆନ୍ଦୋଳନ ଚଳାଇବା ପାଇଁ ଡାକରା ଦେଇଛନ୍ତି।

# ଶିକ୍ଷୟିତ୍ରୀଙ୍କ ପରଲୋକ

କାକଟପୁର,୧୭।୬(ଡି.ଏନ୍.ଏ.): ପୀତାମ୍ବରପୁର ବାଲିସାହି ୟୁଜିୟୁପି ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ପ୍ରଭାତୀ କୁମାରୀ ନାୟକ(୫୧)ଙ୍କ ବୁଧବାର ରାତିରେ ପରଲୋକ ହୋଇଯାଇଛି। ବାଲିପାଟଣା ବ୍ଲକ ଅଧୀନ ବନମାଳୀପୁର ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି ବୋଲି ସ୍ୱାମୀ କୈଳାସ ଚନ୍ଦ୍ର ନାୟକ କହିଛନ୍ତି। ତାଙ୍କ ମୃତ୍ୟୁରେ ପ୍ରଧାନ ଶିକ୍ଷୟିତ୍ରୀ କନକଲତା ଦେଈ, ମିଳିତ ଶିକ୍ଷକ ସଂଘ ସଭାପତି ମୁନିର ଅହମ୍ମଦ ଖାଁ, ହୃଦାନନ୍ଦ ସାମ୍ଲ, ତ୍ରିଲୋଚନ ବିଶ୍ୱାଳ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଭାଙ୍ଗ, ମଦ ଜବତ: ୪ ଗିରଫ

ପୁରୀ ଅଫିସ, ୧୭।୬: ଭାଙ୍ଗ ଓ ମଦ ବିକ୍ରି ଅଭିଯୋଗରେ ପୋଲିସ ଗୁରୁବାର ୪ଜଣଙ୍କୁ ଗିରଫ କରିଛି। ଟାଉନ ଥାନା ଅଧୀନ କାଳିକାଦେବୀ ସାହିର କୈଳାସ ଚନ୍ଦ୍ର ସାମର୍ଥ ଓ ବାଲିସାହିର ସୁରେଶ ଜେନାଙ୍କଠାରୁ ୧୦ ଲିଟର ବଟା ଭାଙ୍ଗ ଜବତ କରିଛି। ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରାଯାଇଛି। ସେହିପରି ମେରାଇନ ଥାନା ଅଧୀନ ଗୋପାଳପୁରରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ୭୦ ଲିଟର ମଦ ଜବତ ସହ ଭୋଇସାହିର ବନମାଳି ଭୋଇ ଓ ଧଡୁ ଭୋଇଙ୍କୁ ଗିରଫ କରାଯାଇଛି।

# ପିପିଲି କୋର୍ଟରେ ମଧ୍ୟସ୍ଥତା କେନ୍ଦ୍ର ଉଦ୍‌ଘାଟିତ




କେନ୍ଦ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସହକାରୀ ଦୌରାଜଜ୍ ନିବେଦିତା ପଣ୍ଡା ଏବଂ ଅନ୍ୟମାନେ ।

ପିପିଲି,୧୭।୬(ଡି.ଏନ୍.ଏ.): କୋଭିଡ୍ କଟକଣାରେ ପିପିଲି କୋର୍ଟ ପରିସରରେ ନବନିର୍ମିତ ମଧ୍ୟସ୍ଥତା କେନ୍ଦ୍ରକୁ ଗୁରୁବାର ସହକାରୀ ଦୌରାଜଜ୍ ନିବେଦିତା ପଣ୍ଡା ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିପିଲିର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମ୍ୟାଜିଷ୍ଟ୍ରେଟ ଚିନ୍ମୟ କୁମାର ପାଢ଼ୀ ଓ ଏହି କେନ୍ଦ୍ରର ମଧ୍ୟସ୍ଥତା ଅଧିକାରୀ ଆଇନଜୀବୀ ରମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ଆପୋସ ବୁଝାମଣାଭିତ୍ତିରେ ଉଭୟ ପକ୍ଷଙ୍କ ମଧ୍ୟରେ ବିଭିନ୍ନ ମାମଲାର ଫଏସଲା କରାଯିବ ବୋଲି ଜଣାପଡ଼ିଛି।

# ଭଗବତୀଙ୍କ ପୀଠରେ ରଜ ସଂକୀର୍ତ୍ତନ

କଣାସ,୧୭।୬(ସ୍ୱ.ପ୍ର.): କଣାସ ବ୍ଲକ ବ୍ରହ୍ମପଡ଼ା ଗ୍ରାମସ୍ଥିତ ଭଗବତୀ ମନ୍ଦିରରେ ଆଞ୍ଚଳିକ ଭଗବତୀ ସଂକୀର୍ତ୍ତନ ବିକାଶ ପରିଷଦ ପକ୍ଷରୁ ରଜ ଉତ୍ସବ ପାଳିତ ହୋଇଯାଇଛି। ପରିଷଦ ପ୍ରତିଷ୍ଠାତା ବାବାଜୀ ବନବିହାରୀ ଦାଶ, ଭୈରବାନନ୍ଦ ଦାଶ, କିଶୋର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପରିଷଦ ସଭାପତି ରଙ୍କନିଧି ପ୍ରଧାନ, ସମ୍ପାଦକ ଚନ୍ଦ୍ରଶେଖର ସାହୁଙ୍କ ସଂଯୋଜନାରେ ବିଭିନ୍ନ ଗାଁରୁ ଆସିଥିବା ଗାୟକ ସଂକୀର୍ତ୍ତନ ପରିବେଷଣ କରିଥିଲେ। କପିଳ ରାଉତରାୟ, ଭ୍ରମରବର ସାମନ୍ତରାୟ, ବାନାମ୍ବର ପ୍ରଧାନ, ପ୍ରକାଶ ପରିଡ଼ା, କିଶୋର ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସନ୍ଦେହ ଦୂର ନେଇ ଆଶଙ୍କାରେ ଛାତ୍ରୀଛାତ୍ର

**୨୧ରୁ ଅନ୍‌ଲାଇନ୍ ୟୁଟ୍ୟୁବ୍ କ୍ଲାସ୍**

ପୁରୀ ଅଫିସ,୧୭।୬: ୟୁଟ୍ୟୁବ୍‌ରେ ଆସନ୍ତା ୨୧ତାରିଖରୁ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରାଯିବ। ଏନେଇ ପୁରୀ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଗୁରୁବାର ମାଧ୍ୟମିକ ଶିକ୍ଷା ପରିଷଦ କର୍ତ୍ତୃପକ୍ଷଙ୍କ ସହ ଜିଲା ଶିକ୍ଷାଧିକାରୀ ଭର୍ଚୁଆଲ ମାଧ୍ୟମରେ ଆଲୋଚନା କରିଛନ୍ତି। ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ କହିଛନ୍ତି, ଶିକ୍ଷାଦାନ ପାଇଁ ବରିଷ୍ଠ ଶିକ୍ଷକମାନଙ୍କୁ ଚୟନ କରାଯିବ। ସମସ୍ତ ବିଦ୍ୟାଳୟର ଶିକ୍ଷକମାନେ ନିଜ ପୋର୍ଟଫୋଲିଓ ଦାଖଲ କରିବେ। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ଶିକ୍ଷକମାନଙ୍କୁ ଚୟନ କରାଯାଇ ଶିକ୍ଷାଦାନ ପାଇଁ ଅନୁମତି ଦିଆଯିବ। ଏହି ସମସ୍ତ ପ୍ରକ୍ରିୟା ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେବ। ତେବେ ରାଜ୍ୟର ଛାତ୍ରୀଛାତ୍ରଙ୍କ ପାଇଁ ଅନଲାଇନ୍ କ୍ଲାସ୍ ଏକକାଳୀନ ଭାବେ ହେବାକୁ ଥିବାରୁ ପ୍ରତି ଜିଲାର ଶିକ୍ଷକଙ୍କୁ କିଛି ନିର୍ଦ୍ଦିଷ୍ଟ ବିଷୟ ପଢ଼ାଇବା ପାଇଁ ନିର୍ଦ୍ଦେଶ ମିଳିବ। ଜିଲାସ୍ତରରେ ଷ୍ଟୁଡିଓ ନିର୍ମାଣ ହେବ। ଶିକ୍ଷକମାନେ ଜିଲାସ୍ତରରେ ଥିବା ଷ୍ଟୁଡିଓରେ ପହଞ୍ଚି ଭିଡିଓ ସୁଟ୍ କରିବେ। ପରେ ୟୁଟ୍ୟୁବ୍‌ରେ ଏହି ଭିଡିଓ ପ୍ରସାରଣ ହେବ। ପୂର୍ବାହ୍ନ ସାଢେ ୧୦ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅନଲାଇନ୍ କ୍ଲାସ୍ ହେବ। ଅନ୍ୟପକ୍ଷରେ ଏଭଳି ବ୍ୟବସ୍ଥାକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ଦଶମଶ୍ରେଣୀ ଛାତ୍ରୀ ଦିବ୍ୟଦର୍ଶିନୀ ମହାନ୍ତି କହିଛନ୍ତି, ୟୁଟ୍ୟୁବ୍‌ରେ ପାଠପଢ଼ା ହେଲେ ପଢ଼ିବାରେ ସମସ୍ୟା ହୋଇପାରେ। ପୂର୍ବରୁ ଭିଡିଓ କଲିଂ ଓ ହ୍ୱାଟ୍ସଆପ୍ ମାଧ୍ୟମରେ ପାଠପଢ଼ା ହେବା ବେଳେ ଶିକ୍ଷକଙ୍କୁ ପ୍ରଶ୍ନ ପଚାରି ବୁଝିନେବାର ସୁବିଧା ଥିଲା। ମାତ୍ର ୟୁଟ୍ୟୁବ୍‌ରେ ଏଭଳି ସୁବିଧା ସଙ୍କୁଚିତ ହେବ। କମେଣ୍ଟ ମାଧ୍ୟମରେ ପ୍ରଶ୍ନ ପଚାରିବାର ବିକଳ୍ପ ଖୋଲାଥିଲେ ମଧ୍ୟ ଏହା ବିଶେଷ ଫଳପ୍ରଦ ହେବ ନାହିଁ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ସେହିପରି ସ୍ମାର୍ଟଫୋନ୍ ନ ଥିବା ଓ ନେଟୱର୍କ ସମସ୍ୟା ମଧ୍ୟ ଛାତ୍ରୀଛାତ୍ରଙ୍କ ଚିନ୍ତା ବଢ଼ାଇଛି। ଯେଉଁ ଅଭିଭାବକଙ୍କ ପାଖରେ ସ୍ମାର୍ଟଫୋନ୍ ନାହିଁ ସେମାନଙ୍କ ପିଲା କିପରି ୟୁଟ୍ୟୁବ୍‌ର ସୁବିଧା ନେବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।